ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୫/୨୦୨୨ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 25/2022 Page 16 ₹ 7.00 ★★★★

୪୮ଶ ଭାଗ ୩୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 301 ମୂଲ୍ୟ ₹୭/-



ଧରିତ୍ରୀ
DHARITRI
ରବିବାର, ୨୫ ସେପ୍ଟେମ୍ବର, ୨୦୨୨



## ସଂକ୍ଷେପରେ

### କର୍ମଚାରୀଙ୍କ ପଦୋନ୍ନତି ଲାଗି ବଦଳିବ ସେବା ନିୟମ

**ନୂଆଦିଲ୍ଲୀ,୨୪।୯ :** କର୍ମଚାରୀମାନଙ୍କ ପଦୋନ୍ନତି ଲାଗି ଆବଶ୍ୟକ ସର୍ବନିମ୍ନ ଯୋଗ୍ୟତା ସେବା ନିୟମାବଳୀରେ ସଂଶୋଧନ ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ସପ୍ତମ ବେତନ କମିଶନ ପେ' ମାଟ୍ରିକ୍ସ ଏବଂ ପେ' ଲେଭଲ୍ ଅନୁଯାୟୀ ଉକ୍ତ ନିୟମାବଳୀରେ ସଂଶୋଧନ କରାଯିବ। ଗତ ୨୦ ତାରିଖରେ କାର୍ମିକ ଓ ତାଲିମ ବିଭାଗ ଦ୍ୱାରା ଜାରି ବିଜ୍ଞାପନ ଜରିଆରେ ଏହା ଘୋଷଣା କରାଯାଇଛି। ସଂଶୋଧିତ ନିୟମାବଳୀରେ ନିଯୁକ୍ତି ନିୟମ/ସେବା ନିୟମକୁ ସାମିଲ କରାଯାଇପାରେ। ଏଥିପାଇଁ ଆବଶ୍ୟକ ସଂଶୋଧନ କରିବାକୁ ସମସ୍ତ ମନ୍ତ୍ରଣାଳୟ ଓ ବିଭାଗକୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନୂଆ ନିୟମାବଳୀରେ ଲେବଲ୍୧ରୁ ଲେବଲ୍ ୨କୁ ପଦୋନ୍ନତି ଲାଗି ସର୍ବନିମ୍ନ ଯୋଗ୍ୟତା ସେବା ୩ ବର୍ଷ ହୋଇଥିବା ଆବଶ୍ୟକ ବୋଲି ସର୍ତ୍ତ ରଖାଯାଇଛି। ସେହିପରି ଲେବଲ୍ ୨ରୁ ଲେବଲ ୩କୁ ପଦୋନ୍ନତି ଲାଗି ୩ ବର୍ଷ, ଲେବଲ୍ ୩ରୁ ଲେବଲ୍ ୪ ଏବଂ ଲେବଲ୍ ୪ରୁ ଲେବଲ୍ ୫ ପଦୋନ୍ନତି ଲାଗି ସର୍ବନିମ୍ନ ସେବା ଯୋଗ୍ୟତା ୫ ବର୍ଷ ରଖାଯାଇଛି। ତେବେ ଏନେଇ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଘୋଷଣା ହୋଇନାହିଁ।

### ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଭିଡିଓ ମାମଲାରେ ଯବାନ ଗିରଫ



**ଚଣ୍ଡିଗଡ଼,୨୪।୯:** ଚଣ୍ଡିଗଡ଼ ୟୁନିଭର୍ସିଟି ହଷ୍ଟେଲ ଛାତ୍ରୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ ମାମଲାରେ ସମ୍ପୃକ୍ତି ନେଇ ସଞ୍ଜୀବ ସିଂ ନାମକ ଜଣେ ଯବାନଙ୍କୁ ଅରୁଣାଚଳପ୍ରଦେଶରୁ ଗିରଫ କରାଯାଇଛି। ପଞ୍ଜାବ ପୋଲିସ ଡିଜି ଗୌରବ ଯାଦବ ଶନିବାର ଏହି ସୂଚନା ଦେଇଛନ୍ତି। ତାଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଏହି ଭିଡିଓ ଲିକ୍ ମାମଲାରେ ୪ ଜଣଙ୍କୁ ଗିରଫ କରାଗଲାଣି। ପୂର୍ବରୁ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀ ଏବଂ ହିମାଚଳପ୍ରଦେଶରୁ ୨ ଜଣଙ୍କୁ ଗିରଫ କରାଯାଇଥିଲା। ହଷ୍ଟେଲ୍ ୱାଶ୍‌ରୁମ୍‌ରୁ କେତେଜଣ ଛାତ୍ରୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ଗତ ସପ୍ତାହରେ ମୋହାଲିସ୍ଥିତ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଉତ୍ତେଜନା ଦେଖାଦେଇଥିଲା।

### ଶିକ୍ଷକଙ୍କୁ ଗୁଳିକଲେ ଦଶମ ଶ୍ରେଣୀ ଛାତ୍ର

**ଲକ୍ଷ୍ନୌ,୨୪।୯ :** ଉତ୍ତରପ୍ରଦେଶ ସୀତାପୁର ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ର ଶନିବାର ଏକ ଦେଶୀ ବନ୍ଧୁକରୁ ଶିକ୍ଷକଙ୍କ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇଛନ୍ତି। ଅଭିଯୁକ୍ତ ଛାତ୍ର ଜଣକର ଅନ୍ୟ ଜଣେ ଛାତ୍ରଙ୍କ ସହ ବିବାଦ ହୋଇଥିଲା। ସମ୍ପୃକ୍ତ ଶିକ୍ଷକ ଅଭିଯୁକ୍ତ ଛାତ୍ରଙ୍କୁ ଗାଳି କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ଛାତ୍ର ଜଣକ ଶିକ୍ଷକଙ୍କୁ ଗୁଳି ଚଳାଇ ସେଠାରୁ ବନ୍ଧୁକ ସହ ଖସି ପଳାଇଥିଲେ। ଶିକ୍ଷକ ଜଣକ ଆହତ ହୋଇଥିଲେ ମଧ ବିପଦମୁକ୍ତ ଥିବା ଅତିରିକ୍ତ ଏସ୍‌ପି ରାଜୀବ ଦୀକ୍ଷିତ କହିଛନ୍ତି। ଅଧିକ ଚିକିତ୍ସା ଲାଗି ତାଙ୍କୁ ଲକ୍ଷ୍ନୌ ପଠାଯାଇଛି।

# ଗଣିକାବୃତ୍ତି ପାଇଁ ବାଧ କରାଯାଉଥିଲା

## ଫିଟୁଛି ଅଙ୍କିତା ହତ୍ୟାକାଣ୍ଡ ଗୁମର

■୫ ଦିନ ପରେ ମିଳିଲା ମୃତଦେହ
■ପୂର୍ବତନ ମନ୍ତ୍ରୀ ଭାଜପାରୁ ବହିଷ୍କୃତ

**ଋଷିକେଶ, ୨୪।୯**


ଅଙ୍କିତା ଭଣ୍ଡାରୀ


ପୁଲକିତ ଆର୍ଯ୍ୟ


ବିନୋଦ ଆର୍ଯ୍ୟ

ଉତ୍ତରାଖଣ୍ଡର ଏକ ରିସର୍ଟରେ କାମ କରୁଥିବା ରିସେପ୍‌ସନିଷ୍ଟ ଅଙ୍କିତା ଭଣ୍ଡାରୀ(୧୯)ଙ୍କୁ ହତ୍ୟା ମାମଲାରେ ଗୋଟିଏ ପରେ ଗୋଟିଏ ଗୁମର ପଦାକୁ ଆସୁଛି। ଘଟଣାର ୫ ଦିନ ପରେ ଶନିବାର ଅଙ୍କିତାଙ୍କ ମୃତଦେହ ଚିଲ୍ଲା ବ୍ୟାରେଜରୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଭାଜପାର ଜଣେ ପୂର୍ବତନ ମନ୍ତ୍ରୀ ବିନୋଦ ଆର୍ଯ୍ୟଙ୍କ ପୁଅ ପୁଲକିତ ଆର୍ଯ୍ୟଙ୍କ ସମେତ ୩ ଜଣଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା। ଶନିବାର ବିନୋଦ ଏବଂ ପୁଅ ଅଙ୍କିତ ଆର୍ଯ୍ୟଙ୍କୁ ଭାଜପାରୁ ବହିଷ୍କାର କରାଯାଇଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ଅଙ୍କିତା କାମ କରୁଥିବା ରିସର୍ଟରେ ଅତିଥିମାନଙ୍କ ପାଇଁ ଗଣିକାବୃତ୍ତି କରିବାକୁ ବାଧ କରାଯାଉଥିଲା ବୋଲି ତାଙ୍କ ହ୍ୱାଟ୍ସଆପ୍ ଚାଟରୁ ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି।

ପୌରି ଜିଲା ଋଷିକେଶ ନିକଟରେ ଥିବା ପୁଲକିତ୍ ଆର୍ଯ୍ୟଙ୍କ ରିସର୍ଟରେ ଅଙ୍କିତା କାମ କରୁଥିଲେ। ଗତ ୧୮ ତାରିଖରୁ ଅଙ୍କିତା ନିଖୋଜ ଥିଲେ। ୧୯ ତାରିଖରେ ଅଙ୍କିତାଙ୍କ ମାତାପିତା ତାଙ୍କ ପତ୍ତା ମିଳୁ ନ ଥିବା ନେଇ ଅଭିଯୋଗ କରିଥିଲେ। ୨୨ ତାରିଖ ପର୍ଯ୍ୟନ୍ତ ପୋଲିସ ତଦନ୍ତରେ ଶିଥିଳତା ଯୋଗୁ ଜନ ଆକ୍ରୋଶ ବଢ଼ିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ୨୩ ତାରିଖରେ ଲକ୍ଷ୍ମଣଝୁଲା ପୋଲିସ ପୁଲ୍‌କିତ, ଅଙ୍କିତ ଏବଂ ରିସର୍ଟ ମ୍ୟାନେଜର ସୌରଭ ଭାସ୍କରଙ୍କୁ ଗିରଫ କରିଥିଲା। ସେମାନଙ୍କୁ କୋର୍ଟରେ ହାଜର ପରେ ପୋଲିସ ୧୪ ଦିନିଆ ରିମାଣ୍ଡରେ ନେଇଛି। ବିନୋଦ ଓ ଅଙ୍କିତ୍‌ଙ୍କୁ ଭାଜପାରୁ ବହିଷ୍କାର ସହ ଅଙ୍କିତଙ୍କୁ ଉତ୍ତରାଖଣ୍ଡ ଅନ୍ୟ ପଛୁଆବର୍ଗ କମିଶନର ଉପାଧ୍ୟକ୍ଷ ପଦରୁ ହଟାଯାଇଛି। ଘଟଣାରେ ଉତ୍ତରାଖଣ୍ଡର ପୂର୍ବତନ ଭାଜପା ମନ୍ତ୍ରୀଙ୍କ ପୁଅର ସମ୍ପୃକ୍ତି ଜଣାପଡ଼ିବା ପରେ ଅଞ୍ଚଳରେ ଉତ୍ତେଜନା ତୀବ୍ର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ବିଳମ୍ବିତ ରାତିରେ ରିସର୍ଟକୁ ଜେସିବିରେ ଭାଙ୍ଗି ଦିଆଯାଇଥିଲା। ପାଣିକୁ ଠେଲି ଅଙ୍କିତାଙ୍କୁ ହତ୍ୟା କରାଯାଇଥିବା ଜାଣିବା ପରେ ପୋଲିସ ଏସ୍‌ଡିଆର୍‌ଏଫ୍ ଟିମ୍ ସହାୟତାରେ ଚିଲ୍ଲା କେନାଲରୁ ଜବତ କରିଛି। ଶନିବାର ଉତ୍ତେଜିତ ସ୍ଥାନୀୟ ଲୋକେ ରିସର୍ଟ ପରିସରରେ ଥିବା ଏକ ବିଲ୍ଡିଂରେ ନିଆଁ ଲଗାଇଦେଇଛନ୍ତି। ଏଥିସହ ସ୍ଥାନୀୟ ବିଧାୟକ ରେଣୁ ବିଷ୍ଟଙ୍କ କାର ମଧ ଭଙ୍ଗାରୁଜା କରିଛନ୍ତି।

ଘଟଣାକୁ ନେଇ ବିରୋଧୀ ଭାଜପାକୁ ଟାର୍ଗେଟ କରିଛନ୍ତି। ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦାବି କରିଛି। କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ କହିଛନ୍ତି, ଅଧିକାଂଶ ମହିଳା ବିରୋଧୀ ଅପରାଧ କିମ୍ବା ଯୌନ ଉତ୍ପୀଡ଼ନ ମାମଲାଗୁଡ଼ିକରେ ଭାଜପା ନେତାଙ୍କ ସମ୍ପୃକ୍ତି ସାମ୍ନାକୁ ଆସୁଛି। ଏହା ପରେ ବି ସେମାନଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଯଦି ପ୍ରକୃତରେ ଭାଜପା ଏଭଳି କାର୍ଯ୍ୟକୁ ପ୍ରଶ୍ରୟ ଦିଏନାହିଁ ତେବେ ଅପରାଧରେ ସମ୍ପୃକ୍ତ ନେତା, ବିଧାୟକ, ଏମ୍‌ପିମାନଙ୍କୁ ଦଳରୁ ବିଦାକରୁ। ହେଲେ ଭାଜପା ସେମାନଙ୍କୁ ସୁରକ୍ଷା ଦେଲେ ଅପରାଧୀମାନେ ପୁଣି ଅନୁରୂପ କାମ କରିବେ ବୋଲି ସୁପ୍ରିୟା କହିଛନ୍ତି।

### ହ୍ୱାଟ୍ସଆପ୍ ଚାଟ୍, କଲ୍ ରେକର୍ଡିଂ ଭାଇରାଲ

ଅଙ୍କିତାଙ୍କ ମୋବାଇଲରୁ ତାଙ୍କ ହ୍ୱାଟ୍ସଆପ୍ ମେସେଜ୍ ସାମ୍ନାକୁ ଆସିଛି। ମୁଖ୍ୟ ଅଭିଯୁକ୍ତ ତଥା ରିସର୍ଟ ମାଲିକ ପୁଲକିତ ଓ ଅନ୍ୟ ଅଭିଯୁକ୍ତମାନେ ତାଙ୍କୁ ଗଣିକାବୃତ୍ତି କରିବାକୁ ବାଧ କରୁଥିଲେ ବୋଲି ଅଙ୍କିତା ନିଜ ସାଙ୍ଗଙ୍କୁ କରିଥିବା ଚାଟ୍‌ରୁ ଜଣାପଡ଼ିଛି। ରିସର୍ଟକୁ ଆସୁଥିବା ଅତିଥିମାନଙ୍କୁ ୧୦ ହଜାର ଟଙ୍କା ବଦଳରେ ସ୍ୱତନ୍ତ୍ର ସେବା ଦେବାକୁ ତାଙ୍କୁ କୁହାଯାଉଥିଲା ବୋଲି ଡିଜିପି ଅଶୋକ କୁମାର କହିଛନ୍ତି। ହୋଟେଲରେ ତାଙ୍କୁ ଜଣେ ଖରାପ ଢଙ୍ଗରେ ସ୍ପର୍ଶ କରିଥିବା କଥା ମଧ ଅଙ୍କିତା ଜଣେ ବନ୍ଧୁଙ୍କୁ କହିଥିଲେ। ଏହାସହ ଅଙ୍କିତାଙ୍କ ଏକ ଅଡିଓ କଲ୍ ମଧ ଭାଇରାଲ ହୋଇଛି। ସେ ଫୋନ୍‌ରେ କାନ୍ଦିକାନ୍ଦି ତାଙ୍କ ବ୍ୟାଗ୍ ଉପରକୁ ଆଣିବାକୁ ଜଣଙ୍କୁ କହୁଥିବା ଏଥିରେ ଶୁଣିବାକୁ ମିଳିଛି। ରିସର୍ଟର ଜଣେ ଅତିଥିଙ୍କ ସହ ଶାରୀରିକ ସମ୍ପର୍କ ନ ରଖିବାରୁ ଅଙ୍କିତାଙ୍କୁ ହତ୍ୟା କରାଯାଇଥିବା ତାଙ୍କର ଜଣେ ସାଙ୍ଗ ଅଭିଯୋଗ କରିଛନ୍ତି। ଘଟଣା ଦିନ ଅଙ୍କିତାଙ୍କ ଏହି ସାଙ୍ଗ ଜଣକ ତାଙ୍କୁ ବାରମ୍ବାର ଫୋନ କରିଥିଲେ। ହେଲେ ତାଙ୍କ ଫୋନ ଲାଗି ନ ଥିଲା। ପରଦିନ ପୁଣି ଫୋନ୍ ନ ଲାଗିବାରୁ ସେ ପୁଲକିତଙ୍କୁ ଫୋନ କରିଥିଲେ। ହେଲେ ପୁଲକିତଙ୍କ ଫୋନ ମଧ ବନ୍ଦ ଥିଲା ବୋଲି ଅଙ୍କିତାଙ୍କ ସାଙ୍ଗ କହିଛନ୍ତି।


ରିସର୍ଟ ପରିସରରେ ଥିବା ଏକ କୋଠାରେ ଲୋକେ ନିଆଁ ଲଗାଇଦେଇଛନ୍ତି।


ଅଷ୍ଟ୍ରେଲିଆର ପଶ୍ଚିମ ତଟ ତାସ୍‌ମାନିଆରେ ପ୍ରାୟ ୨୩୦ ପାଇଲଟ୍ ତିମି ସମୁଦ୍ର କୂଳରେ ଲାଗିବା ପରେ ସେଗୁଡ଼ିକ ମଧ୍ୟରୁ ମାତ୍ର ୩୫ଟି ବଞ୍ଚିପାରିଛନ୍ତି। ଏ ନେଇ ଗୁରୁବାର ସରକାରୀ ବନ୍ୟପ୍ରାଣୀ ଅଧିକାରୀ ସୂଚନା ଦେଇଛନ୍ତି। ଏତେସଂଖ୍ୟାରେ ତିମି ଲାଗିବା ପରେ ସ୍ଥାନୀୟ ଲୋକେ ଏହା ଉପରେ ପାଣି ଢାଳିବା ସହ କମ୍ବଳ ଘୋଡ଼ାଇ ବଞ୍ଚାଇ ରଖିବାକୁ ଉଦ୍ୟମ କରିଥିଲେ। ୨ ବର୍ଷ ପୂର୍ବରୁ ଏହି ଅଞ୍ଚଳରେ ପ୍ରାୟ ୫ ଶହ ତିମି ଫସିଯାଇଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ଶହେ ତିମିକୁ ବଞ୍ଚାଯାଇପାରିଥିଲା। ତେବେ କାହିଁକି ଏଠାରେ ଶହ ଶହ ତିମି ଆସିବା ପରେ ସେଠାରୁ ଫେରି ପାରୁନାହାନ୍ତି ତାହାର କାରଣ ଜଣାପଡ଼ିନାହିଁ।

## ୭ ବର୍ଷୀୟାଙ୍କୁ ଅପହରଣ ପରେ ହତ୍ୟା

**ଇନ୍ଦୋର,୨୪।୯**

ମଧ୍ୟପ୍ରଦେଶର ଇନ୍ଦୋର ଅଞ୍ଚଳରୁ ଜଣେ ୭ ବର୍ଷୀୟା ବାଳିକାଙ୍କୁ ଜଣେ ରାସ୍ତାରୁ ଅପହରଣ କରିନେଇ ଛୁରିଭୁସି ହତ୍ୟା କରିଛନ୍ତି। ହତ୍ୟା ପୂର୍ବରୁ ଶିଶୁଟିକୁ ବଳାତ୍କାର କରାଯାଇଥିବା ପୋଲିସ ଓ ନାବାଳିକାର ପରିବାର ସନ୍ଦେହ କରୁଛନ୍ତି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ପୀଡ଼ିତାଙ୍କ ମୃତଦେହ ନେଇ ଥାନାରେ ପହଞ୍ଚି ହାଜତରେ ଥିବା ଅଭିଯୁକ୍ତ ଯୁବକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ପୋଲିସ ରୋକିବାରୁ ସେମାନେ ଟେକାମାଡ଼ କରିବା ସହ ଏକ ଗାଡ଼ି ଭାଙ୍ଗିଦେଇଛନ୍ତି। ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସକୁ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା। ଅଭିଯୁକ୍ତଙ୍କ ଘର ବେଆଇନ ଭାବେ ନିର୍ମାଣ ହୋଇଥିବା ଦର୍ଶାଇ ପ୍ରଶାସନ ତାକୁ ଭାଙ୍ଗିଦେଇଛି।

## ୧୮ ମାସ ଘରେ ରଖିଥିଲେ ସ୍ୱାମୀଙ୍କ ମୃତଦେହ

**କୋମାରୁ ଉଠିଯିବେ ଭାବି ଗଙ୍ଗାଜଳ ଛିଞ୍ଚୁଥିଲେ**

**କାନପୁର, ୨୪।୯**

ଉତ୍ତର ପ୍ରଦେଶର କାନପୁରରେ ଜଣେ ମହିଳା ମୃତ ସ୍ୱାମୀଙ୍କ ମୃତଦେହକୁ ୧୮ମାସ କାଳ ଗଙ୍ଗାଜଳ ଛିଞ୍ଚି ଘରେ ରଖିଥିବା ଘଟଣା ସାମ୍ନାକୁ ଆସିଛି। ମୃତକଙ୍କ ମାନସିକ ବିକାରଗ୍ରସ୍ତ ସ୍ତ୍ରୀଙ୍କ ଧାରଣା ଥିଲା ସ୍ୱାମୀଙ୍କ ମୃତ୍ୟୁ ହୋଇ ନାହିଁ ବରଂ ସେ କୋମାରେ ଅଛନ୍ତି। ଗଙ୍ଗାଜଳ ଛିଞ୍ଚିବା ଦ୍ୱାରା ବ୍ୟକ୍ତି ଜଣକ ସୁସ୍ଥ ହୋଇଯିବେ ବୋଲି ପରିବାରର ବିଶ୍ୱାସ ଥିଲା। ମୃତ ବ୍ୟକ୍ତି ହେଉଛନ୍ତି ବିମଲେଶ ଦିକ୍ଷିତ। ସେ ଆୟକର ବିଭାଗରେ କାର୍ଯ୍ୟ କରୁଥିଲେ। ଗତବର୍ଷ ଏପ୍ରିଲରେ ହୃଦ୍‌ଘାତ କାରଣରୁ ବିମଲେଶଙ୍କ ମୃତ୍ୟୁ ହୋଇଥିବା ତାଙ୍କ ମୃତ୍ୟୁ ପ୍ରମାଣପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରତିଦିନ ଗଳିତ ମୃତଦେହରେ ତାଙ୍କ ସ୍ତ୍ରୀ ଗଙ୍ଗାଜଳ ଛିଞ୍ଚୁଥିଲେ। ବିମଲେଶଙ୍କ ପେନସନ୍ ଫାଇଲ୍ କାମ ଅଟକି ରହିବା ଯୋଗୁ ଆୟକର ବିଭାଗ ଘଟଣାର ତଦନ୍ତ ପାଇଁ ଥାନାରେ ଜଣାଇଥିଲା। ଏହାପରେ ପୋଲିସ ଏକ ଡାକ୍ତରୀ ଟିମ୍ ନେଇ ବିମଲେଶଙ୍କ ଘରେ ପହଞ୍ଚିଥିଲା। ମୃତଦେହକୁ ହସ୍ପିଟାଲ ନେଇ ପରୀକ୍ଷା କଲା ପରେ ଡାକ୍ତର ବିମଲେଶଙ୍କୁ ପୁଣିଥରେ ମୃତ ବୋଲି ଘୋଷଣା କଲେ। ତିନିଜଣିଆ ତଦନ୍ତକାରୀ ଦଳ ଘଟଣାର ଯାଞ୍ଚ କରିବ।

## ଭାରତରେ ଇସ୍‌ଲାମିକ୍ ଶାସନ ସ୍ଥାପନ ଚାହୁଁଥିଲା ପିଏଫ୍‌ଆଇ

**ନୂଆଦିଲ୍ଲୀ,୨୪।୯**

**ଏନ୍‌ଆଇଏର ସୂଚନା**
■ଲଶ୍କର, ଆଇଏସ୍‌ରେ ସାମିଲ ଲାଗି ଯୁବକଙ୍କୁ ପ୍ରୋତ୍ସାହିତ କରୁଥିଲା
■ପ୍ରଧାନମନ୍ତ୍ରୀଙ୍କ ବିହାର ରାଲି ଭଣ୍ଡୁର ଯୋଜନା କରିଥିଲା ସଂଗଠନ

ଭାରତରେ ଇସ୍‌ଲାମୀୟ ଶାସନ ପ୍ରତିଷ୍ଠା ଲକ୍ଷ୍ୟରେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଯୁବକମାନଙ୍କୁ ଲଶ୍କର-ଇ-ତୋଇବା ଏବଂ ଇସ୍‌ଲାମିକ୍ ଷ୍ଟେଟ୍ ଅଫ୍ ଇରାକ ଆଣ୍ଡ ସିରିଆ (ଆଇଏସ୍‌ଆଇଏସ୍)ରେ ସାମିଲ କରାଇବା ଲାଗି ପ୍ରୋତ୍ସାହିତ କରୁଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। କେରଳରେ ପିଏଫ୍‌ଆଇ ସଦସ୍ୟ ଓ କ୍ୟାଡରମାନେ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଛନ୍ତି। ସେମାନେ ବିଭିନ୍ନ ଧର୍ମ ଓ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି ଲାଗି ଉଦ୍ୟମ ଚଳାଇଛନ୍ତି।

ନିକଟରେ ଏନ୍‌ଆଇଏ ପକ୍ଷରୁ ୧୫ ରାଜ୍ୟରେ ଚଢ଼ାଉ କରାଯାଇ ୧୦୬ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୦ ଜଣ ପିଏଫ୍‌ଆଇ ନେତାଙ୍କୁ ରିମାଣ୍ଡରେ ନେବା ଲାଗି ଏନ୍‌ଆଇଏ ସ୍ୱତନ୍ତ୍ର ଅଦାଲତରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଆବେଦନ କରାଯାଇଥିଲା। ଚଢ଼ାଉ ବେଳେ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଏବଂ ଆପରାଧିକ ସାମଗ୍ରୀ ଜବତ ହୋଇଥିଲା। ପିଏଫ୍‌ଆଇ ଏବଂ ଏହାର ନେତାମାନେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ପ୍ରମୁଖ ନେତାଙ୍କୁ ଟାର୍ଗେଟରେ ରଖିଥିବା ଏନ୍‌ଆଇଏ କହିଛି। ଜେହାଦ ନାମରେ ସେମାନେ ଆତଙ୍କବାଦ ଚଳାଇବା ସହ ଇସ୍‌ଲାମୀୟ ଶାସନ ପ୍ରତିଷ୍ଠା ଲାଗି ଷଡ଼ଯନ୍ତ୍ର କରୁଥିଲେ ବୋଲି ଏନ୍‌ଆଇଏ ରିପୋର୍ଟରେ କୁହାଯାଇଛି।

ଜୁଲାଇ ୧୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିହାର ଗସ୍ତ ବେଳେ ଏହାକୁ ଭଣ୍ଡୁର କରିବା ଲାଗି ପିଏଫ୍‌ଆଇ ପକ୍ଷରୁ ଯୋଜନା ହୋଇଥିଲା। କେରଳରୁ ଗିରଫ ପିଏଫ୍‌ଆଇ ସଦସ୍ୟ ଶଫିକ୍ ପାୟେଥଙ୍କୁ ଜେରା ବେଳେ ସେ ଏହି ସୂଚନା ଦେଇଛନ୍ତି। ରାଲିରେ ବିଶୃଙ୍ଖଳା ସୃଷ୍ଟି ଲାଗି ସଦସ୍ୟମାନଙ୍କୁ ତାଲିମ ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହିତ ବ୍ୟାନର, ପୋଷ୍ଟର ଧରି ବିକ୍ଷୋଭ କରିବା ଲାଗି ମଧ ପ୍ରସ୍ତୁତି ହୋଇଥିଲା।

# ଜିନ୍‌ପିଙ୍ଗ୍ ଗୃହବନ୍ଦୀ ଚର୍ଚ୍ଚା ଇଣ୍ଟରନେଟ ସୁବିଧା ଯୋଗାଇବ ଆମେରିକା

**ବେଜିଂ, ୨୪।୯**



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ମୁଖ୍ୟ ପଦରୁ ହଟାଯିବା ସହ ତାଙ୍କୁ ଗୃହବନ୍ଦୀ କରାଯାଇଥିବା ଚର୍ଚ୍ଚା ଜୋର ଧରିଛି। ଏ ନେଇ ଟୁଇଟର ଏବଂ ଅନ୍ୟ ସୋସିଆଲ ମିଡିଆରେ ହଠାତ୍ ଏଭଳି ପୋଷ୍ଟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ମଧ ଏ ପ୍ରସଙ୍ଗରେ ଟୁଇଟ୍ କରିଛନ୍ତି। ସୋସିଆଲ ମିଡିଆ ପୋଷ୍ଟ ଅନୁସାରେ, ନିକଟରେ ଜିନ୍‌ପିଙ୍ଗ୍ ସାଂଘାଇ ସହଯୋଗ ସମ୍ମିଳନୀ (ଏସ୍‌ସିଓ)ରେ ଯୋଗଦେବାକୁ ଉଜବେକିସ୍ତାନର ସମରକନ୍ଦକୁ ଆସିଥିବାବେଳେ ତାଙ୍କୁ ପିଏଲ୍‌ଏ ମୁଖ୍ୟ ପଦରୁ ହଟାଯାଇଛି। ପରେ ତାଙ୍କୁ ଗୃହବନ୍ଦୀ ରଖାଯାଇଛି। ତେବେ ଚାଇନା ମିଡିଆ, ଚାଇନିଜ୍ କମ୍ୟୁନିଷ୍ଟ ପାର୍ଟି କିମ୍ବା କୌଣସି ଅଧିକାରୀଙ୍କ ସୂତ୍ରରୁ ଏ ନେଇ କିଛି ସୂଚନା ମିଳିନାହିଁ। ହେଲେ କେତେ ଜଣ ଚାଇନା ନାଗରିକ ମଧ ଟୁଇଟରରେ ସମାନ ଦାବି କରିଛନ୍ତି। ଏପରିକି ପିଏଲ୍‌ଏ ସମ୍ପୂର୍ଣ୍ଣ ଭାବେ ସେନାର ନିୟନ୍ତ୍ରଣ ନିଜ ହାତକୁ ନେଇଥିବା ନେଇ ମଧ କୁହାଯାଉଛି।

**ଚର୍ଚ୍ଚା ପଛର କାରଣ**

ଚାଇନା ଏବେ ଦୁର୍ନୀତି ନିରୋଧୀ ଅଭିଯାନ ଚଳାଇଥିବାବେଳେ ଚଳିତ ସପ୍ତାହରେ ୨ ପୂର୍ବତନ ମନ୍ତ୍ରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ଏଥିସହ ୪ ଅଧିକାରୀଙ୍କୁ ଜେଲ୍ ପଠାଯାଇଛି। ଏହି ୬ ଜଣ ଜିନ୍‌ପିଙ୍ଗ ବିରୋଧୀ ଥିଲେ ବୋଲି କୁହାଯାଉଛି। ଚାଇନା ରାଷ୍ଟ୍ରପତିଙ୍କ ବିରୋଧୀ ଏଭଳି ଗୁଜବ ପ୍ରସାର କରିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

**ତେହରାନ, ୨୪।୯**

ହିଜାବ ନ ପିନ୍ଧିବାରୁ ପୋଲିସ ବର୍ବରତାରେ ଇରାନୀୟ ମହିଳା ମହସା ଆମିନିଙ୍କ ମୃତ୍ୟୁ ନେଇ ସେଠାରେ ବିକ୍ଷୋଭ ଥମିବାର ନାଁ ଧରୁନି। ପୋଲିସ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ଗୁଳିଚାଳନା ସହ ବଳପ୍ରୟୋଗ କରୁଛି। ୮ ଦିନ ହେଲା ପୋଲିସ କାର୍ଯ୍ୟାନୁଷ୍ଠାନରେ ଅନ୍ୟୂନ ୫୦ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। ଏହାକୁ ନେଇ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି। ଘଟଣାର ତଦନ୍ତ ସହ ଆନ୍ଦୋଳନକାରୀଙ୍କ ଉପରେ ଅଯଥା ବଳ ପ୍ରୟୋଗ ନ କରିବା ପାଇଁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଇରାନକୁ ନିବେଦନ କରିଛନ୍ତି। ସେପଟେ ଇରାନ ସରକାର ଇଣ୍ଟରନେଟ ସେବା ବନ୍ଦ କରିଦେଇଥିବାବେଳେ ଆମେରିକା ଏହି ମୁସ୍‌ଲିମ ରାଷ୍ଟ୍ର ଉପରେ ଲଗାଇଥିବା ଇଣ୍ଟରନେଟ କଟକଣାକୁ କୋହଳ କରିଛି। ଜୋ ବାଇଡେନ୍ ପ୍ରଶାସନ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ, ଭିଡିଓ କନ୍‌ଫରେନ୍ସିଂ, କ୍ଲାଉଡ୍ ସର୍ଭିସ୍ ଆଦି ଇଣ୍ଟରନେଟ୍ ସୁବିଧା ଇରାନବାସୀଙ୍କୁ ପ୍ରଦାନ ନିମନ୍ତେ ଲାଇସେନ୍ସ ଇସ୍ୟୁ କରିଛନ୍ତି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏ ନେଇ ଟୁଇଟରରେ ଘୋଷଣା କରିବା ପରେ ସ୍ପେସ୍‌ଏକ୍ସ ମାଲିକ ଏଲନ ମସ୍କ ଇରାନ ମହିଳାଙ୍କ ସମର୍ଥନରେ ବାହାରିଛନ୍ତି। ଇରାନରେ ଷ୍ଟାରଲିଙ୍କ୍ ସକ୍ରିୟ କରୁଛି ବୋଲି ମସ୍କ ବ୍ଲିଙ୍କେନ୍‌ଙ୍କ ଟୁଇଟରେ ପ୍ରତିକ୍ରିୟା ରଖିଛନ୍ତି।

ଇରାନର ୮୦ରୁ ଅଧିକ ସହର ଏବଂ ଅନ୍ୟ ଅଞ୍ଚଳରେ ବିକ୍ଷୋଭ ବ୍ୟାପିଲାଣି।


ଇରାକର ଏର୍‌ବିଲ୍‌ସ୍ଥିତ ଜାତିସଂଘ କାର୍ଯ୍ୟାଳୟ ସମ୍ମୁଖରେ ମହସା ଆମିନିଙ୍କ ସମର୍ଥନରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଇରାନରେ ହିଜାବକୁ ବିରୋଧ ଜାରି**
■ଷ୍ଟାରଲିଙ୍କ୍‌ରେ ସେବା ଯୋଗାଇବେ ମସ୍କ
■ପ୍ରାଣ ହରାଇଲେଣି ୫୦ ବିକ୍ଷୋଭକାରୀ
■ବଳପ୍ରୟୋଗ ନ କରିବାକୁ କହିଲା ଜାତିସଂଘ

ଶହ ଶହ ସଂଖ୍ୟାରେ ଲୋକେ ଆମିନିଙ୍କୁ ନ୍ୟାୟ ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ପୋଲିସ କିମ୍ବା ମିଲିସିଆ ସହ ମୁହାଁମୁହିଁ ହେଉଛନ୍ତି। ଏଥିରେ ଶତାଧିକ ଆହତ ହୋଇଛନ୍ତି। ଇରାର ସରକାର ନିଜ ଲୋକଙ୍କୁ ଭୟ କରୁଛନ୍ତି। ଇଣ୍ଟରନେଟ କଟକଣା କୋହଳ କରିବା ଦ୍ୱାରା ଇରାନ ନାଗରିକଙ୍କ ଉପରେ କରୁଥିବା ଅତ୍ୟାଚାର ସାମ୍ନାକୁ ଆସିବ ବୋଲି ବ୍ଲିଙ୍କେନ କହିଛନ୍ତି।

**ଆଜିର ସମ୍ପାଦକୀୟ**

ସିଭିଲ୍ ସୋସାଇଟିର କ୍ଷତି

**ଆଜିର ମନ୍ତବ୍ୟ**

“ ଭାଜପା କ୍ଷମତାରେ ନ ଥିବା ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନଙ୍କୁ ଗୈରିକ ଦଳର ଏଜେଣ୍ଡା କାର୍ଯ୍ୟକାରୀ କରାଇବା ଦାୟିତ୍ୱ ଦିଆଯାଇଛି।
–ଅମନ ଆରୋରା, ପଞ୍ଜାବ ଶକ୍ତିମନ୍ତ୍ରୀ

ଓଡ଼ିଶାର ୩ ଜଣଙ୍କୁ ଏନ୍ଏସ୍ଏସ୍ ପୁରସ୍କାର
........ ୫ ........







# ଅଟକିଛି ୬ ଜଳପଥ ପ୍ରକଳ୍ପ

**■ କେନ୍ଦ୍ର ଅର୍ଥ ଦେଉନି, ଓଡ଼ିଶାର ଅନାଗ୍ରହ**
**■ ୬ ବର୍ଷ ହେଲା କାମ ଆରମ୍ଭ ହୋଇପାରୁନି**

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ଜଳପଥରେ ପରିବହନ ହେବ। ସଡ଼କ ପଥଠାରୁ ବହୁ କମ୍ ଖର୍ଚ୍ଚରେ ପରିବହନ ସୁବିଧା ହୋଇପାରିବ। ଏହି ଲକ୍ଷ୍ୟରେ କେନ୍ଦ୍ର ସରକାର ଜାତୀୟ ଜଳ ମାର୍ଗ ନୀତି–୨୦୧୬ କାର୍ଯ୍ୟକାରୀ କରିଛନ୍ତି। ଦେଶରେ ୧୧୧ଟି ଜଳପଥ ଚିହ୍ନଟ କରାଯାଇଥିବାବେଳେ ଓଡ଼ିଶାରେ ୬ଟି ଜଳପଥ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ପ୍ରକଳ୍ପ କେବଳ ଲୋକଦେଖାଣିଆ ଭାବେ ଘୋଷଣାରେ ସୀମିତ ହୋଇଯାଇଛି। ଜଳପଥ ପରିବହନକୁ ନେଇ କେନ୍ଦ୍ର ସରକାର ଯେଉଁ ଆଶା ଦେଖାଇଥିଲେ ତାହା ମଉଳିବାରେ ଲାଗିଛି। ୬ ବର୍ଷ ପରେ ଘୋଷଣା ହୋଇଥିବା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଜଳପଥକୁ ବାଟବଣା କରିଛି।

ବିଭିନ୍ନ ନଦୀ, ଉପନଦୀ, ଶାଖା ନଦୀ ଓ ଇଷ୍ଟକୋଷ୍ଟ କେନାଲକୁ ବ୍ୟବହାର କରି ରାଜ୍ୟରେ ୬ଟି ଜଳ ମାର୍ଗ ନିର୍ମାଣ କରିବାକୁ ଘୋଷଣା କରାଯାଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ରାଜ୍ୟରେ ୧୫୮୯ କିଲୋମିଟର ପର୍ଯ୍ୟନ୍ତ ଜଳପଥ ସୁବିଧା ହୋଇପାରିବ। ଘୋଷଣା ଅନୁଯାୟୀ ଜାତୀୟ ଜଳ ମାର୍ଗ–୫ରେ ବ୍ରାହ୍ମଣୀ, ଖରସୁଆଁ, କାଣୀ, ମନ୍ତେଇ, ମହାନଦୀ ଓ ଏହାର ଶାଖା ନଦୀ, ଇଷ୍ଟକୋଷ୍ଟ କେନାଲ ସଂଯୋଗ କରାଯାଇ ରାଜ୍ୟର ତାଳଚେରଠାରୁ ପଶ୍ଚିମବଙ୍ଗର ଜିଓଖାଲି ପର୍ଯ୍ୟନ୍ତ ୫୮୮ କିଲୋମିଟର ବ୍ୟାପୀ ଜଳପଥ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଜାତୀୟ ଜଳ ମାର୍ଗ–୧୪ ଅଧୀନରେ ବୈତରଣୀ ନଦୀର ଦତ୍ତପୁର ଗ୍ରାମଠାରୁ ଲକ୍ଷ୍ମୀପ୍ରସାଦ ଡିଆ ନିକଟ ଧାମରା ଓ ବୈତରଣୀ ନଦୀ ସଙ୍ଗମସ୍ଥଳ ପର୍ଯ୍ୟନ୍ତ ୪୯ କି.ମି., ଜାତୀୟ ଜଳ ମାର୍ଗ–୨୨ ଅନ୍ତର୍ଗତ ବିରୂପା, ବଡି, ଗେଙ୍ଗୁଟି ଓ ବ୍ରାହ୍ମଣୀ ନଦୀରେ ଚୌଦ୍ୱାର ବିରୂପା ଆନିକଟଠାରୁ କାଇପଡା ନିକଟସ୍ଥ ବିରୂପା, ବ୍ରାହ୍ମଣୀ ନଦୀର ସଙ୍ଗମସ୍ଥଳ



ପର୍ଯ୍ୟନ୍ତ ଓ ବିକଳ୍ପ ମାର୍ଗ ଭାବେ ସାମସପୁର ଗ୍ରାମରୁ ଖଡଗପୁର ଗ୍ରାମ ପର୍ଯ୍ୟନ୍ତ ଏବଂ ବିରୂପା ଓ ବ୍ରାହ୍ମଣୀ ନଦୀର କାଟଣା ପର୍ଯ୍ୟନ୍ତ ୧୫୬ କି.ମି. ପର୍ଯ୍ୟନ୍ତ ଜଳପଥ ନିର୍ମାଣ ହେବ। ସେହିପରି ଜାତୀୟ ଜଳ ମାର୍ଗ–୨୩ ଅଧୀନରେ ବୁଢ଼ାବଳଙ୍ଗ ନଦୀରେ ପାଟଳିପୁତ୍ର ଗ୍ରାମ ନିକଟ ଆନିକଟଠାରୁ ଚାନ୍ଦିପୁର ମାଛଧରା ବନ୍ଦର ନିକଟସ୍ଥ ବୁଢ଼ାବଳଙ୍ଗ ନଦୀ ଓ ବଙ୍ଗୋପସାଗର ସଙ୍ଗମସ୍ଥଳ ପର୍ଯ୍ୟନ୍ତ ୫୬ କି.ମି. ଜଳପଥ ନିର୍ମାଣ ଯୋଜନା କରାଯାଇଛି। ଜାତୀୟ ଜଳ ମାର୍ଗ–୬୪ ଅଧୀନରେ ମହାନଦୀର ସମ୍ବଲପୁର ଆନିକଟଠାରୁ ପାରାଦୀପ ପର୍ଯ୍ୟନ୍ତ ୪୨୫ କି.ମି. ଏବଂ ଜାତୀୟ ଜଳ ମାର୍ଗ–୯୬ ଅଧୀନରେ ଝାଡ଼ଖଣ୍ଡର ଚାନ୍ଦିଲି ଡ୍ୟାମ୍‌ଠାରୁ ସୁବର୍ଣ୍ଣରେଖା ନଦୀ ଓ ବଙ୍ଗୋପସାଗର ସଙ୍ଗମସ୍ଥଳ ଯାଏ ୩୧୪ କି.ମି. ଜଳପଥ ନିର୍ମାଣ କରିବାକୁ ଘୋଷଣା କରାଯାଇଛି।

ବିଡ଼ମ୍ବନା ଯେ ଗତ ୬ ବର୍ଷ ପରେ ମଧ୍ୟ ରାଜ୍ୟରେ କୌଣସି ଗୋଟିଏ ଜଳ ମାର୍ଗ କାର୍ଯ୍ୟ ଆରମ୍ଭ ହୋଇନାହିଁ। କେବଳ ଜାତୀୟ ଜଳ ମାର୍ଗ –୫ କାର୍ଯ୍ୟକାରୀ କରିବାକୁ ଫିଜିବିଲିଟି ଷ୍ଟଡି ପରେ ଡିପିଆର ପ୍ରସ୍ତୁତ କରାଯାଇଥିବାବେଳେ ଅନ୍ୟ ୫ଟି ଜଳ ମାର୍ଗ ଫିଜିବିଲିଟି ଷ୍ଟଡିରେ ସୀମିତ ରହିଛି। ଜଳ ମାର୍ଗ–୫ ପାଇଁ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏଥିଲାଗି କୌଣସି ବ୍ୟୟବରାଦ ହୋଇନାହିଁ। କେନ୍ଦ୍ରର ଜଳପଥ ଘୋଷଣା ପରେ ଏହା ରାଜ୍ୟର ଆର୍ଥିକ ବିକାଶକୁ ବଳ ଯୋଗାଇବା ନେଇ ଆଶା ସଞ୍ଚାର ହୋଇଥିଲା। ପ୍ରକଳ୍ପ ପାଇଁ ଆବଶ୍ୟକ ଅର୍ଥ କେନ୍ଦ୍ର ସରକାର ଯୋଗାଇ ନ ଥିବାରୁ ଜଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ରାଜ୍ୟ ସରକାର ମଧ୍ୟ ଏ ଦିଗରେ ସେତେଟା ଆଗ୍ରହ ଦେଖାଉ ନ ଥିବାରୁ ପ୍ରକଳ୍ପର ଭାଗ୍ୟ ଏକପ୍ରକାର ଅନିଶ୍ଚିତତା ଭିତରକୁ ଠେଲିହୋଇ ଯାଇଛି। ରାଜ୍ୟ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ୬ ବର୍ଷ ବିତିଯାଇଥିଲେ ମଧ୍ୟ ଜାତୀୟ ଜଳ ମାର୍ଗ–୫ ଆରମ୍ଭ ହୋଇପାରି ନାହିଁ। ଅନ୍ୟ ଜଳ ମାର୍ଗ ଫିଜିବିଲିଟି ଷ୍ଟଡିରେ ସୀମିତ ରହିଛି। ରାଜ୍ୟର ଏହି ୬ ଜଳପଥ ପ୍ରକଳ୍ପ ଶେଷ କରିବା ନେଇ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନାହିଁ। କେବେ କାମ ଆରମ୍ଭ ହେବ ଓ ଶେଷ ହେବ ତାହା ମଧ୍ୟ ଜଣାନାହିଁ ବୋଲି ସେ କହିଛନ୍ତି।




# ଜିଲା ପରିଷଦ ସଭ୍ୟଙ୍କ ଝୁଲନ୍ତା ମୃତଦେହ ଜବତ

**■ ଘର ପାଖରୁ ମିଳିଲା ୨ ମୋବାଇଲ ଫୋନ**
**■ ଫେସ୍‌ବୁକ୍ ପେଜ୍‌ରେ ଭିଡିଓ ପୋଷ୍ଟ ଖୋଲିବ ରହସ୍ୟ**
**■ କାରଣ ଖୋଜୁଛି ପୋଲିସ**

**ଭୁବନେଶ୍ୱର,୨୪।୯ (ବ୍ୟୁରୋ)**

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଲକ୍ଷ୍ମୀବିହାର ଅଞ୍ଚଳରେ ଥିବା ତାଙ୍କ ବାସଭବନ ଆଗରୁ ଶନିବାର ସକାଳେ ଝୁଲନ୍ତା ଅବସ୍ଥାରେ ଧର୍ମେନ୍ଦ୍ରଙ୍କ ମୃତଦେହ ଜବତ ହୋଇଛି। ତେବେ ଏହା ହତ୍ୟା କି ଆତ୍ମହତ୍ୟା ତା'ର ପ୍ରକୃତ କାରଣ ଜଣାପଡ଼ିନାହିଁ। ଇତି ମଧ୍ୟରେ ଧର୍ମେନ୍ଦ୍ରଙ୍କ ଏକ ଭିଡିଓ ସାମନାକୁ ଆସିଛି। ମୃତ୍ୟୁ ପୂର୍ବରୁ ଧର୍ମେନ୍ଦ୍ର ନିଜ ଫେସ୍‌ବୁକ ପେଜ୍‌ରେ ଏକ ଭିଡିଓ ପୋଷ୍ଟ କରି ଲେଖିଛନ୍ତି 'ମୋ ଫୋନ୍ ୨ ଟିରେ ସବୁ ଭିଡିଓ ରହିଛି, ତାକୁ ଲୋକ ଲୋଚନକୁ ଆଣିବେ'। ଏଥିସହ ସେ ଆହୁରି ମଧ୍ୟ କହିଛନ୍ତି, ଅସୁସ୍ଥତା ହେତୁ ମୁଁ ବହୁ ଦିନ ହସ୍ପିଟାଲରେ ଥିଲି। ଏହା ମଧ୍ୟରେ ମୋ' ନାଁରେ ସୋସିଆଲ ମିଡିଆରେ ବହୁ ଗୁଜବ ଶୁଣିବାକୁ ମିଳୁଛି। ତା'ର ଗୋଟିଏ ପ୍ରମାଣ ଦେଲେ ମୁଁ ରାଜନୀତିରୁ ଦୂରେଇ ଯିବା ସହ କୌଣସି ସାମାଜିକ କାର୍ଯ୍ୟକ୍ରମରେ ବି


ଧର୍ମେନ୍ଦ୍ର ସାହୁ

ଦେଖାଦେବିନି ବୋଲି କହିଛନ୍ତି। ସେହିପରି କିଛି ରାଜନୈତିକ ପ୍ରସଙ୍ଗ ଯୋଗୁ ମୋ ପରିବାରରେ ଝଡ଼ ସୃଷ୍ଟି ହେବା ସହ ଅଯଥା କଳହ ସୃଷ୍ଟି ହେଉଛି। ମୋ' ନାଁରେ ମିଥ୍ୟା ଅପପ୍ରଚାର କରାଯାଉଛି। ଏକ ଖବରକାଗଜର ଖବରଦାତା ମୋ' ନାଁରେ ମିଥ୍ୟା ଖବର ଛାପି ମୋ ମାନ ସମ୍ମାନ ଉପରେ ଆଞ୍ଚ ଆଣିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ତେବେ କେଉଁ ଖବରକାଗଜ ଏବଂ କ'ଣ ଛାପିଛନ୍ତି ସେ ନେଇ କିଛି ସ୍ପଷ୍ଟ କରି ନଥିବାବେଳେ ଆବଶ୍ୟକ ପଡ଼ିଲେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଯିବାକୁ ପଛାଇବି ନାହିଁ ବୋଲି ଧର୍ମେନ୍ଦ୍ର ଉକ୍ତ ଭିଡିଓରେ କହୁଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ତାଙ୍କ ମୃତ୍ୟୁ ସହ ଏହି ଭିଡିଓର ସମ୍ପର୍କ କ'ଣ ରହିଛି ତାକୁ ନେଇ ନାନା ଚର୍ଚ୍ଚା ହେବା ସହ ରହସ୍ୟ ବଢ଼ିବାରେ ଲାଗିଛି।

ଅପରପକ୍ଷରେ ଧର୍ମେନ୍ଦ୍ରଙ୍କ ୨ଟି ମୋବାଇଲକୁ ଅପରାହ୍ନ ୫ଟାରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଘର ନିକଟସ୍ଥ ଏକ ପ୍ଲଟରୁ ଠାବ କରିଛି। ତେବେ ବର୍ଷା ☞ପୃଷ୍ଠା–୨

# ଲାଭା ଉଦ୍‌ଗିରଣବେଳେ ସ୍ଲାକ୍‌ଲାଇନ ୱାକ୍

**■ ୨ ଯୁବକଙ୍କ ଦୁଃସାହସିକ ପ୍ରଦର୍ଶନ**
**■ ଭିଡିଓ ଜାରିକଲା ଗିନିଜ୍ ୱାର୍ଲ୍ଡ ରେକର୍ଡ**

**ପୋର୍ଟଭିଲା, ୨୪।୯**

ଆଗ୍ନେୟଗିରି ଉଦ୍‌ଗିରଣ କେତେ ଭୟଙ୍କର ତାହା ପ୍ରାୟ ସମସ୍ତଙ୍କୁ ଜଣା। ହେଲେ ଦୁଇ ଯୁବକ ଆକ୍ଟିଭ୍ ଭୋଲ୍‌କାନୋ ବା ଆଗ୍ନେୟ ଉଦ୍‌ଗିରଣବେଳେ ଏହା ଉପରେ ରଶିରେ ଚାଲିବା ଇଣ୍ଟରନେଟ୍‌ରେ ଚହଳ ପକାଇଛି। ଏହାର ଭିଡିଓ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଅବାକ୍ କରିଦେଇଛି। ରାଫେଲ ବ୍ରୁଗ୍‌ନୋ ବ୍ରିଡି ଏବଂ ଆଲେକ୍‌ଜାଣ୍ଡର ସ୍କଲ୍‌ଜ ଖାଲି ପାଦରେ ଜଳନ୍ତା ଆଗ୍ନେୟଗିରିର ଠିକ୍ ଉପରେ ରଶିରେ ଚାଲି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡ ପକ୍ଷରୁ ଏହି ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରାଯାଇଛି। ଦକ୍ଷିଣପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ର ଭାନୁଆଟୁ ସ୍ଥିତ ତନ୍ନା ଦ୍ୱୀପରେ ଥିବା ୟାସୁର ଆଗ୍ନେୟଗିରି ଉପରେ ପୃଥକ୍ ପଏଣ୍ଟରୁ ରଶି ଟଣାଯାଇଥିଲା। ଇନ୍‌ଷ୍ଟା ପୋଷ୍ଟରେ ଲେଖାଯାଇଥିବା କ୍ୟାପ୍‌ଶନ ଅନୁଯାୟୀ, ଭାନୁଆଟୁର ୟାସୁର ପର୍ବତର ଜ୍ୱାଳାମୁଖୀରୁ ୧୩୭ ଫୁଟ ଉଚ୍ଚରେ ରାଫେଲ ଏବଂ ଆଲେକ୍‌ଜାଣ୍ଡର ଚାଲିଥିଲେ। ଉଭୟେ ହେଲମେଟ୍ ଏବଂ ଏକ ଗ୍ୟାସ୍ ମାସ୍କ ପିନ୍ଧିଥିବା ଭିଡିଓରେ ଦେଖିବାକୁ ମିଳିଛି। ପ୍ରାୟ ୨୬୧ ମିଟର ଲମ୍ବର ସ୍ଲାକ୍‌ଲାଇନରେ ସେମାନେ ଚାଲିଥିଲେ। ତଳେ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହେଉଥିବାବେଳେ ଉଭୟେ ଏହି ଦୁଃସାହସିକ ଯାତ୍ରା ଜାରି ରଖିଥିଲେ। ଏହାକୁ ପ୍ରାୟ ୩ ଲକ୍ଷ ଲୋକ ଦେଖିସାରିଛନ୍ତି। ରାଫେଲ ଏବଂ ଆଲେକ୍‌ଜାଣ୍ଡର ବାସ୍ତବରେ ଗିନିଜ୍ ୱାର୍ଲ୍ଡ ରେକର୍ଡର ଦାବିଦାର ବୋଲି ଅନେକେ କହିଥିବାବେଳେ ଏଭଳି ରେକର୍ଡ କେବେ କେହି ଭାଙ୍ଗିବା ଏକ ପ୍ରକାର ଅସମ୍ଭବ ବୋଲି ମଧ୍ୟ କମେଣ୍ଟ କରିଛନ୍ତି।





## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୯୮,୭୪,୦୬୧ | ୬୫,୩୯,୪୬୨ | ୫୯,୯୭,୧୩,୪୫୦ |
| ଭାରତ | ୪,୪୫,୬୩,୩୩୭ | ୫,୨୮,୪୮୭ | ୪,୩୯,୯୦,୪୧୪ |
| ଓଡ଼ିଶା | ୧୩,୩୨,୯୫୭ | ୯୧୮୮(+୫୩) | ୧୩,୨୨,୨୯୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଦିବ୍ୟାଂଶୁ
ପରିବାରବର୍ଗ


ଇଶାନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୧୫.୩ ଲକ୍ଷର ବ୍ରାଉନସୁଗାର ଜବତ

ପୁରୀ ଅଫିସ,୨୪।୯- ବ୍ରାଉନସୁଗାର କାରବାର କରିବା ଅଭିଯୋଗରେ ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ ଡେଲାଙ୍ଗ ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ଉକ୍ତ ଥାନା ବେରାବୋଇ ଅଞ୍ଚଳର ରାଜକିଶୋର ବେହେରା(୩୨)। ପୋଲିସ ତାଙ୍କଠାରୁ ୧୫୩ ଗ୍ରାମ ବ୍ରାଉନସୁଗାର ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୧୫.୩ ଲକ୍ଷ ଟଙ୍କା ହେବ। ଅବକାରୀ ବିଭାଗ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଯୁବକଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର

### ଭିଡିଓ ଭାଇରାଲ

ଭଦ୍ରକ ଅଫିସ, ୨୪।୯

ଭଦ୍ରକ ଜିଲା ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର ଜଣେ ଯୁବକଙ୍କୁ ଦୁର୍ବ୍ୟବହାର କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି ଯେ, ଯୁବକ ଜଣଙ୍କ ଏକ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ବିଷୟରେ ବୁଝିବା ପାଇଁ ତହସିଲ କାର୍ଯ୍ୟାଳୟକୁ ଆସିଥିଲେ। ସେ ବାରମ୍ବାର ତହସିଲ ଅଫିସ୍‌କୁ ଏ ସମ୍ପର୍କରେ ବୁଝିବାକୁ ଆସୁଥିବାରୁ ତହସିଲଦାର ସୂତାର ବିରକ୍ତି ହୋଇ ତାଙ୍କୁ ପୋଲିସରେ ଦେବେ ବୋଲି ଧମକ ଦେଉଛନ୍ତି। ଏଥିସହ ଗାଳିଗୁଲଜ କରି ତାଙ୍କୁ ଧକ୍କା ମାରିଛନ୍ତି। ଘଟଣାଟି ଏଇ କିଛିଦିନ ତଳେ ଘଟିଥିବାର ଅନୁମାନ କରାଯାଉଛି। ତେବେ ଏ ସମ୍ପର୍କରେ ତହସିଲଦାର ସୂତାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଭିଡିଓଟି ଦେଖିବା ପରେ ଘଟଣାର ତଦନ୍ତ ଦାୟିତ୍ୱ ଅତିରିକ୍ତ ଜିଲାପାଳଙ୍କୁ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ ବନ୍ଧୁଙ୍କ ସାହାଯ୍ୟରୁ କାର୍ଯ୍ୟସିଦ୍ଧି ଘଟିବ। ଅଶ୍ୱିନୀ ନକ୍ଷତ୍ର ପାଇଁ ଗୃହ, ଭୂମି, ଗାଡ଼ି, ମୋଟର, ବନ୍ଧୁବାନ୍ଧବ, ସହକର୍ମୀ, ଧାରକରଜ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ର କରି କଳହର ସମ୍ଭାବନା ମଧ୍ୟ ଦେଖାଦେଇପାରେ। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ବୃଷ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ପୂର୍ବ ପରିକଳ୍ପିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ ବନ୍ଧୁଙ୍କ ସହଯୋଗରେ କରିପାରନ୍ତି। ଅଫିସ୍‌ରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ବାହାରକୁ ଯିବା ସମୟକୁ ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। ଉପରିସ୍ଥଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ।

**ମିଥୁନ** ଭୁଲ୍ ବୁଝାମଣା, ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମନ ଭଲ ରହିବ ନାହିଁ। ଅବଶ୍ୟ ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ଦୂର ସମ୍ପର୍କୀୟଙ୍କଠାରୁ ସୁଖବର ଆସିବ।

**କର୍କଟ** ଆଜି ଯେଉଁ ଆଶା ନେଇ ଯାହା ପାଇଁ କିଛି କରିବେ, ତାହାଠାରୁ ପ୍ରତିବଦଳରେ କିଛି ପାଇବେ ନାହିଁ। ଭ୍ରମଣ କାଳରେ ପଦସ୍ଥଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ଆଜି ହଠାତ୍ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ଈର୍ଷା ପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିମାନେ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା** ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ।

**ତୁଳା** କର୍ମକ୍ଷେତ୍ର ଓ ସମସ୍ୟା ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ସ୍ୱାତୀ ନକ୍ଷତ୍ରଜାତ ବ୍ୟକ୍ତିମାନଙ୍କର ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଅଫିସ୍ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା** ଆଜି ସକାଳୁ ଅଫିସ କାମରେ ଦୂରଯାତ୍ରା କରିବାକୁ ପଡ଼ିବ। ବ୍ୟବସାୟ, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ। ଜ୍ୟେଷ୍ଠା ନକ୍ଷତ୍ର ଶତ୍ରୁ କବଳରୁ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦମୁକ୍ତ ହେବେ। ସନ୍ତାନଙ୍କ ଚିନ୍ତା ଦୂର ହେବ।

**ଧନୁ** ବନ୍ଧୁଙ୍କ ସଦ୍ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ।

**ମକର** ଆଜି ଅପରାହ୍ନରେ ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।

**କୁମ୍ଭ** ମନ ବୁଝିଲା ଭଳି କଥା କହି କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିଲେ ଉପକାର ମିଳିବ।

**ମୀନ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ କିଛି ଜିନିଷ ହରାଇବାକୁ ପଡ଼ିପାରେ। ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

# classifieds

Everyday
0674-2580101, 2549302


MATRIMONIAL

### BRIDE WANTED

Wanted a bride, required to stay at Mumbai and Delhi, for Sougat Pati, Brahmin, gotra Koussik, DOB 01 May 1996, fair, 5'4", Schooling and Hometown Bhubaneswar, B.L.S., LL.B from Government Law College, Mumbai under Bombay University (2019), an Advocate at Bombay High Court with a litigating law firm at Mumbai, earning a handsome amount of fee, keen to establish a litigation career at High/Apex Court, father a retired Engineer, mother a University faculty member, one sister at Secondary School. (Bride must be one year or more younger) Contact: 7735760556 (8pm-9pm). D-1571

### GROOM WANTED

Govt. ଚାକିରିଆ 33 ବୟସ୍କା କରଣ Divorce ଝିଅଙ୍କୁ any caste ଘରଜ୍ୱାଇଁ ଆବଶ୍ୟକ। 9124023134. D-1616

automobile

### SALE

Renault Kwid-2020, INNOVA-2015, WagonR-2009, Creta Automatic, Nissan Sunny 2012 for sale. 9861194627, 7381091234. D-74120

real estate

### SALE

Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666. D-73211

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

Clean ପ୍ଲଟ୍ immediate registration price double ଦୁଇ ବର୍ଷ ଭିତରେ, high potential roads, ଗଙ୍ଗପଡ଼ା, ପଟିଆ ପରି ବଢ଼ିଚାଲିଛି। sqft. 1050/-. Contact- 9040045759. D-74121

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ। Mob.- 9827119799 D-1580

Sale ready to move 2 Nos. 2BHK flat near AIIMS Hospital, Bhubaneswar. Contact No: 9777017120. D-73875

ଘରବାରି ପ୍ଲଟ୍ ବାଉଣ୍ଡାରୀ ସହିତ ଭୁବନେଶ୍ୱର ବିର୍ଲା ସ୍କୁଲକୁ ଲାଗିକି ମାତ୍ର Rs 850/-sqft. Mob: 7008368091, 9437714391. D-1576

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277. 1539

M Planets- 7008550473. Contact for Simplex/ Duplex/Apartment Construction and interior design (Modular Kitchen/TV Unit/Wardrobe). D-1605

Readymade 2/3 BHK flat sale at Acharyavihar. Contact: 7978209277. D-1537

ଭୁବନେଶ୍ୱର ହଂସପାଳ ଛକ ନିକଟରେ 3BHK Duplex Modern Amenities ସହିତ ମିଳୁଛି। 9658122456, 8327785834. D-74122

Duplex upcoming at Sundarpada road, opposite Champati Petrol Pump. BDA & ORERA plotting approval. Contact No.- 9861983455 (Developer). D-1366

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-73967

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320. D-74112

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ। 7008297827, 9692999455. D-74105

construction

Do you want to construct buildings on your own plot. Contact: 7008268129, 9439143273. D-71352

to-let

Well furnished 3 BHK Apartment with wardrobes in 3 bed room, 6 fans, chimeny fitted kitchen at Dumduma Housing Board, Phase-VI, 804 available for rent. Contact: Madhusmita Pati, (M)-9556344469. D-1586

healthcare

Ashirvaad Saloon and SPA getgood massage for your health tha best therapy. 7077181074. D-73973

Newly open Spa positively health benefit with expert. Contact: 7749976301. D-73873

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975

One hour any therapy by expert therapist @999 only. 9078484455. D-73645

Newly opened full body massage center by expert therapist. 7381172169. D-73648

Only professional massage and steam bath, Trupti Spa - 9337337007, 9861550765. D-1577

Relax, Refresh your body, Mind at Saikrupa Spa with best therapies. 8984068077. D-1543

education

Medical Exam. Registration- BAMS/ BHMS/ BUMS/ BDS/ BPT/ ANM/ GNM/ D.Pharma/ Dental Hygiene/ DHMS/ DAMS/ DUMS. W.A- 9064681304. D-1600

Join through Pre-Recruitment Training, Defence, Police, Railways, Banking, Tutorial coaching for 9th, 10th, 11th, 12th students for success. 9938238840, 8984604233. D-73646

business

Save on Electricity bills. Forget power interruptions. Install Nexus brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090, 9777065888. D-73647

### LOST

By virtue of an affidavit sworn before the Notary Public, Puri dt. 19.08.2022 I, K. Mark, 46Yrs. S/o- K. Prasad, CT Road, PS.- Sea Beach, Puri, solemnly affirm and state that on 17.08.2022 while I was travelling at CT Road to my house my registered sale deed No.-5064, dt. 31.12.2007 has been lost. This affidavit is to be produced before the concerned authority for obtaining a duplicate copy of the said registered sale deed.
K. Mark, Deponent.
D-69072

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଘରେ ଖାଇ ମାଗଣା ରୁଷା,**
**ଭିକ ମାଗି ଯାଇ ଖେଳିବା ପଶା,**
**ବାସି ଧୋବ ଲୁଗା ପିନ୍ଧଇ ଚଷା,**
**ସାହୁ ବାପୁଡାକୁ ତୁକାର ଭାଷା,**
**ଏସବୁ ପଛକୁ ଫସର ଫସା।**

ପର ଘରେ ରୁଷା ଅଭିମାନ ଶୋଭାପାଇ ନ ଥାଏ। ମାଗି ଆଣିଥିବା ଧନରେ ପଶା ବା ଜୁଆ ଖେଳିବା ହୀନବୁଦ୍ଧି ଭଳି। ମାଟି କାଦୁଅରେ କାମ କରୁଥିବା ବ୍ୟକ୍ତି ପକ୍ଷେ ସଫା ଲୁଗା ପରିଧାନ ନିରର୍ଥକ ହୋଇଥାଏ। ସେହିପରି ମହାଜନଙ୍କୁ ଗାଳି ମନ୍ଦ ଦେବା ଗରିବ ଖାତକ ପକ୍ଷେ ଗ୍ରହଣୀୟ ହୋଇ ନ ଥାଏ। ନିଜ ବଡ଼ିମା ଦେଖାଇବାକୁ ଯାଇ ଉପରୋକ୍ତ ଢଙ୍ଗ ଦେଖାଉଥିବା ବ୍ୟକ୍ତି ପରିଶେଷରେ ହଟହଟା ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପୁଷେ ଖଇ, ମାଘେ ଦହି**
**ଚଇତେ ନିମ୍ବ ଚକୁଳି ଖାଇ।**

ପୌଷ ମାସରେ ଖଇ ଖାଇବା ଭଲ। ସେହିପରି ମାଘ ମାସରେ ଦହି ଓ ଚୈତ୍ର ମାସରେ ନିମ୍ବ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଇପିଏଫ୍ ପେନ୍‌ସନର୍ସ ସଂଘର ବୈଠକ

ଭୁବନେଶ୍ୱର, ୨୪।୯ (ବ୍ୟୁରୋ)

ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ କୋର୍ କମିଟି ବୈଠକ ଶୁକ୍ରବାର ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବିକୁ କେନ୍ଦ୍ର ସରକାର ଅଣଦେଖା କରୁଥିବାରୁ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସର୍ବନିମ୍ନ ପେନ୍‌ସନ ୯ହଜାର ଟଙ୍କାକୁ ବୃଦ୍ଧି, ମହଙ୍ଗା ଭତ୍ତା ପ୍ରଦାନ ଏବଂ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାଗଣା ଚିକିତ୍ସା ପ୍ରଦାନରେ ଅନ୍ତର୍ଭୁକ୍ତ କରିବା ନେଇ ଇପିଏଫ୍ ପେନସନଧାରୀମାନେ ଦୀର୍ଘଦିନ ଧରି ଦାବିକରି ଆସୁଥିଲେ ମଧ୍ୟ ସରକାର ଅଣଦେଖା କରୁଛନ୍ତି। ଦେଶ ବିକାଶରେ ଦୀର୍ଘବର୍ଷ ନିୟୋଜିତ ରହି ଅବସର ନେବାପରେ ସାମାଜିକ ସୁରକ୍ଷାରୁ ଏହି ବର୍ଗର ବରିଷ୍ଠ ନାଗରିକଙ୍କୁ ଉପେକ୍ଷା କରାଯିବାକୁ ଦୃଢ଼ ନିନ୍ଦା କରାଯାଇଥିଲା। ତେଣୁ ଆସନ୍ତା ୨୯ ତାରିଖରେ କଟକ, ବ୍ରହ୍ମପୁର, ସମ୍ବଲପୁର ଆର୍‌ପିସିଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ ପାଇଁ ରାଜ୍ୟ କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କଟକ, ଗଞ୍ଜାମ, ସମ୍ବଲପୁର ଜିଲା କମିଟିକୁ ଏହାର ସଫଳତା ପାଇଁ ଦାୟିତ୍ୱ ଦିଆଯାଇଛି। ସଂଘର ରାଜ୍ୟ ସଭାପତି ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ସଚ୍ଚିଦାନନ୍ଦ ସାମନ୍ତରାୟ, ରାଜକିଶୋର ସ୍ୱାଇଁ, ମାୟାଧର ମଲ୍ଲିକ, ବିକ୍ରମ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କମିଟି ସଭ୍ୟ ଧୀରେନ୍ଦ୍ର କୁମାର ପ୍ରତାପ, ବିନୋଦ ବେହେରା, ଗୀତାଞ୍ଜଳି ପାତ୍ର ଓ ଲକ୍ଷ୍ମଣ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିଗମ କର୍ମଚାରୀ ମହାସଂଘ ମହାସଚିବ ସରୋଜକାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

**୨୯ରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର**

# ପ୍ରତିଦିନ ବିଭିନ୍ନ କ୍ଷେତ୍ରରେ ନୂଆ କୌଶଳର ଆବଶ୍ୟକତା ରହିଛି

ଭୁବନେଶ୍ୱର, ୨୪।୯(ବ୍ୟୁରୋ)

କିଟ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ୧୩ତମ ଜାତୀୟ ମାନବ ସମ୍ବଳ କନ୍‌କ୍ଲେଭ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। 'ପୁନଃ କୌଶଳ କ୍ରାନ୍ତି: ପରିବର୍ତ୍ତନର ବାହକ' ଶୀର୍ଷକ ଏହି ସମ୍ମିଳନୀରେ ଡେଲୋଏଟ୍ ଇଣ୍ଡିଆ କନ୍‌ସଲ୍‌ଟାନ୍ସି ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ରାକେଶ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ପରିବର୍ତ୍ତନଶୀଳ ଦୁନିଆ ସହ ତାଳ ଦେବା ପାଇଁ ପ୍ରତିଦିନ ବିଭିନ୍ନ କ୍ଷେତ୍ରରେ ନୂଆ ନୂଆ କୌଶଳର ଆବଶ୍ୟକତା ରହିଛି। ଶିଳ୍ପ, ବାଣିଜ୍ୟ ଓ ସେବା ଆଦି ବିଭିନ୍ନ କ୍ଷେତ୍ରରେ ମାନବ ସମ୍ବଳର ବିନିଯୋଗ ନିମନ୍ତେ ନୂତନ ପ୍ରଯୁକ୍ତିବିଦ୍ୟାକୁ ଦୃଷ୍ଟିରେ ରଖି କୌଶଳରେ ମଧ୍ୟ ପରିବର୍ତ୍ତନ କରାଯାଉଛି। ତେଣୁ ଆମକୁ ଆମର ଦକ୍ଷତାରେ ପରିବର୍ତ୍ତନ ଆଣିବା ସହ ନୂଆ ନୂଆ କୌଶଳ ଆପଣାଇବାକୁ ପଡ଼ିବ। ଏଥିପାଇଁ କୁଶଳୀ ହେବାକୁ ପଡ଼ିବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ସରିତ ସିଂ କହିଲେ, କିଟ୍ ବିଶ୍ୱବିଦ୍ୟାଳୟ ସର୍ବଦା ପରିବର୍ତ୍ତନକୁ ତାଳଦେଇ ବିଭିନ୍ନ କ୍ଷେତ୍ରରେ ନୂତନ କୌଶଳ ଆପଣାଇଥାଏ। କିଟ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ପ୍ରଫେସର ଏସ୍. କେ. ମହାପାତ୍ର ସ୍ୱାଗତ ଭାଷଣ ଓ ପ୍ରଫେସର ସୁମିତା ମିଶ୍ର ଧନ୍ୟବାଦ ଦେଇଥିଲେ। ଦିବସବ୍ୟାପୀ ଚାଲିଥିବା ଏହି ସମ୍ମିଳନୀରେ ଭାରତର ବିଭିନ୍ନ ପ୍ରତିଷ୍ଠିତ କେନ୍ଦ୍ରର ମୁଖ୍ୟମାନେ ଅଂଶଗ୍ରହଣ କରି ଆଲୋଚନା କରିଥିଲେ।

**ଜାତୀୟ ମାନବ ସମ୍ବଳ କନ୍‌କ୍ଲେଭ୍**

ପ୍ରଥମ ପୃଷ୍ଠାରୁ...

## ଜିଲା ପରିଷଦ ସଭ୍ୟଙ୍କ ...

ପାଣି ପଡ଼ିବାରୁ ମୋବାଇଲ ୨ଟି ଓଦା ହୋଇଯାଇଥିବାରୁ ଏହା ସୁଇଚ୍ ଅଫ୍ ରହିଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ମୋବାଇଲ ୨ ଟି ଜବତ କରି ଷ୍ଟେଟ ଫୋରେନ୍‌ସିକ ଲାବୋରେଟୋରିକୁ ପଠାଇଛି। ଅନ୍ୟପକ୍ଷରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟଣା ସମ୍ପର୍କରେ ସୂଚନା ପାଇ ଅତିରିକ୍ତ ଡିସିପି ପ୍ରକାଶ ପାଲ୍ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପାଲ୍ କହିଛନ୍ତି। ଏଥିସହ ସେ କହିଛନ୍ତି, ଯେଉଁଠାରୁ ଧର୍ମେନ୍ଦ୍ରଙ୍କ ମୃତଦେହ ମିଳିଥିଲା ଉକ୍ତ ଘରେ ଲାଗିଥିବା ସିସିଟିଭିର ହାର୍ଡ ଡିସ୍କ ଖରାପ ରହିଛି। ତେଣୁ ସବୁ ଦିଗରୁ ତଦନ୍ତ କରାଯାଇ ଘଟଣାର ସତ୍ୟାସତ୍ୟ ପଦାକୁ ଅଣାଯିବ। ସେହିଭଳି ଜଣେ ବ୍ୟକ୍ତି ଶୁକ୍ରବାର ବିଳମ୍ବିତ ରାତି ୧୨ଟା୧୩ ମିନିଟରେ ଧର୍ମେନ୍ଦ୍ରଙ୍କ ଘରେ ପ୍ରବେଶ କରିବାକୁ ଉଦ୍ୟମ କରି ୧ମିନିଟ ପରେ କାନ୍ଥରୁ ଡେଇଁପଡୁଥିବାର ଏକ ଭିଡିଓ ଧର୍ମେନ୍ଦ୍ରଙ୍କ ସମ୍ମୁଖ ଘରେ ଲାଗିଥିବା ଏକ ସିସିଟିଭି ଫୁଟେଜରୁ ଦେଖିବାକୁ ମିଳୁଛି। ତେଣୁ ସେହି ବ୍ୟକ୍ତି ଜଣକ କିଏ ତାକୁ ନେଇ ପୋଲିସ ତଦନ୍ତ କରିବାକୁ ଉକ୍ତ ସିସିଟିଭି ଫୁଟେଜକୁ ଜବତ କରିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ରାଜନୀତି ଜୋର୍ ଧରିଛି। ଏହି ମୃତ୍ୟୁ ଘଟଣାକୁ ଏକ ସୁପରିକଳ୍ପିତ ହତ୍ୟା ବୋଲି ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏହି ଘଟଣା ପଛରେ ଗଣଶିକ୍ଷା ମନ୍ତ୍ରୀଙ୍କ ହାତ ରହିଥିବା ପ୍ରଭାତୀ ଅଭିଯୋଗ ଆଣିଛନ୍ତି। ତେବେ ଏଭଳି ଅଭିଯୋଗକୁ ଗଣଶିକ୍ଷା ମନ୍ତ୍ରୀ ଖଣ୍ଡନ କରିବା ସହ ଏହା ଏକ ରାଜନୈତିକ ବୟାନବାଜି ବୋଲି କହିଛନ୍ତି।

# ‘ଯେକୌଣସି ସଂସଦୀୟ କମିଟିର ଅଧ୍ୟକ୍ଷ ପଦ ଆମକୁ ଦିଅ’

## ଲୋକ ସଭା ବାଚସ୍ପତିଙ୍କୁ ଅଧୀର ରଞ୍ଜନଙ୍କ ଚିଠି

**ନୂଆଦିଲ୍ଲୀ, ୨୪।୯**

କେନ୍ଦ୍ର ସରକାର ସଂସଦୀୟ ପରମ୍ପରାର ପାଳନ କରୁ ନାହାନ୍ତି ବୋଲି କଂଗ୍ରେସ ପକ୍ଷରୁ ଶନିବାର ଅଭିଯୋଗ କରାଯାଇଛି। ଏହି ମର୍ମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ଚିଠି ଲେଖାଯାଇଛି। ସ୍ୱରାଷ୍ଟ୍ର, ବହିର୍ବ୍ୟାପାର, ପ୍ରତିରକ୍ଷା ଏବଂ ଅର୍ଥ ବିଭାଗ ଆଦି ଚାରିଟି ପ୍ରମୁଖ କମିଟିରୁ ଅନ୍ତତଃ ପକ୍ଷେ ଗୋଟିଏର ଅଧ୍ୟକ୍ଷ ପଦ କଂଗ୍ରେସକୁ ଦିଆଯାଉ ବୋଲି କଂଗ୍ରେସ ସଂସଦୀୟ ଦଳ ନେତା ଅଧୀର ରଞ୍ଜନ ଚୌଧୁରୀ ଦାବୀ କରିଛନ୍ତି। ବାଚସ୍ପତିଙ୍କୁ ଲେଖିଥିବା ଚିଠିରେ ଅଧୀର ଉଲ୍ଲେଖ କରିଛନ୍ତି ଯେ ସରକାର ସଂସଦୀୟ କମିଟିକୁ ଏକ ନାଟକରେ ପରିଣତ କରିଛନ୍ତି। ସରକାର ନିଜ କାର୍ଯ୍ୟକୁ ଗମ୍ଭୀରତାର ସହ ନେବାକୁ ପ୍ରସ୍ତୁତ ନୁହଁନ୍ତି । କମିଟି ପୁନର୍ଗଠନରେ ମୁଖ୍ୟ ବିରୋଧୀ ଦଳର ଭୂମିକାକୁ ଅଣଦେଖା କରାଯାଉଛି ଏବଂ



ସଂସଦରେ ଏହାର ଗୁରୁତ୍ୱ ହ୍ରାସ କରିବାକୁ ଉଦ୍ୟମ ହେଉଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ତେବେ ସଂସଦର ଗୁରୁତ୍ୱପୂର୍ଣ୍ଣ କମିଟିରେ ପ୍ରମୁଖ ବିରୋଧୀ ଦଳଙ୍କୁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାର ଏକ ପରମ୍ପରା ରହିଛି। ସେ କହିଛନ୍ତି, ୧୬ ତମ ଲୋକସଭାରେ ଗୃହ, ବହିର୍ବ୍ୟାପାର, ପ୍ରତିରକ୍ଷା ଏବଂ ଅର୍ଥ ମନ୍ତ୍ରଣାଳୟର ତିନୋଟି କମିଟି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପାଖରେ ଥିଲା। ସେତେବେଳେ କଂଗ୍ରେସର ୪୪ ଜଣ ଏମ୍‌ପି ଥିଲେ। କିନ୍ତୁ ଏଥର ଏହି ତିନୋଟି କମିଟି ସେମାନଙ୍କଠାରୁ ଛଡ଼ାଇ ନିଆଯାଇଛି ଏବଂ ବର୍ତ୍ତମାନ ସରକାର ଆଇଟି କମିଟିକୁ ନିଜ ପାଖରେ ରଖିବାକୁ ଯାଉଛନ୍ତି। ଯଦି ସରକାର ଆଇଟି କମିଟି ନିଅନ୍ତି, ତେବେ ମୁଖ୍ୟ ବିରୋଧୀ ଦଳ ଭାବେ କଂଗ୍ରେସକୁ ବହିର୍ବ୍ୟାପାର କମିଟି ଦିଆଯିବା ଆବଶ୍ୟକ। ତେବେ ଏ କ୍ଷେତ୍ରରେ ସରକାର ଯେଉଁଭଳି ପଦକ୍ଷେପ ନେଉଛନ୍ତି ତାହା ଗଣତନ୍ତ୍ର ପ୍ରତି ଉପହାସ ବୋଲି ଅଧୀର ଅଭିଯୋଗ କରିଛନ୍ତି।

# ୨୯ରେ ଆସୁଛନ୍ତି ଜେ.ପି.ନଡ୍ଡା

- ଦଳୀୟ ନେତାଙ୍କୁ ସମ୍ବୋଧନ କରିବେ
- ବିଷ୍ଣୁ ସେଠୀଙ୍କ ପରିବାରକୁ ଭେଟିବେ

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ଆସନ୍ତା ୨୯ ତାରିଖରେ ୨ ଦିନିଆ ଓଡିଶା ଗସ୍ତରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା



ଆସୁଛନ୍ତି । ଗସ୍ତ ଅବସରରେ ନଡ୍ଡା ରାଜ୍ୟର ଦଳୀୟ ନେତା ଓ ମୋର୍ଚ୍ଚାର ଜିଲ୍ଲାସ୍ତରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ। ନଡ୍ଡା ୨୯ ତାରିଖ ସକାଳ ୧୦ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଁଞ୍ଚିବା ପରେ ଏକ ଶୋଭାଯାତ୍ରାରେ ସିଧାସଳଖ ରାଜ୍ୟ କାର୍ଯ୍ୟାଳୟକୁ ଆସିବେ। ପୂର୍ବାହ୍ନ ୧୧ରେ ଜନତା ମଇଦାନରେ ଓଡିଶାର ପ୍ରତ୍ୟେକ ଶକ୍ତି କେନ୍ଦ୍ରର ପ୍ରମୁଖମାନଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେବେ। ଏହା ପରେ ସେ ରାଜ୍ୟର ସମସ୍ତ ଏମପି, ବିଧାୟକ, ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀମାନଙ୍କ ସହ ଆଲୋଚନା କରିବା ପରେ ସନ୍ଧ୍ୟାରେ ପୁରୀ ଗସ୍ତ କରି ରାତ୍ରଯାପନ କରିବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ୩୦ ତାରିଖ ସକାଳେ ପୁରୀଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦର୍ଶନ କରିବେ । ଏହାପରେ ସେ ଭଦ୍ରକ ଜିଲା ତିହିଡି ଗସ୍ତକରି ଦିବଂଗତ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ପରିବାରକୁ ଭେଟି ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେବେ । ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ନଡ୍ଡା ପାର୍ଟୀର ସମସ୍ତ ୭ଟି ମୋର୍ଚ୍ଚାର ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରିବେ। ୩୦ ତାରିଖ ସନ୍ଧ୍ୟାରେ ସେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଗୋଲକ ସୂଚନା ଦେଇଛନ୍ତି।

# କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ନାମାଙ୍କନ ଫର୍ମ ନେଲେ ଥରୁର



**ନୂଆଦିଲ୍ଲୀ,୨୪।୯ (ପି.ଟି.)**

ଅକ୍ଟୋବର ୧୭ରେ ହେବାକୁ ଥିବା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ବରିଷ୍ଠ ନେତା ଶଶୀ ଥରୁର ଶନିବାର ଦଳୀୟ ମୁଖ୍ୟାଳୟରୁ ନାମାଙ୍କନ ଫର୍ମ ସଂଗ୍ରହ କରିଛନ୍ତି। ନାମାଙ୍କନ ପତ୍ରରେ ଅନ୍ୟୂନ ୧୦ ରାଜ୍ୟର କଂଗ୍ରେସ କମିଟି ପ୍ରତିନିଧିଙ୍କ ସମର୍ଥନ ରହିବା ଆବଶ୍ୟକ ଥିବାରୁ ସେମାନଙ୍କ ଦସ୍ତଖତ ସଂଗ୍ରହ ପରେ ଥରୁର ଆସନ୍ତା ୩୦ ତାରିଖରେ ନୋମିନେଶନ ଦାଖଲ କରିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ନାମାଙ୍କନ ପ୍ରକ୍ରିୟା ଆରମ୍ଭର ପ୍ରଥମ ଦିନରେ ଥରୁରଙ୍କ ଘନିଷ୍ଠ ସହଯୋଗୀ ଆଲିମ୍ ଜାଭେରି କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରିଙ୍କଠାରୁ ଏହି ଫର୍ମ ସଂଗ୍ରହ କରିଛନ୍ତି। ଏହି ନିର୍ବାଚନରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ସହ ଥରୁରଙ୍କର ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି।

# ଭାଜପାରେ ମିଶିବା ଲାଗି ଯୋଗାଯୋଗରେ ଅଛନ୍ତି ୨୧ ଟିଏମ୍‌ସି ବିଧାୟକ: ମିଥୁନ୍

**କୋଲକାତା,୨୪।୯**

ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୨୧ ଜଣ ବିଧାୟକ ଭାଜପାରେ ଯୋଗଦେବା ଲାଗି ତାଙ୍କ ସହ ଯୋଗାଯୋଗରେ ଥିବା ଅଭିନେତାରୁ ରାଜନେତା ହୋଇଥବା ମିଥୁନ୍ ଚକ୍ରବର୍ତ୍ତୀ ପୁଣିଥରେ ଦାବି କରିଛନ୍ତି। କୋଲକାତାସ୍ଥିତ



ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସୂଚନା ଦେଇ ମିଥୁନ୍ କହିଛନ୍ତି, ଟିଏମ୍‌ସି ନେତାମାନେ ଯୋଗାଯୋଗରେ ଥିବାବେଳେ କେବଳ ସମୟକୁ ଅପେକ୍ଷା କରାଯାଇଛି। ତେବେ ସେମାନଙ୍କୁ ନେବା ଲାଗି ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ ରହିଥିବା ସେ ଜାଣନ୍ତି ବୋଲି କହିଛନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରରେ ସିବିଆଇ ଏବଂ ଇଡିର ଦୁରୁପଯୋଗ ହେଉଥିବା ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ସମ୍ପୃକ୍ତ ଥିବା ସେ ଭାବୁନାହାନ୍ତି ବୋଲି କହିଥିଲେ। ଏହା ଉପରେ ଖବରଦାତାମାନେ ମିଥୁନ୍‌ଙ୍କ ପ୍ରତିକ୍ରିୟା ଜାଣିବାକୁ ଚାହିଁବାରୁ ସେ କହିଥିଲେ, ଭାବୁଛି ମମତା ଠିକ୍ କହଛନ୍ତି। ବାସ୍ତବରେ ପ୍ରଧାନମନ୍ତ୍ରୀ ଏହା କରି ନ ଥାନ୍ତି। ତଦନ୍ତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥାଏ। ଭାଜପା ପଶ୍ଚିମବଙ୍ଗ ଶାଖା ତାଙ୍କ ପଛରେ ପଡ଼ିଥିବା ମମତା ଅଭିଯୋଗ କରିଥିଲେ। ତେବେ ସେ ଯଦି ସ୍ୱଚ୍ଛ ଏବଂ କୌଣସି ଭୁଲ୍ କରି ନାହାନ୍ତି, ତେବେ ଘରେ ଶାନ୍ତିରେ ଶୁଅନ୍ତୁ। ଯଦି ତାଙ୍କର ଭୁଲ୍ କାର୍ଯ୍ୟ ସମ୍ପର୍କିତ ପ୍ରମାଣ ମିଳେ, ପ୍ରଧାନମନ୍ତ୍ରୀ କି ରାଷ୍ଟ୍ରପତି ମଧ ରକ୍ଷା କରିପାରିବେ ନାହିଁ ବୋଲି ମିଥୁନ୍ କହିଛନ୍ତି।

# ବିଜେଡିରୁ ବାଣୀକଲ୍ୟାଣ ମହାନ୍ତି ନିଲମ୍ବିତ

**ଭୁବନେଶ୍ୱର/ପଦ୍ମପୁର (ବ୍ୟୁରୋ/ଡି.ଏନ୍.ଏ.),୨୪।୯**

ଯୁବ ବିଜେଡି ସାଧାରଣ ସମ୍ପାଦକ ପଦରୁ ବାଣୀକଲ୍ୟାଣ ମହାନ୍ତିଙ୍କୁ ଶନିବାର ନିଲମ୍ବିତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ବିଜେଡି ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ସୂଚନାଯୋଗ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ତଥା ବଲାଙ୍ଗୀର ପର୍ଯ୍ୟବେକ୍ଷକ ବାଣୀକଲ୍ୟାଣ କିଛିଦିନ ତଳେ ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତକୁ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ସ୍ଥାନୀୟ ବିଧାୟକ ଓ ଏମ୍‌ପିଙ୍କୁ ଦେଖିବାକୁ ମିଳି ନ ଥିଲା। ତେବେ ଏହି ସମୟରେ ସେ ଦଳବିରୋଧୀ କାର୍ଯ୍ୟ କରିଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ବାଣୀକଲ୍ୟାଣଙ୍କ ଘର ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମରେ।

# ପଞ୍ଜାବରେ ଅପରେଶନ ଲୋଟସ୍ ପାଇଁ ରାଜ୍ୟପାଳ କାର୍ଯ୍ୟ କରୁଛନ୍ତି

**ଚଣ୍ଡିଗଡ଼,୨୪।୯**

ପଞ୍ଜାବରେ ଅପରେଶନ ଲୋଟସ୍ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟପାଳ ବନ୍‌ୱାରିଲାଲ୍ ପୁରୋହିତ ଭାଜପା ତରଫରୁ କାର୍ଯ୍ୟ କରୁଥିବା ଭଗୱନ୍ତ ମାନ୍‌ଙ୍କ ଏଏପି ସରକାର ଅଭିଯୋଗ ଆଣିଛି। ଯେଉଁସବୁ ରାଜ୍ୟରେ ଭାଜପା ଶାସନରେ ନାହିଁ, ସେଠାରେ ରାଜ୍ୟପାଳମାନଙ୍କୁ ଗୈରିକ ଦଳର ଏଜେଣ୍ଡା କାର୍ଯ୍ୟକାରୀ କରି ସରକାରଙ୍କୁ କାର୍ଯ୍ୟ କରାଇ ନ ଦେବା ଲାଗି ଦାୟିତ୍ୱ ଦିଆଯାଇଛ ବୋଲି ପଞ୍ଜାବ ଶକ୍ତିମନ୍ତ୍ରୀ ଅମନ ଆରୋରା ଅଭିଯୋଗ କରିଛନ୍ତି। ଏଏପି ସରକାରଙ୍କୁ ରାଜ୍ୟପାଳଙ୍କ ନୋଟିସ୍ ଯୋଗୁ ଏହି ଦଳ ସମ୍ବିଧାନ ଅନୁଯାୟୀ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରୁ ନ ଥିବା ସେ କହିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ

## ଏଏପିର ଅଭିଯୋଗ

କୌଣସି ରାଷ୍ଟ୍ରପତି କିମ୍ବା ରାଜ୍ୟପାଳ ବିଧାନସଭା ଅଧିବେଶନ ଡାକିବା ପୂର୍ବରୁ ସରକାରଙ୍କୁ ଆଲୋଚନା ହେବାକୁ ଥିବା ପ୍ରସଙ୍ଗଗୁଡ଼ିକର ତାଲିକା ମାଗି ନ ଥିଲେ। ପଞ୍ଜାବ ରାଜ୍ୟପାଳ ଭାଜପା ତରଫରୁ କାର୍ଯ୍ୟ କରୁଥିବାରୁ ପ୍ରଥମ ଥର ପାଇଁ ଏଭଳି ତାଲିକା ମଗାଯାଇଥିବା ଆରୋରା କହିଛନ୍ତି। ସେହିପରି ଦିଲ୍ଲୀ ଉପରାଜ୍ୟପାଳ ମଧ ସେଠାର ଏଏପି ସରକାରଙ୍କ କାର୍ଯ୍ୟରେ ବିଭିନ୍ନ ସମୟରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଏଏପିର ଲୋକପ୍ରିୟତା ବୃଦ୍ଧିକୁ ନେଇ ଭାଜପା ଭୟଭୀତ। ସେଥିପାଇଁ ଏଏପିର ଲୋକାଭିମୁଖୀ କାର୍ଯ୍ୟକୁ ବନ୍ଦ କରିବାକୁ ସେମାନେ ଚାହାନ୍ତି ବୋଲି ଆରୋରା ଅଭିଯୋଗ କରିଛନ୍ତି।




| INDIA RANK | LIST OF THE TOP INDIAN INSTITUTIONS | WORLD RANK |
|---|---|---|
| 1 | Indian Institute of Science | 301-400 |
| 2-3 | University of Delhi | 601-700 |
| 2-3 | Vellore Institute of Technology | 601-700 |
| 4-7 | IIT Delhi | 701-800 |
| 4-7 | IIT Madras | 701-800 |
| 4-7 | IIT Roorkee | 701-800 |
| 4-7 | Jawaharlal Nehru University | 701-800 |
| 8 | IIT Kharagpur | 801-900 |

ମାତଃ ଦୁର୍ଗେ ! ସ୍ୱାର୍ଥ, ଭୟ, କ୍ଷୁଦ୍ରାଶୟତାରେ ମ୍ରିୟମାଣ ଭାରତ। ଆମ୍ଭମାନଙ୍କୁ ମହତ୍ କର। ମହତ୍ ପ୍ରୟାସୀ କର। ଉଦାରଚେତା କର। ସତ୍ୟ ସଙ୍କଳ୍ପ କର – ଯେପରି ଆଉ ଅଳ୍ପାଶୀ, ନିଶ୍ଚେଷ୍ଟ, ଅଳସ ଭୟଭୀତ ନ ହେଉ। – ଶ୍ରୀଅରବିନ୍ଦ



# ସିଭିଲ ସୋସାଇଟିର କ୍ଷତି



ଆକାର ପଟେଲ

ଶୁକ୍ରବାର ଭାରତର ପ୍ରଧାନମନ୍ତ୍ରୀ ସର୍ଦ୍ଦାର ସରୋବର ନିର୍ମାଣରେ ବାଧା ସୃଷ୍ଟି କରୁଥିବା ଲୋକମାନଙ୍କ ପ୍ରତି ଅର୍ବାନ ନକ୍ସଲ ବା ସହରୀ ନକ୍ସଲ ଶବ୍ଦ ପ୍ରୟୋଗ କରିଥିଲେ। ଏମିତି ଆକ୍ରମଣାତ୍ମକ ମନ୍ତବ୍ୟ ଦେବା ଏକ ସାଧାରଣ କଥା ହୋଇ ଆସିଛି। ତେବେ ତା' ଭିତରେ ପ୍ରଧାନମନ୍ତ୍ରୀ ବି ସିଭିଲ ସୋସାଇଟିକୁ ଶତ୍ରୁ ମଣି ଆକ୍ରମଣ କରିଛନ୍ତି। ୨୧ ଫେବୃୟାରୀ ୨୦୧୬ରେ ସେ ଭୁବନେଶ୍ୱରରେ ଏକ ରାଲିରେ କହିଥିଲେ, ''ସେ ଏନ୍‌ଜିଓଗୁଡ଼ିକର ଷଡ଼ଯନ୍ତ୍ରର ଶିକାର ହେଉଥିଲେ। ତାଙ୍କୁ ଶେଷ କରିଦେବା ସହ ତାଙ୍କ ସରକାରକୁ ତଡ଼ିଦେବା ଲକ୍ଷ୍ୟରେ ଏହା କରାଯାଇଥିଲା। ଏଠାରେ ଖର୍ଚ୍ଚ କରୁଥିବା ବିଦେଶୀ ପାଣ୍ଠିରୁ କିଛି ଅଂଶ ଆମକୁ ଦେବା ଲାଗି କେତେକ ଏନ୍‌ଜିଓକୁ ମୁଁ କହିଥିବାରୁ ସିଭିଲ ସୋସାଇଟିର ମୋ ପ୍ରତି ମଧ୍ୟ ଅସନ୍ତୋଷ ଭାବ ଥିଲା। ମୋଦି ମଧ୍ୟ କହିଥିଲେ ଯେ, କିଭଳି ମୋଦିଙ୍କୁ ଶେଷ କରିବେ ଓ ତାଙ୍କ ସରକାରକୁ ବିଦା କରିବେ ଓ କେମିତି ମୋଦିଙ୍କୁ ଅପମାନିତ କରିବେ ସେଥିପାଇଁ ସେମାନେ ସକାଳୁ ସଞ୍ଜଯାଏ ଚକ୍ରାନ୍ତ କରନ୍ତି। କିନ୍ତୁ ବନ୍ଧୁଗଣ, ଏ ସବୁ ରୋଗରୁ ଦେଶକୁ ମୁକ୍ତ କରିବା ଲାଗି ଆପଣମାନେ ମୋତେ ଭୋଟ ଦେଇଛନ୍ତି।'' ଏହି ସବୁ କଥାରୁ ଜଣାପଡୁଛି ,ମୋଦି ତାଙ୍କ ଲକ୍ଷ୍ୟ ହାସଲ କରିବାରେ ଏବେ ସଫଳ ହୋଇଛନ୍ତି। ମୋଦି ନେତୃତ୍ୱ ନେବା ପରଠାରୁ ବିଦେଶ ପାଣ୍ଠି ଗ୍ରହଣ କରିବା ନେଇ ୧୪,୦୦୦ ଏନ୍‌ଜିଓ ଉପରେ କଟକଣା ଲଗାଇଥିବା ଡିସେମ୍ବର ୨୦୧୯ରେ ପାର୍ଲାମେଣ୍ଟରେ କୁହାଯାଇଥିଲା। ଫଳରେ ପାଣ୍ଠି ୯୦% କମି ୨୦୧୮ର ୨.୨ ବିଲିୟନ ଆମେରିକୀୟ ଡଲାରରୁ ଖସି ଏହା ୨୦୧୯ରେ ପହଞ୍ଚିଛି ୨୯୫ ଡଲାରରେ। ଏହାଦ୍ୱାରା କେବଳ ଏନ୍‌ଜିଓର କର୍ମଚାରୀ ନୁହନ୍ତି, ବରଂ ତାହା ସହ କାମ କରୁଥିବା ଲୋକମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି। ବଳପୂର୍ବକ ପଦକ୍ଷେପ ଏବଂ ଅପରାଧ ଆଇନର ବିଭିନ୍ନ ବାଟରେ ଏନ୍‌ଜିଓଗୁଡ଼ିକ ଉପରେ ଆକ୍ରମଣ ହୋଇଛି। ଉଲ୍ଲେଖନୀୟ ଯେ, ଫରେନ୍ କଣ୍ଟ୍ରିବ୍ୟୁଶନ ରେଗୁଲେଶନ ଆକ୍ଟ (ଏଫ୍‌ସିଆର୍‌ଏ) ପରିବର୍ତ୍ତନ କରି ଏହା କରାଯାଇଛି। ଭାରତର ନିର୍ବାଚନ ପ୍ରକ୍ରିୟା ଏବଂ ଗଣତନ୍ତ୍ରରେ ବାହାରର ହସ୍ତକ୍ଷେପ ରୋକିବା ଲାଗି ୧୯୭୬ରେ ଏଫ୍‌ସିଆର୍‌ଏ ପ୍ରଥମେ ଅଣାଯାଇଥିଲା। ରାଜନୈତିକ ଦଳ ଓ ତା'ପ୍ରାର୍ଥୀମାନଙ୍କୁ, ସାମ୍ବାଦିକ ଓ ଖବରକାଗଜ ପ୍ରକାଶକ, ବିଚାରପତି, ଅମଲାତନ୍ତ୍ରୀ ଏବଂ ଲୋକସଭା ସଦସ୍ୟମାନଙ୍କୁ ବିଦେଶ ଅର୍ଥ ଗ୍ରହଣ କରିବା ଲାଗି ଏଥିରେ ନିଷେଧ କରାଯାଇଥିଲା। ଇତିମଧ୍ୟରେ ଆର୍ଥିକ ଉଦାରୀକରଣ ଏମାନଙ୍କ ମଧ୍ୟରେ ଅନେକଙ୍କୁ ବିଦେଶ ଅର୍ଥ ଗ୍ରହଣ କରିବାକୁ ଅନୁମତି ଦେଲା ଓ ଏଭଳି ଅର୍ଥ ଆଣିବା ଲାଗି ଭାରତ ସରକାର ବି ପ୍ରୋତ୍ସାହିତ କଲେ। ସେତେବେଳେ ପ୍ରତ୍ୟକ୍ଷ ବିଦେଶୀ ନିବେଶ(ଏଫ୍‌ଡିଆଇ)କୁ ସ୍ୱାଗତ କରାଯାଇଥିଲା ଓ ଏହାର ସଂଖ୍ୟାକୁ ନେଇ ସରକାର ଗର୍ବ ଅନୁଭବ କରିଥିଲେ। ଏପରିକି ରାଜନୈତିକ ଦଳଗୁଡ଼ିକ ଏଫ୍‌ସିଆର୍‌ଏରୁ ନିଜକୁ ମୁକ୍ତ କରିବାରେ ସଫଳ ହୋଇପାରିଲେ। ଜାନୁୟାରୀ ୨୦୧୩ରେ ଦିଲ୍ଲୀ ହାଇକୋର୍ଟରେ ଦାୟର ଏକ ଜନସ୍ୱାର୍ଥ ମାମଲା ଦର୍ଶାଇଥିଲା ଯେ, ଭାରତୀୟ ଜନତା ପାର୍ଟି(ଭାଜପା) ଏବଂ କଂଗ୍ରେସ ଏଫ୍‌ସିଆର୍‌ଏ ଆଇନ ଉଲ୍ଲଂଘନ କରିଥିବା ବେଦାନ୍ତ/ ଷ୍ଟେର୍‌ଲାଇଟ କମ୍ପାନୀଠାରୁ ଅନୁଦାନ ଗ୍ରହଣ କରିଥିଲେ। ୨୮ ମାର୍ଚ୍ଚ ୨୦୧୪ରେ କୋର୍ଟ ରାୟ ଶୁଣାଇଲେ ଯେ,ଏଫ୍‌ସିଆର୍‌ଏ ଉଲ୍ଲଂଘନ ଲାଗି ଭାଜପା ଓ କଂଗ୍ରେସ ଦୋଷୀ ଏବଂ ମେ'ରେ ଏହି ଦୁଇ ଦଳ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସରକାରଙ୍କୁ କହିଲେ। ଜୁଲାଇ ଏବଂ ଅଗଷ୍ଟରେ କଂଗ୍ରେସ ଓ ଭାଜପା ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାୟର କଲେ। ତେବେ ୨୦୧୬ ବଜେଟରେ ଯେତେବେଳେ ବିଦେଶ ଉତ୍ସର ସଂଜ୍ଞା ପରିବର୍ତ୍ତନ କରାଯାଇ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ଅନୁଦାନକୁ ବୈଧ କରାଗଲା ସେତେବେଳେ ଏଫ୍‌ସିଆର୍‌ଏ ପରିବର୍ତ୍ତନ ହୋଇଗଲା। ଉକ୍ତ ପରିବର୍ତ୍ତନ ଅବ୍ୟବସ୍ଥିତ ଭାବେ କରାଗଲା ଓ ଆଇନର ଭୁଲ୍ ସଂସ୍କରଣକୁ ସଂଶୋଧନ କରାଯାଇଥିଲା। ପରେ ଦଳଗୁଡ଼ିକୁ ଆଇନ ପଞ୍ଝାରୁ ମୁକୁଳାଇବା ଲାଗି ପୁନର୍ବାର ୨୦୧୮ରେ ଆଉ ଏକ ସଂଶୋଧନ ପାସ୍ କରାଗଲା । ଏହି ପରିବର୍ତ୍ତନ କରାଯିବା ପରେ ଇଲେକ୍ଟୋରାଲ ବଣ୍ଡ୍ ସ୍କିମରେ ଭାଜପା ଏବଂ ଅନ୍ୟ ଦଳଗୁଡ଼ିକ ବିଦେଶରୁ ଗୁପ୍ତରେ ଅସୀମିତ ପାଣ୍ଠି ଗ୍ରହଣ କରିବା ଲାଗି ସୁଯୋଗ ପାଇଗଲେ। କିନ୍ତୁ ବେସରକାରୀ ସଂସ୍ଥା, ଏନ୍‌ଜିଓ ଆଇନ ନିୟନ୍ତ୍ରଣରେ ରହିଗଲେ। ସେମାନଙ୍କ କାର୍ଯ୍ୟକଳାପ ଲଗାତର ହ୍ରାସ ପାଇଚାଲିଲା ଓ ମୋଦି ଶାସନରେ ଏଫ୍‌ସିଆର୍‌ଏ ସଂଶୋଧନ ଦ୍ୱାରା ସେମାନେ ପାଣ୍ଠିଶୂନ୍ୟ ହୋଇଗଲେ।

ପରିବର୍ତ୍ତନ ଭିତରେ ମୁଖ୍ୟ ୪ଟି ବିଷୟ ଥିଲା। ପ୍ରଥମରେ ବିଦେଶ ଅର୍ଥ ପାଇବାକୁ ଏଫ୍‌ସିଆର୍‌ଏ ଲାଇସେନ୍ସ ଥିବା ୨୩,୦୦୦ ଏନ୍‌ଜିଓ କେବଳ ନୂଆଦିଲ୍ଲୀରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସଂସଦ ମାର୍ଗ ଶାଖାରେ ପାଣ୍ଠି ଗ୍ରହଣ କରିପାରିବେ। ଦ୍ୱିତୀୟ ପରିବର୍ତ୍ତନ ଥିଲା, ପ୍ରଶାସନିକ ବ୍ୟୟ ବାବଦରେ ଏନ୍‌ଜିଓମାନେ ଗ୍ରହଣ କରୁଥିବା ଅର୍ଥର କେବଳ ୨୦% ଖର୍ଚ୍ଚ କରିପାରିବେ। ତୃତୀୟରେ ଥିଲା ଏନ୍‌ଜିଓଗୁଡ଼ିକ ଗ୍ରହଣ କରିଥିବା ପାଣ୍ଠି ଏଫ୍‌ସିଆର୍‌ଏରେ କାର୍ଯ୍ୟ କରୁଥିବା ଅନ୍ୟ ଏନ୍‌ଜିଓଗୁଡ଼ିକୁ ବାଣ୍ଟିବା ଉପରେ ନିଷେଧାଦେଶ। ଏହା ନିଶ୍ଚିତ ଭାବେ ସେମାନଙ୍କ ମେଣ୍ଟ ଓ ପାରସ୍ପରିକ ସହଭାଗିତାଭିତ୍ତିକ କାର୍ଯ୍ୟଦକ୍ଷତାକୁ କ୍ଷତି କରିବ। ଚତୁର୍ଥରେ ଆଇନରେ ଏନଜିଓଗୁଡ଼ିକର ପଞ୍ଜୀକରଣ କିମ୍ବା ସେମାନଙ୍କ ଏଫ୍‌ସିଆର୍‌ଏ ଲାଇସେନ୍ସ ନବୀକରଣ କରାଯିବାରେ ସମସ୍ତ ଅଫିସ କର୍ମଚାରୀ, ଡାଇରେକ୍ଟର କିମ୍ବା ଅନ୍ୟ କର୍ମକର୍ତ୍ତାମାନଙ୍କ ଆଧାର ପ୍ରଦାନ କରିବା ବାଧ୍ୟତାମୂଳକ। ଏହା ସରକାରଙ୍କୁ ଏକ ଅଧିକାର ଦେଲା ଯେଉଁଥିରେ ଯେତେବେଳେ ଚାହିଁବେ ଏଫ୍‌ସିଆରଏ ଲାଇସେନ୍ସ ରଦ୍ଦ କରିପାରିବେ। ଏଣୁ ଅନ୍ୟ ପ୍ରାଇଭେଟ୍ ସେକ୍ଟରଗୁଡ଼ିକୁ କିଭଳି ଦେଖାଯାଉଥିବା ତାହା କହିବା ନିଷ୍ପ୍ରୟୋଜନ। ଜଣାଯାଏ.କାର୍ଯ୍ୟାନୁଷ୍ଠାନ କେବଳ ଏନ୍‌ଜିଓଗୁଡ଼ିକ ପାଇଁ ଉଦ୍ଦିଷ୍ଟ। ସିଭିଲ ସୋସାଇଟି ପ୍ରତି ଏଭଳି ବିରୋଧୀ ମନୋଭାବ ନୂଆ ନ ଥିଲା। ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ ୨୦୧୪ରେ ଏକ ଭାଷଣରେ ଏନ୍‌ଜିଓ ଏବଂ ବାହାର ଦେଶଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ନେଇ ଯାହା କହିଥିଲେ ସେଥିରେ ଏନ୍‌ଜିଓ ବିରୋଧୀ ଭାବ ପ୍ରକାଶ ପାଇଥିଲା। ପ୍ରଧାନମନ୍ତ୍ରୀ ଭାବେ ସେ ଇଚ୍ଛାମୁତାବକ ତାଙ୍କ ପାଖରେ ଥିବା ଏଜେନ୍ସି ଓ ସ୍ୱାଧୀନତାକୁ ଲଗାଇଦେଇ ବ୍ୟାପକ ଓ ଅଭିନବ ଉପାୟରେ ସୋସାଇଟିର ଭାରି କ୍ଷତି କରିଛନ୍ତି।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | | | | 1 |
| | | | 1 | 9 | 4 | | | |
| | | | | | 8 | 3 | | |
| | 5 | | | | 3 | 4 | | |
| | | 2 | 7 | | | | | 5 |
| 8 | | | 5 | 6 | | | | |
| | 3 | | 4 | | 9 | | | |
| | | 9 | 6 | 1 | | | | |
| | | | | | | | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 5 | 3 | 6 | 2 | 8 | 7 | 4 |
| 4 | 2 | 8 | 9 | 5 | 7 | 6 | 3 | 1 |
| 7 | 3 | 6 | 8 | 4 | 1 | 5 | 2 | 9 |
| 3 | 9 | 2 | 5 | 8 | 4 | 1 | 6 | 7 |
| 5 | 7 | 1 | 2 | 3 | 6 | 4 | 9 | 8 |
| 6 | 8 | 4 | 7 | 1 | 9 | 3 | 5 | 2 |
| 1 | 5 | 7 | 4 | 9 | 3 | 2 | 8 | 6 |
| 8 | 4 | 9 | 6 | 2 | 5 | 7 | 1 | 3 |
| 2 | 6 | 3 | 1 | 7 | 8 | 9 | 4 | 5 |

ଗତ କାଲିର ଉତ୍ତର

# ଋଣ ଖିଲାପକାରୀ ସନ୍ତାନ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଯେ ଋଣ ସେଇ ଋଣ ପରି ନୁହେଁ, ଯେମିତିକି ଗୃହ ଋଣ, କୃଷି ଋଣ ଅବା ପାଠପଢ଼ା ଋଣ, ଏ ଏମିତି ଏକ ଋଣ, ଯାହା ପାଇବା ଅବା ଶୁଝିବା ପାଇଁ କିଛି ଲିଖିତ ସନନ୍ଦପତ୍ର ନ ଥାଏ କି କେହି ସାକ୍ଷୀ ସନ୍ତକର ଲୋଡ଼ା ପଡ଼ି ନ ଥାଏ। ବାସ୍, କେବଳ ପାଇବା ବେଳେ ବେଶ୍ ଭାରି ଭାରି ଲାଗୁ କି ନ ଲାଗୁ, ଶୁଝିବା ବେଳେ କିନ୍ତୁ ଅନ୍ତରରେ ସୃଷ୍ଟି ହୋଇଥାଏ ଏକ ଅନିର୍ବଚନୀୟ ଉଶ୍ୱାସକର ଅନୁଭବ। ପିତୃସତ୍ୟ ପାଳିବା ପାଇଁ ବଚନବଦ୍ଧ ରାମ ଯେତେବେଳେ ସୀତା ଓ ଲକ୍ଷ୍ମଣଙ୍କ ସହ ଅଯୋଧ୍ୟା ପରିତ୍ୟାଗ କଲେ, ସେତେବେଳେ ସହସ୍ରାଧିକ ଶୋକାକୁଳ ଅଯୋଧ୍ୟାର ନରନାରୀ ସରଯୁ ନଦୀକୂଳରେ ତାଙ୍କ ପଥ ଓଗାଳି ଏଭଳି ଏକ ନିଷ୍ଠୁର ନିଷ୍ପତ୍ତିରୁ ନିବୃତ୍ତ ରହିବାକୁ ବିକଳ ଅନୁରୋଧ କଲେ। ମାତ୍ର ସେ ଯେଉଁ ଚମତ୍କାର ଉତ୍ତର ରଖିଥିଲେ ତାହା ଥିଲା ଏହିପରି– ''ବାଲ୍ୟକାଳରୁ ଏ ଯାବତ୍ ମୋ ପିତାଙ୍କ ନିକଟରୁ ଯାହା ଯେତେ ଋଣ କରିଛି ଆଜି ତାଙ୍କ ଇଚ୍ଛା ପୂରଣ କରି ତହିଁରୁ ସାମାନ୍ୟ ଶୁଝିବାକୁ ସେ ମୋତେ ଏକ ସୁଯୋଗ ଦେଇଛନ୍ତି। ଆପଣମାନେ ବାଧକ ହୋଇ ମୋତେ ସେ ସୁଯୋଗରୁ ବଞ୍ଚିତ କରନ୍ତୁ ନାହିଁ।'' ଆଲୋଚ୍ୟ ପ୍ରସଙ୍ଗଟି ସେଇ ଋଣ ପର୍ଯ୍ୟାୟର। ଏହି ଋଣର ନାମ ପିତୃଋଣ ବା ମାତୃଋଣ, ଯାହା ପାଇଲା ପରେ ଦାରୁଣ ଦୈନ୍ୟ ମଧ୍ୟରେ ବି ମା'ବାପା'ଙ୍କ ଛତ୍ରଛାୟା ତଳେ ସନ୍ତାନଟିଏ ନିଜକୁ ଦିଗ୍‌ବିଜୟୀ ବାଦ୍‌ଶାହା ମନେକରେ। ଅଥଚ ବିଡ଼ମ୍ବନାର ବିଷୟ, ମା'ବାପାଙ୍କ ହାତ ଛାଡ଼ି ଥରେ ନିଜ ଗୋଡ଼ରେ ଛିଡ଼ା ହେବାର ସାମର୍ଥ୍ୟ ଅର୍ଜନ କଲେ ସନ୍ତାନଟିର ବିସ୍ମୃତି ଗର୍ଭରେ ହଜିଯାଏ ତା'ର ଯେତେସବୁ ଅତୀତ। ସେ ଯେ ତା'ର ଜନ୍ମଦାତା ଓ ଜନ୍ମଦାତ୍ରୀଙ୍କଠୁଁ ପାଇଥିବା ସ୍ନେହଶ୍ରଦ୍ଧା, ସେବାଶୁଶ୍ରୂଷା ଓ ଲାଳନପାଳନର ଅସୁମାରି ସମ୍ପଦରେ ଋଣଗ୍ରସ୍ତ ଏବଂ ସେମାନଙ୍କ ପରିଣତ ବୟସରେ ଏହି ଋଣକୁ ପରିଶୋଧ କରିବାର ସମୟ ଯେ ଏବେ ଉପନୀତ ; ଏହି ସତ୍ୟକୁ ସେ ଜାଣିଜାଣି ଭୁଲିଯାଏ। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ। କେଉଁଠି ବାଙ୍ଗାଲୋର ବା ନ୍ୟୁୟର୍କରେ ରହୁଥିବା ସନ୍ତାନର ବାଟ ଚାହିଁଚାହିଁ ବୃଦ୍ଧ ବାପାଟିଏ ସବୁଦିନ ପାଇଁ ଆଖି ବୁଜିଦିଏ ତ ଅନ୍ୟ କେଉଁଠି ନିଜ ପତ୍ନୀ ଓ ପିଲାମାନଙ୍କ ବାହାରେ ପରିବାରର ପରିଭାଷା ସରିଯାଇଛି ବୋଲି ମନେକରୁଥିବା ପୁଅର ନିର୍ଯାତନା ସହି ନ ପାରି ବୁଢ଼ୀ ମାଆଟିଏ ବୃଦ୍ଧାଶ୍ରମରେ ଆଶ୍ରୟ ନିଏ।

ଅଳ୍ପ କେଇଦିନ ତଳେ ସଂସ୍କାର କଥା ଦୂରେ ଥାଉ, ମାନବିକତା ହରାଇ ବସିଥିବା ଏମିତି ଜଣେ ଋଣ ଖିଲାପକାରୀ ସନ୍ତାନର ଅପକୀର୍ତ୍ତି ପ୍ରତ୍ୟେକ ଗଣମାଧ୍ୟମରେ ଛାଇ ହୋଇ ଯାଇଥିଲା। ରାଜନଗର ଅଞ୍ଚଳର ଜଣେ ଅଶୀତିପର ବୃଦ୍ଧଙ୍କର ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ମୃତ୍ୟୁ ହୋଇଯାଇଥିଲା। ବୃଦ୍ଧଙ୍କର ହସ୍ପିଟାଲରେ ଚିକିତ୍ସା ଚାଲିଥିଲା ବେଳେ ଭୁବନେଶ୍ୱରରେ ରହୁଥିବା ତାଙ୍କର ଏକମାତ୍ର ପୁଅ ହାତରେ ତାଙ୍କ ପାଖକୁ ଆସିବା



ପାଇଁ ସମୟ ତ ନ ଥିଲା, ସେ ମରିଗଲା ପରେ ମଧ୍ୟ ଦୀର୍ଘ ସାତଘଣ୍ଟା କାଳ ହସ୍ପିଟାଲ ଶଯ୍ୟା ଉପରେ ତାଙ୍କ ଶବ ପଡ଼ିରହିଥିଲା ସିନା ; ଖବର ପାଇ ମଧ୍ୟ ତାକୁ କାନ୍ଧ ଦେଇ ଶ୍ମଶାନକୁ ବୋହି ନେବା ପାଇଁ ପୁଅର ଦେଖା ନ ଥିଲା। ନିଜ ସନ୍ତାନର ଆସିବା ପଥକୁ ଆତୁର ଭାବେ ଚାହିଁ ରହିଥିବା ସତୁରି ବର୍ଷର ବୁଢ଼ୀ ମାଆଟି ଶେଷରେ ନିଜ ସଦ୍ୟ ବୈଧବ୍ୟର ଯନ୍ତ୍ରଣାକୁ ଭୁଲିଯାଇ ଗାଁ ଲୋକଙ୍କ ସାହାଯ୍ୟରେ ନିଜ ପତିଙ୍କ ଦାହ ସଂସ୍କାର କରିଥିଲା। ଏମିତି ଅବିବେକୀ ହୋଇପାରନ୍ତି କେମିତି ସନ୍ତାନମାନେ!

ଆଉ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟ। କେଇ ବର୍ଷ ତଳେ ଚାନ୍ଦବାଲି ବଜାରର ସଡ଼କ କଡ଼ରେ ଅଶୀବର୍ଷ ଅତିକ୍ରମ କରି ସାରିଥିବା ବୁଢ଼ୀଟିଏ ଘଣ୍ଟା ଘଣ୍ଟା ଧରି ବସି ରହିଥିଲା ତା' ପୁଅକୁ ଅପେକ୍ଷା କରି। ପଚାରିବା ଲୋକଙ୍କୁ କହୁଥିଲା, ତା' ପୁଅ ତାକୁ ଡାକ୍ତର ଦେଖାଇବାକୁ ଆଣିଛି। ସେଇ ମାଆଟି ଜାଣି ନ ଥିଲା ଯେ ନିଜ ପତ୍ନୀର ନିର୍ଦ୍ଦେଶ ମାନି ତା' ପୁଅ ଡାକ୍ତରଖାନା ନେବା ବାହାନାରେ ତାକୁ ସହରକୁ ଆଣି, ସେଠାରେ ତାକୁ ପରିତ୍ୟାଗ କରି ଗାଁକୁ ଫେରିଯାଇଛି।

ଖବର ପ୍ରକାଶ ପାଇଥିଲା ଯେ, ଏକଦା ଗସ୍ତରେ ଯାଉଥିବା ରାଜ୍ୟର ମୁଖ୍ୟ ଶାସନ ସଚିବ ରାସ୍ତାଧାରରେ ବସି କାନ୍ଦୁଥିବା ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରି ସାଙ୍ଗରେ ନେଇଥିଲେ ଓ ତାଙ୍କଠାରୁ ପୁଅବୋହୂଙ୍କଠୁଁ ଭୋଗୁଥିବା ନିର୍ଯାତନା ସମ୍ପର୍କରେ ଶୁଣି ବିହିତ ପ୍ରତିକାର କରିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବ୍ୟାଙ୍କ୍‌ର ଋଣ ଖିଲାପକାରୀ ଆଇନ ଅନୁଯାୟୀ ଦଣ୍ଡିତ ହେଲା ଭଳି ନିଜ ବୃଦ୍ଧା ମାଆଙ୍କ ଋଣ ପରିଶୋଧ ନ କରି ପ୍ରତାରିତ କରିଥିବା ପୁଅଟି ଆମ ଶାସନ ବ୍ୟବସ୍ଥା ଦ୍ୱାରା ଦଣ୍ଡିତ ହୋଇଥିଲା। ମାତ୍ର ନିଜ ନିଜର ସନ୍ତାନମାନଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ସବୁ ହତଭାଗ୍ୟ ମାଆ ବାପାମାନେ ମୁଖ୍ୟ ଶାସନ ସଚିବଙ୍କ ନଜରରେ ପଡ଼ିଲା ଭଳି ସୌଭାଗ୍ୟର ତ ଅଧିକାରୀ ନୁହନ୍ତି। ସୁତରାଂ, 'କ'ଣ କରିବା– କପାଳରେ ସିନା କର ମାରିବା' ହିଁ ସେମାନଙ୍କର ଭାଗ୍ୟ ଓ ଭବିତବ୍ୟ। ଏ ପ୍ରସଙ୍ଗରେ ପିତାପୁତ୍ର ସମ୍ପର୍କର ଇତିହାସରେ ଏହି ନିଷ୍ଠୁରତମ ଅଧ୍ୟୟନ ଅନୁଧ୍ୟାନ କରାଯାଉ।

ଗୋପୀ ମହାରଣା ନାମକ ଜଣେ ବୃଦ୍ଧଙ୍କୁ କିଛି ସ୍ୱେଚ୍ଛାସେବୀ ଉଦ୍ଧାର କରିଥିଲେ ରାଜଧାନୀ ଉପକଣ୍ଠ ଲିଙ୍ଗରାଜ ରୋଡ଼ ଷ୍ଟେଶନ ପରିସରରୁ। ଦେହସାରା ଘା'ଘଉଡ଼ ନେଇ ଅସହାୟ ଭାବେ ପଡ଼ିଥିବା ବେଳେ ଉଦ୍ଧାରକାରୀମାନେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ପରୀକ୍ଷାନିରୀକ୍ଷାରୁ ଜଣାପଡ଼ିଲା, ଉଚ୍ଚ ରକ୍ତଚାପ ଓ ମଧୁମେହ ଭଳି ଦୁରାରୋଗ୍ୟ ବ୍ୟାଧିରେ ସେ ପୀଡ଼ିତ। ପ୍ରଲମ୍ବିତ ଚିକିତ୍ସା ପାଇଁ ବୃଦ୍ଧଙ୍କ ପାଖରେ ଅର୍ଥ ନ ଥିଲା କି ନ ଥିଲେ କେହି ସମ୍ପର୍କୀୟ। ତଥାପି ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ତାଙ୍କୁ ଉପଲବ୍ଧ ହେଲା ସରକାରୀ ଚିକିତ୍ସା ସେବା। ଏମିତି ଚାଲିଲା ପ୍ରାୟ ଦୁଇ ମାସ। ବୃଦ୍ଧଙ୍କ ଅବସ୍ଥାରେ ବିଶେଷ ପରିବର୍ତ୍ତନ ନ ଆସିବାରୁ ଏକ ଖବରକାଗଜରେ ତାଙ୍କ ଫଟୋ ଛାପି ତାଙ୍କ ପରିବାର ବା ସମ୍ପର୍କୀୟଙ୍କ ଦୃଷ୍ଟିକୁ ଆଣିବାକୁ ଚେଷ୍ଟା କରାଗଲା। ଏହି ପ୍ରକ୍ରିୟାର ପରିଣାମ ଯାହା ମିଳିଲା, ତାହା ଥିଲା ସଂସ୍କାରସିଦ୍ଧ ସମ୍ପର୍କ ବିସଙ୍ଗତିର ଏକ କରୁଣତମ ଚିତ୍ର।

ବେଲଗୁଣ୍ଠାର ଗୋପୀ ମହାରଣା କାଠମିସ୍ତ୍ରୀ ଭାବେ କାମ କରି ଏକମାତ୍ର ପୁଅକୁ ପାଠ ପଢ଼ାଇଥିଲେ। ପୁଅକୁ ତାଙ୍କ ଭଳି ନ ଗଢ଼ି ବାବୁ ବନାଇବାକୁ ସେ ନିଜ ସ୍ଥିତି ଓ ସାମର୍ଥ୍ୟକୁ ଢେର ଆଘାତ ଦେଇଥିଲେ। ପୁଅ ପାଇଁ ନିଜ ସମର୍ପିତ ସାଧନାର ଶେଷ ସିଦ୍ଧାନ୍ତ ରୂପେ ଯେଉଁଦିନ ସେ ତାକୁ କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଦେଖିବାକୁ ପାଇଲେ, ସେଇ ଦିନ ହିଁ ତାଙ୍କ ପତ୍ନୀ ଚିରଦିନ ପାଇଁ ଆଖି ବୁଜିଦେଲେ। ଗୋପୀଙ୍କ ଦେହ ଅସୁସ୍ଥ ହେବା ଆରମ୍ଭ କଲା। ପୁଅ ପାଠପଢ଼ାରେ ନିଜର ସବୁ ସମ୍ପତ୍ତି ବିକ୍ରି ହୋଇ ଯାଇଥିବାରୁ ନିଜର ଚିକିତ୍ସା ପାଇଁ କେବଳ ପୁଅ ହିଁ ଥିଲା ଏକମାତ୍ର ସମ୍ବଳ। ଅଥଚ କାଠମିସ୍ତ୍ରି ଗୋପୀ ମହାରଣାର ସଫ୍‌ଟୱେର ଇଞ୍ଜିନିୟର ପୁଅ ପାଖରେ ଆମେରିକାରୁ ଫେରି ଆସି ବାପାଙ୍କ ଚିକିତ୍ସା କରାଇବାକୁ ସମୟ ନ ଥିଲା।

ଅସହାୟ ଗୋପୀ ମହାରଣା ଓ ତାଙ୍କ ଅବିବେକୀ ପୁଅଙ୍କ କଥା କେବଳ ଦୁଇଜଣ ବାପାପୁଅଙ୍କ କଥା ନୁହେଁ। ଗୋପୀ ଭଳି ବାପାଙ୍କ ସଂଖ୍ୟା ଯେମିତି ଏକରେ ସୀମିତ ନୁହେଁ, ସେମିତି ଏକରେ ସରିଯାଇନାହିଁ ସେଭଳି ପୁଅଙ୍କର ଦୃଷ୍ଟାନ୍ତ। ଅତୀତରେ ଦିନେ ଏଇ ମାଟିରେ ପିତୃଋଣ ଶୁଝିବା ପାଇଁ ରାଜ୍ୟ ତ୍ୟାଗ କରିଥିଲେ ଜଣେ ପୁତ୍ର। ପୁଣି ପିତାଙ୍କ ଖୁସି ପାଇଁ ଜଣେ ପୁଅ ସାରା ଜୀବନ ଅବିବାହିତ ରହିଥିଲେ ତ ଆଉ ଜଣେ ନିଃସଂକୋଚରେ ସମର୍ପି ଦେଇଥିଲେ ନିଜ ଯୌବନ। ଆଜି ସମୟ ବଦଳିଯାଇଛି। ତା' ସହିତ ବଦଳିଯାଇଛି ପିତୃଋଣ ଭଳି ଏକ ପୁରୁଣାକାଳିଆ ତତ୍ତ୍ୱର ପରିଭାଷା। ବାଃ, ଆମ ଆଧୁନିକତାର ଜୟ ହେଉ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୭୨୪୧୦୫

# ସ୍ୱୟଂସିଦ୍ଧା ଉଦ୍ୟୋଗୀ

ବ୍ୟକ୍ତିତ୍ୱ



ନେହା ନାର୍ଖେଡେ

ଆଠ ବର୍ଷ ବୟସ ହୋଇଥିଲା ବେଳେ ପିତା ତାଙ୍କ ପାଇଁ ଏକ କମ୍ପ୍ୟୁଟର ଆଣି ଦେଇଥିଲେ। ଏହାକୁ ଦେଖି ପିଲାଟି ମନରେ କୌତୂହଳ ସୃଷ୍ଟି ହୋଇଥିଲା। ଫଳରେ ସେ ଟେକ୍ନୋଲୋଜି ସହ କାର୍ଯ୍ୟ କରିବାକୁ ସ୍ୱପ୍ନ ଦେଖିଥିଲେ। ସମାଜରେ ପ୍ରତିଷ୍ଠିତ ହେବା ପରେ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି, ପିତା ସର୍ବଦା ତାଙ୍କୁ ବଡ଼ ହେବା ପାଇଁ ପ୍ରେରଣା ଦେଉଥିଲେ। 'ତୁ ସବୁ କିଛି କରିପାରିବୁ' ଭଳି ପିତାଙ୍କ ବାଣୀ ଓ ତାଙ୍କ ଉପରେ ପ୍ରଚଣ୍ଡ ଭରସା ଥିବାରୁ ତାହାକୁ ସୁଚାରୁରୂପେ କାର୍ଯ୍ୟରେ ପରିଣତ କରିବାରେ ସେ ସକ୍ଷମ ହୋଇଛନ୍ତି। ଭାରତର ଏହି ସର୍ବକନିଷ୍ଠା ସ୍ୱୟଂସିଦ୍ଧା (ନିଜ ଉଦ୍ୟମ ବଳରେ) ଉଦ୍ୟୋଗୀ ହେଲେ ନେହା ନାର୍ଖେଡେ। ଆଇଆଇଏଫ୍‌ଏଲ୍ ୱେଲ୍‌ଥ ହୁରୁନ୍ ଇଣ୍ଡିଆ ରିଚ୍ ଲିଷ୍ଟ ୨୦୨୨ରେ ନେହା ନିଜସ୍ୱ ପ୍ରଚେଷ୍ଟାରେ ସର୍ବକନିଷ୍ଠା ମହିଳା ଉଦ୍ୟୋଗୀ ହେବାର ଗୌରବ ଅର୍ଜନ କରିବା ପରେ ତାଙ୍କ ସଫଳତାର କାହାଣୀ ଏକ ଉଦାହରଣୀୟ ସ୍ଥାନରେ ପହଞ୍ଚିପାରିଛି।

ମହାରାଷ୍ଟ୍ରର ପୁଣେରେ ନେହା ୧୯୮୫ରେ ଜନ୍ମଗ୍ରହଣ କରିଥିଲେ। ୟୁନିଭର୍ସିଟି ଅଫ୍ ପୁଣେ ଅଧୀନ ପୁଣେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଟେକ୍ନୋଲୋଜିରୁ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ସେ ୨୦୦୭ରେ ଆମେରିକାର ଜର୍ଜିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ସ୍ନାତକୋତ୍ତର ସାର୍ଟିଫିକେଟ୍‌ଧାରୀ ହୋଇଥିଲେ। ଏହା ପରେ ଓରାକଲ୍‌ରେ ସେ ପ୍ରିନ୍ସିପାଲ ସଫ୍‌ଟୱେର ଇଞ୍ଜିନିୟର ଭାବେ ପ୍ରଥମେ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ଲିଙ୍କଡ୍‌ଇନ୍‌ରେ ଯୋଗ ଦେଇଥିଲେ। ସେଠାରେ ୨୦୧୧ରେ ସେ ଜୁନ୍ ରାଓ ଓ ଜୟ କ୍ରେପ୍‌ସଙ୍କ ସହ ମିଶି 'କାଫ୍‌କା' ନାମରେ ଏକ ଓପନ୍ ସୋର୍ସ ପ୍ଲାଟଫର୍ମ ତିଆରି କରିଥିଲେ। ତାହା ନେହାଙ୍କୁ ପ୍ରସିଦ୍ଧି ଆଣିଦେଇଥିଲା। ଏହା ପରେ ୨୦୧୪ରେ ସେ କାଲିଫର୍ନିଆର ପାଲୋ ଅଲ୍‌ଟୋରେ ଜୁନ୍ ରାଓ ଓ ଜୟ କ୍ରେପ୍‌ସଙ୍କ ସହ ମିଶି 'କନ୍‌ଫ୍ଲୁଏଣ୍ଟ' ନାମରେ ଏକ ଷ୍ଟାର୍ଟଅପ୍ କମ୍ପାନୀ ପ୍ରତିଷ୍ଠା କରିଥିଲେ। ସେ ଏହାର ଚିଫ୍ ଟେକ୍ନୋଲୋଜି ଅଫିସର (ସିଟିଓ) ଥିଲେ। ୨୦୨୦ ଯାଏ କନ୍‌ଫ୍ଲୁଏଣ୍ଟର ଚିଫ୍ ପ୍ରଡକ୍ଟ ଅଫିସର ରହିଥିବା ନେହା ବର୍ତ୍ତମାନ ଏହାର ବୋର୍ଡ ସଦସ୍ୟ ରହିଛନ୍ତି। କିଛି ବର୍ଷ ଭିତରେ କମ୍ପାନୀର ଅଭିବୃଦ୍ଧି ଘଟି ୨୦୨୦ ଏପ୍ରିଲ ବେଳକୁ ପାଣ୍ଠି ସମୁଦାୟ ୪୫୬ ମିଲିୟନ୍ ଡଲାରରେ ପହଞ୍ଚିଥିଲା। ଏହା ପରେ କମ୍ପାନୀ ୧ ଜୁନ୍ ୨୦୨୧ରେ ଆଇପିଓ ମାଧ୍ୟମରେ ୪.୫ ବିଲିୟନ ଡଲାର ପାଣ୍ଠି ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ସଂସ୍ଥାର ଏଭଳି ଅଭିବୃଦ୍ଧି କ୍ଷେତ୍ରରେ ଗୋଲ୍‌ଡମାନ୍ ସାକ୍ସ, ନେଟ୍‌ଫ୍ଲିକ୍ସ ଓ ଉବର ଭଳି କମ୍ପାନୀର ଯୋଗଦାନ ରହିଛି। କାରଣ ଏହି କମ୍ପାନୀଗୁଡ଼ିକ ତଥ୍ୟଭିତ୍ତିକ କାର୍ଯ୍ୟକୁ ସୁଦୃଢ଼ କରିବା ଲାଗି କନ୍‌ଫ୍ଲୁଏଣ୍ଟର ପର୍ଯ୍ୟାପ୍ତ ସହାୟତା ନେଇଥାଆନ୍ତି। କନ୍‌ଫ୍ଲୁଏଣ୍ଟର ସହ-ପ୍ରତିଷ୍ଠାତା ଭାବେ ନେହାଙ୍କ ନେଟ୍ ୱର୍ଥ ୪,୭୦୦ କୋଟି ଟଙ୍କାରେ ପହଞ୍ଚିବା ଜଣେ ୩୭ ବର୍ଷୀୟା ମହିଳା ଉଦ୍ୟୋଗୀଙ୍କ ପକ୍ଷରେ ବଡ଼ ସଫଳତା ବୋଲି କୁହାଯାଉଛି।

ଅନବରତ ପରିଶ୍ରମ ଓ ମେଧା ବଳରେ ନେହା ଆଜି ଉପରକୁ ଉଠିପାରିଛନ୍ତି। ସେ କହନ୍ତି, ମାତାପିତା ପ୍ରଥମେ ତାଙ୍କ ମନୋବଳ ବଢ଼ାଇବା ଲାଗି ସବୁ ପ୍ରକାର ସହଯୋଗ କରିଥିଲେ। ଦ୍ୱିତୀୟରେ ଶିକ୍ଷାର ପ୍ରକୃତ ମୂଲ୍ୟ କ'ଣ ଶିଖାଇଥିଲେ ଏବଂ ତୃତୀୟରେ ମହିଳା ରୋଲ୍ ମଡେଲ୍‌ଙ୍କ କାହାଣୀ ଶୁଣାଇଥିଲେ। ଏସବୁ ଯୋଗୁ ସେ ଆଜି ଏହି ସ୍ତରରେ ପହଞ୍ଚିପାରିଛନ୍ତି ବୋଲି ନେହା କହିଛନ୍ତି। ବଡ଼ ହେବା ପାଇଁ ସେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ବିଶିଷ୍ଟ ଉଦ୍ୟୋଗୀ ଇନ୍ଦ୍ରା ନୁଇ ଓ ଜଣାଶୁଣା ପୋଲିସ ପ୍ରଶାସିକା କିରଣ ବେଦୀଙ୍କ ବିଷୟରେ ବହୁତ ପଢ଼ିଥିଲେ। ସେହିମାନଙ୍କ ଜୀବନୀ ତାଙ୍କ କ୍ୟାରିୟର ଉପରେ ବଡ଼ ପ୍ରଭାବ ପକାଇପାରିଛି ବୋଲି ସେ କହିଛନ୍ତି।

ଟେକ୍ନୋଲୋଜିକୁ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରିବା ଦିଗରେ ଆପାଚି କାଫ୍‌କା ସଫ୍‌ଟୱେରର ଯୋଗଦାନ ବହୁମାତ୍ରାରେ ରହିଆସିଛି। ଏଭଳି ସଫ୍‌ଟୱେର ବିକାଶ କରିବା ଦିଗରେ କାର୍ଯ୍ୟ କରିଥିବା ଟିମ୍‌ର ଜଣେ ସଦସ୍ୟ ହୋଇପାରିଥିବାରୁ ନେହା ଖୁସି ବ୍ୟକ୍ତ କରିଥାଆନ୍ତି। ପ୍ରଯୁକ୍ତି କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ପରିଚୟ ସୃଷ୍ଟି କରିପାରିଥିବାରୁ ତାଙ୍କୁ ବିଭିନ୍ନ ପୁରସ୍କାର ମିଳିଛି। ୨୦୧୭ରେ ଏମ୍‌ଆଇଟି ଟେକ୍ନୋଲୋଜି ରିଭ୍ୟୁ ତାଲିକାରେ ୩୫ ବର୍ଷରୁ କମ୍ ଜଣେ ନବପ୍ରବର୍ତ୍ତକ ବା ଇନୋଭେଟର ଭାବେ ନେହା ସ୍ଥାନ ପାଇଥିଲେ। ପରବର୍ତ୍ତୀ ସମୟରେ ଆମେରିକା ତଥା ବିଶ୍ୱର ଶ୍ରେଷ୍ଠ ୫୦ ଟେକ୍ ମହିଳା ଉଦ୍ୟୋଗୀ ଭାବେ ଫୋର୍ବସ୍ ତାଲିକାରେ ତାଙ୍କ ନାମ ସ୍ଥାନିତ ହୋଇଥିଲା। ସାନ୍ ଫ୍ରାନ୍ସିସ୍‌କୋଠାରେ ଓରାକଲ୍ କୋଡ୍ ୱାନ୍ କନ୍‌ଫରେନ୍ସରେ ସେ ଓରାକଲ୍ ଗ୍ରାଉଣ୍ଡବ୍ରେକର ଆୱାର୍ଡ ମଧ୍ୟ ହାସଲ କରିଛନ୍ତି। ଅକ୍ଟୋବର ୨୦୨୦ରେ ନେହା ଫୋର୍ବସ୍‌ର ଆମେରିକାର ସେଲ୍ଫ ମେଡ୍ ୱିମେନ୍ ତାଲିକାର ୩୩ ସ୍ଥାନରେ ରହି ଭାରତର ନାମକୁ ଉଜ୍ଜ୍ୱଳ କରିଥିଲେ। ନେହା ଆଜି କମ୍ ବୟସରେ ଯେଉଁ ବଡ଼ ସଫଳତା ପାଇଛନ୍ତି, ତାହା ପଛରେ ରହିଛି–ଆତ୍ମବିଶ୍ୱାସ ଓ ଆହ୍ୱାନକୁ ସମ୍ମୁଖୀନ ହେବାର ସାହସ। ଯୁବ ଉଦ୍ୟୋଗୀ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ନେହାଙ୍କ ବ୍ୟକ୍ତିତ୍ୱକୁ ମଧ୍ୟ ଅଧ୍ୟୟନ କରିପାରିବେ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପରିବେଶ ସୁରକ୍ଷା ପାଇଁ ବର୍ଜ୍ୟର ପୁନଃଉପଯୋଗ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜସ୍ଥାନର ଆନନ୍ଦ ମାହେଶ୍ୱରୀ। ଆନନ୍ଦ କ୍ଷୀର ପ୍ୟାକେଟ, ସ୍ନାକ୍ସ ବକ୍ସ, ଡିଟରଜେଣ୍ଟ କଭର, ବ୍ୟାଗ ଏବଂ ଥର୍ମୋକୁଲ କଣ୍ଟେନରଗଡ଼ିକରେ ବିଭିନ୍ନ ସୌନ୍ଦର୍ଯ୍ୟବର୍ଦ୍ଧକ ଓ ଫଳଗଛ ଉଗାରି ପାରିଛନ୍ତି। ଏହାବାଦ୍ ଲଙ୍କା, ଭେଣ୍ଡି, ଟମାଟୋ ଆଦି ପରିବା ଫଳାଇ ତାଙ୍କର ନିତିଦିନିଆ ଆବଶ୍ୟକତା ପୂରଣ କରିପାରୁଛନ୍ତି। ମୋଟରେ ସେ ୮୦୦ ବର୍ଗଫୁଟ ଜାଗାରେ ୧୫୦ ପ୍ରକାରର ୧୦୦୦ଟି ଗଛ ଲଗାଇଛନ୍ତି। ଏହି କାର୍ଯ୍ୟ ସେ କୋଭିଡ ଲକ୍‌ଡାଉନ ସମୟରେ ଆରମ୍ଭ କରିଥିଲେ। ସବୁଠୁ ବଡ଼ କଥା ହେଉଛି ଘରର ବର୍ଜ୍ୟ ବାଦ୍ ସେ ବିଭିନ୍ନ ଅଳିଆ ଗଦାରୁ ମଧ୍ୟ ଏସବୁ ସଂଗ୍ରହ କରିଛନ୍ତି। ଥର୍ମୋକୁଲ କଣ୍ଟେନର ନିକଟସ୍ଥ ମେଡିକାଲ ଷ୍ଟୋରଗୁଡ଼ିକରୁ ଆଣିଛନ୍ତି। ଏହି କାର୍ଯ୍ୟ କରିବା ସମୟରେ ତାଙ୍କୁ ଲୋକେ ଥଟ୍ଟା କରିବା ଆରମ୍ଭ କରିଥିଲେ। କିନ୍ତୁ ଏବେ ତାଙ୍କ ଗାର୍ଡେନକୁ ଦେଖି ତାଙ୍କ ଉଦ୍ଦେଶ୍ୟ ମହତ୍ତ୍ୱ ବୋଲି ବୁଝିପାରିଛନ୍ତି। ଆନନ୍ଦଙ୍କ ଉକ୍ତ କାର୍ଯ୍ୟକୁ ଲକ୍ଷ୍ୟକରି ତାଙ୍କ ସାଥୀମାନେ ବି ସମାନ ପ୍ରକାର ଗାର୍ଡେନ ଆରମ୍ଭ କରିଦେଇଚନ୍ତି। ବାସ୍ତବରେ ଏଭଳି ଉଦ୍ୟମ ଦ୍ୱାରା ବର୍ଜ୍ୟ ପରିଚାଳନା ସହ ପରିବେଶ ସୁରକ୍ଷା ହୋଇପରିବ ବୋଲି କହନ୍ତି ଆନନ୍ଦ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ସେପ୍ଟେମ୍ବର ୧୯୯୭

- ସାମରିକ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଜାପାନ ଓ ଆମେରିକା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଆଲଜେରିଆରେ ନରସଂହାର ଲୀଳା ଚଳାଇଥିବା ବିଦ୍ରୋହୀ ଗେରିଲାମାନଙ୍କୁ ଦମନ କରିବା ପାଇଁ ଇସ୍‌ଲାମୀୟ ସାଲ୍‌ଭେସନ ଆର୍ମି (ଏ.ଆଇ.ଏସ୍.)ର ବିଦ୍ରୋହୀମାନେ ଅସ୍ତ୍ରବିରତି ଘୋଷଣା କରିଛନ୍ତି।
- ଉଲ୍‌ଫା ଉଗ୍ରପନ୍ଥୀଙ୍କ ସହ ଯୋଗସୂତ୍ର ରଖିଥିବା ଅଭିଯୋଗରେ ଟାଟା ଟି'ର ବରିଷ୍ଠ ଅଫିସର ବ୍ରଜେନ ଗୋଗୋଇ ଗିରଫ।

## ପାଠକ ଶ୍ରେଷ୍ଠ ବିଚାରକ

### ଓଟିଏମ୍ ପୁନରୁଦ୍ଧାର ଜରୁରୀ

ମହାଶୟ,

ଓଟିଏମ୍ ପୁନରୁଦ୍ଧାରକୁ ନେଇ ନ୍ୟାୟାଳୟରେ ମାମଲା ରୁଜୁ ହେବା ଓଡ଼ିଶାର ପ୍ରଶାସନିକ ସେବାକୁ ଏକ ଶକ୍ତ ଧକ୍କା ବୋଲି କହିବାରେ କିଛି ଭୁଲ ହେବନାହିଁ। ଶିଳ୍ପାୟନର ଅଗ୍ରଗତି ପାଇଁ କଳିଙ୍ଗକୁ ଭଲ ପାଉଥିବା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଆନ୍ତରିକ ପ୍ରଚେଷ୍ଟା ବଳରେ ଆତ୍ମନିର୍ଭରଶୀଳତାର ପ୍ରତୀକ ରୂପେ କଟକର ଚୌଦ୍ୱାରରେ ଗଢ଼ି ଉଠିଥିଲା ଓଟିଏମ୍, କଳିଙ୍ଗ ଟ୍ୟୁବ୍‌ସ ଓ କାଗଜ କଳ। ଏହା ବ୍ୟତୀତ ଚୌଦ୍ୱାର ନିକଟବର୍ତ୍ତୀ ଚାରିବାଟିଆଠାରେ ଭାରତ ସରକାରଙ୍କ ସାମରିକ ବିମାନଘାଟି, ସ୍କୁଲ, କଲେଜ ଓ ଟେକ୍ସଟାଇଲ ଇଂଜିନିୟରିଂ କଲେଜ ରହିଛି। ରୁଗ୍ଣ ଅବସ୍ଥାରେ ଥିବା ଓ ବନ୍ଦ ହୋଇ ଯାଇଥିବା କଳକାରଖାନା ସବୁକୁ ପୁନରୁଦ୍ଧାର କରିବା ଏବଂ ଚଳାଇବାକୁ ନେଇ ଓଡ଼ିଶା ପ୍ରଦେଶରେ କଞ୍ଚାମାଲର ଅଭାବ ନ ଥିବା ସତ୍ତ୍ୱେ ସେଗୁଡ଼ିକ ବନ୍ଦ କରି ରଖିବା ଯୁକ୍ତିଯୁକ୍ତ ନୁହେଁ। ଏପର୍ଯ୍ୟନ୍ତ ଓଟିଏମ୍ ପୁନରୁଦ୍ଧାର ପାଇଁ ଚାକିରି ହରାଇଥିବା କର୍ମଚାରୀମାନଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲୁରହିଛି। ତନ୍ମଧ୍ୟରୁ ବହୁ କର୍ମଚାରୀଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ନା ସେମାନଙ୍କୁ ମିଳିଛି ତାଙ୍କର ପ୍ରାପ୍ୟ ନା ପ୍ରଦାନ କରାଯାଇଛି ଆର୍ଥିକ ସହାୟତା। ସରକାର ଓଟିଏମ୍ ପୁନରୁଦ୍ଧାର ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ନଥିବାରୁ ଆଜି ସମସ୍ୟାର ସମାଧାନ ପାଇଁ ମାମଲା ନ୍ୟାୟାଳୟରେ। ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାରେ ବିଜୁ ପଟ୍ଟନାୟକଙ୍କ ପଦାଙ୍କ ଅନୁସରଣ କରି, ଆନ୍ତରିକତା ରଖିଲେ ହୁଏତ ଓଡ଼ିଶା ଏକ ଅଗ୍ରଣୀ ପ୍ରଦେଶ ଭାବେ ପରିଚିତ ହୋଇପାରିବ।

– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

## ଚିରନ୍ତନୀ

ଝରଇ ଅହରହ
ଧରଣୀ ଦୁରୁବହ
ବିପୁଳ ସ୍ୱେଦରାଶି ପରଶେ
ପତର ଲତ ପରେ
କି ମୃଦୁ ବାଣୀ ଝରେ
ସବୁଜ-ଘାସ-ଲୋମହରଷେ।

(ବର୍ଷାରତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାର ୩ଜଣଙ୍କୁ ଏନ୍ଏସ୍ଏସ୍ ପୁରସ୍କାର



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଏନ୍ଏସ୍ଏସ୍ ପୁରସ୍କାର ପାଇଥିବା ବ୍ୟକ୍ତିତ୍ୱମାନେ।

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

୨୦୨୦-୨୧ ବର୍ଷ ପାଇଁ ଶନିବାର ଜାତୀୟ ସେବା ଯୋଜନା(ଏନ୍ଏସ୍ଏସ୍) ପୁରସ୍କାର ମିଳିଛି। ଶନିବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନୋଟି ବର୍ଗରେ ଦେଶର ମୋଟ ୪୨ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ବିଶ୍ୱବିଦ୍ୟାଳୟ/ଯୁକ୍ତ୨ ପରିଷଦ ବର୍ଗରେ ୨ଜଣ, କାର୍ଯ୍ୟକ୍ରମ ଅଧିକାରୀ/ଏନ୍ଏସ୍ଏସ୍ ୟୁନିଟ୍ ବର୍ଗରେ ୧୦ଜଣ ଏବଂ ସ୍ୱେଚ୍ଛାସେବୀ ବର୍ଗରେ ୩୦ଜଣଙ୍କୁ ପୁରସ୍କାର ମିଳିଥିବାବେଳେ ଓଡ଼ିଶାର ତିନିଜଣ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ସେମାନେ ହେଲେ କାର୍ଯ୍ୟକ୍ରମ ଅଧିକାରୀ/ଏନ୍ଏସ୍ଏସ୍ ୟୁନିଟ୍ ବର୍ଗରେ ମୟୂରଭଞ୍ଜ ଜିଲା ଆର୍ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟର ଡ. ଦିଲୀପ କୁମାର ପାରମାଣିକ, ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ବର୍ଗରେ ଭୁବନେଶ୍ୱରସ୍ଥିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚର ପ୍ରତୀକ ଦାଶ ଏବଂ ଭୁବନେଶ୍ୱରସ୍ଥିତ ସ୍କୁଲ ଅଫ୍ ଲ’ର ଆକାଂକ୍ଷା କବି।

# ମା’ ହେଲେ ଦଶମ ଶ୍ରେଣୀ ଛାତ୍ରୀ

**ବଇଣ୍ଡା,୨୪।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଶନିବାର ଏକ ପୁତ୍ର ସନ୍ତାନ ଜନ୍ମ ଦେବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ପ୍ରକାଶ ଯେ, ସମ୍ପୃକ୍ତା ଛାତ୍ରୀଙ୍କ ସହ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଯୁବକ ଜଣକ ବିବାହ ପ୍ରତିଶ୍ରୁତି ଦେଇ ଛାତ୍ରୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ସମ୍ପୃକ୍ତା ଛାତ୍ରୀ ଗର୍ଭବତୀ ହୋଇଥିଲେ। ହେଲେ ଏ ସମ୍ପର୍କରେ ସେ ପରିବାର ଲୋକଙ୍କୁ ଜଣାଇ ନ ଥିଲେ। ଶନିବାର ତାଙ୍କ ପେଟରେ ଯନ୍ତ୍ରଣା ହେବା ପରେ ଘରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହାପରେ ଅସୁସ୍ଥ ଛାତ୍ରୀ ଓ ଶିଶୁପୁତ୍ରଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ଲୋକ ଭର୍ତ୍ତି କରିଥିବା ସୂଚନା ମିଳିଛି।









# ସିବିଆଇ ହାତରେ ଧରାପଡ଼ିଲେ ଇନ୍କମ୍ ଟ୍ୟାକ୍ସ ଅଫିସର

## ଜୁଏଲେରି ଦୋକାନ ମାଲିକଙ୍କଠାରୁ ୫ ଲକ୍ଷ ଲାଞ୍ଚ ନେଉଥିଲେ

**ଖୋର୍ଦ୍ଧା ଅଫିସ,୨୪।୯**



ସୁମନ ସୁନ୍ଦର ସାହୁ

ଖୋର୍ଦ୍ଧା ଇନ୍କମ୍ ଟ୍ୟାକ୍ସ ଅଫିସର ସୁମନ ସୁନ୍ଦର ସାହୁ ଶ୍ରୀରାମନଗରସ୍ଥିତ ବାସଭବନରେ ଏକ ଜୁଏଲେରୀ ଦୋକାନ ମାଲିକଙ୍କଠାରୁ ୫ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଶନିବାର ଭୁବନେଶ୍ୱର ସିବିଆଇ ଟିମ୍ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ଲାଞ୍ଚ ଟଙ୍କା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି ସିବିଆଇ। ୫ ଘଣ୍ଟାର ଜେରା ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ନେଇ ଯାଇଛନ୍ତି। ସୂଚନା ମୁତାବକ, ଖୋର୍ଦ୍ଧା ମାରୱାଡି ପଟିରେ ଦେବେନ୍ଦ୍ର ସାହୁଙ୍କ ଶାନ୍ତି ଜୁଏଲେରୀ ଦୋକାନ ରହିଛି। ଦୋକାନ ଇନ୍କମ୍ ଟ୍ୟାକ୍ସ ଭରି ନ ଥିବା, ଆକାଉଣ୍ଟ ଅଡିଟ୍ ଠିକ୍ଭାବେ କରାଯାଉ ନ ଥିବା, ସରକାରଙ୍କୁ ଟ୍ୟାକ୍ସ ଫାଙ୍କୁଥିବା ଆଦି ଦର୍ଶାଇ ତାଙ୍କ ଦୋକାନରେ ଚଢ଼ାଉ କରିବାକୁ ଇନ୍କମ୍ ଟ୍ୟାକ୍ସ ଅଫିସର ସାହୁ କହିଥିଲେ। ତେବେ ଦେବେନ୍ଦ୍ର ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଜରିଆରେ ପରବର୍ତ୍ତୀ ସମୟରେ ସମସ୍ତ ଡକ୍ୟୁମେଣ୍ଟ ଅଫିସ୍ରେ ପଇଠ କରିବାକୁ କହିଥିଲେ ମଧ ଇନ୍କମ୍ ଟ୍ୟାକ୍ସ ଅଫିସର ଏହାକୁ ଅଗ୍ରାହ୍ୟ କରିଥିଲେ। ଚଢ଼ାଉରୁ ବର୍ତ୍ତିବା ଲାଗି ଦୋକାନ ମାଲିକଙ୍କୁ ୪୦ ଲକ୍ଷ ଟଙ୍କା ଦେବା ଲାଗି ଇନ୍କମ୍ ଟ୍ୟାକ୍ସ ଅଫିସର ଦାବି କରିଥିଲେ। ପରବର୍ତ୍ତୀ ସମୟରେ ଅଫିସର ସାହୁ ଦେବେନ୍ଦ୍ରଙ୍କଠାରୁ ୧୦ ଲକ୍ଷ ଟଙ୍କା ଏବଂ ୫ ଲକ୍ଷ ଟଙ୍କାର ସୁନାଅଳଙ୍କାର ନେଇଥିବା ସମ୍ପର୍କୀୟ ସୁକାନ୍ତ ବରାଳ କହିଛନ୍ତି। ତେବେ ଅବଶିଷ୍ଟ ଟଙ୍କା ତୁରନ୍ତ ପଇଠ କରିବାକୁ ବାରମ୍ବାର ତାଗିଦ୍ କରିଥିଲେ। ଏନେଇ ଦେବେନ୍ଦ୍ର ଭୁବନେଶ୍ୱର ସିବିଆଇ ଅଫିସ୍ରେ ଅଭିଯୋଗ କରିଥିଲେ। ସିବିଆଇ ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଅପରାହ୍ନରେ ଜଣେ ଡିଏସ୍ପି ର୍ୟାଙ୍କ୍ର ଅଫିସରଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ୩ଟି କାରରେ ସୁମନଙ୍କ ବାସଭବନ ନିକଟରେ ପହଞ୍ଚିଥିଲା। ଯୋଜନା ମୁତାବକ ଦେବେନ୍ଦ୍ର ମଧ ସେଠାରେ ପହଞ୍ଚିଥିଲେ। ୫ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ଟିମ୍ ସାହୁଙ୍କୁ କାବୁ କରିଥିଲା। ପରେ ଅପରାହ୍ନ ୧ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ସିବିଆଇ ବିଭିନ୍ନ ଡକ୍ୟୁମେଣ୍ଟ ଯାଞ୍ଚ କରିବା ସହ ବୟାନ ରେକର୍ଡ କରିଥିଲା। ଏଥିସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ପରେ ତାଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟକୁ ନେଇଯାଇଛନ୍ତି।

# ଘୁମୁସର ଉତ୍ତର ବନଖଣ୍ଡରେ ୬୪ ହାତୀ

**ଭଞ୍ଜନଗର,୨୪।୯(ଡି.ଏନ.ଏ)**



ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଦିନକୁ ଦିନ ହାତୀ ଆତଙ୍କ ବଢିବାରେ ଲାଗିଛି। ସନ୍ଧ୍ୟା ହେଲେ ହାତୀ ଜଙ୍ଗଲରୁ ବାହାରି ନିକଟସ୍ଥ ଗ୍ରାମଗୁଡିକରେ ଫସଲ ନଷ୍ଟ କରୁଛନ୍ତି। ଏହି ସମୟରେ କିଛି ଅଘଟଣ ଘଟିବା ଆଶଙ୍କାରେ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବାକୁ ବନ୍ଦ କରି ଦିଆଯାଉଛି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ କିଛି ବିକଳ୍ପ ବ୍ୟବସ୍ଥା କରି ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବା ପାଇଁ ଲୋକେ ଦାବି କରିଛନ୍ତି। ଏହିଭଳି ପରିସ୍ଥିତିରେ ଶନିବାର ସନ୍ଧ୍ୟାରେ ୨୧ ହାତୀ ମୁଜାଗଡ ରେଞ୍ଜରେ ଥିବା ଜଣାପଡିଛି । ସେଥିରୁ ବୁଦିଲୀ ନିକଟସ୍ଥ ଇଟାଭାଟିଠାରେ ଗୋଟିଏ ଦନ୍ତା ଘୂରି ବୁଲୁଛି। ସେହିଭଳି ଆଉ ୨୦ ହାତୀ ଗଣ୍ଡିସୁଲା ଗ୍ରାମ ନିକଟରେ ବୁଲୁଛନ୍ତି। ରାତିରେ ଉକ୍ତ ହାତୀପଲ ଏବଂ ଦନ୍ତା ହାତୀଟି ଭଞ୍ଜନଗର ମୁଜାଗଡ ଜାତୀୟ ରାଜପଥ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହି ସମୟରେ କିଛି ଅଘଟଣ ଘଟିବା ଆଶଙ୍କା ଥିବାରୁ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ରହି ପରିସ୍ଥିତି ପ୍ରତି ନଜର ରଖିଛନ୍ତି। ଅପରପକ୍ଷେ ଶୁକ୍ରବାର ରାତି ସାରା ପାୱାର କଟ୍ ହୋଇଥିବା ବେଳେ ଶନିବାର ସନ୍ଧ୍ୟାରୁ ପୁଣି ପାୱାର କଟ୍ ହୋଇଥିଲା। ତେଣୁ ଉତ୍ୟକ୍ତ ଲୋକେ ମୁଜାଗଡ଼ଠାରେ ଭଞ୍ଜନଗର- ଫୁଲବାଣୀ ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଛି। ସେହିଭଳି ଜଗନ୍ନାଥପ୍ରସାଦ ରେଞ୍ଜ୍ରେ ୧୭ ହାତୀ ଥିବା ବେଳେ ତାରସି ରେଞ୍ଜରେ ୨୬ ହାତୀ ଶନିବାର ସନ୍ଧ୍ୟା ସୁଦ୍ଧା ଚଳପ୍ରଚଳ କରୁଥିବା ଜଣାପଡ଼ିଛି। ବିଗତ କିଛିଦିନ ମଧ୍ୟରେ ଏହି ବନଖଣ୍ଡରେ ୩ ଦନ୍ତାହାତୀର ମୃତ୍ୟୁ ଘଟିଛି। ତେଣୁ ଯେଭଳି କୌଣସି ଅଘଟଣ ନ ଘଟିବ ସେଥିପାଇଁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଡିଏଫ୍ଓ ସୁଦର୍ଶନ ବେହେରା ପ୍ରତ୍ୟକ୍ଷ ଭାବେ ପାଟ୍ରୋଲିଂ ବ୍ୟବସ୍ଥାକୁ ତଦାରଖ କରୁଛନ୍ତି। ଏନେଇ ମୁଜାଗଡ ରେଞ୍ଜର ବିମ୍ବାଧର ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ହାତୀଙ୍କ ସୁରକ୍ଷା ପାଇଁ କିଛି ସମୟ ଲାଗି ପାୱାର କଟ୍ କରାଯାଉଛି।


CLASSIFIED DISPLAY
MORE SPACE • SAME PRICE

**ଧନ କୁବେର ଫାଇନାନ୍ସ**

30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ । ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ ଋଣ ପାଆନ୍ତୁ)

**9457203304**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସ୍ୱେସ୍ ଏଣ୍ଡୋସ୍କୋପି ଅସ୍ତ୍ରୋପଚାର ଜ୍ଞାନକୌଶଳକୁ ଗୁରୁତ୍ୱ

## ଛାତି, ପେଟ ରୋଗ ଉପରେ ଅନ୍ତର୍ଜାତୀୟ ଚିକିତ୍ସକ କର୍ମଶାଳା

**ଭୁବନେଶ୍ୱର, ୨୪।୯(ବ୍ୟୁରୋ):** ପୂର୍ବ ଭାରତରେ ପେଟ ରୋଗୀଙ୍କୁ ବିଶ୍ୱସ୍ତରୀୟ ତଥା ଉଚ୍ଚକୋଟୀର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଶନିବାର ସ୍ଥାନୀୟ ଏକ ହୋଟେଲରେ ପ୍ରଥମଥର ଏକ ଅନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଖ୍ୟାତନାମା ପେଟରୋଗ ବିଶେଷଜ୍ଞ ପ୍ରଫେସର ଡା. ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟ ତଥା ଦେଶ ବିଦେଶରୁ ପ୍ରାୟ ୩୦୦ ଡାକ୍ତର ଯୋଗଦେଇଥିଲେ। ଥାର୍ଡ୍ ସ୍ୱେସ୍ ଏଣ୍ଡୋସ୍କୋପି ଅସ୍ତ୍ରୋପଚାରର ଅତ୍ୟାଧୁନିକ ପ୍ରକ୍ରିୟା ଏବଂ ଜ୍ଞାନକୌଶଳକୁ ରୋଗୀ ସେବାରେ ବହୁଳ ଭାବେ ବିନିଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କୌଣସି କଟା କଟି ବିନା କିପରି ବିଭିନ୍ନ ଛାତି ରୋଗ ଓ ପେଟ ରୋଗ ସଫଳ ଅସ୍ତ୍ରୋପଚାର ହୋଇପାରିବ ସେନେଇ କର୍ମଶାଳାରେ ଆଲୋଚନା ହୋଇଥିଲା। ଏହି ଅସ୍ତ୍ରୋପଚାରର ଦିନେ କିମ୍ବା ଦୁଇଦିନ ମଧ୍ୟରେ ଜଣେ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଆସିପାରିବେ। ଏହି ଅବସରରେ ଏକ ଘରୋଇ ହସ୍ପିଟାଲରେ ୪ଜଣ ରୋଗୀଙ୍କ ଥାର୍ଡ ସ୍ୱେସ୍ ଏଣ୍ଡୋସ୍କୋପି ଅସ୍ତ୍ରୋପଚାର କରି ଭିଡିଓ କନ୍ଫରେନ୍ସିଂ ଜରିଆରେ ଡାକ୍ତରମାନଙ୍କୁ ଏହି ପ୍ରକ୍ରିୟାର ବିସ୍ତୃତ ବିବରଣୀ ଦିଆଯାଇଥିଲା। ସମସ୍ତ ୪ଜଣ ରୋଗୀ ଅସ୍ତ୍ରୋପଚାର ପରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡା. ମନୋଜ ସାହୁ କହିଛନ୍ତି। ତାଙ୍କ ସୂଚନାନୁସାରେ, ଏହି ଜ୍ଞାନକୌଶଳ ଜାପାନ ଓ ଜର୍ମାନୀ ଆଦି ଦେଶରୁ ଆରମ୍ଭ ହୋଇଥିବା ବେଳେ ଭାରତରେ ଅଳ୍ପ କେତେକ ଡାକ୍ତରଖାନାରେ ଏହାର ବିନିଯୋଗ କରାଯାଉଛି। ଭୁବନେଶ୍ୱରରେ ୨୦୧୪ରୁ ଏହି ଜ୍ଞାନକୌଶଳ ଜରିଆରେ ରୋଗୀଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଥିବାବେଳେ ପୂର୍ବ ଭାରତରେ ସମସ୍ତ ଛୋଟ ବଡ଼ ହସ୍ପିଟାଲରେ ଏହି ସେବା ଯୋଗାଇ ଦେବା ପାଇଁ ପ୍ରୟାସ ଚାଲିଛି। ସାରା ବିଶ୍ୱରେ ଚିକିତ୍ସା ଜ୍ଞାନ କୌଶଳ ଦ୍ରୁତଗତିରେ ବଢୁଥିବାବେଳେ ଆମକୁ ମଧ ଏହା ସହ ତାଳ ଦେଇ ଉଚ୍ଚକୋଟୀର ରୋଗୀ ସେବା ପାଇଁ ଆଗକୁ ବଢ଼ିବାକୁ ହେବ ବୋଲି ଡା. ସାହୁ କହିଛନ୍ତି। କର୍ମଶାଳାକୁ ଡା. ମନୋଜ ଗୋୟେଙ୍କା, ଏସ୍. ପି. ସିଂହ ଉଦ୍ଘାଟନ କରିଥିବାବେଳେ ଡା. ସାହୁଙ୍କ ସମେତ ଡା. ଅଭିତ ମେଡିଓ, ଡା. ପଙ୍କଜ ଦେଶାଇ, ଡା. ଆମୋଲ ବାପାଇ, ଡା. ରାଜେଶ ପୁରୀ, ଡା. ସି. ଆର୍. ପଣ୍ଡା, ଡା. ସୁଶାନ୍ତ ସେଠୀ ପ୍ରମୁଖ ଏହି ଚିକିତ୍ସା ଜ୍ଞାନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।


# ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



✓ପ୍ରଭାତ ନଳିନୀ ମହାଖୁଡ଼ (ଝୁନୁ)
ସ୍ୱାମୀ: ଭଗବାନ ମହାଖୁଡ଼
ମ୍ୟୁନିସିପାଲିଟି ରୋଡ୍, ଢେଙ୍କାନାଳ
ଆବିର୍ଭାବ: ୦୮।୧୦।୧୯୫୫
ତିରୋଧାନ: ୧୭।୦୯।୨୦୨୦
ବୋଉ, ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଗୃହ ପରିଚାଳନା ଅବିସ୍ମରଣୀୟ। ତୁମର ବିୟୋଗ ଜନିତ ଶୂନ୍ୟସ୍ଥାନ ଅପୂରଣୀୟ। ତୁମର ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ।
ଶ୍ରଦ୍ଧାଞ୍ଜଳି ସହ: ରିନା, ରେନୀ, ଶୋନି, ଲୁନା ଓ ନାତିମାନେ ।
ଧ-୭୪୦୧୬

**1st Death Anniversary**



✓ NABANITA DEY (MAMONI)
Kokila Home, Pokhariput, BBSR
Born : 20.11.1983
(Kartik Purnima)
Death : 06.10.2021
(Mahalaya Amavashya)
One year has passed and yet we can't get over the pain of losing you. We pray for your soul to be at peace forever.
In Grief: Satyajit Dey (Father), Rita Dey (Mother) and Rajiv Mitra (Husband)
ଧ-୭୩୭୪୯

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



✓ରବିନ୍ଦ୍ର ପ୍ରଧାନ
ବଡ଼ବାଣପୁର, ଖଣ୍ଡପଡ଼ା, ନୟାଗଡ଼
ଆବିର୍ଭାବ: ୦୫।୦୩।୧୯୬୨
ତିରୋଧାନ: ୨୫।୦୯।୨୦୧୯
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସାନଭାଇ: ବିଶି ପ୍ରଧାନ, ପୁଅ- ଚନ୍ଦନ, ଲାଲୁ, ଅନିରୁଦ୍ଧ, ପରିବାରବର୍ଗ ଓ ବନ୍ଧୁ ପରିଜନ ।
ଧ-୧୬୨୩



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୫ ସେପ୍ଟେମ୍ବର, ୨୦୨୨ Bhubaneswar, Sunday, September 25/2022

# ହର୍ଷଲ, ଚହଲଙ୍କ ଫର୍ମକୁ ନେଇ ଚିନ୍ତାରେ ଭାରତ

**ହାଇଦ୍ରାବାଦ,୨୪।୯(ପି.ଟି.):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଟି୨୦ ସିରିଜର ଅନ୍ତିମ ମ୍ୟାଚ୍ ରବିବାର ହାଇଦ୍ରାବାଦରେ ଖେଳାଯିବ। ସିରିଜ୍ ୧-୧ରେ ରହିଥିବା ବେଳେ ଭାରତ ହର୍ଷଲ ପଟେଲ ଓ ଯୁଜବେନ୍ଦ୍ର ଚହଲଙ୍କ ଫର୍ମକୁ ନେଇ ଚିନ୍ତାରେ ରହିଛି। ପ୍ରଥମ ମ୍ୟାଚ ମୋହାଲିରେ ଖେଳାଯାଇଥିବା ବେଳେ ଅଷ୍ଟ୍ରେଲିଆ ୪ ଉଇକେଟରେ ଜିତି ନେଇଥିଲା। ସେହିପରି ବର୍ଷା ବାଧାପ୍ରାପ୍ତ ନାଗପୁର ମ୍ୟାଚକୁ ୬ ଉଇକେଟରେ ଜିତି ସିରିଜକୁ ଫେରିଥିଲା ଭାରତ। ଏହି ମ୍ୟାଚକୁ ଜିତି ଘରୋଇ ଦଳ ସିରିଜ୍ ବିଜୟୀ ହେବାକୁ ପ୍ରୟାସ କରିବ। ତେବେ ଡେଥ୍ ଓଭର ସ୍ପେଶାଲିଷ୍ଟ ହର୍ଷଲ ପଟେଲ ଓ ଭାରତର ପ୍ରମୁଖ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ଫର୍ମ ଭାରତ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ନାଗପୁରରେ ଅକ୍ଷର ପଟେଲଙ୍କ ଘାତକ ବୋଲିଂ ବଳରେ ଭାରତ ଭଲ ଆରମ୍ଭ କରିଥିଲେ ହେଁ ଇନିଂସର ଶେଷ ଆଡକୁ ବୋଲରମାନେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ପୂର୍ବରୁ ଭୁବନେଶ୍ୱରଙ୍କ ଫର୍ମକୁ ନେଇ ଭାରତ ଚିନ୍ତାରେ ରହିଥିବା ବେଳେ ଆଘାତ ସମସ୍ୟାରୁ ଫେରିଥିବା ହର୍ଷଲ ପଟେଲ ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସେ ୪୯ ରନ ବ୍ୟୟ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ମାତ୍ର ୨ ଓଭରରେ ୩୨ ରନ ଦେଇଥିଲେ। ବିଗତ ଦୁଇ ମ୍ୟାଚ ହିସାବକୁ ନେଲେ ତାଙ୍କର ଇକୋନୋମି ହାର ୧୩.୫୦ ରହିଛି, ଯାହାକି ମ୍ୟାନେଜମେଣ୍ଟର ଚିନ୍ତା ବଢାଇଛି। ମିଡିଲ ଓଭରରେ ଭାରତୀୟ ସ୍ପିନରମାନେ ରନଗତି ଉପରେ ଅଙ୍କୁଶ ଲଗାଇଥାନ୍ତି। ଭାରତର ପ୍ରଥମ ପସନ୍ଦର ସ୍ପିନର ରହିଥିବା ଯୁଜବେନ୍ଦ୍ର ଚହଲ ବିଗତ କିଛି ମ୍ୟାଚରେ ମହଙ୍ଗା ସାବ୍ୟସ୍ତ ହେଉଥିବା ବେଳେ ଉଇକେଟ ହାସଲରେ ମଧ୍ୟ ବିଫଳ ହୋଇଛନ୍ତି। ତୃତୀୟ ଟି୨୦ରେ ଚହଲଙ୍କ ସ୍ଥାନରେ ଅଶ୍ୱିନଙ୍କୁ ଖେଳାଇପାରେ ଭାରତ। ରାହୁଲ ଏବଂ ବିରାଟ କୋହଲିଙ୍କ ପ୍ରଦର୍ଶନରେ ସ୍ଥିରତା ଆବଶ୍ୟକ ରହିଥିବା ବେଳେ ରୋହିତ ଶର୍ମା ଫର୍ମକୁ ଫେରିବା ଭାରତ ପାଇଁ ଖୁସି ଖବର। ଫିନିଶର ଦାୟିତ୍ୱ ଠିକ୍ ଭାବରେ ନିର୍ବାହ କରିଥିବା ଦୀନେଶ କାର୍ତ୍ତିକଙ୍କୁ ଆଉ ଅଧିକ ସୁଯୋଗ ପ୍ରଦାନ କରିବ ମ୍ୟାନେଜମେଣ୍ଟ। ଯଶପ୍ରୀତ ବୁମ୍ରାଙ୍କ ପ୍ରତ୍ୟାବର୍ତ୍ତନ ପରେ ଭାରତୀୟ ବୋଲିଂ ଲାଇନ ଅପ୍ ମଧ୍ୟ ଶକ୍ତିଶାଳୀ ମନେହେଉଛି। ଭାରତ ପରି ଅଷ୍ଟ୍ରେଲିଆର ମଧ୍ୟ ବୋଲିଂ ଆକ୍ରମଣ ଦୁର୍ବଳ ରହିଛି। ପ୍ରଥମ ଟି୨୦ରେ ୨୦୦ରୁ ଅଧିକ ରନ୍ ଦେଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ତେବେ ମାଥ୍ୟୁ ୱେଡ୍ ଓ ଆରୋନ ଫିଞ୍ଚ ଫର୍ମକୁ ଫେରିଥିବା ବେଳେ ମ୍ୟାକ୍ସୱେଲଙ୍କଠାରୁ ଦଳ ଏକ ବଡ଼ ଇନିଂସ ଆଶା କରିବ।

**ଆଜି ଅନ୍ତିମ ଟି୨୦**

# ଦୁଲୀପ ଟ୍ରଫି ଫାଇନାଲ: ପଶ୍ଚିମାଞ୍ଚଳ ବିଜୟ ନିକଟତର

**କୋଏମ୍ବାଟୁର, ୨୪।୯ (ପି.ଟି.):** ଦୁଲୀପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ଦକ୍ଷିଣାଞ୍ଚଳ ସମ୍ମୁଖରେ ପଶ୍ଚିମାଞ୍ଚଳ ୫୨୯ରନର ବିଶାଳ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଜବାବରେ ଦକ୍ଷିଣାଞ୍ଚଳ ଶନିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୧୫୪ ରନ କରିଛି। ହାତରେ ଆଉ ମାତ୍ର ୪ଟି ଉଇକେଟ ରହିଥିବା ବେଳେ ଦଳ ବିଜୟଲକ୍ଷ୍ୟଠାରୁ ଆହୁରି ୩୭୫ ରନ ଦୂରରେ ରହିଛି। ଫଳରେ ପଶ୍ଚିମାଞ୍ଚଳ ରବିବାର ମ୍ୟାଚର ୫ମ ତଥା ଅନ୍ତିମ ଦିବସରେ ଏକ ବୃହତ୍ ବିଜୟ ଆଡକୁ ଅଗ୍ରସର ହେଉଛି। ସ୍ଥାନୀୟ ଏସ୍ଏନ୍ଆର କଲେଜ ଗ୍ରାଉଣ୍ଡରେ ଶନିବାର ସକାଳେ ପଶ୍ଚିମାଞ୍ଚଳ ଏହାର ପୂର୍ବଦିନର ଦ୍ୱିତୀୟ ଇନିଂସ ଅସମାପ୍ତ ସ୍କୋର ୩୭୬/୩ରୁ ଖେଳ ଆରମ୍ଭ କରିଥିଲା । ଶୁକ୍ରବାର ଦ୍ୱିଶତକ ହାସଲ କରିଥିବା ଯଶସ୍ୱୀ ଜୟସ୍ୱାଲ ୨୬୫ ରନ କରି ଆଉଟ ହେବା ପରେ ସର୍ଫରାଜ ଖାଁଙ୍କ ଅପରାଜିତ ୧୨୭ (୧୭୮ବଲ୍) ଦଳର ସ୍କୋରକୁ ଆଗେଇ ନେଇଥିଲା। ହିତ୍ ପଟେଲ (୫୧ ନଟ ଆଉଟ)ଙ୍କ ସହ ତାଙ୍କର ଅପରାଜିତ ୧୦୩ରନର ଏକ ପାର୍ଟନରଶିପ୍ ହୋଇଥିଲା। ଦୁଲୀପ ଟ୍ରଫିରେ ପ୍ରଥମ ପଦାର୍ପଣ କରିଥିବା ସର୍ଫରାଜ ତାଙ୍କ ଶତକ ହାସଲ କରିବା ପରେ ପଶ୍ଚିମାଞ୍ଚଳ ଅଧିନାୟକ ଅଜିଙ୍କ୍ୟ ରାହାନେ ତାଙ୍କ ଦଳର ଦ୍ୱିତୀୟ ଇନିଂସ ୫୮୫/୪ରେ ଘୋଷଣା କରିଥିଲେ। ଦକ୍ଷିଣାଞ୍ଚଳ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରୋହନ କୁନ୍ନୁମାଲଙ୍କୁ ଛାଡ଼ିଦେଲେ ଅନ୍ୟ କେହି କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ଅତୀତ ସେଠ୍ ଓ ଜୟଦେବ ଉନାଡକଟଙ୍କ ପେସ୍ ବୋଲିଂ ଆକ୍ରମଣ ଆଗରେ ଦକ୍ଷିଣାଞ୍ଚଳର ଅଭିଜ୍ଞ ବ୍ୟାଟରମାନେ ବିଫଳ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର: ପଶ୍ଚିମାଞ୍ଚଳ:** ୨୭୦ ଓ ୫୮୫/୪, ଘୋଷଣା (ଯଶସ୍ୱୀ ଜୟସ୍ୱାଲ-୨୬୫, ଶ୍ରେୟାସ ଆୟାର-୭୧, ସର୍ଫରାଜ ଖାଁ ୧୨୭; ଆର. ସାଇକିଶୋର-୨/୧୫୭, କେ. ଗୋଥାମ-୨/୩୨୫)।

**ଦକ୍ଷିଣାଞ୍ଚଳ:** ୩୨୭ ଓ ୧୫୪/୬ (ରୋହନ କୁନ୍ନୁମାଲ-୯୩; ଜୟଦେବ ଉନାଡକଟ-୨/୨୬, ଅତୀତ ସେଠ୍-୨/୨୯, ଶାମ୍ସ ମୁଲାନି-୨/୨୪)।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୫/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Sunday, September 25/2022 Page 16 | ପୃଷ୍ଠା-୧



## ଟାଇଗରଙ୍କ ପ୍ରିୟ ଅଲ୍ଲୁ

ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ପ୍ରିୟ ନାୟକ ହେଉଛନ୍ତି ସାଉଥ୍ ଫିଲ୍ମ ଜଗତର ଷ୍ଟାଇଲିଶ୍ ହିରୋ ଅଲ୍ଲୁ ଅର୍ଜୁନ।

୦୨

୦୮

## ଏରିଗାଇସି ଫାଇନାଲରେ

ଅର୍ଜୁନ ଏରିଗାଇସି ଜୁଲିଅସ୍ ବେଅର ଜେନେରେଶନ କପ୍ ଅନ୍‌ଲାଇନ୍ ରାପିଡ୍ ଚେସ୍ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି।



# ଚାଇଲ୍ଡ ପର୍ନୋଗ୍ରାଫି: ୨୧ ରାଜ୍ୟରେ ଚଢ଼ାଉ

**ନୂଆଦିଲ୍ଲୀ,୨୪।୯**

ଶିଶୁମାନଙ୍କୁ ନେଇ ଅଶ୍ଳୀଳ ଚିତ୍ର ବା ଚାଇଲ୍ଡ ପର୍ନୋଗ୍ରାଫି ପ୍ରସ୍ତୁତ କରି ଅନ୍‌ଲାଇନରେ ବିକ୍ରି ଓ ପ୍ରସାରଣ କରାଯାଉଥିବାରୁ ଏହାକୁ ରୋକିବା ଲାଗି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଶନିବାର ସବୁଠୁ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ସିବିଆଇ ଅଧିକାରୀମାନେ ଏକସଙ୍ଗେ ହିମାଚଳପ୍ରଦେଶ, ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର, ଗୁଜରାଟ, ଗୋଆ, କର୍ନାଟକ, ତେଲଙ୍ଗାନା, ତାମିଲନାଡୁ



ସମେତ ୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୯ଟି ସ୍ଥାନରେ ଚଢ଼ାଉ କରିଛନ୍ତି। ସିବିଆଇ ଇତିହାସରେ ଏହା ସବୁଠୁ

### ସିବିଆଇର ସବୁଠୁ ବଡ଼ କାର୍ଯ୍ୟାନୁଷ୍ଠାନ

ବଡ଼ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି। ଇଣ୍ଟରନେଟ୍‌ରେ ଏଭଳି ଅଶ୍ଳୀଳ ଫଟୋ ଓ ଭିଡିଓ ଉପଲବ୍ଧ ହେଉଥିବା ନେଇ ଇଣ୍ଟରପୋଲ୍‌ର ସିଙ୍ଗାପୁରସ୍ଥିତ ଶିଶୁ ବିରୋଧୀ ଅପରାଧ ଶାଖାଠାରୁ ସୂଚନା ପାଇବା ପରେ ସିବିଆଇ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ଅପରାଧରେ ସମ୍ପୃକ୍ତ ସମ୍ପୂର୍ଣ୍ଣ ନେଟ୍‌ୱର୍କ ଉପରେ ଚଢ଼ାଉ ଲାଗି ୨୦୦ରୁ ଊର୍ଦ୍ଧ୍ୱ ସିବିଆଇ ଅଧିକାରୀଙ୍କୁ ନେଇ ବିଭିନ୍ନ ଟିମ୍ ଗଠନ କରାଯାଇଥିଲା।

ପର୍ନୋଗ୍ରାଫି ବିକ୍ରି ଓ ପ୍ରସାରଣ ଲାଗି କ୍ଲାଉଡ୍ ଷ୍ଟୋରେଜ୍ ବ୍ୟବହାର କରାଯାଉଥିବା ଜଣାପଡ଼ିବା ପରେ ଏହା ଉପରେ ତଥ୍ୟ ସଂଗ୍ରହ କରି କାର୍ଯ୍ୟାନୁଷ୍ଠାନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ବୈଷୟିକ ପଦ୍ଧତିରେ ନଜର ରଖିବା ସହ ଅଭିଯୁକ୍ତମାନଙ୍କ ଆଡ୍ଡାସ୍ଥଳ ଚିହ୍ନଟ ପରେ ଚଢ଼ାଉ ଚାଲିଥିବା ସିବିଆଇ ସୂତ୍ରରୁ କୁହାଯାଇଛି। ଏହି କାର୍ଯ୍ୟାନୁଷ୍ଠାନର ନାଁ ରଖାଯାଇଛି 'ମେଘଚକ୍ର'। ଅନୁରୂପ ଅପରାଧକୁ ନେଇ ଗତବର୍ଷ ନଭେମ୍ବରରେ ସିବିଆଇ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସେତେବେଳେ ଏହାର ନାମ ରଖାଯାଇଥିଲା ଅପରେଶନ କାର୍ବନ। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ଶିଶୁ ପର୍ନୋଗ୍ରାଫି ପ୍ରସାରଣ ଏବଂ ଶିଶୁମାନଙ୍କୁ ବ୍ଲାକ୍‌ମେଲିଂରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ ଗ୍ୟାଙ୍ଗ୍‌କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ☞ପୃଷ୍ଠା-୬

## ୧ରୁ ୫ଜି ସେବା



**ନୂଆଦିଲ୍ଲୀ,୨୪।୯:** ଆସନ୍ତା ଅକ୍ଟୋବର ୧ ତାରିଖରେ ଭାରତରେ ୫ଜି ସେବା ଆରମ୍ଭ ହେବାକୁ ଯାଉଛି। ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହି ୫ଜି ସେବା ଲଞ୍ଚ୍ କରିବେ। ଏସିଆର ସର୍ବବୃହତ୍ ଟେଲିକମ୍, ମିଡିଆ ଏବଂ ଟେକ୍‌ନୋଲୋଜି ଫୋରମ୍ ଭାବେ ନିଜକୁ ଦାବି କରୁଥିବା ଆଇଏମ୍‌ସିର କାର୍ଯ୍ୟକ୍ରମକୁ ଭାରତର ଟେଲିକମ୍ ବିଭାଗ ଏବଂ ସେଲୁଲାର ଅପରେଟର୍ସ ଆସୋସିଏଶନ ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯାଉଛି। ସ୍ୱଳ୍ପ ସମୟସୀମା ମଧ୍ୟରେ ଦେଶର ୮୦ ପ୍ରତିଶତ ଅଞ୍ଚଳରେ ୫ଜି ଟେଲିକମ୍ ସେବା ଉପଲବ୍ଧ କରାଇବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିବା ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ସପ୍ତାହରେ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ, ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଚଣ୍ଡିଗଡ଼, ହାଇଦ୍ରାବାଦ, ଗାନ୍ଧୀନଗର, ଗୁରୁଗ୍ରାମ, ଜାମନଗର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ ଏବଂ ପୁଣେରେ ୫ଜି ସେବା ଶୁଭାରମ୍ଭ ହେବ ବୋଲି ଟେଲିକମ୍ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ ଓଡ଼ିଶାରେ ମଧ୍ୟ ଏହି ସମୟରେ ଲଞ୍ଚ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

# ୨ରେ ଲଘୁଚାପ: ପ୍ରବଳ ଛେଚିବ

**ଭୁବନେଶ୍ୱର୨୪।୯(ବ୍ୟୁରୋ)**

ଆସନ୍ତା ଅକ୍ଟୋବର ୨ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ସମଗ୍ର ରାଜ୍ୟରେ ବର୍ଷା ହେବ। ଉପକୂଳ ଓଡିଶାର କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଅକ୍ଟୋବର ୨ରୁ ୪ ତାରିଖ ଯାଏ ବର୍ଷା ଲାଗି ରହିବ। ରାଜ୍ୟରେ ମୌସୁମୀଜନିତ ବର୍ଷା ଲାଗି ରହିଛି। ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ଭଦ୍ରକରେ ୫୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୨.୮, ପାରାଦୀପ ୩୨, ଗୋପାଳପୁର ୧୪.୩, ମାଲକାନଗିରି ୧୫, ଛତ୍ରପୁର ୨୦, ଜଗତସିଂହପୁର ୧୨.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ଯାଜପୁର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୨୬ ଓ ୨୭ ତାରିଖରେ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡିଶାର କେତେକ ସ୍ଥାନରେ ବର୍ଷା ହୋଇପାରେ। ରାଜ୍ୟରେ ଚଳିତ ବର୍ଷ ଭଲ ବର୍ଷା ହୋଇଛି। ଜୁନ ପହିଲାରୁ ସେପ୍ଟେମ୍ବର ୨୪ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଠାରୁ ୪% ଅଧିକ ବର୍ଷା ହୋଇଛି।



ଶନିବାର ବର୍ଷା ପରେ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲ୍ ରୋଡ୍ ଜଳମଗ୍ନ।

# ବିହାରରେ ଠାବ ହେଲେ ୨ ଯୋଗାଣକାରୀ

### ନକଲି ମେଡିସିନ କାରବାର ମାମଲା

**କଟକ ଅଫିସ,୨୪।୯**

ଓଡ଼ିଶା ବାହାରକୁ ଯାଇଥିବା କମିଶନରେଟ୍ ପୋଲିସର ଏକ ଟିମ୍ ବିହାରର ଗୟାଠାରେ ନକଲି ମେଡିସିନ ଯୋଗାଣକାରୀଙ୍କୁ ଠାବ କରିଛି। ବିହାର ପୋଲିସ ସହାୟତାରେ ସେଠାରେ ତଦନ୍ତ କରାଯାଉଛି। ଗୟାସ୍ଥିତ ବାଲାଜୀ ଏଜେନ୍ସିର ୨ ଜଣଙ୍କୁ ପୋଲିସ ପଚରାଉଚୁରା କରୁଥିବାବେଳେ ସେମାନଙ୍କୁ ଗିରଫ କରି ଓଡ଼ିଶା ଅଣାଯିବ ବୋଲି ଡିସିପି ପିନାକ ମିଶ୍ର ଶନିବାର ସୂଚନା ଦେଇଛନ୍ତି। ନକଲି ମେଡିସିନ କାରବାର ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ୨ ଅଭିଯୁକ୍ତଙ୍କୁ ଜେରାବେଳେ ପୋଲିସକୁ ଏନେଇ ସବିଶେଷ ତଥ୍ୟ ହସ୍ତଗତ ହୋଇଥିଲା। ଉକ୍ତ ତଥ୍ୟକୁ ଆଧାର କରି ପୁରୀଘାଟ ଥାନା ଆଇଆଇସିଙ୍କ ନେତୃତ୍ୱରେ ୪ ଜଣିଆ ଏକ ଟିମ୍ ଗତ ୨୧ ତାରିଖରେ ବିହାର ଯାଇଛି।

ପ୍ରକାଶ ଯେ, ଉଚ୍ଚ ରକ୍ତଚାପ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ନକଲି ମେଡିସିନ୍ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଏନେଇ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ☞ପୃଷ୍ଠା-୬



**'ବିମାନ ଚଳାଚଳ ପ୍ରତି ୫ଜି ବିପଦ'**

**ନୂଆଦିଲ୍ଲୀ:** ଭାରତରେ ଖୁବ୍‌ଶୀଘ୍ର ୫ଜି ସେବା ଆରମ୍ଭ କରିବା ପାଇଁ ଉଭୟ ଟେଲିକମ୍ ମନ୍ତ୍ରଣାଳୟ ଏବଂ ସରକାର ପ୍ରାୟ ସମସ୍ତ ପ୍ରକ୍ରିୟା ଶେଷ କରିଛନ୍ତି। ହେଲେ ୫ଜି ସେବାର ଆରମ୍ଭ ହେବା ଆଗରୁ ବିଭିନ୍ନ ବିଷୟ ଉପରେ ତର୍ଜମା କରିବାକୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଆପତ୍ତି ସହ ଉଦ୍‌ବେଗ ପ୍ରକାଶ କରାଯାଇଛି। ବିଶେଷକରି ଉକ୍ତ ସେବା ପାଇଁ ବିମାନ ଚଳାଚଳ ପ୍ରତି ରହିଥିବା ବିପଦକୁ ନେଇ ଡିଜିସିଏ ଚିନ୍ତା ପ୍ରକଟ କରିଛି। ଏପରିକି ୫ଜି ପାଇଁ ରହିଥିବା ସମସ୍ୟା ବିଷୟରେ ଡିଜିସିଏ ପକ୍ଷରୁ ଟେଲିକମ୍ ବିଭାଗକୁ ମଧ୍ୟ ଅବଗତ କରାଯାଇଛି।

# ଭାରତରେ ୫,୦୦୦ କୋଟି ଟଙ୍କା ବିନିଯୋଗ କରିବ ନେସ୍‌ଲେ

## ୨୦୨୫ ସୁଦ୍ଧା ଉତ୍ପାଦନ କ୍ଷମତା ବୃଦ୍ଧି ସାଙ୍ଗକୁ ନୂତନ ସ୍ଥାନ ଉପରେ କମ୍ପାନୀ ନଜର ରଖିଛି


ମାର୍କ ସ୍ନାଇଡର

ନୂଆଦିଲ୍ଲୀ,୨୪।୯

ଦେଶର ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ତଥା ବିଶ୍ୱର ଜଣାଶୁଣା ଖାଦ୍ୟ ତଥା ପାନୀୟ କମ୍ପାନୀ ନେସ୍‌ଲେ ଏସ୍‌ଏ ଆସନ୍ତା ସାଢେ ୩ ବର୍ଷ ମଧ୍ୟରେ ବା ୨୦୨୫ ସୁଦ୍ଧା ଭାରତରେ ୫୦୦୦ କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା ପ୍ରସ୍ତୁତ କରିଛି ବୋଲି ନେସ୍‌ଲେର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ମାର୍କ ସ୍ନାଇଡର ନିକଟରେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଏହା ଉପରେ ଯଦି ଆମେ ମିଶ୍ରଣ ଏବଂ ଅଧିଗ୍ରହଣ ପାଇଁ ସୁଯୋଗ ଦେଖୁ ତେବେ ଆମେ ସେଗୁଡିକୁ ମଧ୍ୟ ଅନୁସନ୍ଧାନ କରି ଖୁସି ହେବୁ ବୋଲି ମାର୍କ କହିଛନ୍ତି। ଏପରିକି ପୁଞ୍ଜି ବିନିଯୋଗ କ୍ୟାପେକ୍ସ (ପୁଞ୍ଜି ବ୍ୟୟ) ସାଙ୍ଗକୁ ପ୍ଲାଣ୍ଟ ସ୍ଥାପନ ଏବଂ କମ୍ପାନୀର ଉତ୍ପାଦ ପୋର୍ଟଫୋଲିଓର ବିସ୍ତାର କରିବାକୁ ଯୋଜନା କରିଛୁ। ବର୍ତ୍ତମାନ କମ୍ପାନୀ ଭାରତରେ ୯ଟି ପ୍ଲାଣ୍ଟ ପରିଚାଳନା କରୁଥିବା ବେଳେ ଆଉ ଅଧିକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ ନୂତନ ସ୍ଥାନଗୁଡିକ ଉପରେ ମଧ୍ୟ ନଜର ରଖିଛୁ। ବିଶେଷକରି କ୍ଲିୟରାନ୍ସ ଏବଂ ଅନୁମୋଦନ ଅନୁଯାୟୀ ପୁଞ୍ଜି ବିନିଯୋଗ ସହ ନିଯୁକ୍ତି ସୃଷ୍ଟି କରିବାରେ ଏହା ବେଶ୍ ସହାୟକ ହେବ ବୋଲି ମାର୍କ ଆଶାବ୍ୟକ୍ତ କରିଛନ୍ତି। ସେହିଭଳି କମ୍ପାନୀ ଶ୍ରେଷ୍ଠ ୧୦ ମଧ୍ୟରେ ଥିବା ଭାରତୀୟ ବଜାରରେ ପୁଞ୍ଜି ବିନିଯୋଗ ଯୋଜନା ସମ୍ପର୍କରେ ସ୍ନାଇଡର ଏକ ମିଡିଆ ରାଉଣ୍ଡ ଟେବୁଲରେ ବିସ୍ତୃତ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଭାରତରେ ଉତ୍ପାଦନ ଆରମ୍ଭ କରିବାର ୬୦ବର୍ଷ ମଧ୍ୟରେ ଏହି ଯୋଜନା ୮,୦୦୦ କୋଟି ଟଙ୍କା ସହ ତୁଳନା କରାଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀ ୧୧୦ ବର୍ଷରୁ ଅଧିକ ସମୟ ଧରି ଭାରତ ବଜାରରେ ତା'ର ଉପସ୍ଥିତି ଜାହିର କରିଆସିଛି। ଏହି ବିନିଯୋଗ ଉଭୟ ବିକାଶମୂଳକ କାର୍ଯ୍ୟ ଏବଂ ବ୍ରାଣ୍ଡ୍ ବିଲ୍ଡିଂ ଇତ୍ୟାଦି ପାଇଁ କାର୍ଯ୍ୟ କରିବ ବୋଲି ସ୍ନାଇଡର ଆଶା ପ୍ରକାଶ କରିଛନ୍ତି। ସେହିପରି ୨୦୨୦ରେ କମ୍ପାନୀ ଗୁଜରାଟର ସାନନ୍ଦଠାରେ ଥିବା କାରଖାନାର କ୍ଷମତା ବୃଦ୍ଧି ପାଇଁ ପ୍ରାୟ ୨,୬୦୦ କୋଟି ଟଙ୍କାର ବିନିଯୋଗ ସମ୍ପର୍କରେ ମଧ୍ୟ ଘୋଷଣା କରିଥିଲା। କିଟ୍‌କାଟର ନିର୍ମାତା ପୁରିନା ପେଟକେୟାର ସହ ଦେଶରେ ପୋଷା ଖାଦ୍ୟ ବିଭାଗରେ ପ୍ରବେଶ କରିଥିଲେ।

ଏ ସମ୍ପର୍କରେ ନେସ୍‌ଲେ ଇଣ୍ଡିଆର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ସୁରେଶ ନାରାୟଣନ କହିଛନ୍ତି, କମ୍ପାନୀର ମୂଳ ବ୍ୟବସାୟକୁ ତ୍ୱରାନ୍ୱିତ କରିବା ସହ ଏହା ଆଉ ଏକ ଧ୍ୟାନ କ୍ଷେତ୍ର ହେବ। ବିଶେଷକରି କମ୍ପାନୀ ୩ଟି ପରିକଳନା ଯୋଜନା ମାଧ୍ୟମରେ ଏହାର ନକ୍ସା ପ୍ରସ୍ତୁତ କରିଛି। ସୂଚନାଯୋଗ୍ୟ, ୨୦୨୧ ରେ ନେସ୍‌ଲେ ଇଣ୍ଡିଆର ଆୟ ୧୪,୭୦୯.୪୧ କୋଟି ଟଙ୍କା ରହିଥିଲା। କମ୍ପାନୀ ଶେଷ ଥର ମ୍ୟାଗି ନୁଡୁଲ୍ ଉତ୍ପାଦନ ପାଇଁ ସାନନ୍ଦଠାରେ ଏହାର କାରଖାନା ଖୋଲିବା ପାଇଁ ପ୍ରାୟ ୭୦୦କୋଟି ଟଙ୍କା ବିନିଯୋଗ କରିଥିଲା।

# ପାର୍ବଣରେ ୨.୫ ଲକ୍ଷ କୋଟି ଖର୍ଚ୍ଚ କରିବେ ଭାରତୀୟ

ନୂଆଦିଲ୍ଲୀ,୨୪।୯

ଗତ ୨ ବର୍ଷ ହେବ କୋଭିଡ୍ ମହାମାରୀ ପାଇଁ ପାର୍ବଣ ବଜାର ମାନ୍ଦା ପଡ଼ିଯାଇଥିଲା। ବିଶେଷକରି ୨୦୨୦ ଏବଂ ୨୦୨୧ରେ ପାର୍ବଣର ମଜା ଉଠାଇପାରି ନ ଥିଲେ। ଫଳରେ ଚଳିତ ବର୍ଷ ପାର୍ବଣରେ ଲୋକମାନେ କିଣାକିଣି ସାଙ୍ଗକୁ ପୂଜା ପାଳନର ପ୍ରସ୍ତୁତି କରିସାରିଲେଣି। କାରଣ ପୂର୍ବ ବର୍ଷ ପରି ଚଳିତ ବର୍ଷ ଭାରତରେ ମହାମାରୀ ପ୍ରକୋପ କମ୍ ରହିଛି। ତେଣୁ ଚଳିତବର୍ଷ ପାର୍ବଣରେ ଗ୍ରାହକମାନେ ଅଧିକ ମାତ୍ରାରେ କିଣାକିଣି କରିବେ ବୋଲି ଜଣାପଡ଼ିଛି। ଚଳିତ ପାର୍ବଣରେ ଭାରତୀୟ ଗ୍ରାହକଙ୍କ ଖର୍ଚ୍ଚ ପ୍ରାୟତଃ ୩୨ ବିଲିଅନ ଡଲାର ବା ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା ରହିବ ବୋଲି ଲୋକାଲ ସର୍କଲ୍ସ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି। ତେବେ କରୋନା ମହାମାରୀ ପୂର୍ବରୁ ୨୦୧୯ ପାର୍ବଣରେ ଭାରତୀୟ ଗ୍ରାହକମାନେ ୩୭ ବିଲିଅନ ଡଲାର ଖର୍ଚ୍ଚ କରିଥିଲେ ବୋଲି ସର୍ଭେରୁ ସୂଚନା ମିଳିଛି।

# ସାରେଗାମା କାର୍‌ଭାନ ମୋବାଇଲ ଉନ୍ମୋଚିତ



ଭୁବନେଶ୍ୱର,୨୪।୯

ଭାରତୀୟ ସଙ୍ଗୀତ ଶିଳ୍ପର ପ୍ରମୁଖ ବ୍ରାଣ୍ଡ ସାରେଗାମା ପକ୍ଷରୁ ଏକ ଭିନ୍ନ ଧରଣର ମୋବାଇଲ ଫୋନ୍ 'ସାରେଗାମା କାର୍‌ଭାନ ମୋବାଇଲ ଫୋନ୍'ର ଉନ୍ମୋଚନ ସାଙ୍ଗକୁ ଓଡ଼ିଶା ବଜାର ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ଅବସରରେ କମ୍ପାନୀର ପୂର୍ବ ଏବଂ ଉତ୍ତର-ପୂର୍ବ ଜୋନ୍‌ର ଜେଡ୍‌ଏସ୍‌ଏମ୍ ସରୋଜ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚିତ କରିଥିଲେ। ଏପରିକି ଓଡ଼ିଶାରେ ଉକ୍ତ ଫୋନ୍‌ର ବଜାର ପ୍ରବେଶ କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଓଡ଼ିଶା ଏଏସ୍‌ଏମ୍ ବିକ୍ରମ ପାତ୍ରଙ୍କ ସମେତ ଲକ୍ଷ୍ମୀ ମୋବାଇଲ ଷ୍ଟୋରର ମାଲିକ ନକୁଳ ସୁବୁଦ୍ଧି ଏବଂ ଓଡ଼ିଶା ଡିଷ୍ଟ୍ରିବ୍ୟୁଟର ଭୀମସେନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ଏହା ହେଉଛି ଦେଶର ପ୍ରଥମ ଫିଚର ଫୋନ୍ ଯେଉଁଥିରେ କିମ୍ବଦନ୍ତୀ ଗାୟକ ଗାୟିକାମାନଙ୍କର ୧୫୦୦ରୁ ଅଧିକ ମନଛୁଆଁ ଗୀତ ରହିଛି, ଯାହାକୁ ସଙ୍ଗୀତପ୍ରେମୀମାନେ ବିନା କୌଣସି ପ୍ରତିବନ୍ଧକରେ ଶୁଣିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସବୁଠୁ ବଡ଼ କଥା ହେଉଛି ଏହି ଗୀତଗୁଡ଼ିକୁ ଶୁଣିବା ଲାଗି କୌଣସି ଇଣ୍ଟରନେଟ୍ ସଂଯୋଗର ଆବଶ୍ୟକତା ନାହିଁ। ସେହିଭଳି ଉକ୍ତ ମୋବାଇଲ ଫୋନ ବର୍ତ୍ତମାନ ୨ଟି ଭାରିଆଣ୍ଟରେ ଉପଲବ୍ଧ।

# ଆଇସିଆଇସିଆଇ ବ୍ୟାଙ୍କ୍‌ର 'ଫେଷ୍ଟିଭ୍ ବୋନାଞ୍ଜା'

ନୂଆଦିଲ୍ଲୀ,୨୪।୯

ଚଳିତ ବର୍ଷର ପାର୍ବଣଋତୁକୁ ନଜରରେ ରଖି ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଫେଷ୍ଟିଭ୍ ବୋନାଞ୍ଜା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ୟାଙ୍କର ଗ୍ରାହକମାନଙ୍କ ପାଇଁ ବ୍ୟାପକ ପ୍ରକାର ଅଫର ସହ ରିହାତି ଓ ୨୫ହଜାର ଟଙ୍କାର କ୍ୟାଶବ୍ୟାକ୍ ସୁବିଧାକୁ ମଧ୍ୟ ବ୍ୟାଙ୍କର ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, କଞ୍ଜ୍ୟୁମର ଫାଇନାନ୍ସ ଓ କାର୍ଡଲେସ୍ ଇଏମ୍‌ଆଇକୁ ବ୍ୟବହାର କରି ଉପଭୋଗ କରିପାରିବେ। ଏପରିକି ବ୍ୟାଙ୍କର ଡେବିଟ୍ କାର୍ଡ ଓ କ୍ରେଡିଟ୍ କାର୍ଡକୁ ବ୍ୟବହାରକରି ଇଏମ୍‌ଆଇ ଜରିଆରେ ମଧ୍ୟ ଗ୍ରାହକମାନେ ଉପରୋକ୍ତ ଅଫରଗୁଡ଼ିକୁ ହାସଲ କରିପାରିବେ। ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଝା କହିଛନ୍ତି, ଆମ ଗ୍ରାହକମାନଙ୍କ ପାଇଁ ଫେଷ୍ଟିଭ୍ ବୋନାଞ୍ଜା ଅଫର ଆରମ୍ଭ କରାଯାଇଥିବା ବିଷୟରେ ଘୋଷଣାକରି ଆମେ ଅତ୍ୟନ୍ତ ଉଲ୍ଲସିତ ଅଛୁ। ଯେଉଁଥିରେ କିଣାକିଣି ଓ ବ୍ୟୟ ଉପରେ ବ୍ୟାପକ ଅଫର,ରିହାତି ଓ କ୍ୟାଶ୍‌ବ୍ୟାକ୍ ସୁବିଧା ରହିଛି। ସେହିଭଳି ବିଭିନ୍ନ ପ୍ରକାର ଉତ୍ପାଦ ଓ ସେବା ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରିବା ଲାଗି ଆମେ ଅଗ୍ରଣୀ ବ୍ରାଣ୍ଡ ଓ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ସହ ସହଯୋଗିତା ମଧ୍ୟ ସ୍ଥାପନ କରିଛୁ। ଆଇସିଆଇସିଆଇ ବ୍ୟାଙ୍କର ଡେବିଟ୍-କ୍ରେଡିଟ୍ କାର୍ଡ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଓ କଞ୍ଜ୍ୟୁମର ଫାଇନାନ୍ସକୁ ବ୍ୟବହାରକରି ଗ୍ରାହକମାନେ ଉକ୍ତ ଅଫରର ସୁବିଧା ହାସଲ କରିପାରିବେ।

# ଆଜି ଷ୍ଟାର୍ କିରଣରେ 'ମହାବାହୁ'

ଭୁବନେଶ୍ୱର,୨୪।୯




ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଷ୍ଟାର କିରଣରେ ଆଜି (ରବିବାର) ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର 'ମହାବାହୁ'ର ପ୍ରସାରଣ ହେବ। ଉକ୍ତ ଚ୍ୟାନେଲ୍ ପ୍ରତି ସପ୍ତାହ ଶେଷ (ରବିବାର)ରେ ଦର୍ଶକମାନଙ୍କୁ ନୂଆ ଚଳଚ୍ଚିତ୍ର ଭେଟି ଦେଉଛି। ଫଳରେ ସାରା ପରିବାର ରବିବାର ଏକତ୍ରିତ ହୋଇପାରୁଛନ୍ତି। ଉକ୍ତ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଆକାଶଦାସ ନାୟକ ଏବଂ ନାୟିକା ଭୂମିକାରେ ପୁନମ ମିଶ୍ର ଅଭିନୟ କରିଛନ୍ତି। ଏହା ଏକ ପାରିବାରିକ ଏବଂ ମନୋରଞ୍ଜନ ଭିତ୍ତିକ ଚଳଚ୍ଚିତ୍ର। ମହାବାହୁ ଚଳଚ୍ଚିତ୍ର ହେଉଛି ଏକ ପ୍ରତିକୂଳ ପରିସ୍ଥିତିରେ ଅବିଶ୍ୱାସରେ ବିଶ୍ୱାସର ବିରୋଧରେ ଆଭ୍ୟନ୍ତରୀଣ ଯୁଦ୍ଧର କାହାଣୀ। ଉକ୍ତ ଚଳଚ୍ଚିତ୍ରରେ ଶୁଭମ୍ ଚରିତ୍ରରେ ଆକାଶ ସୁନ୍ଦର ଅଭିନୟ ସାଙ୍ଗକୁ ଜଣେ ସଫଳ ଶିଳ୍ପପତିର ଭୂମିକାରେ ଅଭିନୟ କରିଛନ୍ତି। ଏପରିକି ଯେତେବେଳେ ହଠାତ୍ ଶୁଭମ୍ ତାଙ୍କ ମସ୍ତିଷ୍କରେ ହୋଇଥିବା ଏକ ଟ୍ୟୁମର ବିଷୟରେ ଜାଣିବାକୁ ପାଆନ୍ତି ସେତେବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ସେ ପ୍ରଭୁ ଜଗନ୍ନାଥଙ୍କ ଉପରୁ ସମସ୍ତ ବିଶ୍ୱାସ ହରାଇ ବସନ୍ତି। ଏହା ପରେ ଶ୍ରୀଜଗନ୍ନାଥଙ୍କ ଉପରେ ତାଙ୍କର ହଜିଯାଇଥିବା ବିଶ୍ୱାସ କିପରି ପୁନଃ ସ୍ଥାପିତ ହେଉଛି, ତାହା ଉକ୍ତ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକମାନଙ୍କୁ ସୁନ୍ଦର ଭାବରେ ପରିବେଷଣ କରାଯାଉଛି।

# ରିଅଲ୍‌ମି ସି୩୦ଏସ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୪।୯

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ନୂଆ ରିଅଲ୍‌ମି ସି୩୦ଏସ୍‌ର ଶୁଭାରମ୍ଭ କରାଯାଇଛି। ରିଅଲ୍‌ମି ସି୩୦ଏସ୍‌ର ଅନ୍ୟତମ ପ୍ରମୁଖ ହାଇଲାଇଟ୍ ହେଉଛି ଏହାର ସାଇଡ୍-ଫିଙ୍ଗରପ୍ରିଣ୍ଟ ସେନ୍‌ସର। ସି-ସିରିଜ୍ ସେଗ୍‌ମେଣ୍ଟରେ ଫିଙ୍ଗରପ୍ରିଣ୍ଟ ସେନ୍‌ସରର ପୁନଃ ଶୁଭାରମ୍ଭ କରିଥିବା ରିଅଲ୍‌ମି ସି୩୦ଏସ୍ ଆପଣଙ୍କ ସ୍ମାର୍ଟଫୋନ୍‌କୁ କେବଳ ୦.୫୮ ସେକେଣ୍ଡରେ ଅନ୍‌ଲକ୍ କରିବା ପାଇଁ ସକ୍ଷମ । ରିଅଲ୍‌ମି ସି୩୦ଏସ୍‌ରେ ଏକ ମାଇକ୍ରୋ-ଟେକ୍ସଚର୍ ଆଣ୍ଟି-ସ୍ଲିପ୍ ଡିଜାଇନ ରହିଛି, ଯାହାର ଓଜନ ମାତ୍ର ୧୮୨ଗ୍ରାମ ଏବଂ ଏଥିରେ ଏକ ଅଲ୍‌ଟ୍ରା-ସ୍ଲିକ୍ ୮.୫ ଏମ୍‌ଏମ୍ ବଡି ରହିଛି । ଏହି ସ୍ମାର୍ଟଫୋନ୍ ଏକ ୬.୫ ଇଞ୍ଚ୍ ଫୁଲ୍‌ସ୍କ୍ରିନ୍ ଏଲ୍‌ସିଡି ଡିସ୍‌ପ୍ଲେ ସହ ଆସୁଛି। ୟୁନିସକ୍ ଏସ୍‌ସି୯୮୬୩ଏ ଅକ୍ଟା-କୋର୍ ପ୍ରୋସେସର ଦ୍ୱାରା ପରିଚାଳିତ ରିଅଲ୍‌ମି ସି୩୦ଏସ୍ ଏହାର ଉପଭୋକ୍ତାଙ୍କୁ ଏକ ଅତ୍ୟଧିକ ସୁଗମ ପରିଚାଳନା ଅନୁଭୂତି ଦେଉଛି। ଏ ସମ୍ପର୍କରେ ରିଅଲ୍‌ମି ଗ୍ରୁପ୍‌ର ଅଧକ୍ଷ ମାଧବ ସେଠ୍ କହିଛନ୍ତି, ରିଅଲ୍‌ମି ସି-ସିରିଜ୍‌କୁ କମ୍ ମୂଲ୍ୟର ସ୍ମାର୍ଟଫୋନ୍ ଚାହୁଁଥିବା ଉପଭୋକ୍ତାଙ୍କୁ ସର୍ବୋତ୍ତମ ଫିଚର ପ୍ରଦାନ କରିବା ପାଇଁ ନିର୍ମାଣ କରାଯାଇଛି। ରିଅଲ୍‌ମି ସି୩୦ଏସ୍ ହେଉଛି ଡିଜାଇନ୍ ଓ ଟେକ୍ନୋଲୋଜିର ଉପଯୁକ୍ତ ସମ୍ମିଶ୍ରଣ ଥିବା ଏକ ଉତ୍ପାଦ ନିର୍ମାଣ କରିବା ପାଇଁ ଆମର ନୂତନ ପ୍ରୟାସ ରହିଛି।

**ଫୁରସତ୍**



# ଟାଇଗରଙ୍କ ପ୍ରିୟ ଅଲ୍ଲୁ

**ମୁମ୍ବାଇ:** ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ପ୍ରିୟ ଅଭିନେତା ହେଉଛନ୍ତି ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଷ୍ଟାଇଲିଶ୍ ହିରୋ ଅଲ୍ଲୁ ଅର୍ଜୁନ। ସୁପର ହିଟ୍ ଫିଲ୍ମ ପୁଷ୍ପା: ଦ ରାଇଜ୍‌ର ହିରୋ ଅଲ୍ଲୁ ଅର୍ଜୁନ ନିଜ ଷ୍ଟାଇଲ୍ ଓ ଅଭିନୟ ପାଇଁ ବେଶ୍ ପରିଚିତ। ନିଜକୁ ସବୁବେଳେ ଫିଟ୍ ରଖୁଥିବା ଏହି ଦକ୍ଷିଣଭାରତୀୟ ନାୟକଙ୍କ ପ୍ରଶଂସକ ବଲିଉଡ୍‌ର କେଉଁ ସୁପରଷ୍ଟାରଙ୍କ ତୁଳନାରେ କମ୍ ନୁହନ୍ତି। ଇନ୍‌ଷ୍ଟାଗ୍ରାମରେ 'ଆସ୍କ ମାଇଁ କ୍ୱେଶ୍ଚିନ୍'ର ଟାସ୍କ କଲାବେଳେ ଇନ୍‌ଷ୍ଟା ଟାଇଗରଙ୍କୁ ତାଙ୍କ ଫେଭରାଇଟ୍ ସାଉଥ୍ ଆକ୍ଟର କିଏ ବୋଲି ପଚାରିଥିଲା, ଯେଉଁଥିରେ ଟାଇଗର ଅଲ୍ଲୁ ଅର୍ଜୁନ ତାଙ୍କ ପ୍ରିୟ ଅଭିନେତା ବୋଲି କହିଥିଲେ। ଅଲ୍ଲୁ ଅର୍ଜୁନଙ୍କ ପୁଅ ଅଲ୍ଲୁ ଆର୍ୟା ଟାଇଗରଙ୍କର ଜଣେ ବଡ଼ ଫ୍ୟାନ୍। କିଛିଦିନ ପୂର୍ବେ ଅଲ୍ଲୁ ଅର୍ଜୁନ ଏକ ଭିଡିଓ ଶେୟାର କରିଥିଲେ, ଯେଉଁଥିରେ ଆର୍ୟା ବାଗି-୩ର ଶୁଟିଂ ସେଟ୍‌କୁ ଡାକିବା ଲାଗି ଟାଇଗରଙ୍କୁ ଅନୁରୋଧ କରୁଛନ୍ତି। ଟାଇଗରଙ୍କ ଆଗାମୀ ଫିଲ୍ମ 'ଗନପଥ'ର ଶୁଟିଂ ଏବେ ଜାରି ରହିଛି, ଯାହା ଡିସେମ୍ବର ୨୩ରେ ମୁକ୍ତିଲାଭ କରିବ।

# କକ୍‌ପିଟ୍‌ରେ ଘୁମାଉଛନ୍ତି ଅଧିକାଂଶ ପାଇଲଟ୍

ମୁମ୍ବାଇ



ଦେଶର ଅଧିକାଂଶ ପାଇଲଟ୍ ଥକା ମେଣ୍ଟାଇବା ପାଇଁ କକ୍‌ପିଟ୍ (ବିମାନରେ ବସି ଚଲାଇବା ପାଇଁ ଥିବା ସ୍ଥାନ)କୁ ବାଛିଛନ୍ତି। ଅର୍ଥାତ୍ ଅଧିକାଂଶ ପାଇଲଟ୍ କକ୍‌ପିଟରେ ଘୁମାଉଥିବା ଏକ ସର୍ଭେରୁ ଜଣାପଡ଼ିଛି। ଅନେକ ସମୟରେ ଏହା ବିପଜ୍ଜନକ ସାବ୍ୟସ୍ତ ହେବାର ସମ୍ଭାବନା ରହିଛି। କାରଣ ଯେଉଁ ପାଇଲଟ୍‌ମାନେ କକ୍‌ପିଟ୍‌ରେ ଘୁମାଉଛନ୍ତି ସେମାନେ ତାଙ୍କ ସହ ପାଇଲଟ୍‌ଙ୍କୁ ଏ ସମ୍ପର୍କରେ ଜଣାଉ ନ ଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଆଞ୍ଚଳିକ, ଘରୋଇ ଓ ଅନ୍ତର୍ଜାତୀୟ ବିମାନ ଉଡାଉଥିବା ପାଇଲଟଙ୍କୁ ନେଇ ଏନ୍‌ଜିଓ ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେଶନ୍ ପକ୍ଷରୁ ଏକ ସର୍ଭେ କରାଯାଇଛି। ଏହି ସର୍ଭେ ଜରିଆରେ ପାଇଲଟ୍‌ମାନଙ୍କ ଥକାପଣକୁ ମାପ କରାଯାଇଛି। ଏହି ଷ୍ଟଡିରେ ମୋଟ ୫୪୨ ଜଣଙ୍କୁ ସାମିଲ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୬% ପାଇଲଟ୍ ଦିନବେଳା ବିମାନ ଉଡ଼ାଣବେଳେ ଘୁମାଉଥିବା ଜଣାପଡ଼ିଛି। ଥକାପଣ ପାଇଁ ୫୪% ପାଇଲଟ ଅଧିକାଂଶ ସମୟ କକ୍‌ପିଟ୍‌ରେ ଘୁମାଇଥାନ୍ତି। ସେହିପରି ୪୧ ପ୍ରତିଶତ ପାଇଲଟ୍ ବିମାନ ଚଲାଇବା ସମୟରେ ବେଳେବେଳେ ଶୋଇପଡ଼ନ୍ତି। ଶରୀର କିଛି ସମୟ କାମ କରି ଥକିଯିବା ପରେ ମସ୍ତିଷ୍କ ଓ ଶରୀର କାମ କରିବା ବନ୍ଦ କରିଦେଇଥାଏ। ଫଳରେ କିଛି ସମୟ ପାଇଁ ନିଦ ଲାଗିଥାଏ। ସେଥିପାଇଁ ଦିନବେଳେ ପାଇଲଟ୍‌ମାନେ ଶୋଇ ପଡ଼ିଥାନ୍ତି ବୋଲି ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନ କହିଛି। ବିମାନ ଉଡ଼ାଣବେଳେ ପାଇଲଟ୍ ଶୋଇପଡ଼ିବା କାରଣରୁ ଅନେକ ଦୁର୍ଘଟଣା ଘଟୁଥିବାର ଦେଖାଯାଇଛି। ୨୦୧୦ରେ ମାଙ୍ଗାଲୋର ବିମାନ ଦୁର୍ଘଟଣାରେ ୧୫୮ ଜଣଙ୍କ ମୃତ୍ୟୁ ହୋଇଥିଲା। ୨ ଘଣ୍ଟା ୫ମିନିଟର ବିମାନ ଯାତ୍ରାରେ ପାଇଲଟ୍ ୧ ଘଣ୍ଟା ୪୦ ମିନିଟ ଶୋଇ ପଡ଼ିଥିବା କକ୍‌ପିଟ ଭଏସ୍ ରେକର୍ଡରରୁ ଜଣାପଡ଼ିଥିଲା। ପାହାନ୍ତାରେ ବିମାନ ଯାତ୍ରା କରିବା କାରଣରୁ ପାଇଲଟ୍‌ଙ୍କ କ୍ଷେତ୍ରରେ ଥକାପଣର ମାତ୍ରା ବଢ଼ିଥିବା କୁହାଯାଇଛି। ସକାଳ ୬ଟା ସମୟରେ ବିମାନ ଉଡ଼ାଣ କରିବାକୁ ଥିବାବେଳେ ପାଇଲଟମାନଙ୍କୁ ରାତି ୩ରୁ ଉଠି ବାହାରିବାକୁ ପଡ଼ିଥାଏ। ନିଦ ପୂର୍ଣ୍ଣ ହୋଇ ନ ଥିବାବେଳେ ଲଗାତର ୧୦ରୁ ୧୨ ଘଣ୍ଟା ଡ୍ୟୁଟି କରିବା ଦ୍ୱାରା ଶରୀରକୁ ଯଥେଷ୍ଟ ବିଶ୍ରାମ ମିଳେନାହିଁ। ଏହି କାରଣ ଯୋଗୁ ପାଇଲଟମାନେ କକ୍‌ପିଟ୍‌ରେ ଘୁମାଇଥାନ୍ତି। ତେବେ ଏଥିଯୋଗୁ ବର୍ତ୍ତମାନ ସମୟରେ ବିମାନ ଦୁର୍ଘଟଣାର ମାତ୍ରା ବୃଦ୍ଧି ପଇଥିବା ଦେଖିବାକୁ ମିଳିଛି।

# ବାଇକ୍ ସହ ମହିଳାଙ୍କୁ ଟେକି ରାସ୍ତା ପାର

**ଜୟପୁର:** କିଛିଦିନ ହେବ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ ପ୍ରବଳମାତ୍ରାରେ ବର୍ଷା ହେବାରେ ଲାଗିଛି,ଫଳରେ ଅନେକ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଛି। ଗ୍ରାମର ରାସ୍ତାଘାଟରେ ଆଣ୍ଠୁଏ ପାଣି ଜମି ରହିଥିବାବେଳେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି ଲୋକେ। ଏଭଳି ସ୍ଥିତିରେ ରାଜସ୍ଥାନର ବାରାନ ଜିଲାରୁ ଏକ ଭିଡିଓ ସାମ୍ନାକୁ ଆସିଛି। ଗ୍ରାମବାସୀ ଜଣେ ମହିଳାଙ୍କୁ ବାଇକ୍‌ରେ ବସେଇ ଟେକିନେଇ ଆଣ୍ଠୁଏ ପାଣିରେ ରାସ୍ତା କଢ଼ାଇ ନେଉଥିବା ଦେଖିବାକୁ ମିଳିଛି। ଏକ ଦମ୍ପତି ବାଇକ୍ ଯୋଗେ ଚରଖାଡି ଗ୍ରାମକୁ ଯାଉଥିବାବେଳେ ରାସ୍ତା ଜଳମଗ୍ନ ହୋଇଯିବା କାରଣରୁ ସ୍ଥାନୀୟ ଲୋକେ ମହିଳାଙ୍କୁ ବାଇକ୍‌ରେ ବସେଇ କଲ୍‌ଭର୍ଟ ପାର କରାଇଥିବା କୁହାଯାଉଛି।



# ବ୍ୟୟବହୁଳ ହେବ ଶିଞ୍ଜୋଙ୍କ ଅନ୍ତ୍ୟେଷ୍ଟି

ଟୋକିଓନ୍

## ଏଲିଜାବେଥ୍‌ଙ୍କ ଶେଷକୃତ୍ୟଠାରୁ ଅଧିକ ଖର୍ଚ୍ଚ



ଆସନ୍ତା ସପ୍ତାହରେ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଆୟୋଜନ ହେବାକୁ ଅଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମ ପାଇଁ ହେଉଥିବା ବ୍ୟୟକୁ ନେଇ ଦେଶବାସୀ ପ୍ରଶ୍ନ କରିବା ସହ ପ୍ରତିବାଦ ଆରମ୍ଭ କରିଛନ୍ତି। ଶିଞ୍ଜୋଙ୍କ ଅନ୍ତିମ ସଂସ୍କାରରେ ୧.୬୬ ବିଲିୟନ୍ ୟେନ୍ ଖର୍ଚ୍ଚ ହେବ ବୋଲି କୁହାଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଶେଷକୃତ୍ୟରେ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ ନେଇ ଖବର ପ୍ରକାଶ ପାଇବା ପରେ ଦେଶବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ନିକଟରେ ବ୍ରିଟେନ ମହାରାଣୀ ଏଲିଜାବେଥ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ମହାରାଣୀଙ୍କଠାରୁ ଶିଞ୍ଜୋଙ୍କ ଅନ୍ତିମ ସଂସ୍କାରରେ ଅଧିକ ଅର୍ଥ ଖର୍ଚ୍ଚ ହେଉଥିବା ଆଲୋଚନା ହେଉଛି। ଶିଞ୍ଜୋଙ୍କ ଷ୍ଟେଟ୍ ଫ୍ୟୁନେରାଲ କାର୍ଯ୍ୟକ୍ରମକୁ ଦେଶବାସୀ ବିରୋଧ କରିବା ସହ ଏଲିଜାବେଥ୍‌ଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମ ସହ ତୁଳନା କରିବା ଆରମ୍ଭ କରିଛନ୍ତି। ଅନ୍ୟପଟେ ଟୋକିଓ ଅଲମ୍ପିକ୍ସ ପାଇଁ ଜାପାନ ୧୩ ବିଲିୟନ୍ ଡଲାର ଖର୍ଚ୍ଚ କରୁଥିବାବେଳେ ଶିଞ୍ଜୋଙ୍କ କାର୍ଯ୍ୟକ୍ରମରେ ଏହାର ଦୁଇଗୁଣା ଅର୍ଥ କ'ଣ ପାଇଁ ଖର୍ଚ୍ଚ କରାଯିବ ବୋଲି ପ୍ରତିବାଦକାରୀମାନେ ପ୍ରଶ୍ନ କରିଛନ୍ତି। ଟୋକିଓର ଇଭେଣ୍ଟ ଅର୍ଗାନାଇଜର୍ ମୁରାୟମା ଏହି କାର୍ଯ୍ୟକ୍ରମର ଆୟୋଜକ ରହିବ। ତେବେ ଏଲିଜାବେଥ୍‌ଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ସେ ନେଇ କୌଣସି ଗଣମାଧ୍ୟମରେ ଖବର ପ୍ରକାଶ ପାଇନାହିଁ। ଚଳିତବର୍ଷ ଜୁଲାଇରେ ଶିଞ୍ଜୋଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଜାପାନ ସରକାର ଶିଞ୍ଜୋଙ୍କ ଷ୍ଟେଟ୍ ଫ୍ୟୁନେରାଲ ପାଇଁ ୨୫୦ ମିଲିୟନ୍ ୟେନ୍ ଖର୍ଚ୍ଚ କରାଯିବ ବୋଲି ଏକ ବିବୃତ୍ତିରେ ପ୍ରକାଶ କରିଛନ୍ତି। ସେହିପରି ମୁଖ୍ୟ କ୍ୟାବିନେଟ୍ ସଚିବ ହିରୋକାଜୁ ମାଟ୍‌ସୁନୋଙ୍କ ସୂଚନାକ୍ରମେ କାର୍ଯ୍ୟକ୍ରମ ପାଇଁ ୮୦୦ ମିଲିୟନ୍ ୟେନ୍ ବ୍ୟୟ ବରାଦ ହୋଇଥିବାବେଳେ ୬୦୦ ମିଲିୟନ୍ ୟେନ୍‌ରେ କାର୍ଯ୍ୟକ୍ରମ ହୋଇଯିବ ବୋଲି ଆଶା ରଖାଯାଇଛି ।

# ନଦୀ କୁହେ ମାନବ କ୍ରମବିକାଶର କାହାଣୀ

## ବିଶ୍ୱ ନଦୀ ଦିବସ



ପୃଥିବୀ ଇତିହାସରେ ମାନବର କ୍ରମବିକାଶର କାହାଣୀ ବେଶ୍ ରୋଚକ। ମାନବ ସଭ୍ୟତା ନଦୀକୂଳରେ ହିଁ ଗଢ଼ି ଉଠିଥିଲା। ମାନବର ପ୍ରତିଟି ବିକାଶର ମୂକସାକ୍ଷୀ ହୋଇ ନଦୀ ରହିଛି। ତେଣୁ ନଦୀ ଗୁରୁତ୍ୱପୂର୍ଣ୍ଣ ଐତିହ୍ୟର ଗନ୍ତାଘର କହିଲେ କିଛି ଭୁଲ୍ ହେବ ନାହିଁ। ତେଣୁ ନଦୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ମାସର ଚତୁର୍ଥ ରବିବାରକୁ ବିଶ୍ୱ ନଦୀ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ୨୦୨୨ ବର୍ଷରେ ଏହା ସେପ୍ଟେମ୍ବର ୨୫ରେ ପାଳିତ ହେଉଛି। ସମଗ୍ର ବିଶ୍ୱରେ ନଦୀଗୁଡ଼ିକର ଉନ୍ନତ ପରିଚାଳନା ବ୍ୟବସ୍ଥାକୁ ଉତ୍ସାହିତ କରିବା ପାଇଁ ଏହି ଦିନଟି ଉଦ୍ଦିଷ୍ଟ। ପୃଥିବୀରେ କେତେ ନଦୀ ରହିଛି ତାହାର ଠିକ୍ ସଂଖ୍ୟା ନିର୍ଣ୍ଣୟ କରିବା କଷ୍ଟକର। ବିଶେଷଜ୍ଞଙ୍କ ଅନୁଯାୟୀ, ୧୬୫ଟି ପ୍ରମୁଖ ନଦୀ ଅଛି। ସେଥିମଧ୍ୟରୁ ୭୬ଟି ନଦୀର ଲମ୍ବ ୧୦୦୦ ମାଇଲରୁ ଅଧିକ। ଡିସେମ୍ବର ୨୦୦୩ରେ ମିଳିତ ଜାତିସଂଘ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ଜୀବନ ଦଶନ୍ଧି ପାଇଁ ଜଳ ଭାବରେ ଘୋଷଣା କରିଥିଲା। ଲକ୍ଷ୍ୟ ଥିଲା, ଆମ ଗ୍ରହର ଜଳ ଉତ୍ସଗୁଡ଼ିକର ଉତ୍ତମ ଯତ୍ନ ନେବା ପାଇଁ ସଚେତନତା ସୃଷ୍ଟି କରିବା । ୨୨ ମାର୍ଚ୍ଚ ୨୦୦୫ରେ ଆନୁଷ୍ଠାନିକ ଭାବେ ଏହା ଆରମ୍ଭ ହୋଇଥିଲା। ୨୦୦୫ରେ ପ୍ରଥମେ ବିଶ୍ୱ ନଦୀ ଦିବସ ଅନୁଷ୍ଠିତ ହୋଇଥିଲା। ସେହି ଦିନଠାରୁ ୧୦୦ରୁ ଅଧିକ ଦେଶରେ ଲକ୍ଷ ଲକ୍ଷ ଲୋକ ଏହି ଦିନଟିକୁ ପାଳନ କରିଆସୁଛନ୍ତି।

# ବିଡିଓଙ୍କ ଗୋଡ଼ ଧରିଲେ ୭୦ ବର୍ଷୀୟ ବ୍ୟକ୍ତି



**ରାଜକନିକା, ୨୪।୯(ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଫିସ୍‌ରେ ଶନିବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ରାଶନ କାର୍ଡରୁ ନାମ କଟିଯାଇଥିବାରୁ ଜଣେ ୭୦ ବର୍ଷୀୟ ବୃଦ୍ଧ ବିଡିଓଙ୍କ ଗୋଡ଼ ଧରିବା ଦେଖିବାକୁ ମିଳିଛି। ରାଜନୈତିକ ଦଳ ଭିତ୍ତିରେ ରାଶନ କାର୍ଡରୁ ନାମ କଟିଯାଇଥିବା ନେଇ ବାରମ୍ବାର ବିଡିଓଙ୍କ ପାଖରେ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ପ୍ରଭାବ ନ ପଡ଼ିବାରୁ ବୃଦ୍ଧଜଣକ ବାଧ୍ୟ ହୋଇ ଏଭଳି ପଦକ୍ଷେପ ନେଇଥିଲେ ବୋଲି କୁହାଯାଉଛି। ଏହାର ଫଟୋ ଏବଂ ଭିଡିଓ ଭାଇରାଲ ହୋଇଛି। ବୃଦ୍ଧ ଜଣକ ହେଲେ କୋଇଲିପୁର ପଞ୍ଚାୟତର ଅଧିବାସୀ ଶତ୍ରୁଘ୍ନ ସାମଲ(୭୦)। ସେ ଦୀର୍ଘଦିନ ହେବ ରାଶନ ସାମଗ୍ରୀ ପାଇଆସୁଥିଲେ। କିଛିଦିନ ହେବ ରାଜନୈତିକ କାରଣରୁ ସେ ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ରାଜକନିକା ବିଡିଓ ରମେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହେଲେ ବିଧାୟିକା



ବିଧାୟିକା ଓ ଅନ୍ୟମାନେ ସଫେଇ କରୁଛନ୍ତି।

**ବରୀ, ୨୪।୯(ଡି.ଏନ.ଏ.)**

ବରୀ ବ୍ଲକ ଅଞ୍ଚଳର ସେବା ଘର ଥିଲା ମୋର ଜନ୍ମସ୍ଥାନ। ସେତେବେଳେ ଅନୁଭବ କରି ନ ଥିଲି ଏଇଠି ଜନ୍ମ ହୋଇଛି ବୋଲି। ପରବର୍ତ୍ତୀ ଅବସ୍ଥାରେ ଏହି ମାଟିରେ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ମୋ ମନରେ ଗର୍ବ ନାହିଁ, କାହିଁକି ନା ମୁଁ ଏଭଳି ଏକ ପବିତ୍ର ମାଟିରେ ଜନ୍ମ ହୋଇଛି। ମୋ ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ମୁଁ ଯେଉଁଠି ସୃଷ୍ଟି ହୋଇଥିଲି ସେଭଳି ଏକ ପୀଠରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରି ଗର୍ବିତ ବୋଲି ବରୀ ବିଧାୟିକା ସୁନନ୍ଦା ଦାସ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ରଖିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ସ୍ଥାନୀୟ ସରପଞ୍ଚ ମାନସ ଜେନା, ବିଜେଡି ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାଥଶର୍ମା, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ଘଡ଼ାଇ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ବ୍ଲକ୍ ଛାତ୍ର ବିଜେଡି ସଭାପତି ସଦିଚ୍ଛା ସାମଲ, ବିରେନ ରାଉତ, ନିହାର ରଞ୍ଜନ, ସରପଞ୍ଚ ରଶ୍ମିତା ପରିଡ଼ା, କୈଳାସ ଚନ୍ଦ୍ର ମଲିକ, ସସ୍ମିତା କୁଣ୍ଡୁ, ଚପଳା ମଲ୍ଲ, ସମିତିସଭ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ପ୍ରମୁଖ ଯୋଗଦେଇ ସେବାଘର ପରିସର ସଫେଇ କରିଥିଲେ। ସେହିପରି ସ୍ଥାନୀୟ ବାଲିବିଲ ପଞ୍ଚାୟତର ବାଲୁଙ୍କେଶ୍ୱରଠାରେ ସରପଞ୍ଚ ମଧୁସ୍ମିତା ସାମଲଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ପରିଷଦସଭ୍ୟ ସନ୍ତୋଷ ସାମଲ, ପ୍ରକାଶ ଚନ୍ଦ୍ର ପଢ଼ିହାରୀ, ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ସାମଲ, ସାମାଜିକ କର୍ମୀ ଶରତ ମଲିକ, ନିହାର ସାମଲ, ନୃସିଂହ ସେଠୀ, ଟୁକୁନି ମଲିକ ପ୍ରମୁଖ ଯୋଗ ଦେଇଥିଲେ। ପରିଷ୍କାର ପରିଚ୍ଛନ୍ନତା ପ୍ରତି ପଞ୍ଚାୟତବାସୀ ଗୁରୁତ୍ୱ ଦେବାକୁ ସରପଞ୍ଚ ସାମଲ ଅନୁରୋଧ କରିଥିଲେ।

# ୮୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ



ଗିରଫ ଅଭିଯୁକ୍ତ।

**ରସୁଲପୁର/ଯାଜପୁର ଟାଉନ, ୨୪।୯(ଡି.ଏନ.ଏ.)**

ଯାଜପୁର ଅବକାରୀ ବିଭାଗ ପକ୍ଷରୁ ୨ଟି ମୋବାଇଲ ଦଳ ଶନିବାର ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରର ବସଷ୍ଟାଣ୍ଡ ନିକଟସ୍ଥ ପୋଲତଳେ ଚଢ଼ାଉ କରି ୮୦ଗ୍ରାମ ବ୍ରାଉନ ସୁଗାର ଜବତ କରିଛନ୍ତି। ଏହି ଘଟଣାରେ ଜଣକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନା ମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ଯାଜପୁର ରୋଡ୍ ସ୍ଥିତ ପଦ୍ମପୁର ଗ୍ରାମର ଅଜୁ ଦାସ(୩୭)। ତାଙ୍କ ନିକଟରୁ ୪ ହଜାର ଟଙ୍କା ଜବତ ହୋଇଛି। ଏ ନେଇ ଅବକାରୀ ଥାନାରେ ନଂ.୪୧/୨୨-୨୩ରେ ଏକ ମାମଲା ରୁଜୁ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୮ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ଅଜୁ ବାଲେଶ୍ୱର ଜିଲାରୁ ବ୍ରାଉନସୁଗାର ଆଣି କୁଆଖିଆ ବସଷ୍ଟାଣ୍ଡ ନିକଟରେ ବ୍ୟବସାୟ କରୁଥିଲେ। ପୂର୍ବରୁ ଅଭିଯୁକ୍ତ ବ୍ରାଉନ ସୁଗାର କାରବାରରେ ସମ୍ପୃକ୍ତି ଥିବା ବିଭାଗ ନିକଟରେ ସୂଚନା ରହିଛି। ଏହି ଆଧାରରେ ଅଭିଯୁକ୍ତଙ୍କ ଗତିବିଧି ଉପରେ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଥିଲା। ତେଣୁ ଅଭିଯୁକ୍ତ ବାଲେଶ୍ୱରରୁ ବ୍ରାଉନ ସୁଗାର ଆଣି କୁଆଖିଆ ନିକଟରେ ବ୍ୟବସାୟ କରୁଥିବା ବିଭାଗ ନିକଟରେ ଖବର ପହଞ୍ଚିଥିଲା। ଫଳରେ ଯାଜପୁର ରେଞ୍ଜ ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁଙ୍କ ନେତୃତ୍ୱରେ ଏସ୍‌ଆଇ ଭରତ ମିଶ୍ର, ଯଯାତି ପରିଡ଼ା, ଏଏସ୍‌ଆଇ ସତ୍ୟ ପ୍ରଧାନ, ବିପିନ ପ୍ରଧାନ, ଜୟପ୍ରକାଶ ବେହୁରିଆ, ବିଶ୍ୱନାଥ ଜେନା, କ୍ଷୀରୋଦ ସାହୁ, ଗୟାଧର ସେଠୀ, ରାକେଶ ମୁର୍ମୁଙ୍କୁ ନେଇ ୨ଟି ଦଳ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଏହାଛଡ଼ା ବିଭାଗ ପକ୍ଷରୁ ବ୍ରାଉନ ସୁଗାର କାରବାର ନେଇ ତନାଘନା ଜାରି ରହିଛି। କୁଆଖିଆ ବଜାର ଅଞ୍ଚଳରେ କେଉଁମାନଙ୍କର ଏହି କାରବାରରେ ସମ୍ପୃକ୍ତି ରହିଛି ତାହାକୁ ନେଇ ଅଧିକ ତଦନ୍ତ କରାଯାଉଛି ବୋଲି ସୂଚନା ମିଳିଛି।

# ପୃଥକ୍ ମାମଲାରେ ୭୬ ଗ୍ରାମ୍ ବ୍ରାଉନସୁଗାର ଜବତ

## ୫ ଅଭିଯୁକ୍ତ ଗିରଫ

**ଜଗତ୍‌ସିଂହପୁର ଅଫିସ, ୨୪।୯**

ଜଗତ୍‌ସିଂହପୁର ସହର ଅନ୍ତର୍ଗତ ବାଗସାହି ପଣ୍ଡୁଆପୋଖରୀ ନିକଟରେ ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଧରିଛି। ସେମାନେ ହେଲେ ଜୟବଡ଼ର ଅଭିଷେକ ମହାନ୍ତି ଓରଫ ବିଶାଳ ଓ ଗୋପାଳସାଗର ମାଧପୁରର ଚନ୍ଦନ ମଲ୍ଲିକ ଓରଫ ଡାଙ୍ଗୁଆ। ସେମାନଙ୍କ ମଧ୍ୟରୁ ଅଭିଷେକଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୧୧.୦୫ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଜଗତ୍‌ସିଂହପୁର ଥାନା ଏସ୍‌ଆଇ ଜେ. ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ମାମଲା ସଂଖ୍ୟା ୬୩୮/୨୨ ରୁଜୁ ହୋଇଥିବା ସୂଚନା ଦିଆଯାଇଛି । ସେହିପରି ଆଲିପିଙ୍ଗଲ ହାଇସ୍କୁଲ ନିକଟରୁ ୫୫ ଗ୍ରାମ୍ ବ୍ରାଉନ୍‌ସୁଗାର ସହ ଗୋଟିଏ ଲୁନା ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ଅଭିଯୋଗରେ ଅଭିଯୁକ୍ତ ଯୋଗେନ୍ଦ୍ରନାଥ(୩୭)ଙ୍କୁ ଗିରଫ କରାଯାଇଛି। ଏନେଇ ଜଗତ୍‌ସିଂହପୁର ଅବକାରୀ ଥାନା ପକ୍ଷରୁ ପିଆର (ନଂ. ୩୧/୨୨-୨୩ ) ରୁଜୁ କରାଯାଇଛି। ଏହାଛଡ଼ା ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତରେ ବ୍ରାଉନସୁଗାର କାରବାର ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଉକ୍ତ ଅଞ୍ଚଳର ସୌଭାଗ୍ୟ ଦାସ, ରାଜୁ ମଲିକ ଓ କାଳନ୍ଦୀ ଭୋଇ। ସେମାନଙ୍କଠାରୁ ୧୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏନେଇ ଥାନାରେ ମାମଲା ନଂ. ୨୧୩/୨୨ ରୁଜୁ ହୋଇଛି।

# ଟ୍ରେଡ୍ ସଂଖ୍ୟାଠାରୁ ଅଧିକ ଷ୍ଟକ୍ ରଖିଲେ କାର୍ଯ୍ୟାନୁଷ୍ଠାନ

## ଦୁଇ ଚକିଆ ଗାଡ଼ି ଶୋ'ରୁମ୍‌ଗୁଡ଼ିକୁ ଏମ୍‌ଭିଆଇଙ୍କ ତାଗିଦ

**ଦଶରଥପୁର, ୨୪।୯(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ୍‌ଅଧୀନ ମଙ୍ଗଳପୁର ବଜାରଠାରେ ଥିବା ଦୁଇ ଚକିଆ ମୋଟର ଯାନ ଶୋରୁମ୍‌ଗୁଡ଼ିକ ଉପରେ ଯାଜପୁର ପରିବହନ ବିଭାଗ ପକ୍ଷରୁ ୨ ଦିନ ଲଗାତର ଚଢ଼ାଉ କରାଯାଇଥିଲା। ଯାଜପୁର ଜିଲାର ଦ୍ୱିତୀୟ ଆର୍‌ଟିଓର ଏମ୍‌ଭିଆଇ ଦୀପକ ସେଠୀ ଏହି ଚଢ଼ାଉ କରି ପ୍ରାୟ ୬ ଶୋରୁମ୍‌ର କାଗଜପତ୍ର ଯାଞ୍ଚ କରିବାସହ କେତେକ ଦସ୍ତାବିଜ ଜବତ କରିଥିଲେ। ପରେ ଶନିବାର ଶୋରୁମ୍ ଗୁଡିକୁ ଚିଠିକରି ଯେଉଁ ଶୋରୁମ୍ ଯେତିକି ସଂଖ୍ୟାରେ ଟ୍ରେଡ୍ କରିଥିବେ ସେମାନେ ସେତିକି ଗାଡି ଷ୍ଟକ ରଖିପାରିବେ। ତାହାଠାରୁ ଅଧିକ ସଂଖ୍ୟକ ଗାଡି ଷ୍ଟକ ରଖିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷେ ଏହି ବଜାର ଉପରେ ଏକ କମ୍ପାନୀର ୨ଟି ଶୋରୁମ୍ ରହିଥିବାବେଳେ ଗୋଟିଏ ଶୋରୁମ୍‌ର କାଗଜପତ୍ର ଅବଧି ସରିଥିବାରୁ ଉକ୍ତ ଶୋରୁମ୍‌ଟିକୁ ବନ୍ଦ କରିବାଲାଗି ଏମ୍‌ଭିଆଇ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଉକ୍ତ ଶୋରୁମ୍‌ର ମାଲିକ ଏମ୍‌ଭିଆଇଙ୍କୁ ଜଣାଇଛନ୍ତି ଯେ, ୨୦୧୩ରୁ ସେ ଶୋରୁମ୍ କରିଥିବାବେଳେ ତାଙ୍କୁ ସର୍ଭିସିଂ ସେଣ୍ଟରଲାଗି ଅନୁମତି ଦେଇଥିବା ଯାଜପୁର ରୋଡର ଏକ ସଂସ୍ଥା ତାଙ୍କ ସିକ୍ୟୁରିଟି ମନି ୨୦ ଲକ୍ଷ ନ ଫେରାଇ ପୁଣି ଆଉ ଜଣଙ୍କୁ ନୂଆକରି ଏହି ବଜାର ଉପରେ ସବ୍-ଡିଲରସିପ ଦେଇଛି। ତେବେ ଏନେଇ ଏମ୍‌ଭିଆଇ ସମ୍ପୃକ୍ତ ମାଲିକଙ୍କୁ ଆଇନର ଆଶ୍ରୟ ନେବାକୁ କହିଛନ୍ତି। ଏ ସମ୍ପର୍କରେ ଏମ୍‌ଭିଆଇ ସେଠୀ କହିଛନ୍ତି, ଶୋରୁମ୍‌ଗୁଡ଼ିକୁ ଟ୍ରେଡ୍ ଅନୁଯାୟୀ ଷ୍ଟକ ରଖିବାକୁ କୁହାଯିବାସହ ସେଠାରେ ଗୋଟିଏ କମ୍ପାନୀର ଥିବା ଦୁଇ ଶୋରୁମ୍ ମଧ୍ୟରୁ ଗୋଟିଏ ବନ୍ଦ କରିବାକୁ କୁହାଯାଇଛି। ଯଦିଓ ତାଙ୍କର ତାଙ୍କ ଡିଲର ସହ ବ୍ୟବସାୟୀକ ଦ୍ୱନ୍ଦ୍ୱ ରହିଛି ଏଥିରେ ଆମେ ହସ୍ତକ୍ଷେପ ନ କରି ତାଙ୍କୁ ଆଇନ ବାଟରେ ଯିବାକୁ କହିଛୁ ବୋଲି ସେ ପ୍ରକାଶ କରିଛନ୍ତି। ଏମ୍‌ଭିଆଇଙ୍କ ଏହି ଚିଠି ପରେ ଅନେକ ବ୍ୟବସାୟୀ ଛାନିଆ ହୋଇପଡ଼ିଛନ୍ତି।

# ଚେକ୍ ବାଉନ୍ସ ମାମଲାରେ ଜଣେ ଗିରଫ

ରସୁଲପୁର, ୨୪।୯(ଡି.ଏନ.ଏ.): ଚେକ୍ ବାଉନ୍ସ ମାମଲାରେ କୁଆଖିଆ ଥାନା ଜାବରା ପଞ୍ଚାୟତ ବରକୋଳିପାଟଣା ଗ୍ରାମର ଜଗବନ୍ଧୁ ମହାନ୍ତି ଓରଫ୍ ଜଗା(୨୯)ଙ୍କୁ ପୋଲିସ ଶନିବାର କୋର୍ଟଚାଲାଣ କରିଛି। ତଦନ୍ତ ଅଧିକାରୀ ଏଏସ୍‌ଆଇ ଦେବପଦ ମହାନ୍ତି ଅଭିଯୁକ୍ତଙ୍କୁ ଶୁକ୍ରବାର ରାତିରେ ତାଙ୍କ ଘରୁ ଗିରଫ କରିଥିଲେ। ୨୦୨୧ରେ ଜଗବନ୍ଧୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ବକେୟା ଅର୍ଥ ପରିଶୋଧ ପାଇଁ ଚେକ୍ ଦେଇଥିଲେ। ମାତ୍ର ସେ ଚେକ୍ ଦେଇଥିବା ଆକାଉଣ୍ଟରେ ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇଥିଲା। ଏ ନେଇ ସମ୍ପର୍କୀୟ ତାଙ୍କୁ ଜଣାଇବାରୁ ସେ ସହଯୋଗ କରି ନ ଥିଲେ। ଏହି ଘଟଣାକୁ ନେଇ ଯାଜପୁରରୋଡ କୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। କୋର୍ଟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ।







Azadi Ka Amrit Mahotsav
Government of India

# ଗରିବଙ୍କ କଲ୍ୟାଣ ପାଇଁ ଅନ୍ତ୍ୟୋଦୟ
## ସଶକ୍ତ ଭାରତ ପାଇଁ ଅନ୍ତ୍ୟୋଦୟ

ଅନ୍ତ୍ୟୋଦୟ ଆମର ସଂକଳ୍ପ,
ଅନ୍ତ୍ୟୋଦୟ ଆମ ନୀତି ଏବଂ ଉଦ୍ଦେଶ୍ୟ ।
ଅନ୍ତ୍ୟୋଦୟ ସଂକଳ୍ପ ନେଇ ଦେଶ
ନିରବଚ୍ଛିନ୍ନ ଭାବେ ପ୍ରଗତି ପଥରେ
ଆଗେଇ ଚାଲିଛି ।
– ନରେନ୍ଦ୍ର ମୋଦୀ



କ୍ଷୁଦ୍ର ଚାଷୀ, ରାସ୍ତାକଡ଼ ଉଠାଦୋକାନୀ, ଛୋଟ ବ୍ୟବସାୟୀ, ଅଟୋ ରିକ୍ସା ଚଳାଉଥିବା ବ୍ୟକ୍ତି, ଘର କାମ କରୁଥିବା ଲୋକ, ଏମାନଙ୍କୁ ନେଇ ସମାଜର ସବୁଠୁ ବଡ଼ ବର୍ଗ ଦେଶର ବିକାଶ ଯାତ୍ରାରେ ସହଭାଗୀ ହୋଇଛନ୍ତି ।

ଅନ୍ତ୍ୟୋଦୟ ଲକ୍ଷ୍ୟ ନେଇ, ଭାରତ ସରକାରଙ୍କ ଚିନ୍ତନରେ, ଗରିବମାନେ କେନ୍ଦ୍ରବିନ୍ଦୁରେ ରହିଛନ୍ତି । ସମାଜର ଏହି ସବୁଠୁ ବଡ଼ ବର୍ଗ ପାଇଁ ସରକାର ଲଗାତର ପ୍ରୟାସ କରୁଛନ୍ତି ଏବଂ ଏହି ବର୍ଗ ଲଗାତର ସାମର୍ଥ୍ୟବାନ ହେଉଛନ୍ତି ।

- ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା – ଜାତୀୟ ଗ୍ରାମୀଣ ଜୀବିକା ମିଶନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମୀଣ ଭାରତରେ ଆସିଛି ସବୁଠୁ ବଡ଼ ପରିବର୍ତ୍ତନ, ବିଗତ ୮ ବର୍ଷ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଂଖ୍ୟା **ତିନି ଗୁଣା** ବୃଦ୍ଧି ପାଇଛି ଏବଂ ମହିଳାଙ୍କ ଭାଗୀଦାରି **ଚାରିଗୁଣା** ବଢ଼ିଛି
- ECLGS ଯୋଜନା ଅଧୀନରେ **୧.୧୯ କୋଟିରୁ** ଅଧିକ ହିତାଧିକାରୀଙ୍କୁ ସହଜରେ ମିଳିଛି **ଜରୁରିକାଳୀନ ଋଣ,** ବର୍ତ୍ତମାନ ସୁଦ୍ଧା **୩.୬୮ ଲକ୍ଷ କୋଟି** ଟଙ୍କାର ଋଣ ମଞ୍ଜୁର
- ପିଏମ୍ ସ୍ୱନିଧି ଯୋଜନା ଅଧୀନରେ **୩୨ ଲକ୍ଷ** ଉଠାଦୋକାନୀଙ୍କୁ ବିନା ଗ୍ୟାରେଣ୍ଟିରେ ମିଳିଛି ଋଣ
- କ୍ଷୁଦ୍ର ଉଦ୍ୟୋଗୀଙ୍କୁ **୨୦ ଲକ୍ଷ କୋଟି ଟଙ୍କା** ମୂଲ୍ୟର **୩୬.୫ କୋଟିରୁ** ଅଧିକ ମୁଦ୍ରା ଋଣ ଜାରି
- ଉଠାଦୋକାନୀ, ଖୁଚୁରା ବିକ୍ରେତା, କ୍ଷୁଦ୍ର ବ୍ୟବସାୟୀ ମଧ୍ୟ ଏମ୍‌ଏସ୍‌ଏମ୍‌ଇ ପରିଧି ମଧ୍ୟରେ ସାମିଲ, ସେମାନଙ୍କୁ ମଧ୍ୟ **ପ୍ରାଥମିକ କ୍ଷେତ୍ର ଋଣ ଲଗାଣ**ର ମିଳିଛି ଲାଭ
- **୧୧ କୋଟିରୁ** ଅଧିକ ଚାଷୀ ପିଏମ୍-କିଷାନ ଅଧୀନରେ ପାଉଛନ୍ତି ବାର୍ଷିକ **୬୦୦୦ ଟଙ୍କା**
- ସ୍ୱତନ୍ତ୍ର ଅଭିଯାନ ଅଧୀନରେ **୩.୧୩ କୋଟିରୁ** ଅଧିକ ଚାଷୀଙ୍କୁ କିଷାନ କ୍ରେଡିଟ୍ କାର୍ଡ ପ୍ରଦାନ
- ମୋଟ **୨୫ ଲକ୍ଷ କୋଟି ଟଙ୍କାର** ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ହିତାଧିକାରୀଙ୍କୁ ମିଳିଲା
- ଖଦି ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦଗୁଡ଼ିକୁ ମିଳିଲା ଅଭୂତପୂର୍ବ ପ୍ରୋତ୍ସାହନ, ବ୍ୟବସାୟ **୧ ଲକ୍ଷ କୋଟି ଟଙ୍କା** ଟପିଲା, ଗ୍ରାମୀଣ କ୍ଷେତ୍ରରେ ମିଳିଲା ଲକ୍ଷାଧିକ ନିଯୁକ୍ତି ସୁଯୋଗ

CBC 22201/13/0117/2223

# ଅନୁପ୍ରବେଶକୁ ଅଣଦେଖା

**କେନ୍ଦ୍ରାପଡ଼ା ଅଫିସ,୨୪।୯**

- ଭୋଟବ୍ୟାଙ୍କ ସାଜିଛନ୍ତି ବାଂଲାଦେଶୀ
- ଥ୍ରୀ ଡି ଦ୍ୱାରା ନିରାକରଣ ସମ୍ଭବ
- ସାମୁଦ୍ରିକ ଥାନାର ନାହିଁ ଭିତ୍ତିଭୂମି

୨୦୦୩ରେ କେନ୍ଦ୍ରାପଡ଼ା ଜିଲାରେ ବାଂଲାଦେଶୀ ଅନୁପ୍ରବେଶ ସମ୍ପର୍କରେ ସର୍ଭେ ହୋଇଥିଲା । ଏଥିରେ ଚିହ୍ନଟ ହୋଇଥିବା ୧୬୪୯ ଜଣଙ୍କୁ ୨୦୦୫ରେ ଦେଶାନ୍ତର ନୋଟିସ ଦିଆଯାଇଥିଲା । ଏହା ପରଠାରୁ ଏପ୍ରକାର ସାମୁହିକ ସର୍ଭେ ହୋଇ ନ ଥିବା ବେଳେ ୨୦୧୯ରେ ଜିଲାରେ ୨୩୭ ଜଣ ଅନୁପ୍ରବେଶକାରୀଙ୍କ ଭୋଟର ପରିଚୟ ପତ୍ର ରଦ୍ଦ ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲେ । ତେବେ ସମୁଦ୍ର ତଟବର୍ତ୍ତୀ ଏହି ଜିଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବାଂଲାଦେଶୀ ଅନୁପ୍ରବେଶକାରୀ ଅମିତ ରାୟଙ୍କ ପାସପୋର୍ଟ, ଭିସା ଆଦି ଜିଲା ପ୍ରଶାସନ ପକ୍ଷରୁ ଜବତ କରାଯିବା ସହ ଜଙ୍ଗଲ ଜମିରେ ଅନୁପ୍ରବେଶକାରୀଙ୍କ ବସବାସକୁ ନେଇ ବିଭିନ୍ନ ସମସ୍ୟା ଦେଖାଦେଇଛି । ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଅନୁପ୍ରବେଶ ନେଇ ସତର୍କ ନାହିଁ । ଜିଲାର ଉପାନ୍ତ ଅଞ୍ଚଳରେ ଥିବା ସାମୁଦ୍ରିକ ଥାନାର ଭିତ୍ତିଭୂମୀ ଅଭାବ ରହିଛି । ବଙ୍ଗୋପସାଗର ରାସ୍ତାରେ ସି ସଟଲ ଯୋଗେ ବାଂଲାଦେଶୀ ଏଠାକୁ ଆସି ରହୁଥିବା ବହୁ ନଜିର ଅଛି । ଭୋଟ ବ୍ୟାଙ୍କ ପାଇଁ ରାଜନେତା ଓ ପ୍ରଶାସକ ଚୁପ ରହୁଥିବା ଦେଖାଯାଉଛି। ଡିଟେକ୍ଟ, ଡିଲିଟ ଓ ଡିପୋର୍ଟ ବା ଥ୍ରୀ ଡି ଦ୍ୱାରା ଏହି ଅନୁପ୍ରବେଶ ସମସ୍ୟା ରୋକାଯାଇ ପାରିବ ବୋଲି ମତ ମିଳିଛି ।

ଏସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ, କଳ୍ପତରୁ ରାଉତରାୟ, ନୟନମଣୀ ସାମଲ, ସମରେନ୍ଦ୍ର ମାହାଳି, ଜଗନ୍ନାଥ ଦାସ ପ୍ରମୁଖ କହିଛନ୍ତି, କିଛି ଦିନ ପୂର୍ବେ ଚାନ୍ଦିପୁର ପ୍ରତିରକ୍ଷା ରେଞ୍ଜର କେତେକ କର୍ମଚାରୀ ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ଖବର ଚର୍ଚ୍ଚାରେ ରହି ଆସିଛି। ଏହି ଜିଲା ନିକଟରେ ଭଦ୍ରକ ଜିଲାର କ୍ଷେପଣାସ୍ତ୍ର ପରୀକ୍ଷା ଘାଟି ହୁଇଲର ଦୀପ ଅଛି । କେନ୍ଦ୍ରାପଡ଼ା ଜିଲାକୁ ଆସି ଏଠାରେ ରହି ହୁଇଲର ଦ୍ୱୀପ ସମ୍ବନ୍ଧୀୟ ଖବର ସଂଗ୍ରହ ସେମାନଙ୍କ ପାଇଁ ବଡ଼ କଥା ନୁହେଁ । ଦେଶର ପ୍ରତିରକ୍ଷାକୁ ବାଦ ଦେଲେ ମଧ୍ୟ ଆତଙ୍କବାଦ ସହିତ ଏହି ଜିଲା ସାମିଲ ହୋଇଛି । ୨୦୧୮ରେ ଆତଙ୍କବାଦୀ ଅବଦୁର ରହେମନର ଏହି ଜିଲା ସହିତ ସମ୍ପର୍କ ଥିବା ଜଣା ପଡିଥିବା ବେଳେ ନିକଟସ୍ଥ ହୁଇଲର ଦୀପର ତଥ୍ୟ ଏକ ବେନାମୀ ରେଡିଓ ଷ୍ଟେଶନ ମାଧ୍ୟମରେ ବାହାର ଦେଶକୁ ଯାଉଥିବା ପୂର୍ବରୁ ଧରାପଡିଥିଲା । ଏହା ବ୍ୟତିତ ଏହି ଜିଲାକୁ ଅନୁପ୍ରବେଶ ପାଇଁ ବଙ୍ଗୋପସାଗରକୁ ମାଧ୍ୟମ କରାଯାଉଛି । ସି ସଟଲ ଯୋଗେ ମାତ୍ର ୪ ଘଣ୍ଟା ମଧ୍ୟରେ ବାଂଲାଦେଶ ସହିତ ଯୋଡି ହେଉଛି । ସମୁଦ୍ର ମଧ୍ୟକୁ ଯାତାୟତ କରୁଥିବା ବୋଟ, ଡଙ୍ଗା, ଟ୍ରଲର ଆଦିକୁ ଯାଞ୍ଚ ବ୍ୟବସ୍ଥା ନ ଥିବାରୁ ଅନୁପ୍ରବେଶ ସହଜ ହୋଇଛି । ଏପରି କି ଭିତରକନିକା ମଧ୍ୟରେ ଥିବା ୪୨ଟି ଗ୍ରାମ ଏବେ ବାଂଲାଦେଶୀଙ୍କ ବାସସ୍ଥଳୀ ହୋଇଛି। ଗତ ସାଧାରଣ ନିର୍ବାଚନ ଭୋଟର ତାଲିକା ପାଇଁ ତନଖୀ ସମୟରେ ମୋଟ ୨୩୭ ଜଣଙ୍କୁ ଅନୁପ୍ରବେଶ କାରଣରୁ ବାଦ ଦିଆଯାଇଥିଲା । ତେବେ କେନ୍ଦ୍ର ସରକାରଙ୍କ ବିଦେଶୀ ନାଗରିକ ଆଇନ ୧୯୪୭ ଧାରା ୩ରେ ଏହି ୨୩୭ ଚିହ୍ନଟ ବ୍ୟକ୍ତିଙ୍କୁ ଦେଶାନ୍ତର ନୋଟିସ ଦିଆଯାଇନାହିଁ । ଗତ ୨ବର୍ଷ ଧରି କରୋନା ସଂକ୍ରମଣ ସମୟରେ ଏହି ଜିଲାକୁ ଅନୁପ୍ରବେଶ ବୃଦ୍ଧି ପାଇଛି । ଉପାନ୍ତ ଅଞ୍ଚଳର ଜଙ୍ଗଲ ଜମି ଏବେ ଅନୁପ୍ରବେଶକାରୀଙ୍କ ହାତକୁ ଚାଲିଯାଉଛି । ଏସବୁ ସ୍ଥାନୀୟ ରାଜନେତା ଜାଣିଥିଲେ ମଧ୍ୟ ଭୋଟ ବ୍ୟାଙ୍କ ପାଇଁ ଅନୁପ୍ରବେଶକାରୀଙ୍କୁ ଏଠାରେ ରହିବା ସୁଯୋଗ ଦେଉଛନ୍ତି । ଏହାର ନିରାକରଣ ପାଇଁ ୩ ଡି ଆବଶ୍ୟକ । ପ୍ରତ୍ୟେକ ଗ୍ରାମରେ ଆସି ରହୁଥିବା ବ୍ୟକ୍ତିଙ୍କ ଚିହ୍ନଟିକରଣ ପ୍ରାଥମିକ କର୍ତ୍ତବ୍ୟ ଜିଲାବାସୀଙ୍କ ପାଇଁ ହୋଇଛି । ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ପଡ଼ୋଶୀ ସ୍ଥାନୀୟ ପ୍ରଶାସନ ନିକଟରେ ଜଣାଇଲେ ସମସ୍ୟାର ସମାଧାନ ହୋଇପାରିବ । ସେହିପରି ସରକାରୀ ଯୋଜନାରେ ସାମିଲ ହୋଇଥିବା ଅନୁପ୍ରବେଶକାରୀଙ୍କୁ ବାଦ ଦେବା ଓ ଦେଶାନ୍ତର କରାଇବା ଆବଶ୍ୟକ । ୩ ସାମୁଦ୍ରିକ ଥାନାରେ କର୍ମଚାରୀ ଓ ଭିତ୍ତିଭୂମୀ ସୁଦୃଢ଼ କଲେ ଅନୁପ୍ରବେଶ ରୋକି ହେବ ବୋଲି ସେମାନେ ମତ ଦେଇଛନ୍ତି।

ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର କହିଛନ୍ତି ସାମୁଦ୍ରିକ ଥାନା ଭିତ୍ତିଭୂମିର ଉନ୍ନତିକରଣ ହେଉଛି । ସେହିପରି ଏଡିଏମ୍ ପିତାମ୍ବର ସାମଲ କହିଛନ୍ତି, ଏନେଇ ବୈଠକରେ ଆଲୋଚନା ହୋଇଛି । ଜଙ୍ଗଲ ଜମି ଜବରଦଖଲକାରୀଙ୍କୁ ହଟାଯାଉଛି । ଅନୁପ୍ରବେଶକାରୀଙ୍କୁ ଚିହ୍ନଟିକରଣ ପାଇଁ ଗ୍ରାମସ୍ତରରେ ସହଯୋଗ ଲୋଡା ବୋଲି ଏଡିଏମ୍ ସାମଲ ମତ ଦେଇଛନ୍ତି।

## ସଂକ୍ଷେପରେ

### ପୂର୍ବତନ ବିଧାୟକଙ୍କ ଘର ଆଗରୁ ଚନ୍ଦନ ଗଛ କାଟିନେଲେ

ଆଲି,୨୪।୯(ଡି.ଏନ୍.ଏ.):ଶୁକ୍ରବାର ରାତିରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ନିଆଳସ୍ଥିତ ବାସଭବନ ଆଗରେ ଥିବା ୨ ଫୁଟ ଗୋଲେଇର ଚନ୍ଦନ ଗଛକୁ ଦୁର୍ବୃତ୍ତମାନେ କାଟି ନେଇଛନ୍ତି । ଏ ସମ୍ପର୍କରେ ପୂର୍ବତନ ବିଧାୟକ ଶର୍ମା ଆଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ଏହି ଗଛକୁ କାଟି ନେବାକୁ ଉଦ୍ୟମ କରି ଦୁର୍ବୃତ୍ତମାନେ ବିଫଳ ହୋଇଥିଲେ। ଗତ ୩ ବର୍ଷରେ ୫ଟି ସ୍ଥାନରୁ ଚନ୍ଦନ ଗଛ ଚୋରି ହୋଇଥିଲେ ମଧ ପୋଲିସ ଗୋଟିଏ ଘଟଣାରେ ସଫଳତା ପାଇନାହିଁ । ଏପରି ଆଳିର ଆରାଧ ଦେବତା ଲକ୍ଷ୍ମୀବରାହଜୀଉ ମନ୍ଦିର ପରିସରରୁ ଚନ୍ଦନ ଗଛ ଚୋରି ହୋଇଥିଲେ ମଧ ଦୁର୍ବୃତ୍ତମାନେ ଧରାପଡି ନାହାନ୍ତି ।

### ନିଖୋଜ କଲେଜ ଛାତ୍ରଙ୍କ ମୃତଦେହ ଜବତ

ପଟ୍ଟାମୁଣ୍ଡାଇ,୨୪।୯(ସ୍ୱ.ପ୍ର.): ଗତ ୨ ଦିନ ହେବ ନିଖୋଜ ଥିବା ମହାକାଳପଡା ଥାନା ଅଞ୍ଚଳର ପଟ୍ଟାମୁଣ୍ଡାଇ କଲେଜ +୩ ବିଜ୍ଞାନ ଛାତ୍ରଙ୍କ ମୃତଦେହ ଜବତ ହୋଇଛି । ଶନିବାର ସକାଳେ ବ୍ରାହ୍ମଣୀ ନଦୀର ନିମପୁର ନିକଟରୁ ତାଙ୍କର ମୃତଦେହ ଠାବ ହୋଇଛି । ପୋଲିସ ମୃତଦେହକୁକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକ ହେଲେ ମହାକାଳପଡ଼ା ଥାନା ଶଙ୍ଖପଦା ଗ୍ରାମର କୈଳାସ ସେଠୀଙ୍କ ପୁଅ ପବିତ୍ର (୧୯) । ସେ ପଟ୍ଟାମୁଣ୍ଡାଇ କଲେଜରେ +୩ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ସ୍ଥାନୀୟ ଏକ ମେସରେ ରହୁଥିବା ପବିତ୍ରଙ୍କ ପାଠପଢା ଖର୍ଚ୍ଚକୁ ନେଇ ତାଙ୍କ ମାଆଙ୍କ ସହିତ ଫୋନରେ କଥା କଟାକଟି ହୋଇଥିଲା । ତା’ପରଠାରୁ ତାଙ୍କର ପତ୍ତା ମିଳି ନ ଥଲା । ପରିବାର ଲୋକମାନେ ବହୁ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ସନ୍ଧାନ ନ ପାଇବାରୁ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା ।

### ଡାକ୍ତର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସ୍ମୃତିସଭା

ପଟ୍ଟାମୁଣ୍ଡାଇ୨୪।୯(ସ୍ୱ.ପ୍ର.):ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣାଶୁଣା ଡାକ୍ତର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପ୍ରଥମଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ସ୍ମୃତି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଟାଉନ କ୍ଲବ ପରିସରରେ ଅନୁଷ୍ଠିତ ସଭାରେ ମଞ୍ଚର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ସଭାପତିତ୍ୱ କରିଥିଲେ।ଏହି ସଭାରେ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ସମ୍ପାଦକ ଚତୁର୍ଭୁଜ ରାଉଳ, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ବରିଷ୍ଠ ସାମାଜିକ କର୍ମୀ ବିଶ୍ୱନାଥ ଧଳ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ପାତ୍ର, ପ୍ର.ଦେବବ୍ରତ ପ୍ରଧାନ, ଡା. ଗଦାଧର ମଲ୍ଲିକ, ରାଜକୁମାର ବିଶ୍ୱାଳ, ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ କଣ୍ଢୁରି ଚରଣ ସ୍ୱାଇଁ, ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଯୋଗଦେଇ ଡାକ୍ତର କୃଷ୍ଣଚନ୍ଦ୍ର ଜନସେବା ନିମନ୍ତେ ଅଙ୍ଗୀକାର ଥିବା ବେଳେ ଦୋଷିଆ ସରପଞ୍ଚ ଭାବେ ନିର୍ବାଚିତ ହୋଇ ବହୁ ଜନହିତକର କାର୍ଯ୍ୟ କରିଥିଲେ ବୋଲି କହିଥିଲେ ।

# ୨୮ରେ ରାଜଭବନ ଘେରାଉ



ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

**ଡେରାବିଶ,୨୪।୯(ସ୍ୱ.ପ୍ର.)**

**କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି**

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ସମେତ ଏକ ଅତ୍ୟାଧୁନିକ ଚିକିତ୍ସାଳୟ ପ୍ରତିଷ୍ଠା ଦାବିରେ ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ଆସନ୍ତା ୨୮ରେ ରାଜଭବନ ଘେରାଉ କରିବା ସହ ଗଣଧାରଣା ଦେବ । ଏହାର ସଫଳତା ପାଇଁ ଜିଲାର ସମସ୍ତ ବ୍ଲକରୁ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟକ ସଂଗ୍ରାମୀ ଯୋଗ ଦେବେ ବୋଲି ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଶନିବାର ଡେରାବିଶ ବ୍ଲକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଚାଟରାଚକଡା ପଞ୍ଚାୟତସ୍ଥିତ ଡେରାବିଶ ମହିଳା ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଭାକର ସାମଲ ପୌରୋହିତ୍ୟ କରିଥିଲେ। ଏଥିରେ ଜିଲା କମିଟି ସଭାପତି ପ୍ରାପକ ଅଜୟ କୁମାର ସାମଲ, ସମ୍ପାଦକ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ପ୍ରଫୁଲ୍ଲ କୁମାର ଦାସ, ଗୟାଧର ଧଳ, କବି ଶ୍ରୀଧର ମହାନ୍ତି, ଶିକ୍ଷାବିତ୍ ମନୋରଞ୍ଜନ ତ୍ରିପାଠୀ ଓ ଶ୍ରମିକ ନେତା ଅମୀୟ ନାୟକ ପ୍ରମୁଖ ଯୋଗଦେଇ ଆନ୍ଦୋଳନର ଆବଶ୍ୟକତା ଓ ଆଭିମୁଖ୍ୟ ବାବଦରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବ୍ଲକ କମିଟି ସମ୍ପାଦର ପ୍ରାରମ୍ଭିକ ଭାଷଣ ଆରମ୍ଭ କରି ଶିଳ୍ପବିହିନ କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା କହିଥିଲେ। ୧୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଜିଲାରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାପାଇଁ ପ୍ରାୟ ୬୫୦ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ଏଯାବତ ସରକାର ଅର୍ଦ୍ଧାଧିକ ସଂଖ୍ୟକ ଡାକ୍ତର ଏହି ଜିଲାକୁ ଯୋଗାଇବାରେ ସକ୍ଷମ ହୋଇ ପରିନାହାନ୍ତି। ଫଳରେ ରୋଗୀମାନେ କଟକ କିମ୍ବା ରାଜଧାନୀର ଡାକ୍ତରଖାନା ଉପରେ ନିର୍ଭର କରି ଅଯଥା ଖର୍ଚ୍ଚାନ୍ତ ହୋଇଥାନ୍ତି ବୋଲି କହିଥିଲେ । ଏଥିପାଇଁ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ଆସନ୍ତା ୨୮ରେ ଜିଲାର ସବୁ ବ୍ଲକରୁ ସଂଗ୍ରାମୀମାନେ ଦୁହୁରିଆଠାରେ ଏକତ୍ରିତ ହୋଇ ରାଜଭବନ ଯାତ୍ରା କରିବେ ଓ ସେଠାରେ ଆନ୍ଦୋଳନ କରିବାର ଥିବାରୁ ଡେରାବିଶ ବ୍ଲକ ଅଞ୍ଚଳରୁ ବହୁ ଜନସାଧାରଣ ଏଥରରେ ସାମିଲ ପାଇଁ ବ୍ଲକ କମିଟି ପକ୍ଷରୁ ନିବେଦନ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ବ୍ଲକ କମିଟିର କର୍ମକର୍ତ୍ତା ହଳଧର ଦାଶ, ନିରଞ୍ଜନ କର, ଜୟନ୍ତ କୁମାର ବଳ, ଅଭିମନ୍ୟୁ ରାଉତ, ପୂର୍ଣ୍ଣାନନ୍ଦ ବେହେରା, କୁଞ୍ଜବିହାରୀ ଦାଶ, ରମେଶ ଚନ୍ଦ୍ର ଦାସ, ଚନ୍ଦ୍ରକାନ୍ତ ପ୍ରଧାନ, ଅଥୟ ମିଶ୍ର ଓ ନାରୀ ନେତ୍ରୀ ଶ୍ରୀୟା ରାୟ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଓଡ଼ିଶାରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

**ମହାକାଳପଡ଼ା,୨୪।୯(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କୁମାରପଡ଼ା ଗ୍ରାମର କମଳାକାନ୍ତ ସ୍ୱାଇଁ(୨୫)ଙ୍କ ମୃତଦେହ ଓଡ଼ିଶାରେ ପହଞ୍ଚିଛି । ସେ ଶ୍ରୀଲଙ୍କାର ରାଜଧାନୀ କଲୋମ୍ବାରେ ଜଣେ ଦାଦନ ଶ୍ରମିକ ଭାବେ ଅଶୋକ ଷ୍ଟିଲ ଇଣ୍ଡଷ୍ଟ୍ରି ପ୍ରାଇଭେଟ ଲିରେ ମାସକୁ ୧୬ ହଜାର ଟଙ୍କାରେ କାମ କରୁଥିଲେ । ଗୁରୁବାର ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା । ବନ୍ଧପଡ଼ା ଠିକାଦାର ନଳିନୀକାନ୍ତ ସାମଲଙ୍କ ନିକଟକୁ ଏ ସଂକ୍ରାନ୍ତରେ ଫୋନ କଲ୍ ଆସିଥିଲା । ଏ ସଂକ୍ରାନ୍ତରେ ଗତ ୧୭ ତାରିଖ ଧରି ଡ୍ରାରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ପରିବାର ଲୋକେ ଆନ୍ତର୍ଜାତିକ ମାନବାଧିକାର କର୍ମୀ ଅଭିଷେକ ପାଣିଗ୍ରାହୀଙ୍କ ସହିତ ଯୋଗାଯୋଗ କରିଥିଲେ । ବିଦେଶରେ ମୃତଦେହ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ସେ କଲମ୍ବୋ ଆମ୍ବାସୀଙ୍କ ସହିତ ଯୋଗାଯୋଗ କରିଥିଲେ । ପାଣିଗ୍ରାହୀ ଶ୍ରୀଲଙ୍କାସ୍ଥିତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ କଲମ୍ବୋସ୍ଥିତ ଭାରତୀୟ ଦୂତାବାସ କାର୍ଯ୍ୟାଳୟର ସମସ୍ତ ଅଧିକାରୀଙ୍କ ସହଯୋଗ ଲୋଡିଥିଲେ । ପାଣିଗ୍ରାହୀଙ୍କ ଉଦ୍ୟମରେ କମଳାକାନ୍ତ ମୃତଦେହ ଓଡ଼ିଶା ଫେରିଥିବା ପରିବାର ଲୋକେ କହିଛନ୍ତି ।



# ଉଷୁନା ଅନ୍ନ,ସୋରିଷ ତେଲରେ ମାଛ ଭୋଗ

**ଡେରାବିଶ,୨୪।୯(ସ୍ୱ.ପ୍ର.)**




କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଅଧୀନ ଏଣ୍ଡର ବଙ୍ଗାଳିସାହି ମା’ ଦୂର୍ଗାଙ୍କ ପୂଜା ଅତି ପ୍ରାଚୀନ । ଏହି ପୂଜାରେ ଡେରାବିଶ ସମେତ କେନ୍ଦ୍ରାପଡା, ଯାଜପୁର ଓ କଟକ ଜିଲାର ଶ୍ରଦ୍ଧାମାନେ ସାମିଲ ହୋଇଥାଆନ୍ତି। ବଙ୍ଗୀୟ ପରମ୍ପରା ଅନୁଯାୟୀ ଦେବୀଙ୍କ ପୂଜା ହୋଇଥାଏ। ସେଥିପାଇଁ ଅନ୍ୟ ପୂଜା ମଣ୍ଡପର ପୂଜାଠାରୁ ଏହି ପୂଜାବିଧି ସମ୍ପୂର୍ଣ୍ଣ ନିଆରା ବୋଲି ପୂଜା କମିଟିର କର୍ମକର୍ତ୍ତା ଦୂର୍ଗା ପ୍ରସନ୍ନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଏହି ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ। ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି ।

ଏହି ପୂଜାର ବିଶେଷତ୍ୱ ହେଲା ପଣାହାଣ୍ଡି। ସପ୍ତମୀ ତିଥିରୁ ଦଶହରା ଯାଏ ମା’ଙ୍କ ନିକଟରେ ମାନସିକଧାରୀଙ୍କ ହଜାରରୁ ଉର୍ଦ୍ଧ୍ୱ ମାଟିହାଣ୍ଡିରେ ପ୍ରସ୍ତୁତ ପଣା ମା’ଙ୍କୁ ଲାଗି କରାଯାଏ। ଏଥିପାଇଁ ୪ ଦିନ ଧରି ପୀଠ ପରିସରରେ ମାନସିକଧାରୀଙ୍କ ଭିଡ଼ ଲାଗି ରହିଥାଏ। ନୂଆମାଟି ହାଣ୍ଡିରେ ଦହି ଛେନା, କନ୍ଦ, ଗୁଡ ଓ କଦଳୀରେ ତିଆରି ପଣା ରହିଥାଏ। ପଣାଭୋଗ ପାଇବା ପାଇଁ ଶ୍ରଦ୍ଧାଳୁମାନେ ଅପେକ୍ଷା କରିଥାଆନ୍ତି । ସମସ୍ତ ପୂଜା ମଣ୍ଡପରେ ଅରୁଆ ପ୍ରସାଦ ସହ ଗୁଆଘିଅରେ ତିଆରି ଭୋଗ ପ୍ରସ୍ତୁତ ହେଉ ଥିବାବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ସପ୍ତମୀ ତିଥିରୁ ଦଶହରା ଯାଏଁ ପ୍ରତ୍ୟେକ ଦିନ ମା’ଙ୍କ ନିକଟରେ ଅନ୍ନଭୋଗ ଉଷୁନା ଚାଉଳରେ ପ୍ରସ୍ତୁତ ହୋଇଥାଏ। ସୋରିଷ ତେଲରେ ତିଆରି ହୋଇଥିବା ମାଛ ତରକାରୀ, ଶାଗ, ଭଜା ସହ ଦହିପଖାଳ ମା’ଙ୍କ ନିକଟରେ ଭୋଗ ଲାଗିଥାଏ। ଏଥିସହିତ ବିଭିନ୍ନ ପ୍ରକାର ପିଠା ଭୋଗ ଦିଆଯାଏ। ରାଜାରାଜୁଡାଙ୍କ ଶାସନ ସମୟରେ ଏକ ନିର୍ଦ୍ଦିଷ୍ଟ ଇଲାକାର ଜମିଦାରୀ ବ୍ୟବସ୍ଥା ସମୟରୁ ମା’ଙ୍କ ପୂଜାର ଶେଷଦିନ ଅର୍ଥାତ୍ ଦଶହରା ପୂଜା ଶେଷ ପରେ ୩୨ ଜଣ ଗୋପାଳ ମା’ଦୂର୍ଗାଙ୍କୁ କାନ୍ଧରେ ନେଇ ନିକଟରେ ଥିବା ଏକ ପୋଖରୀରେ ବିସର୍ଜନ କରିଥାନ୍ତି। ପରମ୍ପରା ଅନୁଯାୟୀ ସେହି ଗୋପାଳମାନଙ୍କୁ ଧୂଆଁପତ୍ର (ବର୍ତ୍ତମାନ ବିଡି) ଓ ମଣ୍ଡାପିଠା ଦିଆଯିବା ବ୍ୟବସ୍ଥା ରହିଥିବା କମିଟି ବୟସ୍କ କର୍ମକର୍ତ୍ତା ହରେକୃଷ୍ଣ ଗୋସ୍ୱାମୀ କହିଛନ୍ତି। ବାପଘରକୁ ଝିଅ ଆସିଲେ ବିଭିନ୍ନ ପ୍ରକାର ଗାଉଁଲି ଖାଦ୍ୟ ଯେପରି ଘରେ ପରସା ଯାଏ, ମାଆଙ୍କ ନିକଟରେ ପ୍ରଥମରୁ ସେପରି ଖାଦ୍ୟ ଭୋଗ କରାଯାଇଥାଏ। ଦଶହରା ଦିନ ମାଆଙ୍କୁ ଅତି ଦୁଃଖରେ ଗାଁର ମହିଳାମାନେ ମେଲାଣି ଦେଇଥାନ୍ତି।

**ଶାରଦୀୟ ଦୂର୍ଗାପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମା’ଙ୍କ ପୂଜା ପାଇଁ ସମଗ୍ର ରାଜ୍ୟ ଚଳ ଚଞ୍ଚଳ ହୋଇ ଉଠିଛି । ତେବେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ଏଣ୍ଡର, ଛଟିଶା, ହଳଦିଆପାଟଣା, ଚାନ୍ଦୋଳ ଖରିଦାସାହି ସମେତ ବିଭିନ୍ନ ସ୍ଥାନରେ ଏହି ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। କରୋନା କଟକଣା ପାଇଁ ଗତ ୨ ବର୍ଷ ହେବ ମା’ ପୂଜା ମଣ୍ଡପ ଭକ୍ତ ଶୂନ୍ୟ ରହିଥିଲା । ଚଳିତ ବର୍ଷ କରୋନା କଟକଣା ହଟିବା ପରେ ମା’ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଅପେକ୍ଷା କରିଛନ୍ତି... ।**

### ଜନଶ୍ରୁତି କହେ...

ତତ୍କାଳୀନ ଆଳି ରାଜା ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲାର ବନମାଳୀ ବ୍ରହ୍ମା ନାମକ ଜଣେ ବ୍ରାହ୍ମଣଙ୍କୁ ନିଜ ରାଜବାଟିରେ ଥିବା ଦେବାଳୟରେ ପୂଜକ ଭାବେ ନିଯୁକ୍ତି ଦେଇଥିଲେ। ପରବର୍ତ୍ତୀ ସମୟରେ ବନମାଳୀଙ୍କୁ ଡେରାବିଶ ସମେତ କେତେକ ଅଞ୍ଚଳର ଜମିଦାର ଦାୟିତ୍ୱ ଅର୍ପଣ କରିଥିଲେ। ବନମାଳୀ ଜଣେ କାଳୀ ସାଧକ ଭାବେ ସେ ସମୟରେ ଜଣାଶୁଣା ଥିଲେ। ଗୋବରୀ ନଦୀର କୂଳରେ ଥିବା ବଣଜଙ୍ଗଲ ଘେରା ଏକ ଶ୍ମଶାନ ଯାହାକି ବନମାଳୀଙ୍କ ଇଲାକାରେ ଥିଲା । ଏହି ଶ୍ମଶାନରେ ବନମାଳୀ ନିଜର ସାଧନା କରିବା ସମୟରେ ମା’ କାଳୀଙ୍କ ସ୍ୱପ୍ନାଦେଶ କ୍ରମେ ଶରତକାଳୀନ ଦୂର୍ଗାପୂଜା ସହ ଅମାବାସ୍ୟା ତିଥିରେ କାଳୀପୂଜା ଆରମ୍ଭ କରିଥିଲେ। ଇତିମଧ୍ୟରେ ବନମାଳୀଙ୍କ ବଂଶର ସାତପୁରୁଷ ଅତିକ୍ରମ କରିଯାଇଛି। ମାତ୍ର ବନମାଳୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଦୂର୍ଗା ପୂଜାର ଏବେ ବି ପ୍ରସିଦ୍ଧି ରହିଛି।

## ସବୁଠି ଅହିଂସା ରଥକୁ ସ୍ୱାଗତ


ରାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅହିଂସା ରଥକୁ ସ୍ୱାଗତ କରାଯାଉଛି ।

**ମହାକାଳପଡ଼ା,୨୪।୯(ଡି.ଏନ.ଏ.):**
ଅହିଂସା ରଥକୁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ସ୍ୱାଗତ କରାଯାଇଛି । ଏହି ରଥ ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଡ଼ିଓ ଦେବାଶିଷ ରାଉତ ଓ ବ୍ଲକ ଅଧକ୍ଷା କଳ୍ପନା ରାଉତ, ଅତିରିକ୍ତ ବିଡ଼ିଓ କିରଣ କୁମାର ସାମଲ, ସହକାରୀ ଯନ୍ତ୍ରୀ ସ୍ମୃତିରେଖା ଖଟୁଆ, ଯନ୍ତ୍ରୀ ମନୋଜ କୁମାର ଜେନା , ମୁକ୍ତିକାନ୍ତ ସାହୁ , ବିଭୂତି ଭୂଷଣ ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ଅହିଂସା ରଥ ବିଭିନ୍ନ ଅଞ୍ଚଳରେ ପରିକ୍ରମା କରି ସନ୍ଧ୍ୟାରେ ରାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପହଞ୍ଚି ଥିଲା । ଉକ୍ତ ରଥକୁ ରାମନଗର ଅଞ୍ଚଳର ବିଭିନ୍ନ ବର୍ଗର ଲୋକମାନେ ସ୍ୱାଗତ କରିଥିଲେ । ଏହି ଅବସରରେ ସେଠାରେ ଶହୀଦ୍ ବାଜି ରାଉତଙ୍କ ଜୀବନୀ ଉପରେ ଏକ ପ୍ରମାଣିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଅହିଂସା ରଥ ଶାନ୍ତିର ବାର୍ତ୍ତା ବହନ କରୁଛି। ଅହିଂସା ମଣିଷର ସବୁଠୁ ବଡ଼ ଶକ୍ତି। ଦାରିଦ୍ର୍ୟ ଓ ସାମାଜିକ ଅବିଚାର ସବୁଠାରୁ ବଡ଼ ହିଂସା । ଯେ ପର୍ଯ୍ୟନ୍ତ ଦାରିଦ୍ର୍ୟ ରହିଥିବ ସେ ପର୍ଯ୍ୟନ୍ତ ସ୍ୱାଧୀନତା ମୂଲ୍ୟ ଅର୍ଥହୀନ ବୋଲି ଉପସ୍ଥିତ ବୁଦ୍ଧିଜିବୀମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ବିଜୟ କୁମାର ଶୁକ୍ଳା , ଦିନେଶ ଦେବନାଥ ,ସରପଞ୍ଚ ମିଲନ କୁମାର ଦେବନାଥ , ମୃତ୍ୟୁଞ୍ଜୟ ମଣ୍ଡଳ , ଶରତ କୁମାର ରାଉତ , ବିଶ୍ୱନାଥ ବୈଦ , ହେମନ୍ତ ପରିଡ଼ାଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ସେହିପରି ରଥ ବାରଡାଙ୍ଗ ପଞ୍ଚାୟତ ବାଲିଗୋଡ଼ାଠାରେ ପହଞ୍ଚିବା ପରେ ସରପଞ୍ଚ ଅରବିନ୍ଦ ଜେନା ଓ ବଉଳ କଣି ପଞ୍ଚାୟତ ସାଲବେଗ ମାହାଳି ଛପାଲି ଓ ପ୍ରଭାକର ପୁର ଠାରେ ସ୍ୱାଗତ କରାଯାଇଥିଲା ।

**ରାଜନଗର,(ଡି.ଏନ୍.ଏ.):**



ରାଜନଗରରେ ଅହିଂସା ରଥକୁ ସ୍ୱାଗତ କରାଯାଇଛି। ଗୋସିଗାଁର ଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ପୀଠରେ ଅହିଂସା ବାଣୀ ପ୍ରଚାର କରାଯାଇଥିଲା। ଗୋସିଗାଁରୁ ସାନବଡଗୋପାଳପୁର ବଜାର, ତ୍ରିନାଥବଜାର ଓ ରାଜନଗର ବଜାର ପରିକ୍ରମା କରି ରାଜନଗର ହାଇସ୍କୁଲଠାରେ ଏହି ରଥ ପହଞ୍ଚି ଥିଲା। ବିଡିଓ ରବିନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଡାକ୍ତର ଆଶୁତୋଷ ବାରିକ, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀକାନ୍ତ କୁମାର ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ଗୋଲେଖ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ସନ୍ଦିପ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ହାଇସ୍କୁଲର ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ହାଇସ୍କୁଲ ଛାତ୍ର ଗାନ୍ଧୀ ବେଶ ଧାରଣ କରି ରାଜନଗର ବଜାର ପରିକ୍ରମା କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାପରେ ଅହିଂସା ରଥ ମହିଁଷାସୁର ପଞ୍ଚାୟତ ପଡିଆରେ ପହଁଚିଥିଲା। ସେଠାରେ ସରପଞ୍ଚ ଅଶୋକ କୁମାର ମହାନ୍ତି, ସମିତିସଭ୍ୟା ହରପ୍ରିୟା ନାୟକଙ୍କ ସମେତ ପଞ୍ଚାୟତବାସୀ ଅହିଂସାରଥକୁ ଭବ୍ୟ ସ୍ୱାଗତ କରିଥିଲେ। ତିଅର ଛକ ଓ କୁରୁଣ୍ଟି ଛକ ପରିକ୍ରମା କରି ହାଟିନା ଛକରେ ପହଁଚିଥିଲା। ସେଠାରେ ସରପଞ୍ଚ ସମୀର ସେଠୀ, ସମିତିସଭ୍ୟା ଉତ୍ତମା ସେଠୀ, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ, ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା ପ୍ରମୁଖ ସ୍ୱାଗତ କରିଥିଲେ।

**ମାର୍ଶାଘାଇ(ଡି.ଏନ.ଏ.):**




ଶନିବାର ମାର୍ଶାଘାଇ ବ୍ଲକ ପ୍ରଶାସନ ପକ୍ଷରୁ ତାଳସଙ୍ଗା ପଞ୍ଚାୟତରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । ଏହାପରେ ଥରକୁ ମାର୍ଶାଘାଇ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଅଣା ଯାଇଥିଲା । ସେଠାରେ ବିଡିଓ ଉମାଶଙ୍କର ବେହେରା. ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଓ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରା ମାଧ୍ୟମରେ ଭବ୍ୟସମ୍ବର୍ଦ୍ଧନା ଦେଇ ଗାନ୍ଧୀଭବନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଗାନ୍ଧୀ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ବେହେରା ଯୋଗଦେଇ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଭୂମିକା ଓ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସା ନୀତି ଉପରେ ଅଭିଭାଷଣ ରଖିଥିଲେ । ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂ, ମହାବିଦ୍ୟାଳୟ ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷା, ଜିଲାପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ବ୍ଲକ ଉପାଧାକ୍ଷା ଉର୍ମିଳା ମହାନ୍ତି ବକ୍ତବ୍ୟ ରଖିଥିଲେ । ଅଧାପକ ସୁକାନ୍ତ ପ୍ରଧାନ ମଞ୍ଚ ସଞ୍ଚାଳନ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୬ରୁ ଚାଷୀ ଶ୍ରମିକ ସଂଘର ଅନଶନ

**ଡେରାବିଶ,୨୪।୯(ସ୍ୱ.ପ୍ର.)**

**ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା ଦାବି**

ଡେରାବିଶ ତହସିଲ କାର୍ଯ୍ୟାଳୟ ନିକଟରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ ପ୍ରତିଷ୍ଠା ଦାବିରେ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ଆସନ୍ତା ୨୬ରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବା ପାଇଁ ଘୋଷଣା କରିଛି । ଡେରାବିଶର ଜନସାଧାରଣ ଓ ସଂଘ ପକ୍ଷରୁ ବହୁ ଉଦ୍ୟମ ପରେ ପ୍ରଶାସନିକସ୍ତରରେ ବୈଠକ ବସି ଡେରାବିଶରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଏଥିପାଇଁ ଜନସାଧାରଣଙ୍କ ପକ୍ଷରୁ ତହସିଲ ନିକଟରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ କରାଯିବା ପାଇଁ ପ୍ରତି ପଞ୍ଚାୟତରୁ ଦାବିପତ୍ର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୋଗ, ଜିଲାପାଳ ଓ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ବିଳମ୍ବ ହୋଇଥିବା ବେଳେ ସଂଘ ପକ୍ଷରୁ କମିଶନରଙ୍କୁ ମଧ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ତହସିଲଦାରଙ୍କ ପରାମର୍ଶ କ୍ରମେ ସଂଘ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଭେଟି ଏ ସମ୍ପର୍କରେ ଦାବି ଜଣାଇଥିଲା । ମାତ୍ର କେନ୍ଦ୍ରାପଡ଼ା ଏଡିଏମ ଡେରାବିଶ ତହସିଲ ନିକଟରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ସଂଘକୁ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଥିବା ବେଳେ ସ୍ୱାଧିନତା ଦିବସରେ ଏହି କାର୍ଯ୍ୟାଳୟ ଉଦ୍‌ଘାଟନ ହେବ ବୋଲି ଘୋଷଣା କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ କେବଳ ପ୍ରତିଶ୍ରୁତିରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ କାମ ଅଟକି ରହିଛି। ଏଥିପାଇଁ ସଂଘ ବାଧ୍ୟ ହୋଇ ଆସନ୍ତା ୨୬ ତାରିଖ ଦିବା ୧୧ଟାରୁ ଦାବି ପୂରଣ ପର୍ଯ୍ୟନ୍ତ ତହସିଲ ସମ୍ମୁଖରେ ଅନଶନରେ ବସିବା ପାଇଁ ସ୍ଥିର କରାଯାଇଥିବା ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଜଣାଇଛନ୍ତି ।

**ନାଟକ ମହୋତ୍ସବ ଉଦ୍‌ଘାଟିତ**

କୁଜଙ୍ଗ, (ଡି.ଏନ୍.ଏ.): ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମ ନିତାଇଗୌର ଡ୍ରାମାଟିକ କ୍ଲବର ୩୨ତମ ନାଟକ ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ୩ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ପୀତାବାସ ଗୋଚ୍ଛାୟତ, ସମ୍ମାନିତ ଅତିଥିଭାବେ ପାରାଦୀପ ଶିଳ୍ପାଞ୍ଚଳ ବିକାଶ ପରିଷଦର ସଭାପତି ରାକେଶ ପଟ୍ଟନାୟକ, ଢିଙ୍କିଆ ସରପଞ୍ଚ କିଶୋର କୁମାର ପରିଡା, ସେବାସମବାୟ ସମିତି ସଭାପତି ଅକ୍ଷୟ ବେହେରା, ମାହଳ ଗ୍ରାମ କମିଟି ସମ୍ପାଦକ ଭ୍ରମର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ରାତିରେ ନାଟକ 'ଏମିତି କାହାଣୀ ଲେଖୁଛି କିଏ' ମଞ୍ଚସ୍ଥ ହୋଇଥିଲା। ଉତ୍ସବରେ ବରିଷ୍ଠ କଳାକାର ସୁରେନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିଲେ। ଡ୍ରାମାଟିକ କ୍ଲବର ସମସ୍ତ ସଭ୍ୟ ଏହାକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପିପିଏଲ୍ ଡିଏଭିରୁ ୧୬ ଛାତ୍ର ମନୋନୀତ

ରାଜ୍ୟସ୍ତରୀୟ ସବ୍‌ଜୁନିୟର ହକି ଟୁର୍ନାମେଣ୍ଟ



ପାରାଦୀପ, ୨୪।୯(ସ୍ୱ.ପ୍ର.): ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ହକି ଷ୍ଟାଡିୟମରେ ସବ୍‌ଜୁନିୟର ରାଜ୍ୟ ସ୍ତରୀୟ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହା ସେପ୍ଟେମ୍ବର ୨୫ରୁ ୩୦ ପର୍ଯ୍ୟନ୍ତ ଚାଲିବ। ଏଥିରେ ଜଗତ୍‌ସିଂହପୁର ଜିଲା ପାରାଦୀପ ପିପିଏଲ୍ ଡିଏଭି ସ୍କୁଲର ୧୬ ଜଣ ଛାତ୍ର ମନୋନୀତ ହୋଇଛନ୍ତି। ସେମାନେ ହେଲେ ଅଧିନାୟକ ବିନୟ ଖିଲାର, ସାଇ ସୂର୍ଯ୍ୟାଂଶ, ଦୀତିକୃଷ୍ଣ ସାହୁ, ଆୟୁସ ୱାର୍ସ, ପ୍ରଣବ ଜେନା, ଶ୍ରୁତି ଶୁଭ୍ରାଂଶୁ ବହାଲିଆ, କାହ୍ନୁଚରଣ ବେହେରା, ଅଙ୍କିତ କୁମାର ବେହେରା, ଜିତେନ୍ଦ୍ର ମଲ୍ଲିକ, ଅମରଜିତ ସାହୁ, ଶୁଭମ ସୂତାର, ରାମକୃଷ୍ଣ ସାହୁ, ସନ୍ଦୀପ ସେଠୀ, ଶୁଭମ ସାମନ୍ତରାୟ, ଦିବ୍ୟଜ୍ୟୋତି ମହାନ୍ତି ଓ ବିଶ୍ୱଜିତ ନାୟକ। ପ୍ରଶିକ୍ଷକଭାବେ ଶାଶ୍ୱତ ଭାରତୀୟ ଥିବା ବେଳେ କାଳନ୍ଦି ଖିଲାର ମ୍ୟାନେଜର ଭାବେ ଯୋଗଦେଇଛନ୍ତି। ସମସ୍ତ କ୍ରୀଡାବିତ୍‌ଙ୍କୁ ପିପିଏଲ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ ଓ କମ୍ପାନୀ ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଓ ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଶୁଭେଚ୍ଛା ଜଣାଇଛନ୍ତି। କ୍ରୀଡାବିତ୍‌ଙ୍କ ନିମନ୍ତେ ଖେଳ ଉପକରଣ ଓ ଆନୁଷଙ୍ଗିକ ସହଯୋଗ କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଇଛି।

### ଘର ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରି

ବାଲିକୁଦା, ୨୪।୯(ସ୍ୱ.ପ୍ର.): ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ଓଷକଣା ଗାଁର ରମେଶ ରାଉତଙ୍କ ଘରୁ ଚୋରି ହୋଇଛି। ତାଙ୍କ ଘର କବାଟ ଓ ତାଲା ଭାଙ୍ଗି ସୁନା ଓ ରୂପା ଅଳଙ୍କାର ସମେତ ବିଭିନ୍ନ ସାମଗ୍ରୀ ଚୋରି କରାଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୪୧୮/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ ରମେଶ ଓ ତାଙ୍କ ପୁଅ ବାହାରେ ରହି ଚାକିରି କରୁଥିବାବେଳେ ବୋହୂ ଗର୍ଭବତୀ ଥିବାରୁ ବାପ ଘରେ ରହୁଛନ୍ତି। ଝିଅ ମାମୁ ଘରେ ରହି ପାଠ ପଢୁଛି। ଘରେ ରମେଶଙ୍କ ସ୍ତ୍ରୀ ନୀଳିମା ଏକୁଟିଆ ରୁହନ୍ତି। ନୀଲମା ବାପଘରକୁ ଏକ ଶୁଦ୍ଧିକାର୍ଯ୍ୟରେ ଯୋଗ ଦେବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଭିତରେ ପଶି ଚୋରି କରି ନେଇଥିବା ନୀଳିମା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ସନ୍ଧାନୀ କୁକୁର ଜରିଆରେ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛି।

### ପୋଲ,ବଜାର ସଫେଇ କଲେ ବିଡିଓ, କର୍ମଚାରୀ

ରାଜନଗର, ୨୪।୯(ଡି.ଏନ.ଏ.): ଅହିଂସା ରଥ ରାଜନଗର ବ୍ଲକ ପରିକ୍ରମା ପୂର୍ବରୁ ରାଜନଗର ହଂସୁଆ ସେତୁ ଓ ବଜାରକୁ ସଫେଇ କରାଯାଇଛି। ତ୍ରିନାଥ ବଜାର ଠାରୁ ରାଜନଗର ହାଇସ୍କୁଲ ଯାଏଁ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଅଳିଆ ଆବର୍ଜନା ବ୍ଲକ ପ୍ରଶାସନ ପକ୍ଷରୁ ସଫେଇ କରାଯାଇଛି। ରାଜନଗର ପୋଲ ଉପରେ ଦୀର୍ଘଦିନ ଧରି ପଡି ରହିଥିବା ଅଳିଆ ଆବର୍ଜନାକୁ ସଫେଇ କରାଯାଇଛି। ରାଜନଗର ବିଡିଓ ରବିନ୍ଦ୍ର କୁମାର ପ୍ରଧାନଙ୍କ ସହିତ ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ, ସହକାରୀ ଯନ୍ତ୍ରୀ ଜଳଧର ବେହେରା, ରାଜନଗର ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, କନିଷ୍ଠଯନ୍ତ୍ରୀ ଅନିରୁଦ୍ଧ ନାୟକ, ଉମା ଶଙ୍କର ଦଳାଇ, ପଂଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ବିବେକାନନ୍ଦ ମଲ୍ଲିକ, ମନିନ୍ଦ୍ର କୁମାର ପ୍ରଧାନ, ଜ୍ୟୋତି ରଂଜନ ସାମଲ ପ୍ରମୁଖ ରାସ୍ତା ଓ ସେତୁ ସଫେଇ କରିଥିଲେ। ସେହିପରି ହାତିନା ପଞ୍ଚାୟତର ସରପଞ୍ଚ ସମୀର ସେଠୀ, ସମିତିସଭ୍ୟା ଉତମା ସେଠୀ, ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା ପ୍ରମୁଖଙ୍କ ନେତୃତ୍ୱରେ ହାତିନା ଛକକୁ ସଫେଇ କରାଯାଇଥିଲା।

# ସାଜସଜ୍ଜା ଅପେକ୍ଷା ରୀତିନୀତିକୁ ଗୁରୁତ୍ୱ

ଜଗତସିଂହପୁର ଅଫିସ, ୨୪।୯




ଦୁର୍ଗାପୂଜା ନେଇ ଜଗତ୍‌ସିଂହପୁର ସହରରେ ଧୀରେ ଧୀରେ ପରିବେଶ ଚଳଚଞ୍ଚଳ ହେବାକୁ ଲାଗିଲାଣି। ମୂର୍ତ୍ତି, ମେଢ, ସାଜସଜ୍ଜା ଆଦି କିପରି ଅଧିକ ଆକର୍ଷଣୀୟ ହେବ ସେନେଇ ବିଭିନ୍ନ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କିନ୍ତୁ ଦୁର୍ଗା ବଜାରସ୍ଥିତ ଦୁର୍ଗା ମନ୍ଦିରରେ ପୂଜା କମିଟି ପକ୍ଷରୁ ପୂଜାପାଠ ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି କୁହାଯାଇଛି। କମିଟି ପକ୍ଷରୁ କୁହାଯାଇଛି, ଦୁର୍ଗା ମନ୍ଦିରରେ ପ୍ରତ୍ୟହ ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଏ। ଦୁର୍ଗାପୂଜାରେ ପୂଜାପାଠକୁ ଅଧିକ ନିଷ୍ଠା ଓ ଆଧ୍ୟାତ୍ମିକମୟ କରିବା ପାଇଁ ଉଦ୍ୟମ କରାଯାଉଛି। ଏଥିସହ ଆଲୋକ ସାଜସଜ୍ଜା ଉପରେ ମଧ୍ୟ ଧ୍ୟାନ ଦିଆଯିବ।

୧୯୮୩ରୁ ଏଠାରେ ଦୁର୍ଗାପୂଜା ହୋଇଆସୁଛି। ସେତେବେଳେ ଦୁର୍ଗା ବଜାର ଏତେ ସମ୍ପ୍ରସାରିତ ହୋଇ ନ ଥିଲା। ହାତ ଗଣତି କେତୋଟି କେବିନ୍ ଥିଲା। ସେତେବେଳେ ବଜାରକୁ ଲାଗି ଥିବା ସାହିର ଲୋକେ ପୂଜା କରିବା ପାଇଁ ଅଣ୍ଟା ଭିଡିଥିଲେ। ଭୋଳାନାଥ ରାଉତ, ଡ. ନଟବର ନାୟକ, ସ୍ୱର୍ଗତ ନଗେନ୍ଦ୍ର ମହାନ୍ତି, ଡ.ଆର୍. ଏନ୍. ମିତ୍ର ପ୍ରମୁଖ ଦୁର୍ଗାପୂଜା କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଏକ ବୈଠକ କରି ନିଷ୍ପତ୍ତି ନେଇଥିଲେ। ଏଥିରେ ସାହି ଲୋକଙ୍କ ପୂର୍ଣ୍ଣ ସହଯୋଗ କରିବାରୁ ପୂଜା ଆରମ୍ଭ ହୋଇଥିଲା। ଅତୀତରେ ମାଟିର ପ୍ରତିମା ପୂଜା ପାଉଥିଲା। ୧୯୯୬-୯୭ରେ ସିମେଣ୍ଟ ପ୍ରତିମା ହେଲା। ରଶ୍ମି ଟକିଜ୍ ମାଲିକ ବନମାଳୀ ସାହୁ ମନ୍ଦିର ନିର୍ମାଣ ପାଇଁ ଜମି ଦାନ କରିଥିଲେ। ଏହାପରେ ୨୨ ଫୁଟ ଲମ୍ବ, ୧୫ ଫୁଟ ଓସାର ଓ ୨୦ ଫୁଟ ଉଚ୍ଚତାର ମନ୍ଦିର ତିଆରି ହୋଇଥିଲା। ୧୯୯୯ ପୂର୍ବରୁ ମନ୍ଦିର କାମ ଶେଷ ହୋଇଥିଲା। ଜଗତ୍‌ସିଂହପୁରରେ ଏହା ଦ୍ୱିତୀୟ ଦୁର୍ଗା ମନ୍ଦିର ଭାବେ ପରିଚିତ। ମନ୍ଦିର ଭିତରେ ମା' ଦୁର୍ଗା, ଶିବ, ପାର୍ବତୀ, ଲକ୍ଷ୍ମୀ, ଗଣେଶ, କାର୍ତ୍ତିକ ଆଦି ପୂଜା ପାଉଛନ୍ତି। ପ୍ରତ୍ୟହ ଷୋଡ଼ଶ ଉପଚାରରେ ପୂଜା କରାଯାଏ। ଦଶହରା ସମୟରେ ଅର୍ଥାତ୍ ମୂଳାଷ୍ଟମୀ ବୁଧବାରଠାରୁ ଦୁର୍ଗାଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନ ଷୋଳପୂଜା କରାଯିବ। ଏହି ସମୟରେ ଘଟ ବସିବା ସାଙ୍ଗକୁ ଚଣ୍ଡୀପାଠ ଓ ଅନ୍ୟ କର୍ମକାଣ୍ଡ ହେବ। ଏହି ପୂଜା ଅତି ନିଷ୍ଠାର ସହ କରାଯାଉଥିବାରୁ ଅନେକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ।



"ମା' ଦୁର୍ଗାଙ୍କ ଏହା ସ୍ଥାୟୀ ମନ୍ଦିର ହୋଇଥିବାରୁ ଏଠାରେ ପୂଜାକୁ ନିଷ୍ଠାର ସହ ପାଳନ କରାଯାଏ। ମହାଷ୍ଟମୀ ଦିନ ସ୍ୱତନ୍ତ୍ର ପୂଜା କରାଯାଏ। ଏହିଦିନ ବିଶେଷ ଗହଳି ଦେଖିବାକୁ ମିଳେ। ଏହାବାଦ୍ ସହରର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟକ ଲୋକ ପ୍ରତ୍ୟହ ମା'ଙ୍କ ଦର୍ଶନ କରିବାକୁ ଆସିଥାନ୍ତି। ଦୁର୍ଗା ମନ୍ଦିରର ବିଶେଷତ୍ୱ ହେଉଛି ଏଠାରେ ଜାତିଭେଦ ଦେଖାଯାଏ ନାହିଁ। ପ୍ରତ୍ୟେକ ଜାତିର ଲୋକ ମିଳିମିଶି କାମ କରିଥାନ୍ତି। ସେହିପରି ରାଜନୀତି ମଧ୍ୟ କରାଯାଏ ନାହିଁ। ପ୍ରତ୍ୟେକଙ୍କ ମଧ୍ୟରେ ଅପୂର୍ବ ସମନ୍ୱୟ ରହିଥାଏ।

**-ରବୀନ୍ଦ୍ର ନାଥ ମହାନ୍ତି, ସଭାପତି, ଦୁର୍ଗା ବଜାର ପୂଜା କମିଟି**



"ଜଗତ୍‌ସିଂହପୁରର ଏହି ସ୍ଥାୟୀ ଦୁର୍ଗା ମନ୍ଦିରର ବିଶେଷତ୍ୱ ରହିଛି। ପ୍ରତ୍ୟହ ମନ୍ଦିରକୁ ବହୁ ସଂଖ୍ୟକ ଭକ୍ତଙ୍କ ଆଗମନ ହୋଇଥାଏ। ବିଶେଷକରି ଦୁର୍ଗା ପୂଜାରେ ମା'ଙ୍କ ଏହି ପୀଠ ନିଆରା ଅନୁଭୂତି ଆଣିଦିଏ। ସ୍ଥାୟୀ ମନ୍ଦିରରେ ନିଷ୍ଠାର ସହ ରୀତିନୀତି ଅନୁଯାୟୀ ପୂଜାପାଠ ଓ ସାଜସଜ୍ଜା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ। ଚଳିତବର୍ଷ ମଧ୍ୟ ଭଲରେ ପୂଜା ହେବ ବୋଲି ଆଶା। ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ପ୍ରତ୍ୟେକଙ୍କ ସହଯୋଗ କାମନା କରୁଛୁ।

**-ଭଗବାନ ସାହୁ, ସମ୍ପାଦକ, ଦୁର୍ଗା ବଜାର ପୂଜା କମିଟି**

### ଗାଁ ମନ୍ଦିରରୁ ଚୋରି ଘଟଣା: ଜଣେ କୋର୍ଟ ଚାଲାଣ

ବାଲିକୁଦା, ୨୪।୯(ସ୍ୱ.ପ୍ର.): ଅଢ଼ଙ୍ଗା ପଞ୍ଚାୟତ କୋଳଦା ଗାଁର ସାଧୁବ୍ରହ୍ମ ମନ୍ଦିରରୁ ଚୋରି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଦେବପ୍ରସାଦ ବାରିକ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆଳିପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଛି। ପ୍ରାୟ ଦୁଇ ବର୍ଷ ତଳେ ଏହି ଗାଁ ମନ୍ଦିରରୁ ଦେବ ବିଭିନ୍ନ ଜିନିଷ ଚୋରି କରିଥିବା ନେଇ ଗାଁ ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଅକୁ ଦୋଷମୁକ୍ତ କରିବା ଲକ୍ଷ୍ୟରେ ଦେବଙ୍କ ମା' ସେତେବେଳେ ବାଲିକୁଦା ବ୍ଲକରେ ହୋଇଥିବା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅନୁରୋଧ କରିଥିଲେ। ଗୁରୁବାର ପୁନର୍ବାର ଉକ୍ତ ଗାଁ ମନ୍ଦିରରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ପୋଲିସ ମାମଲା (ନଂ. ୪୧୫/୨୨) ରୁଜୁ କରିଥିଲା। ଏହି ମାମଲାର ତଦନ୍ତ କରିବା ପରେ ଦେବଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି।

## 'ମହିଳାମାନେ ଦେଶର ଅଭିବୃଦ୍ଧିରେ ଭାଗୀଦାରି ହୁଅନ୍ତୁ'

ତିର୍ତ୍ତୋଲ, ୨୪।୯ (ଡି.ଏନ.ଏ.)


ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ ସାଇଲୋସ୍ଥିତ ପ୍ରେରଣା ସଭାଗୃହ ପରିସରରେ ଅନୁଷ୍ଠାନ ପକ୍ଷରୁ ଜାତୀୟ ମାନବିକ ଅଧିକାର ପରିଷଦ ଦ୍ୱାରା ମହିଳାଙ୍କ ଅଧିକାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳାମାନଙ୍କୁ ମାନବିକ ଅଧିକାର ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଥିଲା। ମହିଳା ନେତ୍ରୀ ଜୟନ୍ତୀ ମଲ୍ଲିକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସରୋଜ କୁମାର ସେଠୀ ସଭାପତିତ୍ୱ କରିଥିଲେ। ଆନ୍ତର୍ଜାତିକ ମାନବାଧିକାର ପରିଷଦର ଜିଲା ସଭାପତି ଇଂ.ଗଗନ ବିହାରୀ ପୃଷ୍ଟି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ମହିଳାମାନେ ଦେଶର ଅଭିବୃଦ୍ଧିରେ ଭାଗୀଦାରି କରିବା ଏକାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ମୁଖ୍ୟବକ୍ତା ଏବଂ ଗଣେଶ ପ୍ରସାଦ ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଭାକୁ ପ୍ରିୟସ୍ମିତା ପ୍ରଧାନ, ସାଗର ବାଳା ଦାସ ଓ ମହାସଂଘ ସମ୍ପାଦକ ଝିଲିନା ବେହେରା ପରିଚାଳନା କରିଥିଲେ। ଉକ୍ତ ସଭାରେ ପଞ୍ଚାୟତର ଶତାଧିକ ମହିଳା ସାମିଲ ହୋଇଥିଲେ।

### ମହିଳାଙ୍କ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ

କୁଜଙ୍ଗ, ୨୪।୯(ଡି.ଏନ୍.ଏ)

ତାଲୁକ ଆଇନସେବା କମିଟି କୁଜଙ୍ଗ ପକ୍ଷରୁ ଜାତୀୟ ମହିଳା କମିଶନଙ୍କ ସହଯୋଗରେ କୁଜଙ୍ଗ ବିବି ହାଇସ୍କୁଲ ପରିସରରେ ମହିଳାଙ୍କ ନିମନ୍ତେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ପାର୍ଥ ସାରଥି ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ଚିନ୍ମୟୀ ପଣ୍ଡା, କନିଷ୍ଠ ଦେୱାନି ଅଦାଲତ ବିଚାରପତି ଅନୁରାଧା ଶର୍ମା, ଜେଏମ୍‌ଏଫସି ସୁନୀତା ମିଶ୍ର ଯୋଗଦେଇ ମହିଳାମାନଙ୍କ ସହ ସଂଶ୍ଳିଷ୍ଟ ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ ଅମୃତ ଦାସ, ଏ.ଏନ.ଡି, ଯାଦବ, ସତ୍ୟାନନ୍ଦ ବିଶ୍ୱାଳ ଏବଂ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ କର୍ଣ୍ଣ ଉପସ୍ଥିତ ରହି ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବିବି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ପଟ୍ଟନାୟକ, କୁଜଙ୍ଗ ମହିଳା ଓ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ତନୁପ୍ରଭା ବେଉରା, ସୁପରଭାଇଜର ପ୍ରିୟଦର୍ଶିନୀ ମହାପାତ୍ର, ତାଲୁକ ଆଇନସେବା କମିଟି କର୍ମକର୍ତ୍ତା ପ୍ରଦୀପ କୁମାର ମୁଦୁଲି ଏବଂ ଧନେଶ୍ୱର ମଲ୍ଲ ପ୍ରମୁଖ ପରିଚାଳନା କରିଥିଲେ।

## ଡାକ୍ତର, ଫାର୍ମାସିଷ୍ଟ ନ ଆସିବାରୁ ଲୋକେ ଅସନ୍ତୁଷ୍ଟ




### ଅଳଣାହାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ନାଉଗାଁ, ୨୪।୯(ସ୍ୱ.ପ୍ର): ନାଉଗାଁ ବ୍ଲକ ଅନ୍ତର୍ଗତ ଅଳଣାହାଟ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ମନମୁଖି କାର୍ଯ୍ୟ ଯୋଗୁ ରୋଗୀ ସେବା ବ୍ୟାହତ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମାତ୍ର ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବହୁ ସମୟରେ ଡାକ୍ତର ଓ ଫାର୍ମାସିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁ ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ଏପରି ଅସୁବିଧା ସମ୍ପର୍କରେ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏହାପରେ ସେମାନେ ରୋଗୀ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଜଣାପଡ଼ିଛି। ଏ ବିଷୟରେ ଜିଲା ମୁଖ୍ୟ ଚିକିତ୍ସାଧୀକାରୀ ଡାକ୍ତର କ୍ଷେତ୍ରବାସୀ ଦାସ କହିଛନ୍ତି, ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ସ୍ଥାନୀୟ ଲୋକେ ଫୋନ କରିବା ପରେ ସେମାନେ ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗ ଦେଇଛନ୍ତି।

## ବୃଦ୍ଧାଙ୍କ ମୃତଦେହ ସଂସ୍କାରରେ ସାମିଲ ହେଲେ ୨ ମହିଳା ସ୍ୱେଚ୍ଛାସେବୀ

ରଘୁନାଥପୁର, ୨୪।୯(ଡି.ଏନ୍.ଏ.)


ବୃଦ୍ଧାଙ୍କ ମୃତଦେହ ସଂସ୍କାର କରିଥିବା ସ୍ୱେଚ୍ଛାସେବୀମାନେ।

ନିଶ୍ଚିନ୍ତକୋଇଲିବ୍ଲକଇସାଣିବରହମପୁରସ୍ଥିତ ଏକ ଜରାନିବାସରେ ଏକମାସ ଧରି ଶଯ୍ୟାଶାୟୀ ଅବସ୍ଥାରେ ରହି ଜଣେ ବୃଦ୍ଧା ମୃତୁବରଣ କରିଥିଲେ। ଖବରପାଇ ୨ ଜଣ ମହିଳା ଅନ୍ୟ ସାମାଜିକ କର୍ମୀଙ୍କ ସହ ମିଶି ତାଙ୍କ ମୃତଦେହ ସଂସ୍କାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ଉର୍ମିଳା ସାହୁ ଦୀର୍ଘବର୍ଷ ହେବ ଉକ୍ତ ଜରାନିବାସରେ ରହୁଥିଲେ। ବୃଦ୍ଧାବସ୍ଥାରେ ଶନିବାର ତାଙ୍କ ମୃତ୍ୟୁ ଘଟିଥିଲା। କୋଭିଡ୍ ମହାମାରୀ ସମୟରେ ୧୦୬ ମୃତଦେହ ସଂସ୍କାର କରିଥିବା ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମାଜ ବିକାଶ ମିଶନ'ର ସଦସ୍ୟମାନେ ଏ ସମ୍ପର୍କରେ ଖବର ପାଇଥିଲେ। ପରସ୍ପର ମଧ୍ୟରେ ସହଯୋଗ ରକ୍ଷା କରି ତୁରନ୍ତ ମୃତଦେହ ସଂସ୍କାର କରିବାକୁ ସେମାନେ ଆଗେଇ ଆସିଥିଲେ। ସେମାନଙ୍କ ସହ ୨ ମହିଳା ସ୍ୱେଚ୍ଛାସେବୀ ଶୁଭଶ୍ରୀ ରାଉତ ଓ ସାଇ କସ୍ତୁରୀ ବେହେରା ଯୋଗ ଦେଇଥିଲେ। ସରିତ ମହାପାତ୍ର, ଗଣେଶ୍ୱର ମହାନ୍ତି, ସୌମ୍ୟରଞ୍ଜନ ନାୟକ ଓ ପ୍ରଭୁପ୍ରସାଦ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଆର୍‌ବିଏସ୍‌କେ ଶିବିର

ତିର୍ତ୍ତୋଲ, ୨୪।୯ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଅଧୀନ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ସ୍କ୍ରିନିଂ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନ୍ମରୁ ୧୮ ବର୍ଷର ୭୫ ଜଣ ହିତାଧିକାରୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିବିରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁଭଜ୍ୟୋତି ମହାନ୍ତି ଉଦ୍‌ଘାଟନ କରିଥିଲେ। ଆରବିଏସ୍‌କେର ଜିଲା ପରିଚାଳିକା ସୋନିଆ ବୋଷ, ପିଏଚଇଓ ପୁଷ୍ପାଞ୍ଜଳି ବେହେରା, ବିପିଏମ ଗୀତାଞ୍ଜଳି ସିଓ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡାକ୍ତର ତୁଷାର ହିମର୍ଶ ନନ୍ଦ, ସଞ୍ଜେଦା ଅଞ୍ଜୁମ, ସୌମ୍ୟରଞ୍ଜନ ନାୟକ, ପ୍ରଜ୍ଞା ପଢିଆରୀ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# 'ଓଜନ, ମାପରେ ଠକେଇ ନ ହେଉ'

ଜଗତ୍‌ସିଂହପୁର ଅଫିସ, ୨୪।୯


ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ପ୍ରମୋଦ କୁମାର ମେକାପ ଓ ଅନ୍ୟ ଅଧିକାରୀମାନେ।

**ରାଜ୍ୟ ଖାଦ୍ୟ ଆୟୋଗଙ୍କ ଜଗତ୍‌ସିଂହପୁର ଜିଲା ଗସ୍ତ**

- ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରେ ଦର ପ୍ରଦର୍ଶନ କରାଯାଉ
- ଭିଜିଲାନ୍ସ କମିଟି ଗଠନ ଉପରେ ଗୁରୁତ୍ୱ
- ବିଦ୍ୟାଳୟରେ ପୁଷ୍ଟିକର ଖାଦ୍ୟ ଯୋଗାଣ ଉପରେ ସମୀକ୍ଷା

ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରେ ସାମଗ୍ରୀର ଦର ପ୍ରଦର୍ଶନ, ଓଜନ ଓ ମାପରେ ଠକେଇ ବନ୍ଦ ସାଙ୍ଗକୁ କିନ୍ନରମାନଙ୍କୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ କରିବା ଉଚିତ। ଏନେଇ ଜିଲା ଯୋଗାଣ ଅଧିକାରୀ ଦାୟିତ୍ୱବାନ ହେବାକୁ ପଡ଼ିବ। ଏଥିସହ ଭିଜିଲାନ୍ସ କମିଟି ଗଠନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଅଙ୍ଗନୱାଡି କେନ୍ଦ୍ରରେ ସବୁଜ ବଗିଚା, ଗର୍ଭବତୀ ମହିଳାଙ୍କ ପାଇଁ ପ୍ରତ୍ୟେକ ଘରେ ସଜନା, ଅମୃତଭଣ୍ଡା ଓ ଶାଗ ଚାଷ କରାଯିବା ଦରକାର। ଶିଶୁ ଓ ପ୍ରସୂତିଙ୍କୁ ପୁଷ୍ଟିକର ଖାଦ୍ୟ ସାଙ୍ଗକୁ ଟିକାକରଣ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ପ୍ରମୋଦ କୁମାର ମେକାପ ଉପସ୍ଥିତ ଅଧିକାରୀମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। ସେ କହିଥିଲେ, ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ୨୦୧୩ ଏବଂ ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମ ୨୦୨୦ ଅନୁଯାୟୀ, ରାଜ୍ୟ ଖାଦ୍ୟ ଆୟୋଗ ଖାଦ୍ୟ ସୁରକ୍ଷାଜନିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ନୀରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛି। ନିରନ୍ତର ଖାଦ୍ୟ ଓ ପୁଷ୍ଟିକର ନିରାପତ୍ତା ହାସଲ କରିବାକୁ ହେଲେ ଆୟୋଗର ଏହି ମିଶନରେ ରାଜ୍ୟ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ ଓ ହିତାଧିକାରୀମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିବା ମେକାପ କହିଥିଲେ। ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପୋଷଣ, ବିଦ୍ୟାଳୟରେ ପୁଷ୍ଟିକର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା ହୋଇଥିଲା। ବୈଠକରେ ଖାଦ୍ୟ ଆୟୋଗର ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର ଷଡ଼ଙ୍ଗୀ, ଉପ ବିଭାଗ ଅଧିକାରୀ ଚନ୍ଦନ ଘଡିଆ ଯୋଗଦେଇଥିଲେ।

ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ପାୱାର ପଏଣ୍ଟ ମାଧ୍ୟମରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ସହ ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ମଧ୍ୟାହ୍ନ ଭୋଜନ, ଆଇଏଫ୍‌ଏ ଟାବଲେଟ୍ ବଣ୍ଟନ, ପିଲାଙ୍କୁ ଅଣ୍ଡା ପ୍ରଦାନ, ମମତା ଯୋଜନା, ମିଶନ ଶକ୍ତି, ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ଭତ୍ତା ଆଦି ଉପରେ ସମୀକ୍ଷା ହୋଇଥିଲା। ଖାଦ୍ୟ ଆୟୋଗ ଅଧ୍ୟକ୍ଷ ମେକାପ ଅନ୍ୟ ଅଧିକାରୀମାନଙ୍କ ସହ ସଅଁରା ପଞ୍ଚାୟତ ଅନ୍ତର୍ଗତ ଅଙ୍ଗନୱାଡି କେନ୍ଦ୍ର, କମ୍ୟୁନିଟି ସେଣ୍ଟର, ନର୍ସରୀ, ମସରୁମ୍ ୟୁନିଟ୍ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ପୁଷ୍ଟି ପୁନର୍ବାସ କେନ୍ଦ୍ର ପରିଦର୍ଶନ କରିଥିଲେ। ଗୁରୁତର ଅପପୁଷ୍ଟିର ଶିକାର ହେଉଥିବା ଅନେକ ପିଲାଙ୍କ ପାଇଁ କ'ଣ ସବୁ ସୁବିଧା ସୁଯୋଗ ରହିଛି ତା'ଉପରେ ପୁଙ୍ଖାନୁପୁଙ୍ଖ ବୁଝିଥିଲେ। ପରେ ନଛିପୁର ଖୁଚୁରା ବିକ୍ରୟ କେନ୍ଦ୍ର ପରିଦର୍ଶନ କରିଥିଲେ। ବୈଠକରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷେତ୍ରବାସୀ ଦାଶ, ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣମଞ୍ଜରୀ ନାୟକ ଓ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

## ଦୁର୍ଗାପୂଜା ଚାନ୍ଦା ନ ଦେବାରୁ ବିଦ୍ୟୁତ୍ କାଟିଦେଲେ

ପାରାଦୀପ ୨୪।୯(ସ୍ୱ.ପ୍ର.)

### ଥାନାରେ ଅଭିଯୋଗ ପରେ ଆପୋସ ସମାଧାନ

ପାରାଦୀପ ଜଟାଧାରମୁହାଣ ସାମୁଦ୍ରିକ ଥାନା ଅନ୍ତର୍ଗତ ଷଣ୍ଢକୁଦ ବସ୍ତିରେ ଦୁର୍ଗାପୂଜା ପାଇଁ ଚାନ୍ଦା ନ ଦେବାରୁ ଜଣେ ଭଡାଟିଆ ଯୁବକଙ୍କ ଘରୁ ଶୁକ୍ରବାର ବିଦ୍ୟୁତ୍ କାଟିଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଯୁବକ ରାତି ସାରା ଥାନା ଆଗରେ ବସିବା ସହ ଅଭିଯୋଗ କରିଛନ୍ତି। ଏହାପରେ ପୂଜା କମିଟି ପକ୍ଷରୁ ଶନିବାର ଆପୋସବୁଝାମଣା କରାଯିବା ସହ ସନ୍ଧ୍ୟାରେ ବିଦ୍ୟୁତ୍ ସଂଯୋଗ କରାଯାଇଛି।

ସମ୍ପୃକ୍ତ ଯୁବକ ହେଲେ ରାଜେଶ ବାଇ। ସେ ଏହି ବସ୍ତିରେ ଏକ ଘର ଭଡ଼ା ନେଇ ପାଠ ପଢିବା ସହ ଟ୍ୟୁଶନ କରି ଚଳନ୍ତି। ପାଖରେ ମା' ରୁହନ୍ତି। ରାଜେଶଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ପୂଜା କମିଟିର ମୁଖ୍ୟଙ୍କ ସମେତ ଆଉ କେତେଜଣ ସଦସ୍ୟ ପହଞ୍ଚି ତାଙ୍କୁ ୫ ହଜାର ଟଙ୍କା ପୂଜା ଚାନ୍ଦା ମାଗିଥିଲେ। ମାତ୍ର ରାଜେଶ ଓ ତାଙ୍କ ମା' ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ। ଏନେଇ କମିଟି ସଦସ୍ୟମାନେ ସେମାନଙ୍କୁ ବସ୍ତିରୁ ବାହାର କରିଦେବାକୁ ଧମକ ଦେବା ସହ ବିଦ୍ୟୁତ୍ ସଂଯୋଗ କାଟିଦେଇଥିଲେ। ଶନିବାର ପୋଲିସ କମିଟି ଲୋକଙ୍କୁ ଡାକି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଥାନାଧିକାରୀ ଦେବେନ୍ଦ୍ର ମହାପାତ୍ର କହିଛନ୍ତି, ସେମାନଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇଯାଇଛି।

**OFFICE OF THE SUPERINTENDENT**
**BLOCK PROGRAMME MANAGEMENT UNIT (NHM)**
Charmal, CHC, Block: Rairakhol, Sambalpur
Email: bpmu.charmal@gmail.com
Adv. 193 Date: 21.09.2022
**EXTENSION OF QUOTATION SUBMISSION DATE**
The last date of submission of bid for the quotation call for "Hiring of BPMU Vehicle" vide Advt. No. 187 on Dtd.12.09.2022 published in the daily Newspapers i.e. "Dharitri" & "Dainaik Bhaskar" on Dtd.14.09.2022 & in Sambalpur district website: **www.sambalpur.nic.in** has been extended to 27.09.2022 upto 5 P.M. All other terms & conditions shall remain unchanged.
Sd./- Superintendent CHC Charmal, Sambalpur

# ସୋସିଆଲ୍ ମିଡିଆ ଗ୍ରୁପ୍



ବର୍ତ୍ତମାନ ବିଭିନ୍ନ ସୋସିଆଲ୍ ସାଇଟ୍ ଗ୍ରୁପ୍ ଅନେକଙ୍କୁ ଏକାଠି ଯୋଡ଼ି ରଖିବା ସହ ବିଭିନ୍ନ ସୂଚନା ଏକା ସଙ୍ଗେ ସମସ୍ତଙ୍କ ପାଖରେ ପହଞ୍ଚାଇବାର ଉତ୍ତମ ମାଧ୍ୟମ ପାଲଟିଛି। ହେଲେ କେବେକେବେ ଏଥିରେ ଆସୁଥିବା ଅନାବଶ୍ୟକ ବିଶେଷକରି ଫେକ୍ ମେସେଜ୍ ଗ୍ରୁପ୍ ମେମ୍ବରମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜୁଛି। ତେଣୁ କୌଣସି ସୋସିଆଲ୍ ସାଇଟ୍ ଗ୍ରୁପ୍‌ରେ ଆଡ୍‌ମିନ୍ କିମ୍ବା ମେମ୍ବର ଥିଲେ କେତେକ ଶିଷ୍ଟାଚାର ଜାଣିରଖିବା ଦରକାର...



ବର୍ତ୍ତମାନ ସମୟରେ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍ ଭଳି ସୋସିଆଲ୍ ମିଡିଆ ଯୋଗାଯୋଗର ଏକ ବଳିଷ୍ଠ ମାଧ୍ୟମ ପାଲଟିଛି। ବିଶେଷକରି ଏଥିରେ ଗ୍ରୁପ୍ କ୍ରିଏଟ୍ କରିବାର ସୁବିଧା ଏକା ସମୟରେ ସମସ୍ତଙ୍କୁ ବିଭିନ୍ନ ବାର୍ତ୍ତା ପହଞ୍ଚାଇବା କାର୍ଯ୍ୟ ସରଳ କରିଦେଇଛି। ହେଲେ ଅପରପକ୍ଷେ ଏଥିରେ ଆସୁଥିବା ବିଭିନ୍ନ ଫେକ୍ ମେସେଜ୍‌ଠାରୁ ଆରମ୍ଭ କରି ଅଯଥା ଫଟୋ, ଭିଡିଓ ଆଦି ଏକାଧିକ ଗ୍ରୁପ୍‌କୁ ପଠାଇବା ଦ୍ୱାରା ସମାଜରେ ଅନେକ ଭୁଲ୍ କଥା ପ୍ରଚାର ହେଉଥିବାର ନଜିର ରହିଛି। ତେଣୁ ଏଭଳି ଗ୍ରୁପ୍‌ର ଆଡ୍‌ମିନ୍ କିମ୍ବା ମେମ୍ବର ଥିଲେ, କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ...

**ବୁଝନ୍ତୁ ଗ୍ରୁପ୍‌ର ଗୁରୁତ୍ୱ:** କୌଣସି ସୋସିଆଲ୍ ସାଇଟ୍‌ରେ ନୂଆ ଗ୍ରୁପ୍ କ୍ରିଏଟ୍ କରୁଥିଲେ ଏହା ଫ୍ରେଣ୍ଡ୍, ଫ୍ୟାମିଲି, ଅଫିସିଆଲ୍ କିମ୍ବା ଅନ୍ୟ କୌଣସି କମ୍ୟୁନିଟିକୁ ନେଇ ଗଢୁଛନ୍ତି ପ୍ରଥମେ ତାହାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ବୁଝନ୍ତୁ। ଏଥିରେ କାହାକୁ ନିଜ ଇଚ୍ଛାରେ ଆଡ୍ ନ କରି, କେହି ଏଥିରେ ମେମ୍ବର ହେବାକୁ ଇଚ୍ଛୁକ ବା ନୁହେଁ ଅନୁମତି ନେବା ପରେ ଆଡ୍ କରନ୍ତୁ।

**ବୟସକୁ ଧ୍ୟାନରେ ରଖନ୍ତୁ:** ବର୍ତ୍ତମାନ ଅଧିକାଂଶ ଫ୍ୟାମିଲି ଏବଂ ରିଲେଟିଭ୍ସ ଦୂରରେ ଥିଲେ ସୁଦ୍ଧା ଏକାଠି ରହିବା ଲାଗି ସୋସିଆଲ୍ ସାଇଟ୍‌ରେ ଗ୍ରୁପ୍ ଗଠନ କରୁଛନ୍ତି, ଯେଉଁଥିରେ ଗୋଟିଏ ମେସେଜ୍ କଲେ ଏକସଙ୍ଗେ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ତାହା ଜାଣି ପାରୁଛନ୍ତି। ଯଦି ଆପଣ ଏଭଳି କୌଣସି ଗ୍ରୁପ୍‌ରେ ମେମ୍ବର ଅଛନ୍ତି, ତେବେ କୌଣସି ମେସେଜ୍ ସେଣ୍ଡ କରିବା ପୂର୍ବରୁ ପ୍ରଥମେ ଏଥିରେ ଥିବା ମେମ୍ବରମାନଙ୍କ ବୟସକୁ ଧ୍ୟାନରେ ରଖନ୍ତୁ।

**ଆବଶ୍ୟକତା ଦେଖି କରନ୍ତୁ ମେସେଜ୍:** ଫ୍ରେଣ୍ଡ୍ସ, ପ୍ରଫେସନାଲ୍ କିମ୍ବା କୌଣସି ସୋସିଆଲ୍ ଗ୍ରୁପ୍‌ର ମେମ୍ବର ଥିଲେ ସବୁ ମେସେଜ୍ ସବୁ ଗ୍ରୁପ୍‌ରେ ସେଣ୍ଡ୍ ନ କରି ଆବଶ୍ୟକତାକୁ ଧ୍ୟାନରେ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ। ବିଶେଷକରି ଗ୍ରୁପ୍‌ରେ କାହାକୁ ମାନସିକ ଆଘାତ ଦେବା ଭଳି କୌଣସି ପୋଷ୍ଟ କରନ୍ତୁ ନାହିଁ।

**କରନ୍ତୁ ମ୍ୟୁଟ୍:** କେବେକେବେ ଅଫିସିଆଲ୍ ଅବା ଫ୍ୟାମିଲି ଭଳି କେତେକ ଗ୍ରୁପ୍‌ରେ ଇଚ୍ଛା ଥାଉ ଅବା ନ ଥାଉ ମେମ୍ବର ହେବାକୁ ପଡ଼ିଥାଏ। ଆଉ ଏଥିରେ ଆସୁଥିବା ମେସେଜ୍ ଡିଷ୍ଟର୍ବ କରୁଥିବାରୁ କେହି କେହି ଗ୍ରୁପ୍‌ରୁ ଲେଫ୍ଟ ହୋଇଯାଉଥିବା ଦେଖିବାକୁ ମିଳିଥାଏ। ହେଲେ ଏପରି କରିବା ଦ୍ୱାରା ସଭିଙ୍କ ମନରେ ଆପଣଙ୍କ ପ୍ରତି ଏକ ନକାରାତ୍ମକ ଭାବନା ସୃଷ୍ଟି କରିଥାଏ। ତେଣୁ ଏ କ୍ଷେତ୍ରରେ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି କିଛି ଦିନ ଲେଖାଏଁ ଏହାକୁ ମ୍ୟୁଟ୍ କରିପାରିବେ।

**କରନ୍ତୁନି ଅଯଥା ମେସେଜ୍ ଫରୱାର୍ଡ:** ଅଧିକାଂଶ ଗ୍ରୁପ୍‌ରେ ସକାଳୁ ଉଠିବାମାତ୍ରେ ଅନେକ ଗୁଡ୍‌ମର୍ନିଂ କିମ୍ବା ରାତିରେ ଗୁଡ୍‌ନାଇଟ୍ ଫଟୋ, ଭିଡିଓଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ମେସେଜ୍‌ରେ ଭର୍ତ୍ତି ହୋଇଯାଏ। ହେଲେ ଏହାଦ୍ୱାରା ଅନେକ ସମୟରେ ବାରମ୍ବାର ଅନାବଶ୍ୟକ ମେସେଜ ପାଇ ଗ୍ରୁପ୍‌ର ମେମ୍ବରମାନେ ବିରକ୍ତି ପ୍ରକାଶ କରିବା ସହ କେହି କେହି ଗ୍ରୁପ୍‌ରୁ ଲେଫ୍ଟ ମଧ୍ୟ ହୋଇଯା'ନ୍ତି। ତେଣୁ କୌଣସି ମେସେଜ୍, ଫଟୋ କିମ୍ବା ଭିଡିଓ ଦେଖିବା ମାତ୍ରେ ଏହାକୁ ତୁରନ୍ତ ଯେକୌଣସି ଗ୍ରୁପ୍‌ରେ ଶେୟାର ନ କରି ତାହା ଗ୍ରୁପ୍‌ର ମେମ୍ବରମାନଙ୍କ କାମରେ ଆସିବ କି ନାହିଁ ବୁଝି ବିଚାରି ପଠାନ୍ତୁ।

**ଫରୱାର୍ଡ ପୂର୍ବରୁ କରନ୍ତୁ ଚେକ୍:** ବର୍ତ୍ତମାନ ଅନେକ ଫେକ୍ ମେସେଜ୍ ସୋସିଆଲ୍ ସାଇଟ୍‌ରେ ଭାଇରାଲ୍ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଏଭଳି ମେସେଜ୍ ଏକସଙ୍ଗେ ଏକାଧିକ ଗ୍ରୁପ୍‌ରେ ପଠାଯିବା ଦ୍ୱାରା ସମାଜରେ ଭୁଲ ଖବର ପ୍ରଚାରିତ ହେଉଛି। ତେଣୁ ଏଭଳି କୌଣସି ମେସେଜ୍ ବିଶେଷକରି ସମାଜରେ ଚାଲିଥିବା କିଛି ସମ୍ବେଦନଶୀଳ ଘଟଣାକୁ ନେଇ ମେସେଜ୍ ଆସିଲେ ଏହାକୁ ତୁରନ୍ତ ଫରୱାର୍ଡ ନ କରି ପ୍ରଥମେ ତାହା ଠିକ୍ କି ନୁହେଁ ଜାଣିବା ପରେ ଫରୱାର୍ଡ କରନ୍ତୁ। କାରଣ ଏଥିପାଇଁ ଫେକ୍ ମେସେଜ୍ ପଠାଇବା ଭଳି ସାଇବର କ୍ରାଇମ୍ ଲାଗି ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ।

**ଗ୍ରୁପ୍‌ରେ ଆଣନ୍ତୁନି ବ୍ୟକ୍ତିଗତ କଥା:** ଯଦି କେବେ କୌଣସି ମେମ୍ବରଙ୍କ ସହ କୌଣସି କାରଣରୁ ମତଭେଦ ବା ଝଗଡ଼ା ହୋଇଯାଏ, ତେବେ ପର୍ସନାଲ୍ ନମ୍ବରରେ କଥା ହୁଅନ୍ତୁ। କାରଣ ବ୍ୟକ୍ତିଗତ କାର୍ଯ୍ୟ ଲାଗି ଗ୍ରୁପ୍ ବ୍ୟବହାର କରିବା ଦ୍ୱାରା ଅନ୍ୟ ମେମ୍ବରମାନେ ମଧ୍ୟ ଡିଷ୍ଟର୍ବ ହୋଇପାରନ୍ତି। ବିଶେଷକରି ଗ୍ରୁପ୍‌ରେ ଚାଟ୍ କରି କାହା ସହ ଝଗଡ଼ା କରିବା କିମ୍ବା କାହା ବିଷୟରେ ଏଣୁତେଣୁ ଲେଖି ସମସ୍ତଙ୍କ ଆଗରେ ପରିହାସ କରିବା ଦ୍ୱାରା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ମଧ୍ୟ ଆଞ୍ଚ ଆସିପାରେ, ସେଥିପ୍ରତି ଯତ୍ନଶୀଳ ରୁହନ୍ତୁ।

## ଏମାନେ କଣ କୁହନ୍ତି



**ତିତିଲି ପାତ୍ର (ପୁରୀ)–** ସୋସିଆଲ ମିଡିଆରେ ସବୁବେଳେ ଆକ୍ଟିଭ୍ ରହିଥାଏ। ହ୍ୱାଟ୍ସଆପ୍‌ରେ ବହୁତ ଗ୍ରୁପ୍‌ରେ ମେମ୍ବର ସହ କେତେକରେ ଆଡମିନ୍ ଅଛି। ଗ୍ରୁପ୍‌ରେ କେବେ ବ୍ୟକ୍ତିଗତ କଥା ଶେୟାର କରି ନଥାଏ କିମ୍ବା କାହାର ପ୍ରାଇଭେଟ୍ କଥାକୁ ଗସିପ୍ ପାଇଁ ବ୍ୟବହାର କରେ ନାହିଁ। କାହା ବିରୋଧରେ ମିଛ ଗୁଜବ କିମ୍ବା ଅପପ୍ରଚାର ନ କରିବା ପାଇଁ ପରାମର୍ଶ ଦେଇଥାଏ।



**ଶିବୁନ୍ କୁମାର ଭୂତିଆ(ଯାଜପୁର)–** ସୋସିଆଲ ମିଡିଆ ଅଧିକାଂଶ ଲୋକଙ୍କ ପାଇଁ ଆବଶ୍ୟକତା ପାଲଟିଗଲାଣି। କିଏ କେଉଁଠି କ'ଣ କରୁଛି, ସେମାନେ ଘରେ ବସି ମଧ୍ୟ ଜାଣି ପାରୁଛନ୍ତି। ଅନେକେ ଏଥିରେ ଦୀର୍ଘ ସମୟ ବିତେଉଛନ୍ତି। ସେହି ଘଣ୍ଟା ଘଣ୍ଟା ସମୟ ଅଯଥା ଖର୍ଚ୍ଚ ନ କରି ମୁଁ ସମସ୍ତଙ୍କୁ କୌଣସି ନ୍ୟୁଜ୍ ଉପରେ ଆଲୋଚନା କରିବାକୁ କହିଥାଏ। ସେହି ସମୟରେ ଧ୍ୟାନ ରଖେ କେହି ବି ହେଟ୍ ସ୍ପିଚ୍ ନ କୁହନ୍ତୁ କିମ୍ବା ଶେୟାର ନ କରନ୍ତୁ। କୌଣସି ଅଶାଳୀନ ମନ୍ତବ୍ୟ କିମ୍ବା ଅଶ୍ଳୀଳ ଭିଡିଓ, ଫଟୋ ଗ୍ରୁପ୍‌ରେ ଶେୟାର୍ ନ ହଉ। ଆମେ ଗ୍ରୁପ୍‌ରେ ପରସ୍ପରକୁ ନିଜ କାର୍ଯ୍ୟ କ୍ଷେତ୍ରରେ ଆହୁରି ଭଲ କରିବା ପାଇଁ ଉତ୍ସାହିତ ମଧ୍ୟ କରିଥାଉ।





## ଜାଣନ୍ତୁ ଦୁନିଆ

# ହାଓ୍ୱଡା ବ୍ରିଜ୍

କଲିକତା ସହରରେ ଥିବା ହାଓ୍ୱଡା ବ୍ରିଜ୍‌ର ନିଆରା ନିର୍ମାଣ ଶୈଳୀ ଏହାକୁ କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱର ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ...



❖ ୭୦୫ ମିଟର ଲମ୍ବ ବିଶିଷ୍ଟ ହାଓ୍ୱଡା ବ୍ରିଜ୍‌କୁ ନିର୍ମାଣ କରିବା ଲାଗି ୨୬,୫୦୦ ଟନ୍ ଷ୍ଟିଲ୍ ବ୍ୟବହାର କରାଯାଇଛି। ହେଲେ ଏହି ବ୍ରିଜ୍‌ର ବିଶେଷତ୍ୱ ହେଉଛି ଏଥିରେ ଭାରସାମ୍ୟ ରକ୍ଷା କରିବା ଲାଗି କୌଣସି ଖୁଣ୍ଟ ନିର୍ମାଣ କରାଯାଇନାହିଁ କିମ୍ବା ନଟ୍, ବୋଲ୍ଟ ମଧ୍ୟ ବ୍ୟବହାର ହୋଇ ନାହିଁ।

❖ ରେଣ୍ଡେଲ୍, ପାଲ୍‌ମର୍ ଏବଂ ଟ୍ରିଟନ୍ ଏହି ବ୍ରିଜ୍‌ର ଡିଜାଇନ୍ କରିଥିବା ବେଳେ କ୍ଲେଭ୍‌ଲାଣ୍ଡ ବ୍ରିଜ୍ ଆଣ୍ଡ ଇଞ୍ଜିନିୟରିଂ କମ୍ପାନୀ ଏହାର ନିର୍ମାଣ କାର୍ଯ୍ୟ କରିଥିଲା।

❖ ଏହାର ନିର୍ମାଣ କାର୍ଯ୍ୟ ୧୯୩୬ ମସିହାରେ ଆରମ୍ଭ ହୋଇ ୧୯୪୨ରେ ଶେଷ ହୋଇଥିଲା ଏବଂ ୧୯୪୩, ଫେବୃଆରୀ ୩ ତାରିଖରେ ଉଦ୍‌ଘାଟନ ହୋଇଥିଲା।

❖ ଯଦିଓ ୧୯୬୫, ଜୁନ୍ ୧୪ରେ ଏହାର ନାମ ପରିବର୍ତ୍ତନ କରି ରବୀନ୍ଦ୍ର ସେତୁ ରଖାଯାଇଥିଲା ହେଲେ ଏହା ହାଓ୍ୱଡା ବ୍ରିଜ୍ ନାମରେ ହିଁ ଜଣାଶୁଣା।

❖ ଏଥିରେ ଖୁବ୍ ସୁନ୍ଦର ଲାଇଟ୍ ଡେକୋରେଶନ୍ କରାଯାଇଛି। ତେଣୁ କେବଳ ଦିନ ନୁହେଁ ରାତିରେ ଏହାର ଦୃଶ୍ୟ ଖୁବ୍ ଦୃଷ୍ଟି ଆକର୍ଷକ ହୋଇଥିବାରୁ କେବଳ ବଙ୍ଗାଳୀ ନୁହେଁ ଅନେକ ଭାଷାଭାଷୀର ଚଳଚ୍ଚିତ୍ର ଶୁଟିଂ ଏହା ଉପରେ ଶୁଟିଂ କରାଯାଇଛି।

❖ ଏହି ବ୍ରିଜ୍ ଉପରେ ଦୈନିକ ପ୍ରାୟ ୧ ଲକ୍ଷ ଯାନବାହନ ଚଳାଚଳ କରୁଥିବା ବେଳେ ପ୍ରାୟ ଦେଢ଼ ଲକ୍ଷ ପଦଚାରୀ ଯାତାୟାତ କରିଥା'ନ୍ତି। ଏଣୁ ଏହାକୁ ପୃଥିବୀର ସର୍ବାଧିକ ଗହଳି ବ୍ରିଜ୍‌ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

❖ କଲିକତା ପୋର୍ଟ ଟ୍ରଷ୍ଟ ପକ୍ଷରୁ ଏହି ବ୍ରିଜ୍‌ରୁ ପକ୍ଷୀମଳ ଏବଂ ଅନ୍ୟାନ୍ୟ ଆବର୍ଜନା ସଫା କରିବା ଲାଗି ବାର୍ଷିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ଫାଦର ଅଫ୍ ଗ୍ରୀନ୍ ରିଭୋଲ୍ୟୁଶନ୍ .......... ଙ୍କୁ କୁହାଯାଏ ?
୨– ମ୍ୟାଗ୍ନିଫେରା ଇଣ୍ଡିକା ......... ର ବୈଜ୍ଞାନିକ ନାମ ?
୩– ଓଡ଼ିଶା ଇତିହାସ ପୁସ୍ତକ ................ ଲେଖିଛନ୍ତି ?
୪– ପୃଥିବୀର ସବୁଠୁ ବଡ଼ ମାଛ .............. ?
୫– ................ ନଦୀକୁ ଫାଦର ଅଫ୍ ଆଫ୍ରିକାନ୍ ରିଭର ବୋଲି କୁହାଯାଏ ?

## ଗତ ଥରର ଉତ୍ତର

୧ ସେପ୍ଟେମ୍ବର
୨ ସେପ୍ଟେମ୍ବର ୧୬ ତାରିଖ
୩ ଦିଲ୍ଲୀ
୪ ପର୍ତ୍ତୁଗାଲ
୫ ଟାଇମ୍ ଟ୍ରାଭେଲ୍ ଟନେଲ୍

## ଉତ୍ତରଦାତା

➤ସୁରଭି ସୂତାର, କେନ୍ଦ୍ରାପଡା, ➤ଦିଲୀପ କୁମାର ଖଣ୍ଡୁଆଳ, ନୟାଗଡ଼
➤ଗୋଦାବରୀଶ ବିଶ୍ୱାଳ, କେନ୍ଦୁଝର, ➤ନିର୍ମଳା ତ୍ରିପାଠୀ, ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

# ସବୁଠୁ ଥଣ୍ଡା ହୋଟେଲ୍



୧– ଜିରାଫ୍ ମ୍ୟାନର........................................ ନାଇରୋବି, କେନିଆ
୨– କନ୍‌ରାଡ୍ ହିଲ୍‌ଟନ୍........................................ ରଙ୍ଗିଲା, ମାଳଦ୍ୱୀପ
୩– ଅନନ୍ତରା ଗୋଲ୍‌ଡେନ ଟ୍ରାଇଏଙ୍ଗେଲ୍................. ସୋପ୍ ରୁକ୍, ଥାଇଲାଣ୍ଡ
୪– ଆଶ୍‌ଫୋଡ୍ କ୍ୟାଷ୍ଟଲ୍............................................... ଆୟର୍ଲାଣ୍ଡ
୫– ଧାରା ଦେଵ୍‌ଜୀ ରିସୋର୍ଟ.............................ଚିଆଙ୍ଗ୍ ମାଇ, ଥାଇଲାଣ୍ଡ
୬– କେବେକ୍ କେଭ୍ ହୋଟେଲ୍................................. ଗୋରେମେ, ତୁର୍କୀ
୭– ଲଣ୍ଡଲୋଜି ଟ୍ରି କ୍ୟାମ୍ପ୍......................................... ସାଉଥ୍ ଆଫ୍ରିକା
୮– ଦି ଗ୍ଲାସ୍ ଆଇସ୍ ହୋଟେଲ୍............................................କାନାଡ଼ା
୯– ଜାଡେ ମାଉଣ୍ଟେନ୍ ରିସୋର୍ଟ.................................. ସେଣ୍ଟ ଲୁସିଆ
୧୦– ଙ୍ଗୋରୋଙ୍ଗୋରୋ କ୍ରାଟର ଲଜ୍................................. ତାଞ୍ଜାନିଆ

## ୟୁଥ୍ ଆଲର୍ଟ

# ହେୟାର ବୋଟୋକ୍ସ ଟ୍ରିଟ୍‌ମେଣ୍ଟ

ବର୍ତ୍ତମାନ ଅଧିକାଂଶ ବିଶେଷକରି ଯୁବପିଢ଼ି ନିଜକୁ ସୁନ୍ଦର କରିବା ଲାଗି ବୋଟୋକ୍ସ ଟ୍ରିଟ୍‌ମେଣ୍ଟ କରାଉଥିବା ଦେଖିବାକୁ ମିଳୁଛି, ଯେଉଁଥିରୁ ବାଦ୍‌ପଡ଼ିନି କେଶ। ତେବେ ଚନ୍ଦାପଣ, କେଶ ଝଡ଼ିବା ଅବା ପାଚିବା ସମସ୍ୟାରୁ ମୁକ୍ତି ପାଇବା ଲାଗି ଆପଣବି ହେୟାର୍ ବୋଟୋକ୍ସ କରାଉଥିଲେ କେତୋଟି କଥା ଜାଣିରଖନ୍ତୁ....



■ ହେୟାର ବୋଟୋକ୍ସ ଏବଂ ଡିପ୍ କଣ୍ଡିସନିଂ ଟ୍ରିଟମେଣ୍ଟ, ଯଦ୍ୱାରା କେଶ ହେଲ୍‌ଦି ରହିବା ସହ ସାଇନିଂ କରିଥାଏ। ଏହି ଟ୍ରିଟ୍‌ମେଣ୍ଟ ଦ୍ୱାରା ଡ୍ୟାମେଜ୍ କେଶ ରିପେୟାର ହେବା ସହ କିଛି ମାତ୍ରାରେ ଷ୍ଟ୍ରେଟ୍ ମଧ୍ୟ ହୋଇଯାଏ।

■ ଏହି ଟ୍ରିଟ୍‌ମେଣ୍ଟରେ ପ୍ରୋଟିନ୍, ବର୍ଣ୍ଣ–ଏଲ୍ ପେପ୍ଟାଇଡ୍, ଆମିନୋ ଏସିଡ୍, ଭିଟାମିନ୍ ବି୫, ଇ, କୋଲାଜେନ୍ କମ୍ପାଉଣ୍ଡସ୍, ଲିପିଡ୍ସ ଆଦିକୁ ବ୍ୟବହାର କରି କେଶରେ ଲଗାଯାଇଥାଏ।

■ ଏହା ଏକ ସେମି–ପର୍ମାନେଟ୍ ଟ୍ରିଟ୍‌ମେଣ୍ଟ ଅର୍ଥାତ୍ ଏହାକୁ ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କରାଇଲେ ବେଷ୍ଟ ରେଜଲ୍ଟ ମିଳିଥାଏ। ଏହି ଟ୍ରିଟ୍‌ମେଣ୍ଟ କରାଯିବାର ୨ରୁ ୪ମାସ ପର୍ଯ୍ୟନ୍ତ କେଶ ସାଇନିଂ କରିଥାଏ।

■ କେଶ ରୁକ୍ଷ ଦେଖାଯାଉଥିଲେ, ଅଗ ଫାଟୁଥିଲେ(ସ୍ପ୍ଲିଟ୍ ଏଣ୍ଡ) କିମ୍ବା ପ୍ରଦୂଷଣ ଯୋଗୁ ଝଡୁଥିଲେ ହେୟାର ବୋଟୋକ୍ସ ଆପଣଙ୍କ ପାଇଁ ଲାଭପ୍ରଦ ହୋଇପାରେ। ତେବେ ଏହି ଟ୍ରିଟ୍‌ମେଣ୍ଟ ପରେ ସଲ୍‌ଫେଟ୍ ଓ ସିଲିକନ୍‌ଯୁକ୍ତ ଶାମ୍ପୁ ବ୍ୟବହାର କରନ୍ତୁ। ଡ୍ରାଏନେସ୍ ଦୂରେଇବା ପାଇଁ ସପ୍ତାହକୁ ଥରେ ଡିପ୍ କଣ୍ଡିସନିଂ ହେୟାର ମାସ୍କ ଲଗାଇବାକୁ ଭୁଲନ୍ତୁ ନାହିଁ।

■ ବାହାରକୁ ଯିବା ପୂର୍ବରୁ ସ୍କାର୍ଫ ବ୍ୟବହାର କରନ୍ତୁ। ବୋଟୋକ୍ସ ଟ୍ରିଟ୍‌ମେଣ୍ଟ କରାଇଥିଲେ ହେୟାର ଷ୍ଟାଇଲିଂ ପାଇଁ ହିଟ୍ ଟ୍ରିଟ୍‌ମେଣ୍ଟ କରନ୍ତୁ ନାହିଁ।

■ ଯେହେତୁ ଏହା କେମିକାଲ୍‌ଯୁକ୍ତ ଟ୍ରିଟ୍‌ମେଣ୍ଟ, ତେଣୁ ବେଳେବେଳେ ଟ୍ରିଟ୍‌ମେଣ୍ଟ ଚାଲିଥିବା ସମୟରେ ସ୍କାଲପ୍ କୁଣ୍ଡାଇ ହୋଇଥାଏ କିମ୍ବା ଆଲର୍ଜି ହୋଇ ଫଳିଯିବାର ମଧ୍ୟ ଆଶଙ୍କା ଥାଏ। ତେଣୁ ଟ୍ରିଟ୍‌ମେଣ୍ଟ ବେଳେ ଏହି କେମିକାଲ୍ ଯେପରି ଆପଣଙ୍କ ଦେହରେ ନ ଲାଗେ, ସେଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୫ ସେପ୍ଟେମ୍ବର, ୨୦୨୨ Bhubaneswar, Sunday, September 25/2022

# ଟେନିସ କୋର୍ଟରୁ ଫେଡେରରଙ୍କ ସନ୍ନ୍ୟାସ



କ୍ୟାରିୟରର ଅନ୍ତିମ ମ୍ୟାଚ ରୋଜର ଫେଡେରରଙ୍କୁ ସାଥୀ ଖେଳାଳିମାନେ ଟେକି ଧରିଛନ୍ତି।



ଲାଭର କପ୍ ଡବଲ୍ସ ମ୍ୟାଚ ଖେଳିବା ପରେ ଭାବ ବିହ୍ୱଳ ରୋଜର ଫେଡେରର ଓ ରାଫାଲ ନାଡାଲ।

**ଲଣ୍ଡନ,୨୪।୯(ପି.ଟି.)**

ଟେନିସରୁ ଅବସର ନେଲେ ରୋଜର ଫେଡେରର। ୨୪ ବର୍ଷର ସ୍ୱର୍ଣ୍ଣିମ କ୍ୟାରିୟରରେ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ଫେଡେରର ଲାଭର କପ୍‌ରେ ଖେଳିଛନ୍ତି ନିଜର ଅନ୍ତିମ ମ୍ୟାଚ୍। ଲଣ୍ଡନର ଓ୨ ଆରେନାରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟେନିସ୍ ପ୍ରେମୀ ଓ ସାଥୀ ଖେଳାଳିଙ୍କ ପାଇଁ ଏହା ଏକ ଅଭୁଲା ମୁହୂର୍ତ୍ତ ରହିଥିଲା। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାଫେଲ ନାଡାଲଙ୍କ ସହିତ ଟିମ୍ ୟୁରୋପ ପକ୍ଷରୁ ଡବଲ୍ସ ମ୍ୟାଚ ଖେଳି ଟେନିସ କୋର୍ଟରୁ ବିଦାୟ ନେଇଛନ୍ତି ୪୧ ବର୍ଷୀୟ ଫେଡେରର। ଜ୍ୟାକ୍ସ ଶକ୍ ଓ ଫ୍ରାନ୍ସିସ୍ ଟିଆଫୋଙ୍କ ବିପକ୍ଷରେ ଏହି ଡବଲ୍ସ ମ୍ୟାଚ ଖେଳିଥିଲେ ଟେନିସ ଜଗତର ଏହି ଦୁଇ ମହାନାୟକ। ତେବେ ପରାଜୟ ସହିତ ଟେନିସ୍ ଦୁନିଆର ଏହି ମହାନାୟକ ଅଲବିଦା ଜଣାଇଛନ୍ତି। ଫେଡେରର-ନାଡାଲ ଯୋଡି ଏହି ମ୍ୟାଚରେ ୪-୬, ୭-୬(୨) ଓ ୧୧-୯ରେ ଏହି ମ୍ୟାଚ ହାରି ଯାଇଥିଲେ। ତେବେ ମ୍ୟାଚର ଫଳାଫଳ ତାଙ୍କ ପାଇଁ କିଛି ଫରକ ପକାଏନାହିଁ ବୋଲି କହିଥିଲେ ଫେଡେରର। ଏହି ମ୍ୟାଚକୁ କେବଳ ବିଦାୟକାଳୀନ ସମ୍ବର୍ଦ୍ଧନା ନୁହେଁ ବରଂ ବିଦାୟକାଳୀନ ସମ୍ବର୍ଦ୍ଧନାର ବହୁବାଚକ ସହିତ ତୁଳନା କରାଯାଇପାରେ। ଏହି ମ୍ୟାଚ ସହିତ ଟେନିସ୍, ଫ୍ୟାନ୍ ଓ ନିଜ ସାଥୀ ଖେଳାଳିଙ୍କଠାରୁ ସେ ବିଦାୟ ନେଉଥିବା ଫେଡେରର ପ୍ରକାଶ କରିଥିଲେ। ମ୍ୟାଚ୍ ଶେଷ ହେବା ପରେ ଭାବବିହ୍ୱଳ ଫେଡେରର ଟିମ୍ ୟୁରୋପର ଖେଳାଳିମାନଙ୍କୁ ଅଭିବାଦନ ଜଣାଇଥିଲେ। ଟିମ୍ ଓ ଷ୍ଟାଣ୍ଡରେ ଥିବା ଦର୍ଶକଙ୍କ ସମର୍ଥନକୁ ଦେଖି ଫେଡେରର କାନ୍ଦି ପକାଇଥିଲେ। ଶେଷ ମ୍ୟାଚରେ ଫେଡେରରଙ୍କ ପାର୍ଟନର ରହିଥିବା ରାଫେଲ ନାଡାଲ ମଧ୍ୟ ଭାବବିହ୍ୱଳ ହୋଇ ପଡିଥିଲେ। ଆଣ୍ଠୁରେ ୩ ଥର ଅସ୍ତ୍ରୋପଚାର ହେବା ପରେ ଟେନିସକୁ ବିଦାୟ ଜଣାଇବାର ଏହି ନିଷ୍ପତ୍ତି ଠିକ୍ ବୋଲି ଫେଡେରର ମ୍ୟାଚ ପରବର୍ତ୍ତୀ ପ୍ରେସ୍ ମିଟ୍‌ରେ କହିଥିଲେ। ''ପୂର୍ବରୁ ହଜାର ଥର କୋର୍ଟକୁ ଓହ୍ଲାଇ ସାରିଛି। ତେବେ ଆଜିର ରାତି ବେଶ୍ ସ୍ୱତନ୍ତ୍ର। ଆପଣମାନଙ୍କ ମଧ୍ୟରୁ କିଏ ଆସିବାକୁ ଚାହୁଁଛନ୍ତି'' ବୋଲି ମ୍ୟାଚ୍ ପୂର୍ବରୁ ଟୁଇଟ୍ କରିଥିଲେ ଫେଡେରର। ସେହିପରି ଟେନିସ କୋର୍ଟରେ ତାଙ୍କର ସବୁଠାରୁ ବଡ ପ୍ରତିଦ୍ୱନ୍ଦ୍ୱୀ ତଥା କୋର୍ଟ ବାହାରେ ଭଲ ବନ୍ଧୁ ରାଫେଲ ନାଡାଲଙ୍କ ସହିତ କ୍ୟାରିୟରର ଅନ୍ତିମ ମ୍ୟାଚ ଖେଳିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଫେଡେରରଙ୍କ ପୂର୍ବରୁ ପିଟ୍ ସାମ୍ପ୍ରାସ ୧୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ବେଳେ ପ୍ରଥମ ଖେଳାଳି ଭାବରେ ଫେଡେରର ତାଙ୍କ ରେକର୍ଡ ଭାଙ୍ଗିଥିଲେ। ଫେଡେରର ୨୦ଟି ଗ୍ରାଣ୍ଡସ୍ଲାମ ହାସଲ କରିଥିବା ବେଳେ ସର୍ବିଆର ନୋଭାକ୍ ଜୋକୋଭିଚ୍ ୨୧ ଓ ସ୍ପେନର ରାଫେଲ୍ ନାଡାଲ ୨୨ ଗ୍ରାଣ୍ଡସ୍ଲାମ ସହିତ ତାଙ୍କ ରେକର୍ଡ ଭାଙ୍ଗିଥିଲେ। ନିଜ କ୍ୟାରିୟରରେ ୧୦୩ଟି ସିଙ୍ଗଲ୍ସ ଟାଇଟଲ ସହିତ ଦୀର୍ଘ ୩୧୦ ସପ୍ତାହ ପାଇଁ ଏକ ନମ୍ବର ରହିବାର ରେକର୍ଡ ଫେଡେରରଙ୍କ ନାମରେ ରହିଛି। ଟେନିସ୍ ଇତିହାସରେ ଷଷ୍ଠ ଖେଳାଳି ଭାବରେ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିଥିବା ଫେଡେରର ୨୦୦୪-୨୦୦୮ ପର୍ଯ୍ୟନ୍ତ ଏକ ନମ୍ବର ସ୍ଥାନରେ ରହି ବର୍ଷ ଶେଷ କରିଥିଲେ। ଏହାପରେ ୨୦୦୯ରେ ମଧ୍ୟ ଏକ ନମ୍ବରରେ ରହି ବର୍ଷ ଶେଷ କରିଥିଲେ। ୩୧୦ ସପ୍ତାହ ଧରି ଫେଡେରର ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିଲେ। ଏହା ବ୍ୟତୀତ ସେ ନିଜ କ୍ୟାରିୟରରେ ୧୨୫୧ଟି ମ୍ୟାଚରେ ବିଜୟୀ ହୋଇଛନ୍ତି। ଏହା ମଧ୍ୟରୁ ୭୮୩ଟି ହାର୍ଡ କୋର୍ଟ ମ୍ୟାଚ ରହିଥିବା ବେଳେ ୧୯୨ଟି ବିଜୟ ଗ୍ରାସକୋର୍ଟରୁ ଆସିଛି। ସେହିପରି ଫେଡେରର ନିଜ କ୍ୟାରିୟରରେ ୧୩୦୫୯୪୩୩୯ ଡଲାର ପୁରସ୍କାର ରାଶି ହାସଲ କରିଛନ୍ତି, ଯାହାକି ଏକ ସର୍ବକାଳୀନ ରେକର୍ଡ।

### ସଂକ୍ଷେପରେ ଫେଡେରରଙ୍କ କ୍ୟାରିୟର

ଗ୍ରାଣ୍ଡସ୍ଲାମ: ୨୦
ଗ୍ରାଣ୍ଡସ୍ଲାମ ଫାଇନାଲ: ୩୧
ଅଷ୍ଟ୍ରେଲିଆନ ଓପନ୍:୬
ଫ୍ରେଞ୍ଚ ଓପନ:୧
ୱିମ୍ବେଲଡନ୍:୮
ୟୁଏସ୍ ଓପନ: ୫
ଏଟିପି ଟାଇଟଲ୍-୬
ସିଙ୍ଗଲ୍ସ ଟାଇଟଲ୍:୧୦୩
ଗ୍ରାଣ୍ଡସ୍ଲାମ ବିଜୟ/ପରାଜୟ: ୩୬୯-୬୦
ଗ୍ରାସ୍ କୋର୍ଟ ଟାଇଟଲ:୧୯
ହାର୍ଡକୋର୍ଟ ଟାଇଟଲ୍: ୭୧
ଅଲିମ୍ପିକ୍ସ ପଦକ: ୨, ୨୦୦୮(ବେଜିଂ) ୨୦୧୨(ଲଣ୍ଡନ)
କ୍ରମାଗତ ଏକ ନମ୍ବର: ୨୦୦୪-୨୦୦୮
ଏକ ନମ୍ବର: ୩୧୦ ସପ୍ତାହ
କ୍ୟାରିୟର ବିଜୟ: ୧୨୫୧

# ଏରିଗାଇସି-କାର୍ଲସେନ୍ ଫାଇନାଲ

**ନ୍ୟୁୟର୍କ, ୨୪।୯(ପି.ଟି.):** ଭିଏତ୍‌ନାମର ଲିମ୍ କ୍ୱାଙ୍ଗ୍ ଲି'ଙ୍କୁ ପରାସ୍ତ କରି ଭାରତର ଯୁବ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାଇସି ଜୁଲିଅସ୍ ବେଅର ଜେନେରେଶନ କପ୍ ଅନ୍‌ଲାଇନ ରାପିଡ୍ ଚେସ୍ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ଟାଇଟଲ ମୁକାବିଲାରେ ସେ ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନ୍‌ଙ୍କୁ ଭେଟିବେ। ୧୯ ବର୍ଷୀୟ ଏରିଗାଇସିଙ୍କୁ ତାଙ୍କ ଭିଏତ୍‌ନାମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। କାର୍ଲସେନ କିନ୍ତୁ ତାଙ୍କ ଗେମ୍ ୩-୧ରେ ଜିତିନେଇଥିଲେ। ଏରିଗାଇସି-ଲିମ୍ ଲି ପ୍ରଥମ ଗେମ୍ ଡ୍ର ଭାବେ ଶେଷ ହୋଇଥିଲା। ଦ୍ୱିତୀୟଟିରେ ଭାରତୀୟ ଖେଳାଳି ଜିତିଥିଲେ। ତୃତୀୟ ଗେମ୍ ଡ୍ର ଆଡକୁ ମୁହାଁଉଥିବା ବେଳେ ଭିଏତ୍‌ନାମ ଖେଳାଳି ୩୨ ମୁଭ୍‌ରେ ଜିତି ନେଇଥିଲେ। ଟାଇବ୍ରେକରରେ ଏରିଗାଇସି ଲଗାତର ଦୁଇଟି ଗେମ୍ ଜିତି ଫାଇନାଲରେ ସ୍ଥାନ ପକ୍କା କରିନେଇଥିଲେ। ୧,୫୦,୦୦୦ ଆମେରିକୀୟ ଡଲାର ବିଶିଷ୍ଟ ଦୁଇଦିନିଆ ଫାଇନାଲ ଶନିବାର ବିଳମ୍ବିତ ରାତିରେ ଆରମ୍ଭ ହେବ।





ଓଡ଼ିଶା ଫେରିବା ପରେ ହକି ଇଣ୍ଡିଆର ନବନିଯୁକ୍ତ ସଭାପତି ଦିଲୀପ ତିର୍କୀଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା।

# ଭାରତର କ୍ଲିନ୍ ସୁଇପ୍



ଅର୍ଦ୍ଧ ଶତକ ହାସଲ ପରେ ଦୀପ୍ତି ଶର୍ମା।

**ଲଣ୍ଡନ,୨୪।୯(ପି.ଟି.):** ଇଂଲଣ୍ଡ ମହିଳା ଦଳ ବିପକ୍ଷ ଦିନିକିଆ ସିରିଜକୁ କ୍ଲିନ୍ ସୁଇପ୍ କରିଛି ଭାରତ। ଦୀପ୍ତି ଶର୍ମା ଓ ସ୍ମୃତି ମନ୍ଧାନାଙ୍କ ଲଢୁଆ ଅର୍ଦ୍ଧଶତକ ସହିତ ରେଣୁକା ସିଂଙ୍କ ଘାତକ ବୋଲିଂ ବଳରେ ଭାରତ ୩-୦ରେ ସିରିଜ ଜିତି ନେଇଛି। ଲର୍ଡ୍ସରେ ଖେଳାଯାଇଥିବା ଅନ୍ତିମ ଦିନିକିଆରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଓପନର ସ୍ମୃତି ମନ୍ଧାନା ଓ ଅଲରାଉଣ୍ଡର ଦୀପ୍ତି ଶର୍ମା ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଭାରତ ୪୫.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ୍ କରିଥିଲା। ଜବାବରେ ରେଣୁକା ସିଂଙ୍କ ୪ ଉଇକେଟ ସଫଳତା ବଳରେ ଭାରତ ୧୬ ରନରେ ମ୍ୟାଚକୁ ଜିତି ନେଇଥିଲା। ଅପରିବର୍ତ୍ତିତ ଏକାଦଶ ସହିତ ଭାରତ ପଡିଆକୁ ଓହ୍ଲାଇଥିଲା। ଶେଫାଳି ବର୍ମା ବିଫଳ ହେବା ସହିତ ଖାତା ଖୋଲିବା ପୂର୍ବରୁ ଦ୍ୱିତୀୟ ଓଭରରେ କେଟ୍ କ୍ରସଙ୍କ ଶିକାର ହୋଇଥିଲେ। ଉଇକେଟ କିପର ୟସ୍ତିକା ଭାଟିଆଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରି ଦ୍ୱିତୀୟ ସଫଳତା ହାସଲ କରିଥିଲେ କେଟ୍। ଦ୍ୱିତୀୟ ଦିନିକିଆରେ ଶତକ ଓ ଅର୍ଦ୍ଧଶତକ ହାସଲ କରିଥିବା ହରମନପ୍ରୀତ୍ କୌର(୪) ଓ ହରଲିନ୍ ଦେଓଲ(୩) ସହଜରେ ପ୍ୟାଭିଲିୟନ ଫେରିବା ସହିତ ଭାରତ ମାତ୍ର ୨୯ ରନରେ ୪ ଉଇକେଟ ହରାଇଥିଲା। ତେବେ ସ୍ମୃତି ମନ୍ଧାନା(୫୦) ଓ ଦୀପ୍ତି ଶର୍ମା(୬୮*)ଙ୍କ ମଧ୍ୟରେ ୫୮ ରନର ଭାଗୀଦାରି ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲା। ସପ୍ତମ ଉଇକେଟରେ ପୂଜା ବସ୍ତ୍ରକାର(୨୨) ଓ ଦୀପ୍ତି ଶର୍ମା ୪୦ରନ ଯୋଡିବାରୁ ଭାରତ ଏକ ସମ୍ମାନଜନକ ସ୍କୋର ହାସଲ କରିଥିଲା। ମନ୍ଧାନା ୭୯ ବଲ ଖେଳି ୫ ଚୌକା ମାରିଥିଲେ। ଅପର ପକ୍ଷରେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ଦୀପ୍ତି ଶର୍ମା ୧୦୬ ବଲ୍ ଖେଳି ୭ ଚୌକା ମାରିଥିଲେ। ଇଂଲଣ୍ଡ ପକ୍ଷରୁ କେଟ୍ କ୍ରସ ୪ ଉଇକେଟ ନେଇଥିବା ବେଳେ ସୋଫି ଏକେଲଷ୍ଟୋନ ଓ ଫ୍ରେୟା କାମ୍ପ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୭୦ରନର ବିଜୟ ଲକ୍ଷ୍ୟ ଇଂଲଣ୍ଡ ପାଇଁ ସହଜ ରହିବ ବୋଲି ଆଶା କରାଯାଉଥିଲା। ତେବେ ରେଣୁକା ସିଂ, ଅନ୍ତିମ ମ୍ୟାଚ ଖେଳୁଥିବା ଝୁଲଣ ଗୋସ୍ୱାମୀ ଓ ରାଜେଶ୍ୱରୀ ଗାଏକ୍ୱାଡଙ୍କ ଘାତକ ବୋଲିଂ ବଳରେ ଭାରତ ମ୍ୟାଚକୁ ଜିତି ନେଇଥିଲା। ଇଂଲଣ୍ଡ ପକ୍ଷରୁ ଚାର୍ଲୋଟ ଡିନ୍ ସର୍ବାଧିକ ୪୭ ରନ୍ କରିଥିବା ବେଳେ ଏମି ଜୋନ୍ସ (୨୮) ଓ ଏମା ଲାମ୍ବ(୨୧) ରନ କରିଥିଲେ। ଅନ୍ତିମ ମ୍ୟାଚ ଖେଳୁଥିବା ଝୁଲଣ କେଟ କ୍ରସ(୧୦)ଙ୍କୁ ବୋଲ୍ଡ କରି କ୍ୟାରିୟରର ଅନ୍ତିମ ଉଇକେଟ ଅକ୍ତିଆର କରିଥିଲେ। ରେଣୁକା ସିଂ ୪/୨୯ର ବୋଲିଂ ଫିଗର ହାସଲ କରିଥିବା ବେଳେ ଝୁଲଣ ଗୋସ୍ୱାମୀ ଓ ରାଜେଶ୍ୱରୀ ଗାଏକ୍ୱାଡ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ପୋଲ ନିର୍ମାଣ ପରେ ଭୁଲିଗଲେ

- ପୋଲ ୨ ପାର୍ଶ୍ୱରେ ରାସ୍ତା ସଂଯୋଗ ହେଲାନି
- ପର୍ଯ୍ୟଟନ କ୍ଷେତ୍ରର ବିକାଶ ପ୍ରତି ଗୁରୁତ୍ୱ ନାହିଁ
- ୬ ବର୍ଷ ହେବ ଅଭିଯୋଗ ପରେ ନାହିଁ ପ୍ରତିକାର
- ଲୋକଙ୍କ କଥାକୁ ଏଡାଇ ଗଲେ ବିଧାୟକ
- ପୁଣି ନାଳରେ କାଠପୋଲ କଲେ ଆଦିବାସୀ

ନୟାଗଡ଼ ଅଫିସ/ ରଣପୁର,୨୪।୯(ସ୍ୱ.ପ୍ର.)

ନୟାଗଡ଼ ଜିଲାର ପର୍ଯ୍ୟଟନ କ୍ଷେତ୍ର ଖିଲାମୁଣ୍ଡା ଠାକୁରାଣୀଙ୍କ ପୀଠ ଏବଂ ଆଦିବାସୀଙ୍କ ପାଇଁ ସରକାର ଓ ପ୍ରଶାସନର କୁମ୍ଭୀର କାନ୍ଦଣା ଧରା ପଡିଛି । ପୋଲ ନିର୍ମାଣ କରି ସଂଯୋଗ ରାସ୍ତାକୁ ସରକାର ଭୁଲି ଯିବା ପରେ ଆଦିବାସୀମାନେ ନାହିଁ ନ ଥିବା ହଇରାଣ ହୋଇ ଆସୁଛନ୍ତି । ସରକାରଙ୍କ ଅଣଦେଖା ପରେ ନୟାଗଡ଼ ଜିଲା ରଣପୁର ବ୍ଲକ ବନ୍ଧମୁଣ୍ଡା ପଞ୍ଚାୟତ ରାଆଁଳା ଗାଁର ଆଦିବାସୀମାନେ ନିଜସ୍ୱ ଖର୍ଚ୍ଚରେ ୬ ଥର ପାଇଁ ପୁଣି ଅସ୍ଥାୟୀ କାଠପୋଲ ନିର୍ମାଣ କରି ସରକାରଙ୍କୁ ପୋଲ ଓ ରାସ୍ତା ନିର୍ମାଣ କରିବାର ପ୍ରସଙ୍ଗକୁ ମନେ ପକାଇ ଦେଇଛନ୍ତି। ଗାଁ ଲୋକ ପୋଲ ନିର୍ମାଣ କରିବା ପରେ ୬ ବର୍ଷ ହେଲା ପଡି ରହିଥିବା ରାସ୍ତା କାର୍ଯ୍ୟ ନେଇ ସରକାର ଓ ପ୍ରଶାସନକୁ ସାଧାରଣ ଲୋକ ଓ ବିରୋଧି ଦଳ ସମାଲୋଚନା କରିବା ଆରମ୍ଭ କରିଛନ୍ତି । ଅନ୍ୟପକ୍ଷେ ରାଆଁଳା ଖିଲାମୁଣ୍ଡା ଠାକୁରାଣୀଙ୍କ ପୀଠକୁ ଗତ କିଛି ଦିନ ତଳେ ରଣପୁର ବିଧାୟକ ଯାଉଥିଲେ । ଗାଁ ଲୋକ ବିଧାୟକଙ୍କୁ ପୋଲ କଥା ମନେ ପକାଇ ଅସନ୍ତୋଷ ବ୍ୟକ୍ତ କଲେ । ଏପରିକି ଜିଲା ଯୋଜନା କମିଟିର ଅଧ୍ୟକ୍ଷ ଥାଇ ପୋଲ ନ ହୋଇ ପାରିବା ଦୁଃଖର ବିଷୟ କହିଥିଲେ । ହେଲେ ବିଧାୟକ ଚୁପ ରହି ଲୋକଙ୍କ କଥା ଏଡାଇ ଯିବା ପରେ ଅସନ୍ତୋଷ ବଢ଼ିଛି ।


ଆଦିବାସୀମାନେ ନିର୍ମାଣ କରିଥିବା ବାଉଁଶ ପୋଲ।

ସୂଚନା ଅନୁଯାୟୀ, ରାଆଁଳା ଏକ ଆଦିବାସୀ ଗାଁ । ଏହି ଗାଁକୁ ଯିବାକୁ ସବୁଦିନିଆ ରାସ୍ତା ନାହିଁ। ଗାଁକୁ ସାଇକେଲ ଯିବା କଷ୍ଟ । ବାଇକ୍ ଓ ଅନ୍ୟ ଯାନବାହାନ ଯିବା କାଠିକର ପାଠ । ବର୍ଷା ହେଲେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡିଥାଏ ରାଆଁଳା । ଅନ୍ୟପକ୍ଷେ ରାଆଁଳାରେ ମା ଖିଲାମୁଣ୍ଡା ଠାକୁରାଣୀ ପରି ପର୍ଯ୍ୟଟନ କ୍ଷେତ୍ର ରହିଥିଲେ ହେଁ ଏହା ଉପେକ୍ଷିତ ହୋଇ ରହିଛି। ବର୍ଷର ସବୁ ସମୟରେ ଏହି ଗାଁରେ ଲୋକଙ୍କ ଭିଡ଼ ହୁଏ । ଯାନବାହାନ ନ ଯାଉ ଥିଲେମଧ୍ୟ ମା' ଖିଲାମୁଣ୍ଡା ପୀଠକୁ ଭକ୍ତମାନେ ବର୍ଷା ଋତୁକୁ ଛାଡି ଅନ୍ୟ ଋତୁରେ ଆସନ୍ତି ।

ରାସ୍ତା ଓ ପୋଲ ନିର୍ମାଣନେଇ ବାରମ୍ବାର ଅଭିଯୋଗ, ପ୍ରତିବାଦ ପରେ ସରକାର ୬ ବର୍ଷ ତଳେ ଏକ ପୋଲନିର୍ମାଣ କରିଥିଲେ । ତେବେ ପୋଲକୁ ସମ୍ପୂର୍ଣ୍ଣ ନ କରି ଅଧାପନ୍ତରିଆ କରି ଛାଡି ଦେଇଛନ୍ତି । ପୋଲଟି ହେଲେ ଚାକୁଣ୍ଡାଝର, ଡିମିରିବାରି ସମେତ ରାଆଁଳାର ଆଦିବାସମୀମାନେ ଉପକୃତ ହେବେ । ପୋଲ ନ ଥିବାରୁ ନାଳରେ ପାର ହୋଇ ଆଦିବାସୀମାନେ ଯିବା ଆସିବା କରିବା ସମ୍ଭବ ହେଉ ନାହିଁ। ବର୍ଷାଋତୁରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଡୋରୀ ବନ୍ଧା ହୁଏ । ଏଣୁ ରାଆଁଳା ଆଦିବାସୀ ନିଜସ୍ୱ ଖର୍ଚ୍ଚରେ ଏକ କାଠ ପୋଲ କରି ସାମୟିକ ଭାବେ ସେମାନଙ୍କର ସମସ୍ୟାକୁ ସମାଧାନ କରିଛନ୍ତି ।

ଏନେଇ ରାଆଁଳାର ରାମ ପ୍ରଧାନ କୁହନ୍ତି, କାହାପାଇଁ ସରକାରଙ୍କ ମାଳ ମାଳ ଯୋଜନା । ଆମ ଗାଁକୁ ଏଯାବତ ଭଲ ରାସ୍ତାଟିଏ ତିଆରି ହୋଇ ପାରିଲା ନାହିଁ । ଗାଁକୁ ଯିବାକୁ ହେଲେ କାଦୁଅରେ ଚାଲି ଯିବାକୁ ପଡୁଛି । ପୁଣି ନାଳ ପାର ହେବାକୁ ପଡୁଛି । ସରକାର ପୋଲଟିଏ କରି ଅଧା ନିର୍ମିତ କରି ଛାଡି ଦେବାର କାରଣ ବୁଝା ପଡୁନି । ପୋଲ ହେବାର ୬ବର୍ଷ ବିତି ଗଲାଣି । କେବେ ଆମ ଗାଁକୁ ଫିଟିବ ରାସ୍ତା । ଏଣୁ ଗାଁରେ ସଭା ହେଲା । ଗାଁ ଲୋକ ଚାନ୍ଦା ଦେବା ସହ ପରିଶ୍ରମ କରି ଏକ ଅସ୍ଥାୟୀ ପୋଲ ନିର୍ମାଣ କଲେ । ହେଲେ ସରକାର ବୁଝିବା ଦରକାର ଏ ପୋଲ ସବୁଦିନିଆ ନୁହେଁ । ଏଣୁ ପୋଲକୁ ସମ୍ପୂର୍ଣ୍ଣ କରିବା ସହ ରାସ୍ତା କାମ ତୁରନ୍ତ ଶେଷ କରିବା ଦରକାର । ହେଲେ ଆମ ଅଭିଯୋଗ ଭୁବନେଶ୍ୱରରେ ପହଞ୍ଚୁ ନାହିଁ । ବିଭୂତି ଜାନୀ କୁହନ୍ତି, ଖିଲାମୁଣ୍ଡାଙ୍କ ପରି ପ୍ରତ୍ୟକ୍ଷ ଦେବୀ ପୀଠ ରହିଥିଲେ ହେଁ ରାଆଁଳା ଗାଁକୁ ଉପେକ୍ଷା କରାଯାଉଛି । ପର୍ଯ୍ୟଟକଙ୍କ ଗହଳିକୁ ଆଖିଆଗରେ ରଖି ରାସ୍ତା କାର୍ଯ୍ୟ କରିବା ଦରକାର । ହେଲେ ତାହାବି କରାଯାଉ ନାହିଁ । ରାସ୍ତା ଓ ପୋଲନେଇ ସରପଞ୍ଚ, ବିଡିଓ, ଜିଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିଛୁ । ବିଧାୟକଙ୍କୁ ପୂର୍ବରୁ ଅନେକ ଥର କହିଛୁ । ଏବେ ପୁଣି କହିଛୁ । ହେଲେ ବିଧାୟକ କିଛି ନ କହି ଏଡାଇ ଯାଉଛନ୍ତି ।ଏନେଇ ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ କହିଥିଲେ ସଂଯୋଗ ରାସ୍ତାନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି । ଖୁବ ଶୀଘ୍ର ସେହି ରାସ୍ତା ନିର୍ମାଣ ହେବ । ଲୋକଙ୍କ ଯାତାୟତ ସମସ୍ୟା ହଟିବ ।

## ହୃତ୍‌ପିଣ୍ଡ,ମଧୁମେହ ରୋଗ ଚିକିତ୍ସା ଶିବିର

ନୟାଗଡ଼ ଅଫିସ,୨୪।୯

ଖଣ୍ଡପଡ଼ାରୋଡସ୍ଥ ନୟାଗଡ଼ ରୋଟାରୀ କ୍ଲବ୍ ଭବନ ପରିସରରେ ଆପୋଲୋ ହସ୍ପିଟାଲ ଭୁବନେଶ୍ୱର ଓ ରୋଟାରୀ କ୍ଲବ୍ ମିଳିତ ଆନୁକୂଲ୍ୟରେ ମାଗଣା ହୃତପିଣ୍ଡ ଓ ମଧୁମେହ ରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ରୋଟାରିଆନ ସନୱାରମଲ ଅଗ୍ରୱାଲ ଶିବିରକୁ ଉଦଘାଟନ କରିଥିଲେ । ଆପୋଲୋ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପ୍ରିୟବ୍ରତ ସାହୁ, ଭେଷଜ ବିଶେଷଜ୍ଞ ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ ଓ ଡାକ୍ତର ପ୍ରତ୍ୟୁଷ ନାଗ ରୋଗୀମାନଙ୍କୁ ଚିକିତ୍ସା ଓ ପରାମର୍ଶ ଦେଇଥିବା ବେଳେ ଆପୋଲୋ ହସ୍ପିଟାଲର ଟେକେନସିଆନ୍ ଶିବପ୍ରସାଦ ବେହେରା, ମାନସ ରଞ୍ଜନ ନାୟକ ଓ ଦିବ୍ୟଜ୍ୟୋତି ତ୍ରିପାଠୀ ଫାଷ୍ଟିଂ ବ୍ଲଡ୍ ସୁଗାର ସହିତ ଇସିଜି ପରୀକ୍ଷା କରିଥିଲେ । ରୋଟାରୀ କ୍ଲବ୍ ସଭାପତି ପ୍ରବୀର କୁମାର ତୃଷ୍ଟି ଓ ସମ୍ପାଦକ ବାସୁଦେବ ସାହୁଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ୧୨୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଯାଇଥିଲା । ରୋଗୀମାନଙ୍କର ପଞ୍ଜୀକରଣ ତଥା ଶିବିର ପରିଚାଳନାରେ ବରିଷ୍ଠ ରୋଟାରିଆନ ସୁବୋଧ କୁମାର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଆରିଫ୍ ଖାଁ ପ୍ରମୁଖ ସହଯୋଗ କରିଥିଲେ ।




## ବିପଦସଙ୍କୁଳ ଶୁଳିଆ-ବାଣପୁର ପୂର୍ତ୍ତ ବିଭାଗ ରାସ୍ତା

ଖଣ୍ଡପଡ଼ା,୨୪।୯(ସ୍ୱ.ପ୍ର.)

ଶୁଳିଆ ଛକଠାରୁ ବାଣପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଧାନକ୍ଷେତ ରହିଛି । ବାମପାର୍ଶ୍ୱ ରାସ୍ତା ପତନଠାରୁ ଉଚ୍ଚରେ ଥିବା ଧାନ ବିଲରୁ ଉଦ୍‌ବୃତ ପାଣି ରାସ୍ତା ଉପରରେ ପ୍ରବାହିତ ହୋଇ ସମସ୍ୟା ସୃଷ୍ଟି କରୁଛି । ଏଥିପାଇଁ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ବିଧି ବ୍ୟବସ୍ଥା ଅନୁଯାୟୀ ଠିକାଦାରଙ୍କ ପକ୍ଷରୁ ନିର୍ମାଣର ୫ବର୍ଷ ମଧ୍ୟରେ ରାସ୍ତାର ଆବଶ୍ୟକ ମରାମତି ତଥା ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ । ମାତ୍ର ସଂପୃକ୍ତ ଠିକାଦାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଉପଯୁକ୍ତ ରକ୍ଷଣାବକ୍ଷଣ ଅଭାବରୁ ରାସ୍ତାରେ ଖାଲଖମା ବଢ଼ିଛି । ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ରାସ୍ତା ଅବସ୍ଥା ଯଥା ପୂର୍ବ ତଥା ପର ନ୍ୟାୟରେ ପଡି ରହିଛି। ରାସ୍ତାର ବାମପାର୍ଶ୍ୱରେ ପୂର୍ବରୁ ଥିବା ନାଳ ପୋତି ହୋଇଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ପ୍ରତ୍ୟେହ ଉକ୍ତ ରାସ୍ତା ଦେଇ ଶତାଧିକ ଯାତ୍ରୀବାହୀ ବସ ଓ ବାଲି ବୋଝେଇ ହାଇୱା ଯାତାୟତ କରିବା ଫଳର ରାସ୍ତାର ଅବସ୍ଥା ଏଭଳି ହୋଇଛି । ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି । ଖଣ୍ଡପଡାଠାରୁ ଗଣିଆ ଓ ସିଧାମୂଳା ମହାନଦୀ ସେତୁ ଦେଇ କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲାକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ଦୈନିକ ଶତାଧିକ ଭାରିଯାନ ଓ ଦ୍ରୁତଗାମୀ ଯାତ୍ରୀବାହୀ ବସ ଚଳାଚଳ କରୁଛି । ରାସ୍ତାର ଦୁରାବସ୍ଥାକୁ ନେଇ ପଥଚାରୀଙ୍କଠାରୁ ଆରମ୍ଭ କରି ଗାଡ଼ିଚାଳକମାନେ ପ୍ରତି ମୁହୂର୍ତ୍ତରେ ପ୍ରମାଦ ଗଣୁଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାର ମରାମତି କରିବାକୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଖଣ୍ଡପଡ଼ା ସହକାରୀ ଯନ୍ତ୍ରୀଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଡିସେମ୍ବର ୮ ରୁ ୧୧ ହୀରକ ଜୟନ୍ତୀ


ହୀରକ ଜୟନ୍ତୀ ପାଇଁ ଆୟୋଜିତ ପ୍ରସ୍ତୁତି ବୈଠକ।

ନୟାଗଡ଼ ଅଫିସ,୨୪।୯

**ନୟାଗଡ଼ ମହାବିଦ୍ୟାଳୟ**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉଦ୍‌ଯାପନ ଉତ୍ସବ ପାଇଁ ଏକ କାର୍ଯ୍ୟକାରୀ କମିଟି ବୈଠକ ଶନିବାର ପୂର୍ବାହ୍ନରେ ମହାବିଦ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରଧାନ, ନୟାଗଡ଼ ପୌରପରିଷଦର କାଉନସିଲର ଏବଂ ମହାବିଦ୍ୟାଳୟର ଆଲୁମିନି ଉପସ୍ଥିତ ଥିଲେ । ଆବାହକ ବିଶ୍ୱନାଥ ମହାପାତ୍ର ହୀରକ ଜୟନ୍ତୀ ପ୍ରସ୍ତୁତ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ସର୍ବସମ୍ମତି କ୍ରମେ ଡିସେମ୍ବର ୮ରୁ ୧୧ ତାରିଖ ୪ ଦିନ ବ୍ୟାପି ଏହି ଉତ୍ସବ ପାଳନ କରାଯିବା ପାଇଁ ସ୍ଥିର ହୋଇଛି । ଏହି ଉତ୍ସବରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ମହିଳା ଏବଂ ଆଲୁମିନିମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରତ୍ୟେକ ଦିନ ଦିବା ୧ ଘଣ୍ଟାରୁ ଉତ୍ସବ ଆରମ୍ଭ ହୋଇ ରାତ୍ର ୧୦ଟାରେ ଶେଷ ହେବ । ବୈଠକରେ ପ୍ରତ୍ୟେକ ପୁରାତନ ଛାତ୍ରୀଛାତ୍ରୀଙ୍କୁ ଯୋଗାଯୋଗ କରିବା ପାଇଁ ପ୍ରାଧାନ୍ୟ ଦିଆଯାଇଥିଲା । ଡିସେମ୍ବର ୧୦ ତାରିଖ ଦ୍ୱିତୀୟ ଶନିବାର ଓ ୧୧ ତାରିଖ ରବିବାର ହେଉଥିବାରୁ ବାହାରେ ରହୁଥିବା ବହୁ ଆଲୁମିନି ଏହି ଉତ୍ସବରେ ଯୋଗଦେଇ ପାରିବାର ଆଶା ରଖାଯାଇଛି ।

## ଜାତୀୟ ସେବା ଦିବସ ପାଳିତ

ଖଣ୍ଡପଡ଼ା,୨୪।୯(ସ୍ୱ.ପ୍ର.)

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନା (ଏନଏସଏସ) ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଫେସର ରଣଜିତ୍ କୁମାର ତ୍ରିପାଠୀ, ପୋଗ୍ରାମ ଅଫିସର ପ୍ରଫେସର ସରଳା ବେହେରା ଓ ହୃଷିକେଶ ମିଶ୍ର ପ୍ରମୁଖ ଯୋଗଦେଇ ଆଜିର ଦିବସ ସମ୍ପର୍କରେ ଉପସ୍ଥିତ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରିବା ସହ ସେବାର ଯଥାର୍ଥତା ଏବଂ ସମାଜକୁ କିପରି ଦିଗ ଦର୍ଶନ ଦେଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ । ସ୍ୱେଚ୍ଛାସେବୀ ବୃନ୍ଦାବନ ପ୍ରଧାନ ସଂଯୋଜନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ ।

Azadi Ka Amrit Mahotsav | Government of India

# ଗରିବଙ୍କ କଲ୍ୟାଣ ପାଇଁ ଅନ୍ତ୍ୟୋଦୟ
## ସଶକ୍ତ ଭାରତ ପାଇଁ ଅନ୍ତ୍ୟୋଦୟ

ଅନ୍ତ୍ୟୋଦୟ ଆମର ସଂକଳ୍ପ,
ଅନ୍ତ୍ୟୋଦୟ ଆମ ନୀତି ଏବଂ ଉଦ୍ଦେଶ୍ୟ ।
ଅନ୍ତ୍ୟୋଦୟ ସଂକଳ୍ପ ନେଇ ଦେଶ
ନିରବଚ୍ଛିନ୍ନ ଭାବେ ପ୍ରଗତି ପଥରେ
ଆଗେଇ ଚାଲିଛି ।
– ନରେନ୍ଦ୍ର ମୋଦୀ

 କ୍ଷୁଦ୍ର ଚାଷୀ, ରାସ୍ତାକଡ଼ ଉଠାଦୋକାନୀ, ଛୋଟ ବ୍ୟବସାୟୀ, ଅଟୋ ରିକ୍ସା ଚଳାଉଥିବା ବ୍ୟକ୍ତି, ଘର କାମ କରୁଥିବା ଲୋକ, ଏମାନଙ୍କୁ ନେଇ ସମାଜର ସବୁଠୁ ବଡ଼ ବର୍ଗ ଦେଶର ବିକାଶ ଯାତ୍ରାରେ ସହଭାଗୀ ହୋଇଛନ୍ତି ।

ଅନ୍ତ୍ୟୋଦୟ ଲକ୍ଷ୍ୟ ନେଇ, ଭାରତ ସରକାରଙ୍କ ଚିନ୍ତନରେ, ଗରିବମାନେ କେନ୍ଦ୍ରବିନ୍ଦୁରେ ରହିଛନ୍ତି । ସମାଜର ଏହି ସବୁଠୁ ବଡ଼ ବର୍ଗ ପାଇଁ ସରକାର ଲଗାତର ପ୍ରୟାସ କରୁଛନ୍ତି ଏବଂ ଏହି ବର୍ଗ ଲଗାତର ସାମର୍ଥ୍ୟବାନ ହେଉଛନ୍ତି ।

- ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା – ଜାତୀୟ ଗ୍ରାମୀଣ ଜୀବିକା ମିଶନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମୀଣ ଭାରତରେ ଆସିଛି ସବୁଠୁ ବଡ଼ ପରିବର୍ତ୍ତନ, ବିଗତ ୮ ବର୍ଷ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଂଖ୍ୟା **ତିନି ଗୁଣା** ବୃଦ୍ଧି ପାଇଛି ଏବଂ ମହିଳାଙ୍କ ଭାଗୀଦାରି **ଚାରିଗୁଣା** ବଢ଼ିଛି
- ECLGS ଯୋଜନା ଅଧୀନରେ **୧.୧୯ କୋଟିରୁ** ଅଧିକ ହିତାଧିକାରୀଙ୍କୁ ସହଜରେ ମିଳିଛି **ଜରୁରିକାଳୀନ ଋଣ,** ବର୍ତ୍ତମାନ ସୁଦ୍ଧା **୩.୬୮ ଲକ୍ଷ କୋଟି** ଟଙ୍କାର ଋଣ ମଞ୍ଜୁର
- ପିଏମ୍ ସ୍ୱନିଧି ଯୋଜନା ଅଧୀନରେ **୩୨ ଲକ୍ଷ** ଉଠାଦୋକାନୀଙ୍କୁ ବିନା ଗ୍ୟାରେଣ୍ଟିରେ ମିଳିଛି ଋଣ
- କ୍ଷୁଦ୍ର ଉଦ୍ୟୋଗୀଙ୍କୁ **୨୦ ଲକ୍ଷ କୋଟି ଟଙ୍କା** ମୂଲ୍ୟର **୩୬.୫ କୋଟିରୁ** ଅଧିକ ମୁଦ୍ରା ଋଣ ଜାରି
- ଉଠାଦୋକାନୀ, ଖୁଚୁରା ବିକ୍ରେତା, କ୍ଷୁଦ୍ର ବ୍ୟବସାୟୀ ମଧ୍ୟ ଏମ୍‌ଏସ୍‌ଏମ୍‌ଇ ପରିଧି ମଧ୍ୟରେ ସାମିଲ, ସେମାନଙ୍କୁ ମଧ୍ୟ **ପ୍ରାଥମିକ କ୍ଷେତ୍ର ଋଣ ଲଗାଣ**ର ମିଳିଛି ଲାଭ
- **୧୧ କୋଟିରୁ** ଅଧିକ ଚାଷୀ ପିଏମ୍-କିଷାନ ଅଧୀନରେ ପାଉଛନ୍ତି ବାର୍ଷିକ **୬୦୦୦ ଟଙ୍କା**
- ସ୍ୱତନ୍ତ୍ର ଅଭିଯାନ ଅଧୀନରେ **୩.୧୩ କୋଟିରୁ** ଅଧିକ ଚାଷୀଙ୍କୁ କିଷାନ କ୍ରେଡିଟ୍ କାର୍ଡ ପ୍ରଦାନ
- ମୋଟ **୨୫ ଲକ୍ଷ କୋଟି ଟଙ୍କାର** ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ହିତାଧିକାରୀଙ୍କୁ ମିଳିଲା
- ଖଦି ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦଗୁଡ଼ିକୁ ମିଳିଲା ଅଭୂତପୂର୍ବ ପ୍ରୋତ୍ସାହନ, ବ୍ୟବସାୟ **୧ ଲକ୍ଷ କୋଟି ଟଙ୍କା** ଟପିଲା, ଗ୍ରାମୀଣ କ୍ଷେତ୍ରରେ ମିଳିଲା ଲକ୍ଷାଧିକ ନିଯୁକ୍ତି ସୁଯୋଗ




CBC 22201/13/0117/2223

## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କୁ ଲୁଟ୍, ମରଣାନ୍ତକ ଆକ୍ରମଣ

**ଯାଜପୁର ଅଫିସ,୨୪।୯:** ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳରେ ଶନିବାର ଅପରାହ୍ନ ୨ଟାରେ ଏକ ବେସରକାରୀ ସ୍କୁଲ ଶିକ୍ଷୟିତ୍ରୀ ସିଲିଲତା ସାହୁ(୨୪) ଲୁଟ ଏବଂ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ସୂଚନା ଅନୁଯାୟୀ କସପା ପଞ୍ଚାୟତର କାମଲପୁର ଗ୍ରାମକୁ ଫେରୁଥିବାବେଳେ ବୋଉଲାଙ୍ଗ-ଅହିୟାସ ରାସ୍ତାର ପତିରି ନିକଟରେ ୩ ଯୁବକ ଏକ ବାଇକରେ ଆସି ହଠାତ୍ ସିଲିଲତାଙ୍କ ସ୍କୁଟିକୁ ଅଟକାଇ ସେ ପିନ୍ଧିଥିବା ସୁନାଚେନ୍, ପର୍ସ ଓ ମୋବାଇଲ ଫୋନ ଛଡାଇ ନେଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ଲୁଟେରାମାନେ ତାଙ୍କୁ ନିକଟସ୍ଥ ଏକ ନାଳକୁ ନେଇ ପାଣିରେ ବୁଡାଇ ମାରିଦେବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ରାସ୍ତାରେ ଜଣେ ବ୍ୟକ୍ତି ଆସି ଯିବାରୁ ସେମାନେ ସିଲିଲତାଙ୍କୁ ଛାଡି ବାଉଲାଙ୍ଗ ଅଭିମୁଖେ ବାଇକରେ ଦ୍ରୁତଗତିରେ ପଳାଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସିଲିଲତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ପରେ ସେ ମଙ୍ଗଳପୁର ଥାନାରେ ଏତଲା ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ପୁରାତନ ଛାତ୍ର ଜତିନ୍ଦ୍ର ଜେନାଙ୍କ ଅକାଳ ବିୟୋଗ

**ଧର୍ମଶାଳା,୨୪।୯(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ପତିତପାବନ ହାଇସ୍କୁଲର ପୁରାତନ ଛାତ୍ର ଜତିନ୍ଦ୍ର ଜେନାଙ୍କ ଅକାଳ ବିୟୋଗ ଘଟିଛି। ଜେନା ଶୁକ୍ରବାର କଟକ ମେଡିକାଲରେ ଚିକିତ୍ସାଧୀନ ଥିବା ତାଙ୍କ ଶାଶୁଙ୍କୁ ଦେଖିବାକୁ ଯାଇଥିଲେ। ସେଠାରେ ଶାଶୁଙ୍କୁ ଦେଖି ସାରି ମେଡିକାଲ ପରିସରରେ ପଡ଼ି ଯାଇଥିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମରଶରୀର କଣିପାଟିଆ ନିକଟରେ ପହଞ୍ଚିବା ପରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା, ପଦ୍ମନାଭ ଜେନା, ସଭାପତି ଇଂ. ନିରଞ୍ଜନ ମିଶ୍ର, ସମ୍ପାଦକ ପ୍ରସନ୍ନ ରାୟ, ରମେଶ ସ୍ୱାଇଁ, ନରେନ୍ଦ୍ର ବେହେରା, ଦିଲୀପ ଜେନା, ଦେବବ୍ରତ ରାଉତ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହି, ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ମରଶରୀରକୁ ଶୋଭାଯାତ୍ରାରେ ଜନ୍ମ ସ୍ଥାନ ଇମାମନଗର, କଣ୍ଟାମାଳିଆ ଗ୍ରାମ ପରିକ୍ରମା କରାଯିବା ସହ ଝାରଶୋଳ ଗ୍ରାମକୁ ନିଆଯାଇଥିଲା। ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତୁରା ଆକାଶ ଜେନା ମୁଖାଗ୍ନି ଦେଇଥିଲେ।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ଚଣ୍ଡିଖୋଲ,୨୪।୯(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ସମିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୂମିକା ଚକ୍ଷୁ ମେଡିକାଲ ତରଫରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଅଛି। ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୦ରୁ ଉର୍ଦ୍ଧ୍ୱ ରୋଗୀ ସେମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଶୁଭଶ୍ରୀ ସୁଭସ୍ମିତା ସାହୁ, ଅଜିତ ସେଠୀ, ପ୍ରତିମା ବେହେରା ଓ ବନିତା ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଅବହେଳାର ଶିକାର ୨ ଅସହାୟ ପରିବାର

**ଯାଜପୁର ଅଫିସ/କାଏମା (ଡି.ଏନ.ଏ.), ୨୪।୯**



ଅସହାୟ ମିନତିଙ୍କ ପରିବାର।



ରାତିରେ ଭିକ୍ଷାବୃତ୍ତି କରୁଛନ୍ତି ଝୁମୁରୀଙ୍କ ତିନି ଝିଅ।

ଅସହାୟମାନଙ୍କ ଯେଭଳି କୌଣସି ଅସୁବିଧା ହେବ ନାହିଁ ସେଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଅନେକ କଲ୍ୟାଣକାରୀ ଯୋଜନା କରିଛନ୍ତି। କିନ୍ତୁ ଏହି ଯୋଜନାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବାକୁ ପ୍ରଶାସନିକ ଅଧିକାରୀ କିମ୍ବା ଜନପ୍ରତିନିଧିଙ୍କ ଆଗ୍ରହ ନ ଥିବା ଭଳି ମନେ ହେଉଛି। ଯାଜପୁର ଜିଲା କୋରେଇ ବ୍ଲକ ହଳଦିଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମନ୍ଦା ଗ୍ରାମର ଝୁମୁରୀ ଦେଇ ଏବଂ ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ମିନତି ମଳିକଙ୍କ ଅବସ୍ଥାକୁ ଦେଖିଲେ ଏହା ଜଳଜଳ ହୋଇ ଦିଶିଛି। ଝୁମୁରୀ ତାଙ୍କ ୩ ଝିଅଙ୍କ ସହ କେବେ ସ୍କୁଲ ତ କେବେ ଅନ୍ୟ କାହାର ବାରଣ୍ଡାରେ ମୁଣ୍ଡ ଗୁଞ୍ଜୁଥିବାବେଳେ ମିନତି ତାଙ୍କ ୨ ଝିଅଙ୍କୁ ନେଇ ଭଙ୍ଗା ଚାଳ ଘରେ ଆଶ୍ରୟ ନେଉଛନ୍ତି। ବିଡମ୍ବନା ଯେ, ଝୁମୁରୀ ଥଇଥାନ ପାଇଁ ଏକାଧିକ ଥର ଗୁହାରି କରିଥିଲେ ହେଁ ପ୍ରଶାସନର କୃପାଦୃଷ୍ଟି ପଡ଼ିପାରୁନାହିଁ।

ମିଳିଥିବା ସୂଚନା ଅନୁଯାୟୀ ମିନତି ମଳିକଙ୍କ ସ୍ୱାମୀ କେଦାର ମଳିକଙ୍କ ୨୦୧୯ରୁ ଦେହାନ୍ତ ହୋଇଥିଲା। ଏହାପରେ ମିନତି ଏବଂ ତାଙ୍କ ୨ ଝିଅଙ୍କ ପ୍ରତି ବିପତ୍ତି ଉଭା ହୋଇଥିଲା। କେଦାର ଜଣେ ଦିନ ମଜୁରିଆ ଥିଲେ। ଏଭଳି କ୍ଷେତ୍ରରେ ଅର୍ଥ ସଞ୍ଚୟ କରି ଘର ଖଣ୍ଡେ ତିଆରି କରିବା ତାଙ୍କୁ ବହୁତ କଷ୍ଟ ସାଧ ହୋଇ ପଡ଼ିଥିଲା। ସ୍ୱାମୀଙ୍କ ଦେହାନ୍ତ ପରେ ଝାଟିମାଟି ଚାଳଘର ମଧ ଭାଙ୍ଗି ଯାଇଥିଲା। ଏଭଳି ପରିସ୍ଥିତିରେ ଅସହାୟ ବନ୍ଧୁ ସେବା ସଂଗଠନ ପକ୍ଷରୁ ଘର ମରାମତି ସହ ଜରିପାଲ ଦିଆଯାଇଥିଲା। କିଛି ରାଶନ ସାମଗ୍ରୀ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ଛେଳିଟିଏ ମଧ ଦିଆଯାଇଛି। କିନ୍ତୁ ପ୍ରଶାସନ ପକ୍ଷରୁ ଘର, ବିଧବା ଭତ୍ତା ପ୍ରଦାନରେ ଅବହେଳା କରାଯାଇଛି। ସରକାରୀ ସାହାଯ୍ୟ ହିସାବରେ ୫ କେଜି ଚାଉଳ ପାଉଛନ୍ତି। ଏଥିରେ ଦୁଇ ପିଲାଙ୍କ ସହ ଭାଙ୍ଗି ଯାଇଥିବା ଚାଳ ଘରେ ଜରି ପାଲ ପକାଇ ବର୍ଷା ଓ ଖରା ଦିନେ ଜୀବନ ଅତିବାହିତ କରୁଛନ୍ତି। ସରପଞ୍ଚ ଏବଂ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ କୌଣସି ପ୍ରକାର ସୁବିଧା ମିଳିପାରିନାହିଁ।

- ସ୍କୁଲ ବାରଣ୍ଡାରେ ୩ ଝିଅଙ୍କ ସହ ଝୁମୁରୀ
- ୨ ଝିଅଙ୍କୁ ଧରି ଭଙ୍ଗା ଚାଳଘରେ ମିନତି
- ମୋବାଇଲ ଟିମ୍ ଠିକଣା ପାଉନି

ସେହିପରି ମାନସିକ ରୋଗୀରେ ପୀଡ଼ିତ ଶେଖ୍ ସୌରୁଦ୍ଦିନଙ୍କ ପରିବାରବର୍ଗଙ୍କୁ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଅବହେଳାକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରି ପାରିନାହାନ୍ତି। ସୌରୁଦ୍ଦିନ କୁଆଡେ ଚାଲି ଯାଇଥିବାବେଳେ ସ୍ତ୍ରୀ ଝୁମୁରୀ ଏବଂ ତାଙ୍କ ୧୬, ୫ ଓ ୩ ବର୍ଷ ବୟସ୍କା ଝିଅ ଏବେ କୋରେଇ ସିଏଚ୍‌ସି ନିକଟସ୍ଥ ରାଧାରମଣ ହାଇସ୍କୁଲ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ୩ ଝିଅ ଘର ଘର ବୁଲି ଭିକ୍ଷା ମାଗିଲେ ପରିବାର ଚଳୁଛି। ଶନିବାର ରାତିରେ ମେଡିକାଲ ଛକ ମୀନା ବଜାରରେ ୩ ଝିଅଙ୍କୁ ବୁଲାବୁଲି କରୁଥିବାର ଦେଖି କେତେଜଣ ବ୍ୟକ୍ତି ସେମାନଙ୍କୁ କିଛି ସହଯୋଗ କରିଥିବା ଦେଖିବାକୁ ମିଳିଥିଲା। ହେଲେ ପ୍ରଶାସନ ସତେ ଯେମିତି ଏହି ପରିବାରଙ୍କ ପ୍ରତି କୌଣସି ସହଯୋଗ ନ କରିବାକୁ ପ୍ରତିଜ୍ଞା ନେଇଥିବା ମନେ ହେଉଛି। ୨୦୧୯।୨୦୨୨ରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଉକ୍ତ ପରିବାରବର୍ଗଙ୍କୁ ଉଦ୍ଧାର କରି ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହି ପ୍ରତିଶ୍ରୁତିକୁ ୫ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜିଲା ପ୍ରଶାସନ ଚେଇଁ ଶୋଇଥିବା ପରି ମନେ ହୋଇଛି।

ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗୀୟ ମୋବାଇଲ ୟୁନିଟକୁ ପଠାଯାଇଥିଲା। କିନ୍ତୁ ସେମାନେ ମା' ଓ ଝିଅଙ୍କୁ ନ ପାଇ ଫେରି ଆସିଛନ୍ତି। ପୁଣି ସେମାନଙ୍କୁ ଉଦ୍ଧାର କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ଚଣ୍ଡିଖୋଲ,୨୪।୯(ଡି.ଏନ.ଏ.)**

ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ବାଲିଗଡ଼ା ଗ୍ରାମର ଶର୍ମିଷ୍ଠା ପରିମାଣିକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତ ଧଉଡ଼ିଆପଦା ଗ୍ରାମର ଧ୍ରୁବଚରଣ ପାତ୍ରଙ୍କୁ ୨ ବର୍ଷ ତଳେ ବିବାହ କରିଥିଲେ। ବିବାହ ସମୟରେ ଧ୍ରୁବଚରଣ ଶର୍ମିଷ୍ଠାଙ୍କୁ ମିଥ୍ୟା ତଥ୍ୟ ପ୍ରଦାନ କରିଥିଲେ, ଯାହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଏହି ସମୟରେ ଧ୍ରୁବଚରଣ ଶର୍ମିଷ୍ଠାଙ୍କ ଅଳଙ୍କାର ସବୁ ବିକ୍ରି କରି ଦେଇଥିଲେ। ତାଙ୍କୁ ସ୍ୱାମୀ ଓ ଶାଶୁଘର ଲୋକେ ବାରମ୍ବାର ନିର୍ଯାତନା ଦେବାରୁ ସେ ଯାଇ ବାପ ଘରେ ରହୁଥିଲେ। ହେଲେ କୌଣସି ସମାଧାନ ନ ହେବାରୁ ଗତ ୧୮ ତାରିଖରେ ବାଲିଚନ୍ଦ୍ରପୁର ଥାନାରେ ଶର୍ମିଷ୍ଠା ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୩୧୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ଧ୍ରୁବଚରଣ ଘରେ ଥିବା ଖବର ପାଇ ପୋଲିସ ତାଙ୍କୁ ଉଠାଇ ଆଣିଥିଲା।

## ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ସଚେତନତା, ଋଣ ସହାୟତା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବାଲିଚନ୍ଦ୍ରପୁର,୨୪।୯(ସ୍ୱ.ପ୍ର.)**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବାଲିଚନ୍ଦ୍ରପୁର ଶାଖା ପକ୍ଷରୁ ଏକ ଗ୍ରାମାଞ୍ଚଳ ରାତ୍ରକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ କିପରି ଲୋକେ ବ୍ୟାଙ୍କ ସେବା ପାଇପାରିବେ ସେଥି ନିମନ୍ତେ ଶାଖା ପକ୍ଷରୁ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତର କୃଷ୍ଣପୁରଶାସନ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସି.ଏମ୍. ଉମାକାନ୍ତ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡି.ଜି.ଏମ୍. କୁଞ୍ଜନ ଜ୍ୟାକି ଯୋଗଦେଇ ଗ୍ରାମାଞ୍ଚଳର ଘରେଘରେ କିପରି ଲୋକଙ୍କୁ ବ୍ୟାଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ସେ ନେଇ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଆର.ଏମ୍. ପୂର୍ଣ୍ଣେନ୍ଦୁ ମହାପାତ୍ର ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା କିଭଳି ଭାବେ ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ବାଲିଚନ୍ଦ୍ରପୁର ଶାଖା ସମସ୍ତ ସହଯୋଗ କରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଚନ୍ଦ୍ରପୁର ଶାଖା ମୁଖ୍ୟ ପରିଚାଳକ ଚନ୍ଦନ କୁମାର ମହାଲା, ପ୍ରଦୀପ କୁମାର ତ୍ରିପାଠୀ, ଲୋକନାଥ ମିଶ୍ର, ଉଦୀପ ତ୍ରିପାଠୀ, ସମରେନ୍ଦ୍ର ମହାପାତ୍ର, ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ପାଲ, ଲଗ୍ନଜିତ୍ ମହାଲା ଓ ପ୍ରଭାତ କୁମାର ଦାସ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳର ସାଧାରଣ ଜନତାଙ୍କୁ ବ୍ୟାଙ୍କ ପକ୍ଷରୁ କିଭଳି ସହଯୋଗ ଯୋଗାଇ ଦିଆଯାଉଛି ତା' ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ଅଞ୍ଚଳର ୧୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ କୋଟି ୩୦ ଲକ୍ଷ ଟଙ୍କା ଋଣ ସହାୟତା ପ୍ରଦାନ କରାଯାଇଥିଲା। ଅଞ୍ଚଳର ସଫଳ ଚାଷୀଙ୍କୁ ବ୍ୟାଙ୍କ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପାଲା ମାଧ୍ୟମରେ ବ୍ୟାଙ୍କ ସେବା ଓ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଶିବିରକୁ ଗୋବିନ୍ଦ ଚନ୍ଦ୍ର ଶତପଥୀ, ପବିତ୍ର ନାୟକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ଗାଁ କଲ୍ୟାଣ ସମିତି ବୈଠକ

**ରସୁଲପୁର,୨୪।୯(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗାଁ କଲ୍ୟାଣ ସମିତି ବୈଠକ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁସ୍ଥ ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିବାକୁ କର୍ମିମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି ପଞ୍ଚାୟତର ବଡ଼ରମ୍ପେଇ ସବ୍‌ସେଣ୍ଟର ଅଧୀନରେ ୮ଟି ରାଜସ୍ୱ ଗ୍ରାମ ରହିଛି। ପ୍ରତ୍ୟେକ ଗାଁକୁ ନେଇ ଏକ ଗାଁ କଲ୍ୟାଣ ସମିତି କମିଟି ରହିଛି। ଉକ୍ତ କମିଟିର ବୈଠକରେ ଗାଁ ପରିମଳ ବ୍ୟବସ୍ଥାକୁ ସଜାଡ଼ିବା, ଅଳିଆ ଆବର୍ଜନାର ସୁପରିଚାଳନା କରିବା ଉପରେ ପ୍ରାଧାନ୍ୟ ଦିଆଯାଇଛି। ବୈଠକରେ ଏଏନ୍‌ଏମ୍ ସାବିତ୍ରୀ ସେଠୀ, ସିଏଚ୍‌ଓ(କମ୍ୟୁନିଟି ହେଲ୍‌ଥ ଅଫିସର) ରଞ୍ଜିତା ଦାଶ, ଗାଁ କଲ୍ୟାଣ ସମିତି ସଂଯୋଜକ(ଏମ୍‌ପିଏଚ୍‌ଡବ୍ଲ୍ୟୁ) ସୂର୍ଯ୍ୟକାନ୍ତ ମହାରଣା ପ୍ରମୁଖ ଯୋଗଦେଇ ସମିତିର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱଚ୍ଛତା ହିଁ ସେବା ପକ୍ଷ ଚାଲିଥିବାରୁ ଗାଁରେ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ସ୍ଥାନକୁ ସଫାସୁତୁରା ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଗାଁ ମୁଖ୍ୟ ପ୍ରବେଶ ଦ୍ୱାରରେ ନାମ ଫଳକ ଲଗାଇବା, ଗାଁରେ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ଶୋଭାଯାତ୍ରା ଆୟୋଜନ କରିବା ଆଦି ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ବୈଠକରେ ନାଏବ ସରପଞ୍ଚ କେଦାର ଦେଓ, ୱାର୍ଡସଭ୍ୟା ସୁମିତ୍ରା ଦାସ, ଶ୍ୟାମସୁନ୍ଦର ସାହୁ, ସଦାନନ୍ଦ ପଣ୍ଡା, ମିନତି ପରିଡ଼ା, ଅଙ୍ଗନୱାଡି କର୍ମୀ ସୁମିତ୍ରା ବିହାରୀ, ରଶ୍ମିତା ସାହୁ, ଦେବସ୍ମିତା ପରିଡ଼ା, ଆଶାକର୍ମୀ ବାସନ୍ତି ଦାସ, ଶ୍ରଦ୍ଧାଞ୍ଜଳି ପାଣି, ଶାନ୍ତିଲତା ଦାସ ଓ ସୁଲୋଚନା ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଯୁକ୍ତ ୨ ଛାତ୍ରୀଛାତ୍ରୀଙ୍କ ପ୍ରବେଶ ଉତ୍ସବ

**ସିଂହପୁର,୨୪।୯(ଡି.ଏନ.ଏ.)**



ଖରସ୍ରୋତା ମହାବିଦ୍ୟାଳୟରେ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ପାଢ଼ୀ ସଭାପତିତ୍ୱ କରିଥିଲେ। ପ୍ରଥମେ ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ଓ କଲେଜ ନୀତି ନିୟମ ସମ୍ପର୍କରେ ମୁଖ୍ୟଅତିଥି ଜିଲା ପରିଷଦ ସଦସ୍ୟ ନନ୍ଦକିଶୋର ସାମଲ, ମୁଖ୍ୟବକ୍ତା ସିଂହପୁର ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ପ୍ରଶନ୍ନ କୁମାର କର, ପ୍ରାଧ୍ୟାପକ ସୁବୋଧ କୁମାର ନାୟକ, ଅଧ୍ୟାପକ ମୀନକେତନ ତ୍ରିପାଠୀ, ମିହିର ରାଉତ, ସୁବାସ ଚନ୍ଦ୍ର ସାହୁ, ପାଣ୍ଡବ ଚରଣ ସେଠୀ, ପଦ୍ମନାଭ ବେହେରା, ଦୀପ୍ତି ରଞ୍ଜନ ସେନାପତି, ଜଳଧର ସାହୁ, ଚିତ୍ତରଞ୍ଜନ ସାହୁ, ସତ୍ୟ ନାରାୟଣ ଗୁପ୍ତା, ଅମ୍ବିକା ପ୍ରସାଦ ଜେନା, ଅଧ୍ୟାପିକା ପୁଷ୍ପଲତା ଜେନା, ଗାୟତ୍ରୀ ଧଳ, ଅର୍ପିତା ସ୍ୱାଇଁ, ସୁଚିସ୍ମିତା ସ୍ୱାଇଁ ପ୍ରମୁଖ ଉପାଦେୟ କଥା କହିଥିଲେ। ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କଲେଜର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## ସୁକିନ୍ଦା ଭାଜପା ପକ୍ଷରୁ ରକ୍ତଦାନ ଶିବିର

**ସୁକିନ୍ଦା,୨୪।୯(ଡି.ଏନ.ଏ.)**

ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ଜନ୍ମ ଦିବସ ଉପଲକ୍ଷେ ଶନିବାର ସୁକିନ୍ଦାଗଡ଼ସ୍ଥିତ ଷ୍ଟାଡିୟମ କକ୍ଷରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୨ ଜଣ ରକ୍ତଦାନ କରିଥିଲେ। ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ଭାଜପାର କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ବଳସାମନ୍ତ, ଜିଲା ଭାଜପା ଉପସଭାପତି ପୁଷ୍ପକ ମହାପାତ୍ର, ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ବିକ୍ରମ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର ପୁହାଣ, ଜିଲା ସଭାପତି ବିଶ୍ୱଜିତ ରାଜ, ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରାଜେଶ କୁମାର ନାୟକ ଏବଂ ସରୋଜ ବାରିକ, ଜିଲା ଯୁବମୋର୍ଚ୍ଚା ଉପସଭାପତି ପ୍ରକାଶ ବେହୁରା, ଜିଲା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ସନ୍ତୋଷ କୁମାର ମୁଦୁଲି, ମିଲେନିୟମ ଭୋଟର ସଂଯୋଜକ ସମ୍ବିତ ବେହୁରା, ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ଅମ୍ଳାନ ସାହୁ, ଭାଜପା ସୁକିନ୍ଦାଗଡ ପଞ୍ଚାୟତ ସଭାପତି ଯାତ୍ରାକର ଜେନା, ଯୁବମୋର୍ଚ୍ଚା ସଭାପତି ଶୁଭକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରକ୍ତ ଭଣ୍ଡାର ପକ୍ଷରୁ ମହେଶ୍ୱର ବେହେରା, ଶିବ ଚରଣ ସାହୁ, ଅଜୟ କୁମାର ଜେନା, ନବୀନ ଚାନ୍ଦ ସେଠୀଙ୍କ ସହିତ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସମିୟାଂଶୁ ସେଠୀ ରକ୍ତ ସଂଗ୍ରହ କରିଥିଲେ।

## ମାନପୁର ଓଭରବ୍ରିଜ୍‌ରେ ୪ ଘଣ୍ଟା ଭାରିଯାନ ମନା

**କଳିଙ୍ଗନଗର,୨୪।୯(ଡି.ଏନ.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯୋଗାଯୋଗର ମୁଖ୍ୟ ରାସ୍ତା ହେଉଛି ମାନପୁର ରେଳ ଓଭରବ୍ରିଜ୍। ମାତ୍ର ଏହା ଉପର ଦେଇ ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ସକାଳ ୭ଟାରୁ ୯ଟା ଓ ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ଏହି ଓଭରବ୍ରିଜ୍‌ରେ ଭାରିଯାନ ଚଳାଚଳକୁ ନିଷିଦ୍ଧ କରାଯାଇଛି। ଏନେଇ ଯାଜପୁର ରୋଡ୍ ପୋଲିସ ଓଭରବ୍ରିଜର ଉଭୟ ପାର୍ଶ୍ୱରେ ଫଳକ ଲଗାଇ ସୂଚିତ କରିଛି। ଦାନଗଦି ଫାଣ୍ଡି ପୋଲିସର ସୂଚନା ମୁତାବକ, କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାନବାହନ ଚଳାଚଳ ଯୋଗୁ ଉଭୟ ସମୟରେ ଉତ୍କଟ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ମାନପୁର ବ୍ରିଜ ସଂକୀର୍ଣ୍ଣ ହୋଇଥିବାରୁ ପୋଲ ଅତିକ୍ରମ କରିବା ବେଳେ ଅସମ୍ଭବ ଭିଡ଼ ଦେଖିବାକୁ ମିଳୁଛି। ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ତରଫରୁ ଦୈନିକ ୪ ଘଣ୍ଟା ଭାରିଯାନ ଚଳାଚଳ ଉପରେ ପ୍ରତିବନ୍ଧକ ଜାରି କରାଯାଇଛି। ଦ୍ୱିତୀୟ ପୋଲ ନିର୍ମାଣ ହେବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ଅନୁମାନ କରାଯାଉଛି।

## ଜିଲାସ୍ତରୀୟ ଶିକ୍ଷକ ଦକ୍ଷତା ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ।

**ଯାଜପୁର ଅଫିସ,୨୪।୯(ଡ଼ି.ଏନ୍.ଏ.)**

ସମଗ୍ର ଶିକ୍ଷା ଯାଜପୁର ଆନୁକୂଲ୍ୟରେ ତ୍ରୟୋଦଶ ପର୍ଯ୍ୟାୟ ୫-ଟିକୁ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ନବନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ପୌରାହିତ୍ୟରେ ଯାଜପୁର ଜିଲା ସ୍କୁଲ ପରିସରରେ ଆୟୋଜିତ ଉକ୍ତ ପଞ୍ଚ ଦିବସୀୟ କାର୍ଯ୍ୟକ୍ରମ ୧୯ରେ ଉଦ୍‌ଘାଟିତ ହୋଇ ୨୩ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଜିଲା ବିଜ୍ଞାନ ନିରୀକ୍ଷକ ବିଷ୍ଣୁଚରଣ ପଣ୍ଡାଙ୍କ ସମେତ କୋରେଇ ବ୍ଲକ୍ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଦଶରଥପୁର ବ୍ଲକ୍ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ମଲ୍ଲିକ, ଧର୍ମଶାଳା ବାଣୀ ପୀଠର ପ୍ରଧାନ ଶିକ୍ଷକ ବାସୁଦେବ ରାଉଳ ଏବଂ ଏନ୍.ସି. ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଦାସ ତାଲିମଦାତା ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୪୦ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାଶିକ୍ଷାଧିକାରୀ ରାକେଶ କୁମାର ସ୍ୱାଇଁ, ଶଶୀଧର ସିଂହ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କୃତ୍ତିବାସ ବାରିକ, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଜ୍ୟୋତ୍ସ୍ନାମୟୀ ଧଳ, ରାଜେଶ କୁମାର ମହାପାତ୍ର, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆର୍ଥିକ ପରାମର୍ଶଦାତା ସୁଧୀରଞ୍ଜନ ଦାସ, ସ୍ମୃତି ରଞ୍ଜନ, ଜିଲା ସ୍କୁଲର ସହକାରୀ ଶିକ୍ଷକ ବଇରୁଦ୍ଦିନ୍ ଖାନ୍ ପରିଚାଳନା କରିଥିଲେ। ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧ ଧନ୍ୟବାଦ ଅର୍ପଣ କରିଥିଲେ।

# ଜବରଦଖଲରେ ଗଳିପୋଲ

**ରସୁଲପୁର,୨୪।୯(ଡି.ଏନ.ଏ.)**



ଗଳିପୋଲ ତଳେ ଭାରିଯାନ ଛିଡ଼ା ହୋଇଛି।

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଗଣେଶ ବଜାର ନିକଟସ୍ଥ ୧୬ନମ୍ବର ଜାତୀୟ ରାଜପଥ ଗଳିପୋଲକୁ ଜବରଦଖଲ କରାଯାଉଛି। ବ୍ୟବସାୟୀମାନେ ପରିବା ପରିବହନ କରିବାରେ ବ୍ୟବହାର କରୁଥିବା ଟ୍ରକ୍ ଓ ଛୋଟବଡ଼ ଗାଡ଼ିଗୁଡ଼ିକୁ ପୋଲ ତଳେ ପାର୍କିଂ କରି ଜାଗା ମାଡ଼ି ବସୁଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳ ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଗାଡ଼ି ଚଳାଚଳ ମଧ୍ୟ ଠପ୍ ହୋଇଯାଉଛି। ତେଣୁ ପୋଲ ତଳକୁ ତୁରନ୍ତ ଜବରଦଖଲ ମୁକ୍ତ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ସୂଚନା ଅନୁସାରେ, ବାରବାଟୀ ଗଣେଶ ବଜାରଠାରେ ଦୈନିକ ପରିବାହାଟ ବସୁଛି। ତେବେ ଗଳିପୋଲ ନ ଥିବାରୁ ହାଟ ନିକଟରେ ଟ୍ରାଫିକ୍ ଜାମ ହୋଇ ରାଜପଥରେ ଗାଡ଼ି ଯାତାୟାତରେ ବାଧା ଉପୁଜୁଥିଲା। ଆମ୍ବୁଲାନ୍ସ, ଯାତ୍ରୀବାହୀ ବସ ଆଦି ଘଣ୍ଟାଘଣ୍ଟା ଧରି ହାଟ ସ୍ଥାନରେ ଫସି ରହୁଥିଲା। ତେଣୁ ଉକ୍ତ ସ୍ଥାନରେ ଗଳିପୋଲ ନିର୍ମାଣ ପାଇଁ ଅଞ୍ଚଳର ଲୋକେ ଦାବି କରିଥିଲେ। ଉକ୍ତ ଦାବି ମୁତାବକ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାଜପଥ ସମ୍ପ୍ରସାରଣ ଓ ମରାମତି ସମୟରେ ଗଣେଶ ବଜାର ନିକଟରେ ଗଳିପୋଲ ନିର୍ମାଣ କରାଯାଇଥିଲା। ପୋଲ ନିର୍ମାଣ ହେଲେ ରାଜପଥ ଉପରେ ଗାଡ଼ିମୋଟର ଯାତାୟାତରେ ବାଧା ଉପୁଜିବ ନାହିଁ। ପୋଲ ତଳଦେଇ ସ୍ଥାନୀୟ ଜନସାଧାରଣ, ଚାଷୀ, ବ୍ୟବସାୟୀ ସୁବିଧାରେ ଯାତାୟାତ କରିପାରିବେ। ହାଟ ସ୍ଥଳରେ ଆଉ ରାଜପଥ ଅବରୋଧ ହେବ ନାହିଁ ବୋଲି ଆଶା କରାଯାଇଥିଲା। ମାତ୍ର ସ୍ଥାନୀୟ ଅଞ୍ଚଳ ଲୋକଙ୍କ ସୁବିଧା ପାଇଁ କରାଯାଇଥିବା ଯୋଜନା ଏବେ ବିଫଳ ହୋଇଛି। ବ୍ୟବସାୟୀମାନେ ପରିବା ବୋଝେଇ ଟ୍ରକ ପୋଲ ତଳେ ପାର୍କିଂ କରିଦେଉଥିବାରୁ ପୋଲ ନିର୍ମାଣର ମୂଳ ଲକ୍ଷ୍ୟପୂରଣ ହୋଇପାରୁ ନାହିଁ ବୋଲି ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ପୋଖରୀରେ ବୁଡି ବୃଦ୍ଧ ମୃତ

ଆସିକା,୨୪ା୯(ଡି.ଏନ.ଏ.):ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରା ଗ୍ରାମରେ ଶନିବାର ପୋଖରୀରେ ବୁଡିଯାଇ ବାଂଛାନିଧି ଗୌଡ (୮୦)ଙ୍କ ମୃତ୍ୟୁ ଘଟିଛି। ବାଂଛାନିଧି ଗ୍ରାମର କୁମ୍ଭାର ସାହି ଉପକଣ୍ଠ ପୋଖରୀରେ ଗାଧଉଥିବା ବେଳେ ପାଣିରେ ବୁଡିଯାଇଥିଲେ। ପରିବାର ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ. ୨୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

### ଜୁଆଆଡ୍ଡା ଉପରେ ଚଢ଼ାଉ, ୭ ଗିରଫ

ଚିକିଟି,୨୪ା୯(ଡି.ଏନ.ଏ.):କେ. ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ଚାନ୍ଦପୁର ପଞ୍ଚାୟତର ରାଜୀବଗାନ୍ଧୀ ପଛପଟେ ଦୀର୍ଘ ଦିନ ଧରି ଚାଲିଥିବା ଜୁଆଆଡ୍ଡା ଉପରେ କେ.ନୂଆଗାଁ ପୋଲିସ ଶନିବାର ଚଢ଼ାଉ କରି ୧୨ ହଜାର ୫୦ ଟଙ୍କା ଜବତ କରିଛି। ଏଥିରେ ୭ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ଏଠାରେ ଦୀର୍ଘଦିନ ଧରି ଜୁଆ ଖେଳ ଚାଲିଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। କେ.ନୂଆଗାଁ ପୋଲିସ ଖବର ପାଇ ଚଢ଼ାଉ କରିଥିଲା।

**ଗଜପତିରେ ୫ କରୋନା ଆକ୍ରାନ୍ତ ଚିହ୍ନଟ**

ପାରଳାଖେମୁଣ୍ଡି, ୨୪ା୯(ଡି.ଏନ୍.ଏ.)- ଗଜପତି ଜିଲାରେ ୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୫ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମୋଟ କରୋନା ସଂକ୍ରମିତ ସଂଖ୍ୟା ଶନିବାର ୧୩,୪୬୬ ପହଞ୍ଚିଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ସୂଚନା ପ୍ରକାରେ, ଜିଲାରେ ବର୍ତ୍ତମାନ ୧୭ ଜଣ କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ସେହିପରି ୧୩,୩୬୫ ଆକ୍ରାନ୍ତ ଚିକିତ୍ସିତ ପରେ ସୁସ୍ଥ ହୋଇଥିବାର ମଧ୍ୟ ସୂଚନା ପ୍ରଦାନ କରାଯାଇଛି।

### ନାଳରୁ ମୃତ ଶିଶୁକନ୍ୟା ଜବତ

ଖଲ୍ଲିକୋଟ,୨୪ା୯(ଡି.ଏନ.ଏ.):ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ଗ୍ରାମ ନିକଟରେ ଥିବା ବାଟନଇରେ ଶନିବାର ଏକ ମୃତ ଶିଶୁ କନ୍ୟା ବୁଜୁଲାରେ ଭାସି ଆସି ଏକ ଗଛରେ ଲାଗିଥିବା ଦେଖି ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏବଂ ମେଡିକାଲ ଟିମ ପହଞ୍ଚି ମୃତ ଶିଶୁକନ୍ୟାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡିକାଲ ପଠାଯାଇଛି। ପୋଲିସ ୟୁ ଡ଼ି କେସ ନ. ୩୧/୨୦୨୨ରେ ମାମଲା ରୁଜୁ କରିଛି।

### ଚକ୍ଷୁ ଚିକିତ୍ସା ଶିବିର

ପୋଲସରା,୨୪ା୯(ଡି.ଏନ.ଏ.)- ପୋଲସରା ବ୍ଲକ ଅନ୍ତର୍ଗତ ହାତୀଓଟ ଗ୍ରାମ ପଞ୍ଚାୟତ ପରିସରରେ ଏଲ.ଭି ପ୍ରାସାଦ ଚକ୍ଷୁ ଚିକିତ୍ସାଳୟ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ହାତୀଓଟ ସରପଞ୍ଚ ପ୍ରତିନିଧି ତଥା ଆୟୋଜକ ସୁଶାନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ହାତୀଓଟ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରୁ ବହୁ ବୃଦ୍ଧବୃଦ୍ଧାଙ୍କ ସମାଗମ ହୋଇ ମାଗଣା ଚକ୍ଷୁ ଚିକିତ୍ସା କରାଇଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତର ବୁଦ୍ଧିଜୀବୀ କବିରାଜ ସାହୁ, ବାସୁଦେବ ସାହୁ, ନାଏବ ସରପଞ୍ଚ ସପନ ପାଣି, ପ୍ରଶ୍ନ ସାହୁ, ରଘୁ ସ୍ୱାଇଁ, ଧିରେଇ ପ୍ରଧାନ, ପ୍ରଫୁଲ୍ଲ ସାହୁ, ଅଭିମନ୍ୟୁ ପ୍ରଧାନ, କ୍ରିଷ୍ଣା ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# କାର୍ଯ୍ୟକ୍ଷମ ହେଉନି ହଳଦିଆପଦର ନୂତନ ବସ୍‌ଷ୍ଟାଣ୍ଡ

ଛତ୍ରପୁର,୨୪ା୯(ଡି.ଏନ.ଏ.)


ହଳଦିଆପଦର ବସ୍‌ଷ୍ଟାଣ୍ଡ।

- ଦୂରଗାମୀ ବସ୍‌କୁ ନେବା ଯୋଜନା
- ଏସ୍‌ପି, ବିଏମ୍‌ସି କମିଶନରଙ୍କୁ ଦାୟିତ୍ୱ

ଗଞ୍ଜାମ ଜିଲାର ପ୍ରମୁଖ ବ୍ରହ୍ମପୁର ସହର ପାଇଁ ନିର୍ମିତ ହଳଦିଆପଦର ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ପରଠାରୁ ହିଁ କାର୍ଯ୍ୟକ୍ଷମ ହୋଇନି । ଫଳରେ ବର୍ଷବର୍ଷ ଧରି ଉକ୍ତ ନୂତନ ବସ୍‌ଷ୍ଟାଣ୍ଡକୁ ବସ୍ ଯାଉ ନ ଥିବାବେଳେ ସେଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ହୋଇଛି। ଅପରପକ୍ଷରେ ଜିଲାର ସଦରମହକୁମା ଛତ୍ରପୁର ସହରରେ ନିର୍ମିତ ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହେବାର ୬ ବର୍ଷ ପରେ ଗତ କିଛି ଦିନ ପୂର୍ବେ ଏହା ସାମାନ୍ୟ କାର୍ଯ୍ୟକ୍ଷମ ହୋଇଛି । ଏହାପରେ ବ୍ରହ୍ମପୁର ସହର ପାଇଁ ଉଦ୍ଦିଷ୍ଟ ହଳଦିଆପଦର ନୂତନ ବସ୍‌ଷ୍ଟାଣ୍ଡ କିଭଳି କାର୍ଯ୍ୟକ୍ଷମ ହେବ ସେ ଉପରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ତତ୍ପରତା ଦେଖାଇ ଗୁରୁତ୍ୱ ଦେଉଥିବା ଜଣାପଡିଛି । ଉଭୟ ଛତ୍ରପୁର ଓ ହଳଦିଆପଦର ନୂତନ ବସ୍‌ଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ସହରକୁ ଦୈନିକ ୪୫୦ରୁ ଊର୍ଦ୍ଧ୍ୱ ବସ୍ ଯାତାୟାତ କରିଥାଏ । ହଳଦିଆପଦର ବସ୍‌ଷ୍ଟାଣ୍ଡକୁ ଯିବା ପାଇଁ ରାସ୍ତାର ଡିଜାଇନ୍‌ରେ ତ୍ରୁଟି ଯୋଗୁ ଉକ୍ତ ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟିଥିବା ନଜିର ରହିଛି । ଯାହାକି ପ୍ରଶାସନ ମଧ୍ୟ ହଳଦିଆପଦର ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ପରଠାରୁ ହିଁ ସ୍ୱୀକାର କରିଥିଲା। ରାସ୍ତା ଡିଜାଇନ୍ ଦର୍ଶାଇ ବସ ମାଲିକ ସଂଘ ଉକ୍ତ ଷ୍ଟାଣ୍ଡକୁ ବସ୍ ନେବା ଉଚିତ ମଣୁନାହିଁ । ଅପରପକ୍ଷରେ ଛତ୍ରପୁର ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇଛି। ଏବେ ହଳଦିଆପଦର ନୂତନ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ଜରୁରୀ ରହିଥିବା ବ୍ରହ୍ମପୁର ଏମ୍‌ପି ତଥା ପାର୍ଲାମେଣ୍ଟ ସଦସ୍ୟସ୍ତରୀୟ ସଡକ ସୁରକ୍ଷା କମିଟି ଅଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ କହିଛନ୍ତି । କିଭଳି ଏହା କାର୍ଯ୍ୟକ୍ଷମ ହେବ ସେ ନେଇ ଜନପ୍ରତିନିଧି ଓ ପ୍ରଶାସନିକ ଏବଂ ପୋଲିସ ଅଧିକାରୀ ତାହା ଉପରେ ଗୁରୁତ୍ୱ ଦେଉଥିବା କୁହାଯାଇଛି। ହଳଦିଆପଦର ଫ୍ଲାଏ ଓଭର ନିର୍ମାଣ ହେଲେ ଏସବୁ ସମସ୍ୟା ସମାଧାନ ହେବା ସହ ସମସ୍ତ ବସ ଉକ୍ତ ଷ୍ଟାଣ୍ଡକୁ ଯାଇପାରିବ ।

ବସ୍‌ଗୁଡିକ ଆଉ ବ୍ରହ୍ମପୁର ସହରକୁ ଯିବନି ବୋଲି ଜଣାପଡିଛି । ଟାଉନ ବସ୍‌ଗୁଡିକ ବ୍ରହ୍ମପୁର ସହର ଭିତରେ ଯାତାୟାତ କରିବ । ଅନ୍ୟ ବସ୍‌ଗୁଡିକର ବିକଳ୍ପ ବ୍ୟବସ୍ଥା କରାଯିବ । ବ୍ରହ୍ମପୁର ଏସ୍‌ପି ଓ ମହାନଗର ନିଗମ କମିଶନରଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି । ସବୁ ଷ୍ଟେକ୍‌ହୋଲଡରମାନଙ୍କ ସହ ଆଲୋଚନା କରି ଚୂଡାନ୍ତ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି ।

### ପୋଷାକ ବିତରଣ ମେଳା

ବୁଗୁଡା,୨୪ା୯(ଡି.ଏନ.ଏ.)

ବୁଗୁଡା ପିପୁଲ୍ସ ହାଇସ୍କୁଲ ଏବଂ ଗୋଲାସାହି ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ମେଳା ଅନୁଷ୍ଠିତ ହୋଇଯାଇଛି। ପିପୁଲ୍ସ ହାଇସ୍କୁଲରେ କାଳୀ ଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି କିରଣ ବାଳା ତ୍ରିପାଠୀ ଓ ଏସ୍‌ଏମସି ସଭାନେତ୍ରୀ ସୁଜାତା ପାଢୀ ପ୍ରମୁଖ ଯୋଗ ଦେଇ ଛାତ୍ରଙ୍କୁ ମାର୍ଗ ଦର୍ଶନ କରିବା ସହ ପୋଷାକ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ପରିଚାଳନା କରିଥିଲେ। ସେହିପରି ସ୍ଥାନୀୟ ଯାଦବ ସାହି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୋଷାକ ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସିଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାସ, କେ.ତ୍ରିଲୋଚନ ଦୋରା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଯାଦବ ସାହିରେ ଅଙ୍ଗନୱାଡି କେନ୍ଦ୍ର ନୂତନ କୋଠା ନିର୍ମାଣ ପାଇଁ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ଶ୍ରୀଅରବିନ୍ଦ ଧ୍ୟାନ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର,୨୪ା୯(ଡି.ଏନ୍.ଏ)

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରେ ଚାଲିଥିବା ଶ୍ରୀଅରବିନ୍ଦ ଧ୍ୟାନ ମନ୍ଦିର କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଆସନ୍ତା ନଭେମ୍ବର ୧୧ ତାରିଖରେ ଧ୍ୟାନ ମନ୍ଦିର ପ୍ରତିଷ୍ଠା କରିବା ଯୋଜନା ଅଛି। ତେଣୁ ଏ ନେଇ ଶନିବାର ଶକ୍ତିପୀଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମ୍ୟାନେଜିଂ ଟ୍ରଷ୍ଟି ଲଲାଟେନ୍ଦୁ ସାମନ୍ତ ଅଧ୍ୟକ୍ଷତା କରିଥିଲେ। ଟ୍ରଷ୍ଟି ତଥା ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା, ଟ୍ରଷ୍ଟି ରମେଶ ବେହେରା, ବ୍ଲକ ସଙ୍ଗଠିକା ରତ୍ନମଞ୍ଜରୀ ପଣ୍ଡା, ବ୍ରହ୍ମପୁରରୁ ଆସିଥିବା ଜଗନ୍ନାଥ ଦାସ, ସତ୍ୟ ସୁନ୍ଦର ମହାନ୍ତି, ଦିନେଶ ବିଶାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଜିଲା ପ୍ରଶାସନର 'ପରିବର୍ତ୍ତନ' କାର୍ଯ୍ୟକ୍ରମ

ଦାରିଙ୍ଗବାଡି,୨୪ା୯(ଡି.ଏନ.ଏ)

ଦାରିଙ୍ଗବାଡି ବ୍ଲକ ତିଲୋରୀ ପଞ୍ଚାୟତରେ ଗୁରୁବାର କ୍ଲଷ୍ଟର ସ୍ତରୀୟ ପରିବର୍ତ୍ତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଡିଓ ଗଦାଧର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଓଡ଼ିଶା ଜୀବିକା ମିଶନର ବିପିଏମ ପିଣ୍ଟୁ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦାରିଙ୍ଗବାଡ଼ି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଦାରିଙ୍ଗବାଡି ତହସିଲଦାର ଡ.ଅଶୋକ କୁମାର ଦାଶ,୧୦ନଂ ଜୋନର ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ତିଲୋରୀ ସରପଞ୍ଚ ଶ୍ରଦ୍ଧାଞ୍ଜଳି ପ୍ରଧାନ, ସମିତିସଭ୍ୟ ଦିଲୀପ ପ୍ରଧାନ, ତାତୁରା ପ୍ରଧାନ, ସମିତି ସଭ୍ୟ ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୃତ୍ତିକା ସଂରକ୍ଷଣ ବିଭାଗ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ବିକାଶ ଯୋଜନା, କୃଷି, ପ୍ରାଣୀ ଚିକିତ୍ସା ସମ୍ବନ୍ଧୀୟ ସଚେତନ ସହ ବିଭିନ୍ନ ବିଭାଗର ଯୋଜନା ଓ ତାର ଫାଇଦା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏଥିପାଇଁ ବିଭିନ୍ନ ବିଭାଗ ନିଜର ଷ୍ଟଲ ଖୋଲି ଥିଲେ। କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଯୋଗଦେଇ ଟିକାକରଣ କେନ୍ଦ୍ର ଖୋଲି କୋଭିଡ ଟିକା ବୁଷ୍ଟର ଡୋଜ ଟିକା ପ୍ରଦାନ କରିଥିଲେ। ଅଙ୍ଗନୱାଡି କର୍ମୀ, ଆଶା କର୍ମୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଭାରତୀୟ ଇତିହାସ ଗବେଷଣା ପରିଷଦ କରିବ ତଦନ୍ତ

ପାରଳାଖେମୁଣ୍ଡି,୨୪ା୯(ଡି.ଏନ୍.ଏ.)

**କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ଚିଠି**
- ପାରଳାରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପ୍ରସଙ୍ଗ

ଭାରତର ଉପରାଷ୍ଟ୍ରପତିଙ୍କ ଏକ ଚିଠି ଆଧାରରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଚିଠି ନଂ. ୧୩-୨୨୦୧୪/୬/୨୨ ସିଆଣ୍ଡଏମ୍ (ପାର୍ଟ-୧) ତାରିଖ ୧୪ା୯ା୨୦୨୨ ଦ୍ୱାରା ଭାରତୀୟ ଇତିହାସ ଗବେଷଣା ପରିଷଦକୁ ପାରଳାଖେମୁଣ୍ଡିରେ ହୋଇଥିବା ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମ ଉପରେ ଅନୁଧ୍ୟାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଏଥିପୂର୍ବରୁ ଏହି ପ୍ରସଙ୍ଗରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଓଡ଼ିଶା ସରକାରଙ୍କ ନିକଟକୁ ଚିଠି ଆସିଥିଲା, ଯାହା ଉପରେ ରାଜ୍ୟ ସଂସ୍କୃତି ବିଭାଗରେ ବିଚାର ଏବଂ ଆଲୋଚନା ଚାଲିଥିବା ଜଣାପଡ଼ିଛି। ବିଶିଷ୍ଟ ଐତିହାସିକ ତଥା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଲିଖିତ 'ପାରଳାର ଲଲାମ- ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ' ପୁସ୍ତକରେ ଦର୍ଶାଯାଇଛି ଯେ, ପାରଳାଖେମୁଣ୍ଡିର ରାଜା ଜଗନ୍ନାଥ ନାରାୟଣ ଦେବ (୧୭୩୬-୧୭୭୦) ଇଂରେଜମାନଙ୍କୁ ପ୍ରଥମେ ଗଞ୍ଜାମ ସୀମାରେ ପ୍ରତିରୋଧ କରିଥିଲେ। ଏହି ପ୍ରତିରୋଧକୁ ତାଙ୍କ ଦାୟାଦ, ସାମନ୍ତ (ବିଷୋୟୀ), ଦୋରା ଶବର ତଥା ପ୍ରଜାମାନେ ୧୮୩୪ ପର୍ଯ୍ୟନ୍ତ ଅର୍ଥାତ୍ ଦୀର୍ଘ ୬୭ ବର୍ଷ ଯାଏ ଚଳାଇ ରଖିଥିଲେ। ଏହି ସମୟ ମଧ୍ୟରେ ପାରଳା ରାଜ୍ୟର ଦକ୍ଷିଣ-ପଶ୍ଚିମାଞ୍ଚଳକୁ ସ୍ୱାଧୀନ କରାଯିବା ସହ ବିଶାଖାପାଟଣାରେ ଏକ ସିପାହୀ ବିଦ୍ରୋହର ସୂତ୍ରପାତ କରାଯାଇ ପାରିଥିଲା। ଦେଶୀୟ ସିପାହୀମାନଙ୍କ ଗୁଳିରେ ୬ଜଣ ଉଚ୍ଚ ସେନାଧିକାରୀଙ୍କ ମୃତ୍ୟୁହେବା ସହ ସେଠିକାର ଗଭର୍ନର କାସ୍ମାଜରଙ୍କୁ ବନ୍ଦୀ କରାଯାଇ ଟ୍ରେଜେରି ଲୁଟ୍ କରାଯାଇଥିଲା। ଏତେସବୁ କାଣ୍ଡ କରି ବିଦ୍ରୋହୀମାନେ ପାରଳାକୁ ଫେରି ଆସିଥିଲେ । ସଂଗ୍ରାମର ପରବର୍ତ୍ତୀ ଅବସ୍ଥାରେ ୟୁରୋପୀୟ ଲ୍ୟୁଟ୍‌ନାଣ୍ଟ ୟଙ୍ଗନ୍‌ଙ୍କୁ ବନ୍ଦୀ, ଅନ୍ୟଜଣେ ଲ୍ୟୁଟ୍‌ନାଣ୍ଟ ସିରାଜ ଏବଂ ୟୁରୋପୀୟ ସେନାର ନେତୃତ୍ୱ ନେଉଥିବା ମେଜର ବକ୍ସରଙ୍କୁ ପାରଳାର ବିଦ୍ରୋହୀମାନେ ହତ୍ୟା କରିଥିଲେ। ଏଥିପାଇଁ ବିଦ୍ରୋହୀମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ ଫାଶିଦଣ୍ଡ, ୧୦୩ଙ୍କୁ ରାଜବନ୍ଦୀ ଓ ୨୫ଙ୍କୁ କଳାପାଣି ଦଣ୍ଡ ହୋଇଥିବା ବିଷୟ ମହାପାତ୍ର ଉକ୍ତ ପୁସ୍ତକରେ ଦର୍ଶାଇଛନ୍ତି। ପାରଳାର ଏହି ଦୀର୍ଘକାଳୀନ ସଂଗ୍ରାମକୁ ଭାରତ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ସହ ଶହୀଦମାନଙ୍କ ସ୍ମୃତି ରକ୍ଷା କରିବାକୁ ପାରଳାର ବୁଦ୍ଧିଜୀବୀ ଦାବି କରିଆସୁଛନ୍ତି। କେନ୍ଦ୍ର ଓ ଆମ ରାଜ୍ୟରେ ବର୍ତ୍ତମାନ ଏଥିର ବିଚାର ହେଉଥିବା ଜାଣି ଏଠାରେ ଆନନ୍ଦ ପ୍ରକାଶ ପାଇଛି।

### ନୂତନ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧନା

ପାତ୍ରପୁର,୨୪ା୯(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଜରଡ଼ା କନ୍ଥେଶ୍ୱରଆଞ୍ଚଳିକ ଯୁବକ ସଂଘ ତରଫରୁ ଶନିବାର ଜରଡା ଥାନାରେ ନୂତନ ଭାବେ ଯୋଗଦେଇଥିବା ଅଧିକାରୀ ସୁନୀଲ ବେହେରାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ଥାନାରୁ ବଦଳି ହୋଇଥିବା ପୂର୍ବତନ ଅଧିକାରୀ ଭବାନନ୍ଦ ପ୍ରଧାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ସଂଗ୍ରାମ କେଶରୀ ନାୟକଙ୍କ ସହ ଉପଦେଷ୍ଟା ରାଜଗୋପାଳ ପାଢ଼ୀ, ନିଶାମଣି ପ୍ରଧାନ, ସଚିନ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ସୁମିତ ପ୍ରଧାନ, ସନ୍ତୋଷମୋହନ ପଣ୍ଡା, ଗଙ୍ଗା ଚୌଧୁରୀ, ହେମନ୍ତ ମହାରଣା, ରାଜା ସାହୁ ପ୍ରମୁଖଙ୍କ ସହ ସଙ୍ଘର ବହୁ ସଦସ୍ୟ ଏହି ଅବସରରେ ଉପସ୍ଥିତ ରହି ଉଭୟ ଅଧିକାରୀଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରତ୍ୟେକ ସଚେତନତା କାର୍ଯ୍ୟରେ ଯୁବକ ସଂଘ ତରଫରୁ ନୂତନ ଥାନାଧିକାରୀଙ୍କୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।

# ଅହିଂସା ରଥକୁ ସ୍ୱାଗତ, ସମ୍ବର୍ଦ୍ଧନା

ଦିଗପହଣ୍ଡି/ଆସିକା/ହିଞ୍ଜିଳିକାଟ,୨୪ା୯ (ଡି.ଏନ.ଏ.)


ଆସିକାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି ଓ ଅନ୍ୟମାନେ ।

ଆଜାଦିକା ଅମୃତ ମହୋତ୍ସବ ଅବସରରେ ଦିଗପହଣ୍ଡି ପୁଞ୍ଜିକାୟା ଛକଠାରେ ପହଞ୍ଚିଥିବା ଅହିଂସା ରଥକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅହିଂସା ରଥର ମୁଖ୍ୟ ତତ୍ତ୍ୱାବଧାରକ ତଥା ସ୍ୱଳ୍ପ ସଞ୍ଚୟ ଯୋଜନା ଅଧିକାରୀ ହରିଚରଣ ମିଶ୍ର, ରାଜ୍ୟ ସଂଯୋଜକ ତପେଶ୍ୱର ଜଗତ, ଜିଲା ସଂସ୍କୃତି ଅଧିକାରୀ ଜିତେନ ପରିଡା, ଜିଲା ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଦିଗପହଣ୍ଡି ତହସିଲଦାର ସିପକ କୁମାର ପାତ୍ର, ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ନିରୁପମା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆସିକାଠାରେ ଅହିଂସା ରଥକୁ ଶନିବାର ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଥାନା ସମ୍ମୁଖରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଆସିକା ଏମପି. ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଯୁବନେତା ନଚିକେତା ସ୍ୱାଇଁ, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ବିଡିଓ ଫକୀର ଚରଣ ପରିଡା, ଏନ୍‌ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଜିଲା ସଂସ୍କୃତି ଅଧିକାରୀ ଜିତେନ କୁମାର ପରିଡ଼ା, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଶ୍ରୀହରି ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏତଦ ଅବସରରେ ଆସିକା ବ୍ଲକ ଓ ଏନ୍‌ଏସିର ୧୨ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବନେତା ଭଗବାନ ସାହୁ, ଶିବ ନାହାକ, ସତ୍ୟନାରାୟଣ ସ୍ୱାଇଁ, ମନୋଜ କୁମାର ଦୋରା, ଅନିମା ପରିଡାଙ୍କ ସମେତ ଛାତ୍ରୀଛାତ୍ର ଓ ଶତାଧିକ ମହିଳା ସାମିଲ ଥିଲେ। ସେହିପରି ଅହଂସା ରଥ ହିଂଜିଳିକାଟୁ ସହରର ଜାତୀୟ ରାଜପଥ ନଂ-୫୯ର ଗୋଟିଏ ପଟ ପୂର୍ତ୍ତ ଡାକ ବଙ୍ଗଳାଠାରୁ ବାହାରି ବୃନ୍ଦାବନ ବିଦ୍ୟାପୀଠ ଷ୍ଟାଡ଼ିୟମରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ, ପୌରାଞ୍ଚଳ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ବିଡିଓ ସୁବ୍ରତ କୁମାର ଜେନା, ତହସିଲଦାର ପ୍ରଭାତ କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ।

# ପରିସ୍ରାଗାରରେ ପରିଣତ ହେଲା ଗାନ୍ଧୀ ପାର୍କ

ଆର.ଉଦୟଗିରି,୨୪ା୯(ଡି.ଏନ୍.ଏ.)

**ରକ୍ଷଣାବେକ୍ଷଣ ଅଭାବ**


ଗାନ୍ଧୀ ପାର୍କ ।

ଆର.ଉଦୟଗିରି ବ୍ଲକର ଆର.ଉଦୟଗିରି ଗ୍ରାମରେ ବହୁ ବର୍ଷରୁ ନିର୍ମାଣ ହୋଇଥିବା ଗାନ୍ଧୀ ପାର୍କ ଏବେ ପରିସ୍ରାଗାର ଓ ମଦୁଆଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଗ୍ରାମର ଏହି ପୁରାତନ ଗାନ୍ଧୀ ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ବ୍ଲକ ଓ ପଞ୍ଚାୟତ ତରଫରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ତଥାପି ପାର୍କର ସୌନ୍ଦର୍ଯ୍ୟ ସେପରି ଦେଖିବାକୁ ମିଳୁନି। ଗ୍ରାମର କିଛି ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ପ୍ରତିବର୍ଷ ପାର୍କ ପାଇଁ ପାଣି ଭଳି ଟଙ୍କା ଖର୍ଚ୍ଚ କରାଯାଉଥିବା ଅଭିଯୋଗ ହେଉଛି। ୨୦୧୯-୨୦ରେ ପାର୍କରେ ଗ୍ରାମ ଲୋକଙ୍କ ବ୍ୟାୟାମ ପାଇଁ କିଛି ସାମଗ୍ରୀ ନିର୍ମାଣ କରାଯାଇଥିଲା। ଏହି ସାମଗ୍ରୀଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଏବେ ନଷ୍ଟହେବାକୁ ବସିଲାଣି। ଲୋକଙ୍କ ନିମନ୍ତେ ଶୌଚାଳୟ, ପରିସ୍ରାଗାର ଓ ପାଣି ସୁବିଧା କରାଯାଇଛି। ଗ୍ରାମ ବସ୍‌ଷ୍ଟାଣ୍ଡ ପୁନରୁଦ୍ଧାର କରାଯିବା ଦ୍ୱାରା ଯାତ୍ରୀବାହୀ ଗାଡ଼ିରେ ଆସୁଥିବା ଯାତ୍ରୀ ଓ ଅଞ୍ଚଳବାସୀ ସେହି ପାର୍କ ଭିତରେ ପରିସ୍ରା କରୁଥିବା ଦେଖିବାକୁ ମିଳୁଛି। ଗ୍ରାମର କିଛି ଲୋକ କୁକୁରଙ୍କୁ ପାର୍କ ଭିତରକୁ ଆଣି ଶୌଚ କରାଇବା ଓ ରାତ୍ର ହେଲେ ମଦ୍ୟପଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେଉଛି। ପାର୍କରେ ଥିବା ଗାନ୍ଧୀ ମୂର୍ତ୍ତି ଭିତରେ କୁକୁର ଛଡ଼ାଯାଉଛି। ଫଳରେ ଗ୍ରାମର ଲୋକେ ପାର୍କକୁ ବ୍ୟାୟାମ କରିବାକୁ ଯିବା ବେଳେ ପରିସ୍ରା ଦୁର୍ଗନ୍ଧରେ ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ପୁଣି ଚଳିତ ବର୍ଷ ପଞ୍ଚାୟତ ପ୍ରଶାସନ ତରଫରୁ ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ୫ରୁ ୧୦ ଲକ୍ଷ ଟଙ୍କା ଦିଆଯାଇଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଜେମ୍ସ ରାଇକାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଗାନ୍ଧୀ ପାର୍କ ଗେଟ୍‌ରେ ୩ଟି ତାଲା ପକାଯାଇଥିଲା। କିଛି ଖଳ ପ୍ରକୃତିର ଲୋକ ତାଲା ଭାଙ୍ଗିଦେବାରୁ ଏହାର ସୁଯୋଗ ନେଇ ପାର୍କରେ ପରିସ୍ରା କରୁଛନ୍ତି।

# ବର୍ଷାରେ ଭୁଶୁଡ଼ିଛି ବାଳିକା ଉଚ୍ଚ ବିଦ୍ୟାଳୟ ପାଚେରି

ବୁଗୁଡ଼ା,୨୪ା୯(ଡି.ଏନ.ଏ.)


ଭଙ୍ଗା ପାଚେରୀ।

ଗତ ଲଗାଣ ବର୍ଷାରେ ଭୁଶୁଡ଼ି ପଡିଛି ବୁଗୁଡ଼ା ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପାଚେରି। ଏ ମଧ୍ୟରେ ଏକ ମାସ ବିତି ଗଲାଣି। ଅଭିଯୋଗ ସତ୍ତ୍ୱେ ବି ନିର୍ମାଣର ନାଁ ଧରୁନି ପ୍ରଶାସନ। ଭଙ୍ଗା ପାଚେରି ପଟ ଦେଇ ବୁଲା ଗୋରୁ ଓ ଘୁଷୁରିଙ୍କ ଅବାଧ ପ୍ରବେଶ ସାଙ୍ଗକୁ ଚୋର ଓ ଅସାଧୁଙ୍କ ପାଇଁ ବାଟ ଖୋଲାଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଇଁ ତାହା ଚିନ୍ତାର କାରଣ ପାଲଟିଛି। ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଯାଇ ଖୋଲା ବାଟରେ ଚାରି ଖଣ୍ଡ ବାଉଁଶ ପୋତି ଦେଇ କାନମୁଣ୍ଡା ଆଉଁସି ବସି ରହିଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ଅନ୍ୟପକ୍ଷରେ ଏ କ୍ଷେତ୍ରରେ ପ୍ରଶାସନିକ ଉଦାସୀନତାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ, ଗତ ଅଗଷ୍ଟ ୨୦ରେ ଲଗାଣ ବର୍ଷାରେ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ପାଚେରି ଭୁଶୁଡ଼ି ପଡିଲା। ଫଳରେ ଭଙ୍ଗା ପାଚେରି ପଟ ଦେଇ ଗୋରୁ ଓ ଘୁଷୁରିଙ୍କ ଅବାଧ ପ୍ରବେଶ ଘଟିଲା। ଏନେଇ ଅଗଷ୍ଟ ୨୩ରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗକୁ ଦରଖାସ୍ତ କରାଯିବା ପରେ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ମାପଚୁପ କରି ଚାଲି ଯାଇଥିଲେ ହେଁ ଅଦ୍ୟାବଧି ଏଥିରେ କୌଣସି ପରିବର୍ତ୍ତନ ଆସିନାହିଁ। ଏହି ବିଦ୍ୟାଳୟଟି କେବଳ ବାଳିକାମାନଙ୍କ ପାଇଁ ଉଦ୍ଦିଷ୍ଟ ହେତୁ ସେମାନଙ୍କ ନିରାପତ୍ତା ଦୃଷ୍ଟିରୁ ଆଉ କାଳବିଳମ୍ବ ନ କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ତେବେ ଏ ନେଇ ସ୍ଥାନୀୟ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରମେଶ କୁମାର ଚୌଧୁରୀଙ୍କୁ ପଚାରିବାରେ ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଆବାସିକ ବାଳିକା ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଫୁଲବାଣୀ ଅଫିସ/ତୁମୁଡିବନ୍ଧ, ୨୪।୯: କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ପଞ୍ଚାୟତରେ ଥିବା ଏକ ସରକାରୀ ଆବାସିକ ଉଚ୍ଚ ବାଳିକା ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ୪ ମାସର ଗର୍ଭବତୀ ହେଇଥିବା ଅଭିଯୋଗ ହେଇଛି। ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀ ଜଣକ ଗର୍ଭବତୀ ହେଇଥିବା ପ୍ରଧାନ ଶିକ୍ଷକ ବେଲଘର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୩/୨୨ରେ ମାମଲା ରୁଜୁ କରି ଏହି ଘଟଣାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ଅଟକ ରଖି ପଚରାଉଚର କରୁଛି। ଛାତ୍ରୀ ଏବଂ ସମ୍ପୃକ୍ତ ଛାତ୍ରଙ୍କୁ ଡାକ୍ତରୀ ମାଇନା ନିମନ୍ତେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ଥାନାଧିକାରୀ ଦୀପକ ରାଉତ କହିଛନ୍ତି। ତେବେ ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରାଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଥିବାରୁ ଅଧିକ କିଛି କହି ହେବନାହିଁ ବୋଲି କହିଛନ୍ତି।

### ଚୋରା ଅଳଙ୍କାର ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଛି ଟିକିଟି

ଟିକିଟି,୨୪।୯(ଡି.ଏନ.ଏ.)- ଟିକିଟି ବଜାରରେ କୋଟି କୋଟି ଟଙ୍କାର ବେଆଇନ ଭାବେ ସୁନା, ରୁପା ଚୋରା କାରବାର ଦ୍ରୁତ ଗତିରେ ବଢ଼ି ଚାଲିଛି। ଉକ୍ତ ବଜାରକୁ ମୁମ୍ବାଇରୁ ପ୍ରସ୍ତୁତ ସୁନା ଅଳଙ୍କାର ଚୋରାରେ ଆସୁଛି। ଅଳଙ୍କାର ଦୋକାନରେ ଅବାଧରେ ସୁନା ରୁପା କାରବାର ଚାଲୁ ରହିଛି। ଦୋକାନୀ ଟିକସ ଫାଙ୍କି ବାହାର ରାଜ୍ୟରୁ ସୁନା ରୁପା ଆଣି ବିକ୍ରି କରି ବ୍ୟବସାୟୀମାନେ ମାଲାମାଲ ହେଉଛନ୍ତି। ଅନ୍ୟପକ୍ଷରେ ଅଞ୍ଚଳରୁ ଚୋରି ସୁନା କିଣାଯାଇ ଏହାକୁ ତରଳାଇ ବାହାରେ ବିକ୍ରି କରାଯାଉଛି। ବାଣିଜ୍ୟ କର ବିଭାଗ ପକ୍ଷରୁ ଚଢ଼ାଉ ହେଉନଥିବାରୁ ବ୍ୟବସାୟୀମାନେ ଜିଏସ୍‌ଟି ଫାଙ୍କିବାରେ ଲାଗିଛନ୍ତି। ପୂର୍ବରୁ ବେଆଇନ କାରବାରରେ ସମ୍ପୃକ୍ତି ଥିବା ଅଭିଯୋଗରେ ଟିକିଟି ବଜାରର କିଛି ସୁନା ରୁପା ବ୍ୟବସାୟୀ ପୋଲିସ ନଜରକୁ ଆସିଛନ୍ତି। କିଛି ଦିନ ତଳେ ଜଣେ ସୁନା ବ୍ୟବସାୟୀ ଚୋରା ସୁନା ରଖିଥିବା ନେଇ ସିସିଟିଭି ଫୁଟେଜ ଦେଖି କେ. ନୂଆଗାଁ ଥାନାରେ ଜଣେ ମହିଳା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୩୪/୨୨ରେ ମାମଲା ରୁଜୁ କରିଛି। ବାଣିଜ୍ୟ କର ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ନିୟମିତ ବ୍ୟବଧାନରେ ଚଢ଼ାଉ କଲେ ଚୋରା କାରବାର ବନ୍ଦ ହେବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

### ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଦାବି

ବ୍ରହ୍ମପୁର ଅଫିସ, ୨୪।୯-ଦଶହରା ଛୁଟି ପରେ ସମସ୍ତ ସରକାରୀ ଅନୁଷ୍ଠାନରେ ପ୍ରତ୍ୟକ୍ଷ ଭାବରେ ଛାତ୍ର ସଂସଦ ନିର୍ବାଚନ ପରିଚାଳନା କରିବା ପାଇଁ ଅଲ୍ ଇଣ୍ଡିଆ ଡିଏସ୍‌ଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଦାବି କରିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି, ଗତ ୪ ବର୍ଷ ଧରି ରାଜ୍ୟ ସରକାର ବିଭିନ୍ନ ଆଳରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଛନ୍ତି। ତେବେ ଚଳିତ ବର୍ଷ ଶାସକ ଦଳ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ସରକାରୀ ନିୟନ୍ତ୍ରଣରେ ରଖିବା ଉଦ୍ଦେଶ୍ୟରେ ଛାତ୍ର ସଂଗଠନ କ୍ୟାମ୍ପସ କମିଟି ଗଠନ କରିବା ଆରମ୍ଭ କରିଛି। ଅନ୍ୟପଟେ ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନ କରାଯାଇ ବିଶ୍ୱବିଦ୍ୟାଳୟରେ ଥିବା ସିନେଟ ବ୍ୟବସ୍ଥା ହଟାଇ ଦିଆଯାଇଛି। ଯାହାକି ଛାତ୍ରୀଛାତ୍ରଙ୍କର ଗଣତାନ୍ତ୍ରିକ ଅଧିକାରକୁ କ୍ଷୁଣ୍ଣ କରିବା ସହ ଶିକ୍ଷାନୁଷ୍ଠାନଗୁଡିକରେ ଥିବା ଗଣତାନ୍ତ୍ରିକ ପରମ୍ପରାକୁ ସଂପୂର୍ଣ୍ଣ ଧ୍ୱଂସ କରିବ ବୋଲି ଏଆଇଡିଏସ୍‌ଓ ଅଭିଯୋଗ କରିଛି। ଏଣୁ ପୂର୍ବଭଳି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଚଳିତ ବର୍ଷଠାରୁ ଦଶହରା ଛୁଟି ପରେ ପ୍ରତ୍ୟକ୍ଷ ଭାବରେ ଛାତ୍ର ସଂସଦ ନିର୍ବାଚନ ପରିଚାଳନା କରିବା ପାଇଁ ଏଆଇଡିଏସ୍‌ଓ ଦାବି କରିଛି।

# ଋଣ ଦେବା ନାଁରେ ଦେଢ଼ ଲକ୍ଷ ଠକେଇ, ୨ ଗିରଫ

ଖଲ୍ଲିକୋଟ,୨୪।୯(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅଞ୍ଚଳରେ ଋଣ ଦେବା ନାଁରେ ୪ ଗାଁର ୯୦ ଜଣ ମହିଳାଙ୍କଠାରୁ ଦେଢ ଲକ୍ଷ ଟଙ୍କା ଠକେଇ ହୋଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ଶନିବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଗଡିରାଉତ ପାଟଣାର ଅନୀଲ କୁମାର ଦଳେଇ ଓ ମଠ ସାହିର ସ୍ମୃତି ରଞ୍ଜନ ପାତ୍ର।

ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ନିଜକୁ ୟେସ ବ୍ୟାଙ୍କର ଫିଲ୍ଡ ଅଫିସର ଭାବେ ପରିଚୟ ଦେଇ ଗତ ମାର୍ଚ୍ଚ ମାସ ୧୨ରେ ଖଲ୍ଲିକୋଟରେ ଥିବା କଲଟେକ କମ୍ପ୍ୟୁଟର ଅନୁଷ୍ଠାନର ମାଲିକ ବିଶ୍ୱନାଥ ଦାସଙ୍କ ନିକଟକୁ ଆସିଥିଲେ। ଆପଣଙ୍କ କମ୍ପ୍ୟୁଟର ଅନୁଷ୍ଠାନ ଥିବାରୁ ଏଠାରେ ୟେସ ବ୍ୟାଙ୍କର ଏକ ବିସି ପେ ସେଣ୍ଟର ଖୋଲିବାକୁ ପ୍ରବର୍ତ୍ତାଇ ଥିଲେ। ଏଥିରେ ବିଶ୍ୱନାଥ ରାଜି ହେବାରୁ ଲୋକଙ୍କୁ ବ୍ୟାଙ୍କ ତରଫରୁ ୫୦ ହଜାର ଟଙ୍କା ଲୋନ ଦିଆଯିବ ବୋଲି ଅଭିଯୁକ୍ତ କହିଥିଲେ। ଏହାପରେ ସେମାନେ ଫାସିଡି, ତେନ୍ତୁଳିଆପଡା, ମୋହନପୁର, କେଶପୁର ଓଡ଼ିଆରପି କଲୋନୀ, ବାରସର, ରଘୁନାଥପୁର ଓ ଭରସା ଆଦି ଗ୍ରାମକୁ ଯାଇ ସେଠାରେ ମହିଳାମାନଙ୍କୁ ୫୦ ହଜାର ଟଙ୍କାର ଲୋନ କରିଦେବାର ଲୋଭ ଦେଖାଇ ଆଧାର କାର୍ଡ ଏବଂ ଭୋଟ ପରିଚୟ ପତ୍ରର ନକଲ ନେବା ସହ ପ୍ରଥମେ ଖାତା ଖୋଲିବା ପାଇଁ ୧୩୦ ଟଙ୍କା ଏବଂ ଇନ୍ସୁରାନ୍ସ ପାଇଁ ୫୪୦ ଟଙ୍କା, ଋଣ ମଞ୍ଜୁର କରିବା ପାଇଁ ୫୦୦ ନେଇଥିଲେ। ଏହା ବ୍ୟତୀତ ୫୦ ହଜାରରୁ ଅଧିକ ଲୋନ ନେବା ପାଇଁ ଜଣଙ୍କ ପିଛା ୫ ହଜାର ଟଙ୍କା ନେଇଥିଲେ। ବିଶ୍ୱନାଥଙ୍କଠାରୁ ପ୍ରଥମେ କରେଣ୍ଟ ଆକାଉଣ୍ଟ ଖୋଲିବା ପାଇଁ ଅଢ଼େଇ ହଜାର ଟଙ୍କା ଏବଂ ପରେ ୩୦ ହଜାର ଟଙ୍କା ଠକି ନେବା ସହ ତାଙ୍କୁ ୟେସ ବ୍ୟାଙ୍କର ଏକ ଜାଲ ନିଯୁକ୍ତି ପତ୍ର ମଧ୍ୟ ଦେଇଥିଲେ। ସେମାନଙ୍କ ନାମରେ ବ୍ୟାଙ୍କରୁ ଋଣ ଉଠିଥିବା ଏବଂ ଋଣର କିସ୍ତି ପୈଠ କରିବା ପାଇଁ ଫୋନ କଲ ଆସୁଥିବାରୁ ଠକେଇର ଶିକାର ହୋଇଥିବା ଜାଣି ବିଶ୍ୱନାଥଙ୍କ ସମେତ ସମସ୍ତ ମହିଳାମାନେ ଗତ ଏପ୍ରିଲ ୪ରେ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୭୬/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ଅଭିଯୁକ୍ତ ଗିରଫ କରାଯାଇଥିବା ନେଇ ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଖଲ୍ଲିକୋଟ ଥାନାଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଫିଙ୍ଗର ପ୍ରିଣ୍ଟ ଡିଭାଇସ, ଗୋଟିଏ ଏଟିଏମ ସ୍ୱାଇପ ମେଶିନ, ୬ ସିମ କାର୍ଡ, ତିନୋଟି ମୋବାଇଲ ଫୋନ, ୬ ଏଟିଏମ କାର୍ଡ, ୟେସ ବ୍ୟାଙ୍କର ଦୁଇଟି ନକଲି ପରିଚୟ ପତ୍ର, ସିଏମ୍‌ସିଏସଏଚଜି ନିଧି ଲିମିଟେଡ୍ ନାମରେ ଗୋଟିଏ ନକଲି ପରିଚୟ ପତ୍ର ଆଦି ଜବତ କରାଯାଇଛି। ଅଭିଯୁକ୍ତ ଅନୀଲ ଓ ସ୍ମୃତି ରଞ୍ଜନ ଗଞ୍ଜାମ ଜିଲାର ଖଲ୍ଲିକୋଟ ବ୍ୟତୀତ ଅନ୍ୟ କଟକ, କେନ୍ଦ୍ରାପଡା, ଭଦ୍ରକ, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଜଗତସିଂହପୁର ଆଦି ଜିଲାର ୨୬ ଟି ଅଞ୍ଚଳରୁ ଏହିଭଳି ଭାବେ ଠକେଇ କରିଥିବା ତଦନ୍ତ ସମୟରେ ପୋଲିସ ଜାଣାପଡ଼ିଛି।



ଗିରଫ ଦୁଇ ଅଭିଯୁକ୍ତ।

# ଜାତୀୟ ସେବା ଦିବସ ପାଳିତ



ଜାତୀୟ ସେବା ଶିବିର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭାପୁର,୨୪।୯(ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀସ୍ଥିତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୮୦ରୁ ଊର୍ଦ୍ଧ୍ୱ ସେଚ୍ଛାସେବୀ ଅଂଶଗ୍ରହଣ କରି ଏନଏସଏସର ଆଭିମୁଖ୍ୟ ଓ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଫକୀର ମୋହନ ସ୍ୱାଇଁ, ମହିଳା ପ୍ରୋଗ୍ରାମ ଅଫିସର କୃଷ୍ଣପ୍ରିୟା ମହାନ୍ତି ଉପସ୍ଥିତ ରହି ଜାତୀୟ ସେବା ଯୋଜନାର ତାତ୍ପର୍ଯ୍ୟ ବିଷୟରେ ସେଚ୍ଛାସେବୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଏନଏସଏସର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବିନୟ କୁମାର ସାହୁ ପରିଚାଳନା କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ବରାଡ, କାଳନ୍ଦୀ ଚରଣ ନାୟକ ଏବଂ ଅନୁଷ୍ଠାନର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# କୁରାଳରେ ଷ୍ଟେଟ ବ୍ୟାଙ୍କ ଶାଖା ଖୋଲିବାକୁ ଦାବି




ମାଇଁ ଭିଲେଜ୍ ମାଇଁବ୍ୟାଙ୍କ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ଓଡ଼ଗାଁ,୨୪।୯(ସ୍ୱ.ପ୍ର.)

## ବ୍ୟାଙ୍କ ମହାପ୍ରବନ୍ଧକଙ୍କୁ ସ୍ୱାଗତ

ଓଡ଼ଗାଁ ବ୍ଲକ୍ କୁରାଳ ପଞ୍ଚାୟତ ଏକ ବ୍ୟବସାୟିକ ସ୍ଥଳ ହୋଇଥିବାରୁ କୁରାଳରେ ଏକ ବ୍ୟାଙ୍କ ଶାଖା ଖୋଲିବାକୁ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ମହା ପ୍ରବନ୍ଧକ ଭୂପଦେବ ପ୍ରଧାନଙ୍କ ନିକଟରେ ଦାବି କରାଯାଇଛି। ମହାପ୍ରବନ୍ଧକ ପ୍ରଧାନ କୁରାଳ ଗସ୍ତରେ ଆସିଥିବା ବେଳେ ପଞ୍ଚାୟତବାସୀ ତାଙ୍କୁ ସ୍ୱାଗତ କରିବା ସହିତ ଏହି ପ୍ରସ୍ତାବ ରଖିଥିଲେ। ଏ ଅବସରରେ ଏକ ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ ଓ ରାତ୍ରି ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାହକମାନେ ଅଧିକରୁ ଅଧିକ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା,ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା ଭଳି ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। କୁରାଳ ସରପଞ୍ଚ ସୋପାନୀ ପାଇକରାୟ କୁରାଳ ପଞ୍ଚାୟତରେ ଏକ ଷ୍ଟେଟ୍ ବ୍ୟାଙ୍କ ଶାଖା ଖୋଲିବାକୁ ମହାପ୍ରବନ୍ଧକଙ୍କ ପାଖରେ ଦାବି ଉପସ୍ଥାପନ କରିଥିଲେ। ଜିଲା ପରିଷଦ ସଭ୍ୟ ଝିଲ୍ଲୀ ପ୍ରଧାନ, ସମିତିସଭ୍ୟା କନକ ପାତ୍ର, ଚିପ୍ ମ୍ୟାନେଜର ଅନିରୁଦ୍ଧ ନନ୍ଦ, ନୟାଗଡ଼ କୃଷି ଶାଖା ପରିଚାଳକ ଶିବରାମ ପାଣିଗ୍ରାହୀ, ମନତୋଷ ସାହୁ ଓ ଓଡ଼ଗାଁ ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦେଶୀମଦ ଜବତ ,ଜଣେ ଗିରଫ

ଭାପୁର,୨୪।୯(ଡି.ଏନ.ଏ.): ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ପଞ୍ଚାୟତ ନିହଲପ୍ରସାଦ ଗ୍ରାମର ବିମ୍ବାଧର ନାୟକଙ୍କଠାରୁ ୯ ଲିଟର ଶହେ ମିଲିଗ୍ରାମ ଦେଶୀମଦ ଜବତ ହୋଇଛି। ଫତେଗଡ଼ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଭାପୁର ବଜାରରେ ଲୁଚି ରହିଥିଲା। ବିମ୍ବାଧର ବ୍ୟାଗରେ ୯୧ଟି ଶହେ ଗ୍ରାମର ଦେଶୀମଦ ପାଉଚ ନେଇ ନିଜ ଘରକୁ ଯାଉଥିବା ସମୟରେ ପୋଲିସ ହାତରେ ଧରାପଡିଥିଲେ। ଫତେଗଡ଼ ପୋଲିସ ଏକ ମାମଲା (ନଂ.୧୮୪/୨୨) ରୁଜୁ କରି ବିମ୍ବାଧରଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

**ସମସ୍ତ ଟେଣ୍ଡର ବାତିଲ, ଜନଅସନ୍ତୋଷ**

## କାଶୀନଗର ଏନ୍‌ଏସିରେ ହେଉନି ଉନ୍ନୟନ କାର୍ଯ୍ୟ

କାଶୀନଗର,୨୪।୯

କାଶୀନଗର ଏନ୍‌ଏସିର ଉନ୍ନତି ହେଉନଥିବା ଅଭିଯୋଗ ହୋଇଆସୁଛି। ଜନସାଧାରଣ ମୌଳିକ ସୁବିଧା ପାଇପାରୁନାହାନ୍ତି। ଗତ ପରିଷଦ ବେଳେ କୌଣସି ଉନ୍ନୟନ କାମ ହେଲା ନାହିଁ। ୱାର୍ଡକୁ ଦିଆଯାଇଥିବା ୧୫ ଲକ୍ଷ ଟଙ୍କାର କାର୍ଯ୍ୟାଦେଶକୁ କରାନଯାଇ ବନ୍ଦ ହୋଇଥିଲା। ଚଳିତ ପରିଷଦ ଗଠନ ହେବାର ୫ ମାସ ବିତିଗଲାଣି, କୌଣସି କାମ ହେବାର ନାଁ ଗନ୍ଧ ନାହିଁ। ରାଜନୈତିକ ଛକାପଞ୍ଝା ଲାଗି ରହିଛି। ସୂଚନାଯୋଗ୍ୟ, ଏନ୍‌ଏସିର ୨୯ ବିଭିନ୍ନ ପ୍ରକଳ୍ପ, ରାସ୍ତାଘାଟ, ଶିଶୁ ଉଦ୍ୟାନ ନିମନ୍ତେ ଟେଣ୍ଡର ଡକାଗଲା, କିନ୍ତୁ ସବୁ ବାତିଲ କରାଗଲା। କାହିଁକି ଟେଣ୍ଡର ବାତିଲ କରାଗଲା, ତାହା ଜନତା ଜାଣିପାରୁନାହାନ୍ତି। ଜନତାଙ୍କୁ କାମ ଦରକାର, କିନ୍ତୁ ଜନତାଙ୍କ କାମ ହେଉନାହିଁ। ତେଣୁ ଜନସାଧାରଣ କ୍ଷୋଭ ପ୍ରକାଶ କରୁଛନ୍ତି। ପାଖାପାଖି ଦୁଇ କୋଟିର ଉନ୍ନୟନ କାମ ଅଟକିଗଲା। ତେଣୁ ବିଭାଗ ଦୃଷ୍ଟି ଦେଇ ଅନ୍ୟ ନିର୍ମାଣ ସଂସ୍ଥା ଦ୍ୱାରା କାର୍ଯ୍ୟ କରାଗଲେ ଉନ୍ନୟନ ସହ ଅର୍ଥ ବିନିଯୋଗ ହୋଇପାରିବ। ତେଣୁ ଜିଲାର ଜୁଡା ସଂସ୍ଥା ଦୃଷ୍ଟି ଦେଉ। ପୌର ପ୍ରତିଷ୍ଠା ଦିବସରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଲ୍ଲେଖ କରିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ସମୟରେ ଜନତାଙ୍କ ସେବାରେ ଅର୍ଥର ଅଭାବ ନାହିଁ। କିନ୍ତୁ ଅର୍ଥ ଥାଇ ଏହି ଏନ୍‌ଏସିରେ କାମ ହେଲା ନାହିଁ। ଜିଲା ପରିଷଦ ଅଧ୍ୟକ୍ଷ ମଧ୍ୟ କାଶୀନଗର ଏନ୍‌ଏସି ଉନ୍ନୟନ କାମ ହେଉନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ବର୍ତ୍ତମାନ ଏଠାରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀଙ୍କୁ ବଦଳି ହୋଇଯାଇଛି।

# ଏମ୍‌ଜିଏନଆରଇଜିଏସ୍‌ରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଫଲ୍ସ ବିଲ୍

- ଭାପୁର ପରେ ଓଡ଼ଗାଁ ବ୍ଲକ ଚର୍ଚ୍ଚାରେ
- ଲୋକାୟୁକ୍ତରେ ଅଭିଯୋଗ

ନୟାଗଡ଼ ଅଫିସ,୨୪।୯

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନୟାଗଡ଼ ଜିଲାର ଭାପୁର ବ୍ଲକରେ ୮୦ ଲକ୍ଷ ଟଙ୍କାର ଫଲସ୍ ବିଲ୍ ହୋଇଥିବା ଲୋକଲୋଚନକୁ ଆସିଥିଲା। ସେହି କଥା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ଓଡ଼ଗାଁ ବ୍ଲକ ଏବେ ଚର୍ଚ୍ଚାକୁ ଆସିଛି। ଏନେଇ ଲୋକାୟୁକ୍ତରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ୨୦୧୯-୨୦, ୨୦୨୦-୨୧ରେ ଆର୍ଥିକ ବର୍ଷରେ ଓଡ଼ଗାଁ ବ୍ଲକ ଭାଡିକିଳା ପଞ୍ଚାୟତର କେତେକ ସ୍ଥାନରେ ୧୦ରୁ ୨୦ ହଜାର ଟଙ୍କାର କାମ ହୋଇଥିବାବେଳେ ଆଉ କେତେକ ସ୍ଥାନରେ ଆଦୌ କାମ ନ କରି ଫଲସ୍ ବିଲ୍ ହୋଇଛି। ଭିନ୍ନକ୍ଷମ, ବୃଦ୍ଧ, ରୋଗୀଙ୍କ ନାଁରେ ମଷ୍ଟରରୋଲରେ କାମ କରୁଥିବା ଦର୍ଶାଯାଇଛି। ଏନେଇ ଲୋକାୟୁକ୍ତରେ ଅଭିଯୋଗ ହୋଇଛି।

ପ୍ରାପ୍ତ ସୂଚନା ଅନୁସାରେ ବାଲିଗାଡିଆ ଟ୍ୟାଙ୍କ ୯ ଲକ୍ଷ ୭୦, ନୂଆ ଗୋଡିପୋଖରୀ ୭ଲକ୍ଷ, ଗୁଣ୍ଡୁରୀବାରି ଠାରୁ ପଡିଆ ଭଙ୍ଗା ମାଟି ରାସ୍ତା ୫ଲକ୍ଷ, ପମ୍ପ ହାଉସଠାରୁ ପଡିଆ ଭଙ୍ଗା ୫ଲକ୍ଷ, ଭାଡିକିଳା ଠାରୁ ଜୋକଗାଡିଆ ରାସ୍ତା ୫ଲକ୍ଷ, ଭାଡିକିଳାଠାରୁ ଗୁଣ୍ଡୁରିବାରି ୫ଲକ୍ଷ, ଭାଡିକିଳା ରଞ୍ଜନା ଖେଳ ପଡିଆ ୫ଲକ୍ଷ ଟଙ୍କାର କାମ ହୋଇଥିବା ଦର୍ଶାଯାଇଛି। ତେବେ ଏ ସବୁ କାମରେ ଅନିୟମିତତା କରାଯାଇଛି। କେତେକ ସ୍ଥାନରେ ଫଳକ ମରାଯିବା ପରେ ଦୁର୍ନୀତିପଦାକୁଆସିଥିଲା। ଏନେଇ ଆରଟିଆଇରେ ତଥ୍ୟ ମାଗିବା ପରେ ସମ୍ପୂର୍ଣ୍ଣ ତଥ୍ୟ ନଜରକୁ ଆସିଛି। ଦୁର୍ନୀତି ଅଭିଯୋଗ ଆସିବା ପରେ ଏହାକୁ ଘଣ୍ଟ ଘୋଡ଼ାଇବା ପାଇଁ ପ୍ରଚେଷ୍ଟା ଆରମ୍ଭ ହୋଇଛି।

### ବୁଢ଼ାଆମ୍ବ-ପୋଲସରା ଟୋଲଗେଟ୍

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ଛତ୍ରପୁର,୨୪।୯(ଡି.ଏନ.ଏ.):

ଗଞ୍ଜାମ ଜିଲା ବୁଢାଆମ୍ବ-ପୋଲସରା ଟୋଲଗେଟ୍ ସ୍ଥାପନ କରାଯାଇ ଯାନବାହନଠାରୁ ଫି' ଆଦାୟ ହେଉଛି। ଜିଲାର ଅନ୍ୟ କୌଣସି ସ୍ଥାନରେ ଏପରି ଟୋଲଗେଟ୍ ନ ଥିବା ବେଳେ ଏଠାରେ ଟୋଲଗେଟ୍ କରି ଫି' ଆଦାୟ ହେଉଛି। ଏହା କାହିଁକି କରାଯାଉଛି ବୋଲି ଶୁକ୍ରବାର ଛତ୍ରପୁରଠାରେ ଅନୁଷ୍ଠିତ ସଡକ ସୁରକ୍ଷା କମିଟି ବୈଠକରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ପ୍ରଶ୍ନ କରିଛନ୍ତି। କେବଳ ଜାତୀୟ ରାଜପଥରେ ଟୋଲଗେଟ୍ ଫି ଆଦାୟ କରାଯାଉଛି। ତେବେ ରାସ୍ତା ଓ କୋଠା ବାଡି କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ଟୋଲଗେଟ୍ ନ ଥିବା ବିଭାଗୀୟ ଯନ୍ତ୍ରୀମାନେ ସ୍ପଷ୍ଟ କରିଛନ୍ତି। ଦୀର୍ଘ ୧୨ ବର୍ଷ ହେଲା ଏପରି ଫି' ଆଦାୟ ହେଉଥିବା ବସ୍‌ମାଲିକମାନେ କହିଛନ୍ତି। ତେବେ ଏନେଇ ରସିଦ ମଧ୍ୟ ଦିଆଯାଉଛି। ପୂର୍ବରୁ ଅଧିକ ଫି' ଆଦାୟ ହେଉଥିବା ବେଳେ ବସ୍ ମାଲିକ ସଂଘ ବିରୋଧ କରିବାରୁ ଫି'କୁ କମ୍ କରାଯାଇଥିବା ଜଣାପଡିଛି। ତେବେ ସେ ଟୋଲଗେଟ୍ କାହାର ଓ କାହିଁକି ଫି' ଆଦାୟ ହେଉଛି ପ୍ରଶାସନ ପାଖରେ ମଧ୍ୟ ଖବର ନାହିଁ। ଏହାର ତଦନ୍ତ କରିବାକୁ ଆରଟିଓଙ୍କୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଛନ୍ତି।

# ଜାତୀୟ ସେବା ଯୋଜନା ଦିବସ

ଭଞ୍ଜନଗର/ସୋରଡ଼ା/ଖଲ୍ଲିକୋଟ/ପୋଲସରା/କାଶୀନଗର,୨୪।୯(ଡି.ଏନ୍.ଏ):

ଭଞ୍ଜନଗର କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ପ୍ରାଧ୍ୟାପକ ବିଭାସ ଦାସ ଅଧ୍ୟକ୍ଷତା କରିଥିଲେ। ଯୋଜନା ଅଧିକାରିଣୀ ସସ୍ମିତା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଯୋଜନା ଅଧିକାରୀ ଡ. ରବୀନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସୋରଡ଼ା ଋଷିକୁଲ୍ୟା ମହାବିଦ୍ୟାଳୟରେ ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। ସେବା ସଂସ୍ଥା ଅଧିକାରୀ ଡ. ହୃଷୀକେଶ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାଢ଼ୀ, ଅଧ୍ୟାପକ ସୁଧାଂଶୁ ଶେଖର ପଣ୍ଡା, ପ୍ରଦୀପ କୁମାର ସ୍ୱାଇଁ, ଅଧ୍ୟାପିକା ସିପ୍ରାରାଣୀ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଖଲ୍ଲିକୋଟ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ବିମଳ ପ୍ରସାଦ ସାହୁ ସଭାପତିତ୍ୱ କରିଥିବା ବେଳେ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସୁନିଲ କୁମାର ସେନାପତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ଡ. ସୁରେନ୍ଦ୍ର କୁମାର ସ୍ୱାଇଁ, ଡ. ଶର୍ମିଷ୍ଠା ମହାପାତ୍ର ଓ କାମେଶ୍ୱର ସାହୁ, ସତ୍ୟନାରାୟଣ ବେହେରା, ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପିକା ପ୍ରାଧ୍ୟାପକ ଅଂଶଗ୍ରହଣ କରିଥିଲେ। ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ କଲେଜ୍ ଅଧ୍ୟକ୍ଷ ଡ.ଦିବାକର ମିଶ୍ର ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନକରି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରୁପେ ବାଲରାଜୁ ପାତ୍ର, ଡ. ଜ୍ୟୋସ୍ନାରାଣୀ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ସାହୁ ଓ ବସନ୍ତ କୁମାର ପାଣି ସେବା ଦିବସ ପାଳନ ସମ୍ପର୍କରେ ଅଭିମତ ପ୍ରକାଶ କରିଥିଲେ। ଗଞ୍ଜାମ ମହାବିଦ୍ୟାଳୟ ପରିସରରେ ପ୍ରଶାସନିକ ଅଧିକାରୀ ତଥା ଅର୍ଥନୀତି ବିଭାଗର ମୁଖ୍ୟ ଡ. ପୁରୁଷୋତ୍ତମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାକୁ ଇତିହାସ ବିଭାଗର ଅଧ୍ୟାପକ ଡ. ସୁଶାନ୍ତ କୁମାର ସେଠୀ ସଂଯୋଜନା କରି ଆଜିର ଦିନର ମହତ୍ତ୍ୱ ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। କାଶୀନଗର ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ଅନୁଷ୍ଠିତ ଏନ୍‌ଏସ୍‌ଏସ୍ ଦିବସରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଶାନ୍ତ ବାନାପିଲି ଅଧ୍ୟକ୍ଷତା କରିଥିଲେ। ଅଞ୍ଜଳି ଲିମା, ଏମ୍. ସନ୍ତୋଷୀ, ଭି. ଦୀପିକା ଏନ୍‌ଏସ୍‌ଏସ୍ ସଙ୍ଗୀତ ପରିବେଷଣ କରିଥିଲେ। ବିଶ୍ୱରଞ୍ଜନ ଗୌଡ଼, ସୁରେଶ ବିଶୋଇ ଓ ଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




କାଶୀନଗରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# ଏନଏସଏସ୍ ପ୍ରତିଷ୍ଠା ଦିବସ

ଆସିକା,୨୪।୯(ଡି.ଏନ.ଏ.): ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଶନିବାର ଜାତୀୟ ସେବା ସଂସ୍ଥାର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ପ୍ରସନ୍ନ କୁମାର ପ୍ରଧାନ ଓ ମୁଖ୍ୟବକ୍ତା ରୂପେ ଜାତୀୟ ସେବା ଯୋଜନାର ଜିଲା ଯୋଜନା ଅଧିକାରୀ ଡ. ସ୍ୱର୍ଣ୍ଣଲତା ପଟ୍ଟନାୟକ ଯୋଗଦେଇଥିଲେ। ଏତଦ ଅବସରରେ ଭାରତୀୟ ସେନାର ପୂର୍ବତନ ଯନ୍ତ୍ରୀ ତଥା ମହାବିଦ୍ୟାଳୟର ଅଧ୍ୟାପକ ଚିତ୍ରସେନ ବେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଡ. ସସ୍ମିତା ପାତ୍ର, ଅଧ୍ୟାପକ ସରୋଜ କୁମାର ପଣ୍ଡା ଏବଂ ବର୍ତ୍ତମାନର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଚନ୍ଦନ ମାରାଣ୍ଡି, ଅଧ୍ୟାପକ ଦୟାନିଧି ବଡରଇତ, ଅଧ୍ୟାପିକା ମଞ୍ଜୁ ଡାକୁଆ, ଅଧ୍ୟାପକ ଦେବବ୍ରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

**OFFICE OF THE SUPERINTENDENT**
**BLOCK PROGRAMME MANAGEMENT UNIT (NHM)**
Charmal, CHC, Block: Rairakhol, Sambalpur
Email: bpmu.charmal@gmail.com
Adv. 193 Date: 21.09.2022
**EXTENSION OF QUOTATION SUBMISSION DATE**
The last date of submission of bid for the quotation call for "Hiring of BPMU Vehicle" vide Advt. No. 187 on Dtd.12.09.2022 published in the daily Newspapers i.e. "Dharitri" & "Dainaik Bhaskar" on Dtd.14.09.2022 & in Sambalpur district website: **www.sambalpur.nic.in** has been extended to 27.09.2022 upto 5 P.M. All other terms & conditions shall remain unchanged.
Sd./- Superintendent CHC Charmal, Sambalpur